# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୩୦/୨୦୧୯ (୨୦ପୃଷ୍ଠା) Sambalpur, Monday, December 30 / 2019 ★★

୧୭ଶ ଭାଗ ୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ହମ୍ପିଙ୍କୁ ଟାଇଟଲ**

ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ମହିଳା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି।

**୧୯ ୦୯**

**ପ୍ରଥମ ଥର ଭନ୍ସାଲିଙ୍କ ଫିଲ୍ମରେ ଆଲିୟା**

ପ୍ରଥମ ଥର ପାଇଁ ସଞ୍ଜୟ ଲୀଲା ଭନ୍ସାଲିଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିୟାୱାଡ଼ି'ରେ ନଜର ଆସିବେ ଆଲିୟା। ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଛି।



# ଦାଦାସାହେବ ଫାଲ୍‌କେ ଗ୍ରହଣ କଲେ ଅମିତାଭ



ଅମିତାଭ ବଚ୍ଚନ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ରବିବାର ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ଦାଦାସାହେବ ଫାଲ୍‌କେ ଆୱାର୍ଡରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଏଥିପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଗତ ସୋମବାର ଅନୁଷ୍ଠିତ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଅମିତାଭ ଏହି ପୁରସ୍କାର ଗ୍ରହଣ କରିବାକୁ ଥିଲେ ହେଁ ଅସୁସ୍ଥତା କାରଣରୁ ସେ ଆସିପାରି ନ ଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ ହିନ୍ଦୀ ସିନେମାର ବର୍ଷିୟାନ ଅଭିନେତାଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ଘୋଷଣା କରିଥିଲେ।

ଭାରତୀୟ ସିନେମାର ଜନକ କୁହାଯାଉଥିବା ଧୁଣ୍ଡିରାଜ ଗୋବିନ୍ଦ ଫାଲ୍‌କେଙ୍କ ନାମରେ ୧୯୬୯ରେ ଏହି ପୁରସ୍କାର ସୃଷ୍ଟି ହୋଇଥିଲା। ସେହିବର୍ଷ ଅମିତାଭ 'ସାତ ହିନ୍ଦୁସ୍ତାନୀ' ମାଧ୍ୟମରେ ହିନ୍ଦୀ ଚଳଚ୍ଚିତ୍ର ଶିଳ୍ପ ଜଗତରେ ପଦାର୍ପଣ କରିଥିଲେ। ଦାଦାସାହେବ ଫାଲ୍‌କେ ପୁରସ୍କାର ବାବଦରେ ଏକ ସ୍ୱର୍ଣ୍ଣ କମଳ ପଦକ, ଏକ ଉତ୍ତରୀୟ ଏବଂ ୧୦ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରିବା ଅବସରରେ ଅମିତାଭ ଭାରତ ସରକାର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଜୁରୀ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଭଗବାନଙ୍କ ଦୟା, ମାତାପିତାଙ୍କ ଆଶୀର୍ବାଦ, ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ ଓ ସହକଳାକାରମାନଙ୍କ ସହଯୋଗ ତାଙ୍କୁ ଏତେବାଟ ଆଣିପାରିଛି। ଏଥିସହିତ ଭାରତୀୟ ଦର୍ଶକମାନଙ୍କ ଭଲପାଇବା କ୍ରମାଗତ ପ୍ରୋତ୍ସାହନ ପାଇଁ ସେମାନଙ୍କ ନିକଟରେ ଋଣୀ ବୋଲି ୭୭ ବର୍ଷୀୟ ମେଗାଷ୍ଟାର କହିଥିଲେ। ଏହି ଉତ୍ସବରେ ପତ୍ନୀ ତଥା ଏମ୍‌ପି ଜୟା ବଚ୍ଚନ, ପୁଅ ଅଭିଷେକ ଓ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ସମସ୍ତ ବିଜେତାଙ୍କ ପାଇଁ ଚା'ଭୋଜିର ଆୟୋଜନ କରିଥିଲେ।

## ■ ରେଲୱେ ଓଭରବ୍ରିଜ୍ ନିର୍ମାଣ ବେଳେ ଦୁର୍ଘଟଣା

# ଖସିଲା ୩୭ ମିଟର ଲମ୍ବ ଗାର୍ଡର୍

**ବାଲେଶ୍ୱର ଅଫିସ, ୨୯।୧୨**

ବାଲେଶ୍ୱର ସହର ଶୋଭାରାମପୁର ଲେଭଲ କ୍ରସିଂ ନିକଟରେ ଓଭରବ୍ରିଜ୍ ନିର୍ମାଣ ଚାଲିଥିବାବେଳେ କ୍ରେନ୍ ଦ୍ୱାରା ପିଲାର ଉପରକୁ ୩୭ ମିଟର ଲମ୍ବର ୫ନଂ. ଗାର୍ଡର୍ (ଷ୍ଟିଲ ସ୍ପାନ୍) ଉଠାଇ ଯୋଡାଯିବା ସମୟରେ ଏହା ତଳକୁ ଖସିପଡ଼ିଛି। ଉକ୍ତ ଗାର୍ଡର ରେଳଧାରଣା ଉପରେ ପଡିବାରୁ ରେଳପଥ ଦେଇ ଯାଇଥିବା ବିଦ୍ୟୁତ୍ ତାର ଅଢେଇ କି.ମି. ଦୂର ପର୍ଯ୍ୟନ୍ତ ଛିଣ୍ଡିପଡିଥିଲା। ଓଭରବ୍ରିଜ୍‌ର ଅନ୍ୟ ପିଲାର ଉପରେ ଥିବା ୪ଟି ଗାର୍ଡର୍ ବଙ୍କା ହୋଇଯାଇଥିଲା। ନିର୍ମାଣ କାମ ଲାଗି ଫାଟକ ବନ୍ଦ ରଖାଯାଇଥିବାରୁ କୌଣସି ଜୀବନହାନି ଘଟିନାହିଁ। ଗାର୍ଡର ରେଳପଥ ଉପରେ ପଡିବା ଓ ବିଦ୍ୟୁତ୍ ବିଚ୍ଛିନ୍ନ ହେବା କାରଣରୁ ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଦକ୍ଷିଣ-ପୂର୍ବ ରେଳପଥ ସମେତ ପୂର୍ବତଟ ରେଳପଥର ବିଭିନ୍ନ ଷ୍ଟେଶନରେ ଟ୍ରେନ ସବୁ ଅଟକି ରହିଥିବାରୁ ରେଳଯାତ୍ରୀଙ୍କୁ ହଇରାଣ ହେବାକୁ ପଡିଛି। ଷ୍ଟିଲ ସ୍ପାନ ରେଳଧାରଣା ଉପରୁ ଉଠାଇ ବିଦ୍ୟୁତ୍ ସରବରାହ ଜାରି ରଖିବାକୁ ଉଦ୍ୟମ କରାଯାଉଛି। ଏହା ମଧ୍ୟରେ ସନ୍ଧ୍ୟା ସମୟରେ ପ୍ରଥମେ ଏକ ଯାତ୍ରୀବାହୀ ଲୋକାଲ ପାସେଞ୍ଜର ଟ୍ରେନ୍‌କୁ ଡିଜେଲ ଇଞ୍ଜିନ୍ ଲଗାଇ ଏଠାରେ ପାର କରାଯାଇଛି। ଦୁର୍ଘଟଣା ଖବରପାଇ ଖଡ଼ଗପୁର ଡିଭିଜନ୍‌ର ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନଙ୍କ ସମେତ ଦକ୍ଷିଣ-ପୂର୍ବ ରେଳପଥର ବହୁ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଯାନ୍ତ୍ରିକ ତ୍ରୁଟି କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ରେଲୱେ ପକ୍ଷରୁ କୁହାଯାଇଛି।



ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ଖସି ପଡ଼ିଥିବା ଗାର୍ଡ଼ର୍।

ଉଲ୍ଲେଖନୀୟ ଯେ, ଶୋଭାରାମପୁର ରେଲୱେ ଗେଟ୍ ନିକଟରେ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ୬୦ ଓ ୪୦ ପ୍ରତିଶତ ଅନୁଦାନରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଗତ ଫେବୃୟାରୀ ୨୩ରୁ ଆରମ୍ଭ ହୋଇଛି। ଏଥିଲାଗି ମଞ୍ଜୁର ହୋଇଛି ୫୧କୋଟି ୬୨ଲକ୍ଷ ଟଙ୍କା। ଏହାସହ ସୁରଜ ହୋଟେଲ୍ ରାସ୍ତାରୁ ଓଟି ରୋଡ୍ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ କରାଯାଉଛି। ଓଭରବ୍ରିଜ୍ ପାଇଁ ୩୦ଟି ପିଲାର ନିର୍ମାଣ ହେବାକୁ ଥିବାବେଳେ ପୂର୍ତ୍ତ ବିଭାଗ ୨୬ଟି ଏବଂ ରେଲୱେର ନିଜସ୍ୱ ଠିକାଦାର ଅନ୍ୟ ୪ଟି ପିଲାର ନିର୍ମାଣ କରୁଛନ୍ତି। ରେଲୱେ ପକ୍ଷରୁ ନିର୍ମିତ ୪ ପିଲାର ମଧ୍ୟରେ ୩ଟି ସ୍ଲାପ୍ ରହିଛି। ଗୋଟିକରେ ୩୭ମିଟର ଓ ଅନ୍ୟ ୨ଟିରେ ୨୫ମିଟର ଲେଖାଏଁ ସ୍ଲାପ୍ ପକାଇବା କାର୍ଯ୍ୟ ଜାରି ରହିଥିଲା। ରେଲୱେ ଠିକାଦାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଉକ୍ତ ଫାଟକ ରାସ୍ତାକୁ ଜନସାଧାରଣଙ୍କ ଲାଗି ବନ୍ଦ କରାଯିବା ସକାଶେ ସପ୍ତାହେ ପୂର୍ବରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ଶୁକ୍ରବାରଠାରୁ

■ ଘଟିନି ଜୀବନହାନି

■ ଟ୍ରେନ ଚଳାଚଳ ପ୍ରଭାବିତ

■ ବିଦ୍ୟୁତ ତାର ମରାମତି ସରି ନ ଥିବାରୁ ସ୍ୱାଭାବିକ ହୋଇପାରିନି ଚଳାଚଳ

ରେଳ ଫାଟକକୁ ବନ୍ଦ କରାଯାଇ ୨ ପ୍ଲାଟୁନ ଆର୍‌ପିଏଫ୍ ମୁତୟନ ପରେ କାମ ଆରମ୍ଭ ହୋଇଥିଲା। ରବିବାର ପୂର୍ବାହ୍ନରେ ରେଲୱେ ଠିକାସଂସ୍ଥା ପକ୍ଷରୁ ଦୁଇଟି ପିଲାର ଉପରକୁ ୪ଟି ଗାର୍ଡ଼ର୍ କ୍ରେନ୍ ଦ୍ୱାରା ଉଠାଯିବା ପରେ ୫ମ ଗାର୍ଡ଼ର୍‌କୁ ଉଠାଯାଇ ଯୋଡାଯାଉଥିଲା। କିନ୍ତୁ ହଠାତ୍ ଭାରସାମ୍ୟ ହରାଇ ତାହା ତଳକୁ ଖସି ପଡ଼ିଥିଲା। ଏ ସମ୍ପର୍କରେ ଷ୍ଟେଶନ ମ୍ୟାନେଜର ଭାଗବତ ଦାସ କହିଛନ୍ତି, ନିର୍ମାଣାଧୀନ ଓଭରବ୍ରିଜ୍ ଉପରକୁ ରବିବାର ଗାର୍ଡ଼ର ଉଠାଇବା ସକାଶେ ସମ୍ପୃକ୍ତ କମ୍ପାନୀକୁ ଅନୁମତି ଦିଆଯାଇଥିଲା। ବର୍ତ୍ତମାନ ସ୍ଥିତି ସମୀକ୍ଷା କରି ପୁନର୍ବାର କାର୍ଯ୍ୟ ଲାଗି ଅନୁମତି ଦିଆଯିବ। ଦକ୍ଷିଣ-ପୂର୍ବ ରେଳପଥର ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଆଶିଷ କୁମାର ଖୁଣ୍ଟିଆ କହିଛନ୍ତି, ଓଭରବ୍ରିଜ୍ ନିର୍ମାଣ ବେଳେ ଗାର୍ଡର ଖସି ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଜାଡ଼ିବା ପାଇଁ ଆଉ କିଛି ସମୟ ଲାଗିବ। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି।

# ମୁଖ୍ୟମନ୍ତ୍ରୀ ଚୌକିକୁ ଫେରିଲେ ହେମନ୍ତ

## ଶପଥ ଗ୍ରହଣ ମଞ୍ଚରେ ବିରୋଧୀ ଏକ



ହେମନ୍ତ ସୋରେନଙ୍କ ଶପଥଗ୍ରହଣ ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଅନ୍ୟ ବିରୋଧୀ ଦଳର ନେତାମାନେ।

**ରାଞ୍ଚି, ୨୯।୧୨(ପି.ଟି./ଆଇଏଏନ୍ଏସ୍)**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ ରବିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚୌକିକୁ ଫେରିଛନ୍ତି। ସେ ରାଜ୍ୟର ଏକାଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଅନେକ ବିରୋଧୀ ଦଳ ନେତା ଉପସ୍ଥିତ ରହି ଏକତା ଦେଖାଇଛନ୍ତି।

ରାଞ୍ଚିର ମୋରାବାଡି ଗ୍ରାଉଣ୍ଡରେ ରବିବାର ଅପରାହ୍ନ ୨ଟାରେ ହେମନ୍ତ ସୋରେନଙ୍କ ଶପଥଗ୍ରହଣ ଉତ୍ସବ ହୋଇଥିଲା। ଏହି ୪୪ ବର୍ଷୀୟ ଆଦିବାସୀ ନେତାଙ୍କ ସହ କଂଗ୍ରେସର ୨ ବିଧାୟକ ରାମେଶ୍ୱର ଓରାଓନ ଓ ଆଲାମଗିର ଆଲାମ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ସତ୍ୟାନନ୍ଦ ଭୋକ୍ତା ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଶପଥ ଗ୍ରହଣ ଉତ୍ସବ ଭାଜପା ବିରୋଧୀ ଦଳଙ୍କ ମଞ୍ଚ ପାଲଟିଯାଇଥିଲା। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ସମେତ ଅନେକ ବିରୋଧୀ ଦଳ ନେତା ଏଥିରେ ଯୋଗଦେଇଥିଲେ। ସେହିପରି ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ଓ ତାଙ୍କ ଭଉଣୀ କାନିମୋଝି, ଆର୍‌ଜେଡିର ତେଜସ୍ୱୀ ଯାଦବ, ସିପିଏମ୍‌ର ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା ଏବଂ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୮୧ ସଦସ୍ୟତା ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ନିର୍ବାଚନ ନିକଟରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ-ଜେଏମ୍ଏମ୍-ଆର୍‌ଜେଡି ମେଣ୍ଟକୁ ୪୭ ଆସନରେ ସଫଳତା ମିଳିଥିଲା। ନିର୍ବାଚନ ପରେ ହେମନ୍ତଙ୍କ ନେତୃତ୍ୱ ପ୍ରତି ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ଜେଭିଏମ୍)ର ୩ ଓ ସିପିଆଇଏମ୍ଏଲ୍‌ର ଜଣେ ବିଧାୟକ ସମର୍ଥନ କରୁଛନ୍ତି। ଏହା ହେଉଛି ହେମନ୍ତଙ୍କ ଦ୍ୱିତୀୟ ପାଳି, ଯିଏକି ୨୦୦୯ରୁ ୨୦୧୩ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ।



ପୁରୀ ଶ୍ରୀମନ୍ଦିର ସମ୍ମୁଖ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ରଖାଯାଇଥିବା ବିଭିନ୍ନ ପ୍ରକାର ଫୁଲଗଛ।

**ଆଜିର ସମ୍ପାଦକୀୟ**

**ଅବସର ପରେ**

**ଆଜିର ମନ୍ତବ୍ୟ**

" ସିଏଏ ଏବଂ ଏନ୍‌ପିଆର୍ ଉପରେ ଗଠନମୂଳକ ବିତର୍କ ହେବାର ଆବଶ୍ୟକତା ରହିଛି।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


Taste the difference! Vencobb FRESH CHICKEN

29.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 86 | 140 | 150 |
| DKL | 87 | 141 | 151 |
| BDK | 82 | 135 | 145 |
| BLS | 81 | 133 | 143 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers


**ଶୀତରେ ଥରୁଛି ସାରା ଓଡ଼ିଶା**

# ନୂଆବର୍ଷରେ ବର୍ଷା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଅସହ୍ୟ ଶୀତରେ ଥରୁଛି ସାରା ଓଡ଼ିଶା। ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ କେଉଁଠାରେ ବି ଶୀତ ଦାଉରୁ ଲୋକଙ୍କୁ ନିସ୍ତାର ମିଳୁନାହିଁ। ତେବେ ଏହିଭଳି ଶୀତର ଲହରୀ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଲାଗିରହିବ। ଅନ୍ୟପଟେ ନୂଆବର୍ଷରେ ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୧ ରୁ ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ହେବ। ୧ ତାରିଖରେ ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର ଓ ଦେବଗଡ଼ ଜିଲାର କେତେକ ସ୍ଥାନରେ ବର୍ଷା ହେବ। ୨ ଓ ୩ ତାରିଖରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ କୁଆପଥର ମଧ୍ୟ ପଡ଼ିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ କମ୍ ରହିବ।

ଶନିବାର ରାଜ୍ୟର ୯ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବାବେଳେ ରବିବାର ୧୫ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଏହାସହ ସୋନପୁର ପୁଣି ଥରେ ସବୁଠୁ ଥଣ୍ଡା ସହରରେ ପରିଣତ ହୋଇଛି। ଶନିବାର ଏଠାରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ରହିଥିବାବେଳେ ରବିବାର ୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନୁଗୋଳରେ ୪.୬ ଡିଗ୍ରୀ, ଫୁଲବାଣୀରେ ୫, ଦାରିଙ୍ଗବାଡ଼ିରେ ୫.୫ ଏବଂ ଟିଟିଲାଗଡ଼ରେ ୬.୧ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଭବାନୀପାଟଣାରେ ୬.୫, କେନ୍ଦୁଝରରେ ୬.୬, ଶିଳ୍ପନଗରୀ ଝାରସୁଗୁଡ଼ାରେ ୭.୩, ସମ୍ବଲପୁରରେ ୭.୪, ବଲାଙ୍ଗିରରେ ୮, ବାଲେଶ୍ୱରରେ ୮.୬ ଏବଂ କଟକରେ ୮.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସୁନ୍ଦରଗଡ଼ ଓ ବାରିପଦାର ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରହିଥିବାବେଳେ କୋରାପୁଟରେ ୯.୬ ଡିଗ୍ରୀ ରହିଥିଲା। ରାଜଧାନୀ ଭୁବନେଶ୍ୱର ସମେତ ତାଳଚେର ଓ ଚାନ୍ଦବାଲିରେ ତାପମାତ୍ରା ୧୦.୨ ଡିଗ୍ରୀ ରହିଥିବାବେଳେ ହୀରାକୁଦରେ ୧୦.୧ ଡିଗ୍ରୀ ରହିଛି। ଏହାଛଡ଼ା ପାରାଦୀପରେ ୧୨.୮ ଡିଗ୍ରୀ ରେକର୍ଡ

☞ ପୃଷ୍ଠା-୪

■ ୩.୪ ଡିଗ୍ରୀରେ ସୋନପୁର ସହର

■ ୧୦ ଡିଗ୍ରୀ ତଳେ ୧୫ ସହରର ତାପମାତ୍ରା

■ ଶୀତ ଲହରୀ ନେଇ ୬ ଜିଲାକୁ ୟେଲୋ ୱାର୍ନିଂ

# ଏଲ୍‌ଓସିରେ ବ୍ୟାଟ୍ ଆକ୍ରମଣକୁ ପଣ୍ଡ କଲା ଭାରତୀୟ ସେନା

**ଜମ୍ମୁ,୨୯।୧୨(ଆଇଏଏନ୍ଏସ୍)**



ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅନ୍ତର୍ଗତ ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ରବିବାର ପାକିସ୍ତାନୀ ସେନାର ସୀମାନ୍ତ କାର୍ଯ୍ୟାନୁଷ୍ଠାନ ଟିମ୍ (ବ୍ୟାଟ୍)ର ଆକ୍ରମଣ ଯୋଜନାକୁ ଭାରତୀୟ ଯବାନମାନେ ପଣ୍ଡ କରିଦେଇଛନ୍ତି। ବ୍ୟାଟ୍ ଆକ୍ରମଣ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ପାକିସ୍ତାନୀ ସୈନ୍ୟମାନେ ଗୁଳି ବର୍ଷଣ କରିବା ସହ କେର୍ନି ସେକ୍ଟରରେ ଆଇଇଡି ବିସ୍ଫୋରଣ ଘଟାଇଥିଲେ। ଆଗୁଆ ଘାଟିଗୁଡ଼ିକରେ ଥିବା ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ଫଳରେ ଅନୁପ୍ରବେଶ ଉଦ୍ୟମ କରୁଥିବା ବ୍ୟାଟ୍ ସଦସ୍ୟମାନେ ପାକିସ୍ତାନ ପଟକୁ ଫେରିଯିବାକୁ ବାଧ୍ୟ ହୋଇଥିଲେ। ପ୍ରାୟ ଘଣ୍ଟାଏ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା। ଗୁଳି ବିନିମୟ ବେଳେ ଭାରତୀୟ ପାର୍ଶ୍ୱରେ କେହି ମୃତାହତ ହୋଇନାହାନ୍ତି।

ଧରିତ୍ରୀ
DHARITRI
ସୋମବାର, ୩୦ ଡିସେମ୍ବର ,୨୦୧୯



"ପ୍ରତିଦ୍ୱନ୍ଦ୍ୱୀ ଚାଇନାଠାରୁ ତାଇୱାନର ଗଣତନ୍ତ୍ର ପ୍ରତି ବିପଦ ଅଛି।
-ସଇ ଇଙ୍ଗ୍-ୱେନ୍, ତାଇୱାନ ରାଷ୍ଟ୍ରପତି



### କଶ୍ମୀର ଉପରେ ଚର୍ଚ୍ଚା ପାଇଁ ରିୟାଧ ଡାକିଲା ଆଇଓସି ବୈଠକ

# ଭାରତକୁ ସୌଦି ଝଟକା

**ଇସ୍‌ଲାମାବାଦ/ନୂଆଦିଲ୍ଲୀ,୨୯।୧୨**

ପାକିସ୍ତାନକୁ ଖୁସି କରିବା ପାଇଁ ଇସ୍‌ଲାମିକ ସହଯୋଗ ସଙ୍ଗଠନ (ଆଇଓସି)ର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକ ଡାକିବାକୁ ରାଜି ହୋଇଯାଇଛି ସୌଦି ଆରବ। ଏହି ବୈଠକ କେବେ ହେବ ସେନେଇ କିଛି ଜଣାପଡ଼ି ନ ଥିଲେ ବି ଏଥିରେ କଶ୍ମୀର ସ୍ଥିତି ଉପରେ ଆଲୋଚନା କରାଯିବ ବୋଲି ସ୍ପଷ୍ଟ ହୋଇଛି। ସୌଦି ଆରବର ଏହି ପଦକ୍ଷେପକୁ ଭାରତ ପାଇଁ କୂଟନୈତିକ ଝଟକା ବୋଲି କୁହାଯାଉଛି। କାରଣ ଆରବ ୱାର୍ଲ୍ଡରେ ପାକିସ୍ତାନ ଓ ସୌଦି ହେଉଛନ୍ତି ପରସ୍ପରର ବଡ଼ ସମର୍ଥକ।

ପାକିସ୍ତାନୀ ମିଡିଆ ରିପୋର୍ଟ ଅନୁସାରେ ସୌଦି ଆରବର ବହିର୍ବ୍ୟାପାର ମନ୍ତ୍ରୀ ପ୍ରିନ୍ସ ଫୈଜଲ ବିନ୍ ଫରହାନ ଅଲ୍-ସୌଦ ନିକଟରେ ପାକିସ୍ତାନ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀଙ୍କ ସହ ସାକ୍ଷାତ୍ କରି ଆଲୋଚନା ବେଳେ ଆଇଓସି ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁସାରେ ଦୁଇନେତାଙ୍କ ମଧ୍ୟରେ ହୋଇଥିବା ବୈଠକ ବେଳେ କୁରେଶୀ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇବା, ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରସଙ୍ଗ ଉଠାଇଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୋଜନାଗୁଡ଼ିକ ଯୋଗୁ ଭାରତରେ ସଂଖ୍ୟାଲଘୁ ଏବଂ ବିଶେଷକରି ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଉଥିବା ସେ ଅଭିଯୋଗ ଆଣିଥିଲେ। ଦୁଇ ବହିର୍ବ୍ୟାପାର ମନ୍ତ୍ରୀ କଶ୍ମୀର ପ୍ରସଙ୍ଗରେ ଆଇଓସିର ଭୂମିକା ଉପରେ ମଧ୍ୟ ଆଲୋଚନା କରିଥିବା ବିବୃତିରେ କୁହାଯାଇଛି।

ଅନ୍ୟପକ୍ଷରେ କିଛି ଦିନ ତଳେ ମାଲେସିଆରେ ମଧ୍ୟ ଏକ ଇସ୍‌ଲାମିକ ଶିଖର ସମ୍ମିଳନୀ ଆୟୋଜନ କରାଯାଇଥିଲା। ସୌଦି ଆରବ ଚାପ ପକାଇବା ପରେ ପାକିସ୍ତାନ ଉକ୍ତ ବୈଠକରେ ସାମିଲ ହୋଇ ନ ଥିଲା। ରିୟାଧର କଥା ମାନି ଇସ୍‌ଲାମାବାଦ ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବା ସହ ବୈଠକକୁ ବର୍ଜନ କରିଥିଲା। ସେହି କ୍ଷତିପୂରଣ ପାଇଁ ସୌଦି ଆରବ କଶ୍ମୀର ଉପରେ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ ଲାଗି ପାକିସ୍ତାନକୁ ଭରସା ଦେଇଛି। ଏହି ନିଷ୍ପତ୍ତିକୁ ଇସ୍‌ଲାମାବାଦ ପାଇଁ ନିଜ ପକ୍ଷ ରଖିବା ସକାଶେ ସୁଯୋଗ ପ୍ରଦାନ ଲାଗି ଏକ ପଦକ୍ଷେପ ବୋଲି କୁହାଯାଉଛି। ପ୍ରକାଶ ଯେ, କିଛିଦିନ ତଳେ ମୁସ୍‌ଲିମ ରାଷ୍ଟ୍ରଗୁଡ଼ିକର ନେତୃତ୍ୱକୁ ନେଇ ସୌଦି ଆରବ ଓ ମାଲେସିଆ-ତୁର୍କୀ-ପାକିସ୍ତାନ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଥିଲା। ପାକିସ୍ତାନ ବିବେଚନା କରୁଛି ଯେ, ତାକୁ କଶ୍ମୀର ପ୍ରସଙ୍ଗରେ ଆଇଓସିରେ ପର୍ଯ୍ୟାପ୍ତ ସମର୍ଥନ ମିଳିନାହିଁ। ଏବେ କଶ୍ମୀର ଉପରେ ସୌଦି ଆରବ ବୈଠକ ଆୟୋଜନ କଲେ ଭାରତ ପାଇଁ ତାହା କୂଟନୈତିକ ଝଟକା ହେବ। କାରଣ ସୌଦି ଆରବ ନିଜ ପ୍ରଭାବ ଥିବା ଦେଶଗୁଡ଼ିକରେ କଶ୍ମୀର ପ୍ରସଙ୍ଗରେ ସମର୍ଥନ ଯୋଗାଡ଼ କରିବାରେ ଭାରତକୁ ସହଯୋଗ କରିଛି। କେବଳ ସୌଦି ଆରବ ନୁହେଁ, ଏହାସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଇସ୍‌ଲାମିକ୍ ଦେଶଗୁଡ଼ିକରେ ଭାରତର ନୂଆ ବିଦେଶ ନୀତିର ପ୍ରମୁଖ ସ୍ତମ୍ଭ। ଏହି ଦେଶଗୁଡ଼ିକ ଯୋଗୁ ପାକିସ୍ତାନ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ବିରୋଧରେ ସମର୍ଥନ ଜୁଟାଇ ପାରି ନ ଥିଲା। ଇସ୍‌ଲାମିକ ଦେଶଗୁଡ଼ିକ ମଧ୍ୟରେ ନେତୃତ୍ୱ ନେବା ପ୍ରସଙ୍ଗରେ ରାଜନୈତିକ ଟଣାଓଟରା ଚାଲିଛି। ଗୋଟିଏ ପଟେ ସୌଦି ଆରବ, ୟୁଏଇ ଏବଂ ସେମାନଙ୍କ ପ୍ରଭାବ ଥିବା ଦେଶ ରହିଛନ୍ତି। ଅନ୍ୟପଟେ ତୁର୍କୀ ଓ ମାଲେସିଆ ଅଛନ୍ତି। ତୁର୍କୀ ଓ ମାଲେସିଆ ପକ୍ଷରୁ ଡକାଯାଇଥିବା ବୈଠକରେ ଇରାନ ଭାଗନେଇଥିବାରୁ ସୌଦି ଆରବ ସହିପାରୁ ନାହିଁ। ଏଭଳି ସମୟରେ ନିଜ ଆଧିପତ୍ୟ ବିସ୍ତାର ସହ ଇସ୍‌ଲାମିକ ରାଷ୍ଟ୍ରଗୁଡ଼ିକର ମଙ୍ଗ ଧରିବା ପାଇଁ ରିୟାଧ ଏଭଳି ପଦକ୍ଷେପ ନେଉଥିବା କୂଟନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।



ସୌଦି ଆରବର ବହିର୍ବ୍ୟାପାର ମନ୍ତ୍ରୀ ପ୍ରିନ୍ସ ଫୈଜଲ ବିନ୍ ଫରହାନଙ୍କ ସହ ପାକିସ୍ତାନ ପ୍ରତିପକ୍ଷ ଶାହ ମେହମୁଦ କୁରେଶୀ।

- ରିୟାଧ କଥା ମାନି ମାଲେସିଆ ସମ୍ମିଳନୀ ବର୍ଜନ କରିଥିଲା ଇସ୍‌ଲାମାବାଦ
- ଏହି କ୍ଷତି ଭରଣା କରି ପାକିସ୍ତାନକୁ ଖୁସି କରିବା ଲାଗି ସୌଦି ଆରବର ଉଦ୍ୟମ
- ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ସୌଦି ପ୍ରତିପକ୍ଷ
- ଆଇଓସି ବୈଠକ ପରେ ବିଗିଡ଼ିବ ଭାରତ-ସୌଦି ସମ୍ପର୍କ

## ଅରାଜକତାକୁ ଘୃଣା କରନ୍ତି ଯୁବ ସମାଜ

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷର ଶେଷ ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆଗାମୀ ଦଶନ୍ଧି ଯୁବପିଢ଼ିଙ୍କର ବୋଲି କହିଛନ୍ତି। ଦେଶର ବ୍ୟବସ୍ଥାରେ ଯୁବ ସମାଜ ବିଶ୍ୱାସ କରିବା ସହ ବିଶୃଙ୍ଖଳା ଓ ଅରାଜକତାକୁ ଘୃଣା କରନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମାନେ ଜାତିବାଦ, ବଂଶବାଦ ଓ ପକ୍ଷପାତିତାକୁ ପସନ୍ଦ କରନ୍ତି ନାହିଁ। ସଂଶୋଧିତ ନାଗରିକତ୍ୱ ଆଇନ ଏବଂ ପ୍ରସ୍ତାବିତ ଏନ୍‌ଆର୍‌ସିକୁ ନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିସରରେ ନିକଟରେ ଘଟିଯାଇଥିବା ହିଂସାତ୍ମକ ଆନ୍ଦୋଳନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଯୁବପିଢ଼ି କେବଳ ବ୍ୟବସ୍ଥାକୁ ଆପଣାଇବାରେ ବିଶ୍ୱାସ କରନ୍ତି ତାହା ନୁହେଁ, ତାହା ଠିକ୍ ଭାବେ କାର୍ଯ୍ୟ ନ କଲେ ସେମାନେ ବିଚଳିତ ହୋଇପଡ଼ନ୍ତି ଓ ଏହାକୁ ନେଇ ସାହସିକତାର ସହ ପ୍ରଶ୍ନ କରିଥାନ୍ତି, ଯାହାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଆଧୁନିକ ଭାରତ ଗଢ଼ିବାରେ ଯୁବ ଭାରତ ମୁଖ୍ୟ ଭୂମିକା ନେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଆଗାମୀ ଦଶନ୍ଧି କେବଳ ଯୁବ ସମାଜର ବିକାଶ ଓ ଅଗ୍ରଗତି କରିବନାହିଁ ବରଂ ଦେଶ ପାଇଁ ସମୃଦ୍ଧି ଆଣିବା ସହ ସେମାନଙ୍କର ସାମୂହିକ ଶକ୍ତିକୁ କାର୍ଯ୍ୟରେ ଲଗାଇବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଭାରତର ଆଧୁନିକୀକରଣରେ ଏହି ପିଢ଼ି ପ୍ରମୁଖ ଭୂମିକା ନେବ ଏଥିରେ ଦ୍ୱିମତ ନାହିଁ। ଜାନୁୟାରୀ ୧୨ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀରେ ଏହାକୁ ସଂକଳ୍ପ ଭାବେ ନେବାକୁ ପ୍ରଧାନମନ୍ତ୍ରୀ ଯୁବସମାଜକୁ ଆହ୍ୱାନ ଦେଇଛନ୍ତି। କନ୍ୟାକୁମାରୀରେ ଥିବା ସ୍ୱାମୀ ବିବେକାନନ୍ଦ ସ୍ମାରକୀ ଶିଳା ପରିଦର୍ଶନ କରି ଦେଶର ଦରିଦ୍ରରୁ ଦରିଦ୍ରତମ ଲୋକଙ୍କ ସେବା କରିବା ଲାଗି ଅନୁପ୍ରାଣିତ ହେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ସ୍ୱଦେଶୀ ଦ୍ରବ୍ୟର ପ୍ରସାର ପାଇଁ ଆହ୍ୱାନ**

କଲେଜ ଓ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାଜ ପ୍ରତି ଅନେକ ଅବଦାନ ରଖିଥାଏ। ଏନେଇ ସେ ବିହାର ପଶ୍ଚିମ ଚମ୍ପାରନ ଜିଲା ଭୈରବଗଞ୍ଜ ସ୍ୱାସ୍ଥ୍ୟକେନ୍ଦ୍ରର ଉଦାହରଣ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସ୍ୱଦେଶୀର ପ୍ରସାର ପାଇଁ ୭୫ତମ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସ୍ଥାନୀୟ ସାମଗ୍ରୀ କିଣିବା ଲାଗି ପରାମର୍ଶ ଦେଇଥିଲେ। ଗତ ପାର୍ଲାମେଣ୍ଟ ଅଧିବେଶନ ବେଶ୍ ଫଳପ୍ରଦ ହୋଇଥିବାରୁ ପ୍ରଧାନମନ୍ତ୍ରୀ ସଦସ୍ୟମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ନୂଆ ବର୍ଷ ଏବଂ ନୂଆ ଦଶନ୍ଧି ସମସ୍ତଙ୍କ ପାଇଁ ନୂତନ ସଂକଳ୍ପ, ନୂଆ ଶକ୍ତି, ନୂଆ ଉତ୍ସାହ ଓ ଉଦ୍ଦୀପନା ଆଣିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆମ ଦେଶକୁ ସଫଳତାର ନୂଆ ସୋପାନକୁ ନେଇଯିବାକୁ ହେଲେ ଆମକୁ ଅନେକ ବାଟ ଯିବାକୁ ହେବ ଓ ଅନେକ କିଛି ହାସଲ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ମହନ୍ତ ବିଶ୍ୱେଷ ତୀର୍ଥ ସ୍ୱାମୀଙ୍କ ଦେହାନ୍ତ

**ଉଡୁପି,୨୯।୧୨(ପି.ଟି.)**



**କର୍ଣ୍ଣାଟକରେ ୩ ଦିନିଆ ଶୋକ ପାଳନ**

ଦକ୍ଷିଣ ଭାରତର ଅନ୍ୟତମ ପ୍ରଖ୍ୟାତ ଧର୍ମୀୟ ନେତା ପେଜାୱାର ମଠ ମହନ୍ତ ବିଶ୍ୱେଷ ତୀର୍ଥ ସ୍ୱାମୀଜୀଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ରାମ ଜନ୍ମଭୂମି ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ସ୍ୱାମୀଜୀ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ୧୯ରେ ତାଙ୍କୁ ମଣିପାଲ ନିକଟବର୍ତ୍ତୀ କେଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତିରେ ତାଙ୍କର ବିଭିନ୍ନ ଅଙ୍ଗ ଅଚଳ ହୋଇପଡ଼ିବାରୁ ତାଙ୍କୁ ମଠକୁ ଫେରାଇ ନିଆଯାଇଥିଲା। ତାଙ୍କ ପରଲୋକରେ କର୍ଣ୍ଣାଟକ ସରକାର ୩ ଦିନିଆ ରାଜ୍ୟସ୍ତରୀୟ ଶୋକ ଘୋଷଣା କରିଛନ୍ତି। ତାଙ୍କର ଶେଷକୃତ୍ୟ ବେଙ୍ଗାଲୁରୁସ୍ଥିତ ବିଦ୍ୟାପୀଠରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି। ୮୦୦ ବର୍ଷ ତଳେ ଦ୍ୱୈତବାଦର ପ୍ରବକ୍ତା ଶ୍ରୀ ମାଧବାଚାର୍ଯ୍ୟ ପ୍ରତିଷ୍ଠା କରିଥିବା ଅଷ୍ଟମଠ ମଧ୍ୟରେ ବିଶ୍ୱେଷ ତୀର୍ଥ ସର୍ବବରିଷ୍ଠ ମହନ୍ତ।

ସ୍ୱାମୀଜୀଙ୍କ ମରଶରୀରକୁ ଉଡୁପିର ଶ୍ରୀକୃଷ୍ଣ ମଠକୁ ନିଆଯାଇ ମାଧବ ସରୋବରରେ ସ୍ନାନ କରାଯାଇଥିଲା। ଭଗବାନ କୃଷ୍ଣଙ୍କ ଦର୍ଶନ ପରେ ମରଶରୀରକୁ ବାଉଁଶ ଝୁଡ଼ିରେ ରଖି ଶୋଭାଯାତ୍ରାରେ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କ ସମେତ ରାଜ୍ୟର ଅନେକ ମନ୍ତ୍ରୀ, ଭାଜପା ନେତା, ସଂଘ ପରିବାର ସଦସ୍ୟମାନେ ସ୍ୱାମୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଲକ୍ଷ ଲକ୍ଷ ଲୋକଙ୍କୁ ଜ୍ଞାନାଲୋକ ବିତରଣ କରିଥିବା ସ୍ୱାମୀଜୀଙ୍କ ପାଇଁ ଉଡୁପି ସେମାନଙ୍କ ମନ ଓ ହୃଦୟରେ ରହିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ହିନ୍ଦୁ ଧର୍ମରେ ରହିଥିବା ଅସମାନତା ଦୂର କରିବା ଲାଗି ସେ ଦଳିତମାନଙ୍କ ସହିତ ସହଭୋଜନ ପ୍ରଥା ଆରମ୍ଭ କରିଥିଲେ। ହିନ୍ଦୁ ଧର୍ମର ଉତ୍ଥାନ ପାଇଁ ସ୍ୱାମୀଜୀଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ୟେଦୁରପ୍ପା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

## ହସ୍ପିଟାଲରେ ମୁଲାୟମ

**ମୁମ୍ବାଇ,୨୯।୧୨(ପି.ଟି.)**

ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପେଟରେ ଯନ୍ତ୍ରଣା ହେବାରୁ ମୁଲାୟମ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ତିନିଦିନ ପୂର୍ବରୁ ମୁମ୍ବାଇ ଆସିଥିଲେ।

## ଇଜିପ୍ଟରେ ଦୁର୍ଘଟଣା: ୩ ଭାରତୀୟ ମୃତ

**କାଇରୋ,୨୯।୧୨(ପି.ଟି.)**

ଇଜିପ୍ଟର ସୁଏଜ୍ ଗଭର୍ନୋରେଟ୍‌ରେ ଦୁଇଟି ପର୍ଯ୍ୟଟକ ବସ୍ ଓ ଗୋଟିଏ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଭାରତୀୟଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ଶନିବାର ବସ୍ ଦୁଇଟି ହୁର୍‌ଘାଡ଼ାର ବ୍ରିଚ୍-ରିସର୍ଟ ସହର ଅଭିମୁଖେ ଯାଉଥିବାବେଳେ ଐନ ସୋଖ୍‌ନା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଆହତମାନଙ୍କୁ ମେଡିକାଲରେ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଦୂତାବାସ ଅଧିକାରୀମାନେ ହସ୍ପିଟାଲରେ ଉପସ୍ଥିତ ରହି ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିଥିଲେ। ବସ୍‌ରେ ୧୬ ଭାରତୀୟ ପର୍ଯ୍ୟଟକଙ୍କ ସମେତ ମାଲେସିଆରୁ ୨ ଏବଂ ଇଜିପ୍ଟରୁ ୩ ଜଣ ଥିଲେ। ମୋଟ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

## ସିଡିଏସ୍ ପାଇଁ ସର୍ବାଧିକ ବୟସସୀମା ୬୫

**ନୂଆଦିଲ୍ଲୀ,୨୯।୧୨(ପି.ଟି.):** ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦବୀ ପାଇଁ ସରକାର ସେନାବାହିନୀ ନିୟମାବଳୀ, ୧୯୫୪ରେ ସଂଶୋଧନ କରି ସର୍ବାଧିକ ବୟସସୀମା ୬୫ ବର୍ଷ ଧାର୍ଯ୍ୟ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମଙ୍ଗଳବାର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ସିଡିଏସ୍ ସୃଷ୍ଟି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ତିନି ବାହିନୀର ସମସ୍ତ ଘଟଣାକୁ ନେଇ ସିଡିଏସ୍ ପ୍ରତିରକ୍ଷାମନ୍ତ୍ରୀଙ୍କର ପ୍ରମୁଖ ସାମରିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ। ନିୟମାନୁଯାୟୀ ତିନି ବାହିନୀର ମୁଖ୍ୟମାନେ ସର୍ବାଧିକ ୩ ବର୍ଷ କିମ୍ବା ୬୨ ବର୍ଷ ହେବା ପର୍ଯ୍ୟନ୍ତ ସେମାନଙ୍କ ପଦବୀରେ ରହିପାରିବେ।

## ଏନ୍‌ଆର୍‌ସି ଭାରତର ଆଭ୍ୟନ୍ତରୀଣ ବ୍ୟାପାର

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**

**ବିଜିବି ଡିଜିଙ୍କ ମତ**

ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସମ୍ପୂର୍ଣ୍ଣ ଭାବେ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବାଂଲାଦେଶ ସୀମା ସୁରକ୍ଷା ବାହିନୀ (ବିଜିବି) ମହାନିର୍ଦ୍ଦେଶକ ମେଜର ଜେନେରାଲ ଶଫିନୁଲ ଇସ୍‌ଲାମ କହିଛନ୍ତି। ଦୁଇ ଦେଶର ସୀମା ସୁରକ୍ଷା ବାହିନୀ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି। ବେଆଇନ ଅନୁପ୍ରବେଶ ରୋକିବା ଦିଗରେ ବିଜିବି ଏହାର କାର୍ଯ୍ୟ ଜାରି ରଖିଥିବା ଏହାର ଡିଜି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଆସାମକୁ ଲାଗି ଦୁଇ ଦେଶ ମଧ୍ୟରେ ରହିଥିବା ନଦୀନାଳ ଅଞ୍ଚଳରେ ଆସନ୍ତାବର୍ଷ ଜୁଲାଇ ସୁଦ୍ଧା ସ୍ମାର୍ଟ ବାଡ଼ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ମୁଖ୍ୟ ଭି.କେ. ଜୋହରି କହିଛନ୍ତି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ୬ ମାସ ବିଳମ୍ବ ହୋଇଛି। ଡିସେମ୍ବରରେ କାର୍ଯ୍ୟ ଶେଷ କରିବାକୁ ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ବୋଲି ମିଳିତ ଖବରଦାତା ସମ୍ମିଳନୀରେ ଜୋହରି କହିଛନ୍ତି। ଜେନେରାଲ ଶଫିନୁଲଙ୍କ ନେତୃତ୍ୱରେ ବିଜିବିର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତରେ ଆସିଥିବାବେଳେ ଭାରତୀୟ ପ୍ରତିପକ୍ଷଙ୍କ ସହ ସୀମା ସୁରକ୍ଷା ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

**[ଇତିହାସର ଆଇନାରେ]**

**ଡିସେମ୍ବର ୩୦ର ପ୍ରମୁଖ ଘଟଣା**

୧୯୨୨ ଡିସେମ୍ବର ୩୦ରେ ୟୁନିୟନ ଅଫ୍ ସୋଭିଏଟ୍ ସୋସିଆଲିଷ୍ଟ ରିପବ୍ଲିକ୍ ଅଫ ରୁଷିଆ (ୟୁଏସ୍‌ଏସ୍‌ଆର୍) ପ୍ରତିଷ୍ଠା ହୋଇଥିଲା। ଉତ୍ତର ୟୁରେସିଆରେ ଏହି ସଂଘୀୟ ରାଷ୍ଟ୍ର ୧୯୯୧ ପର୍ଯ୍ୟନ୍ତ ଖୁବ୍ ଶକ୍ତିଶାଳୀ ଥିଲା।

୧୯୪୩ ଡିସେମ୍ବର ୩୦ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୋର୍ଟ ବ୍ଲେୟାରଠାରେ ଆଜାଦ ହିନ୍ଦ୍ ସରକାର ଗଠନ ଘୋଷଣା କରିବା ସହ ସ୍ୱାଧୀନତାର ପତାକା ଉଡ଼ାଇଥିଲେ।

### ଶାହାଙ୍କ ଫୋନ୍ ନମ୍ବରରେ ଜାଲିଆତି

## ୩ କୋଟି ଦାବିକରି ୨ ଗିରଫ

**ନୂଆଦିଲ୍ଲୀ,୨୯।୧୨(ଆଇଏଏନ୍‌ଏସ୍)**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଥିବା ଲ୍ୟାଣ୍ଡଲାଇନ୍ ଫୋନ୍ ନମ୍ବରକୁ ଜାଲିଆତି କରି ହରିୟାଣାର ଜଣେ ମନ୍ତ୍ରୀଙ୍କଠାରୁ ୩ କୋଟି ଟଙ୍କା ଦାବି କରିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଗତର ସିଂ ଓ ଉପକାର ସିଂ ହରିୟାଣା ଶକ୍ତିମନ୍ତ୍ରୀ ରଞ୍ଜିତ୍ ସିଂ ଚୌତାଲାଙ୍କୁ ଫୋନ୍ କରି ଦଳୀୟ ପାଣ୍ଠିକୁ ୩ କୋଟି ଦେବା ପାଇଁ ଦାବି କରିଥିଲେ। ସେମାନେ ଶାହାଙ୍କ ବାସଭବନରୁ ଫୋନ୍ କରୁଥିବା କହିଥିଲେ। ତେବେ ଚୌତାଲାଙ୍କର ସନ୍ଦେହ ହେବାରୁ ସେ ରାଜ୍ୟ ପୋଲିସକୁ ଜଣାଇଥିଲେ। ହରିୟାଣା ପୋଲିସ ଏନେଇ ଦିଲ୍ଲୀ ପୋଲିସ ସହ ଯୋଗାଯୋଗ କରିଥିଲା। ଦିଲ୍ଲୀ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ହରିୟାଣା ଭବନରୁ ଗିରଫ କରିଛି। ସେମାନେ ମିଥ୍ୟା ଫୋନ୍ କଲ୍‌ରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଭାରତରେ ନିଷିଦ୍ଧ ଥିବା ଏକ ଆପ୍‌କୁ ବ୍ୟବହାର କରି ସେମାନେ ଚୌତାଲାଙ୍କୁ କଲ୍ କରିଥିଲେ।



## ସଂକ୍ଷେପରେ

### ଅବକାରୀ ବିଭାଗ ସହକାରୀ ଆଯୁକ୍ତଙ୍କ ଆତ୍ମହତ୍ୟା

**ପାତ୍ରପଡା,୨୯। ୧୨ (ଡି.ଏନ.ଏ.):** ଖଣ୍ଡଗିରି ଥାନା ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ପ୍ଲଟ ନଂ. ୩୩୮ରେ ରହୁଥିବା କେନ୍ଦ୍ରୀୟ ଅବକାରୀ ବିଭାଗ ସହକାରୀ ଆଯୁକ୍ତ ଅର୍ଜୁନ କୁମାର ଧଳ(୫୯)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ନିଜ ବାସଭବନରୁ ପୋଲିସ ରବିବାର ଉଦ୍ଧାର କରିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ଜଣାପଡୁଥିଲେ ହେଁ ପୋଲିସ ବିଭିନ୍ନ ଦିଗକୁ ଯାଞ୍ଚ କରି ମୃତ୍ୟୁର କାରଣ ଖୋଜୁଛି। ମୃତ ଧଳଙ୍କ ଘର ଯାଜପୁର ଜିଲା ଯଖପୁରା ଅଞ୍ଚଳରେ। ଶନିବାର ଧଳଙ୍କ ପରିବାର ଲୋକେ ଗାଁକୁ ଯାଇଥିବାବେଳେ ସେ ଏକାକୀ ପ୍ଲଟ ନଂ. ୩୩୮ରେ ଥିବା ଘରେ ଥିଲେ। ରବିବାର ସକାଳୁ ଧଳଙ୍କ ପରିବାର ଲୋକେ ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ କରିବାରେ ସେ ଫୋନ୍ ଉଠାଇ ନ ଥିଲେ। ପରିବାର ଲୋକେ ପାଖ ପଡୋଶୀଙ୍କୁ ଏ ସମ୍ପର୍କରେ ଜଣାଇବାରେ ଘରର କବାଟ ଭିତରପଟୁ ବନ୍ଦ ରହିଥିବା ସେମାନେ କହିଥିଲେ। ଏହା ଶୁଣି ପରିବାର ଲୋକେ ତୁରନ୍ତ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ଭିତରେ ଯାଇ ଦେଖିବା ବେଳକୁ ଅର୍ଜୁନ ବେକରେ ବେଡଶିଟ୍ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତଦେହକୁ ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପହଞ୍ଚିବା ପରେ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୩୪୩/୧୯) ରୁଜୁ କରିଥିଲା। ଅର୍ଜୁନ କିଛିଦିନ ହେଲା ପାରିବାରିକ କାରଣରୁ ଚିନ୍ତାଗ୍ରସ୍ତ ଥିଲେ ବୋଲି ପୋଲିସ ପ୍ରାଥମିକ ସୂତ୍ରରୁ ଜାଣିବାକୁ ପାଇଛି।

### ଯୁବକଙ୍କୁ ମାଡ଼ ମାରି ୪ ଗିରଫ

ସମ୍ବଲପୁର,୨୯।୧୨(ବ୍ୟୁରୋ) ସମ୍ବଲପୁର ହୀରାକୁଦ ଥାନା ଅଧୀନ ବିଦେଶୀ ମଦ ଦୋକାନ ସମ୍ମୁଖରେ ସରୋଜ ତାଣ୍ଡି ନାମକ ଜଣେ ବ୍ୟକ୍ତିଙ୍କୁ ୬ ଜଣ ଯୁବକ ମାଡପିଟ କରିଥିବା ଅଭିଯୋଗ ହୋଇଛି । ସରୋଜଙ୍କ ମୁଣ୍ଡ ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଅଞ୍ଚଳର ପିଣ୍ଟୁ ନାଗ, ବିବେକ ସିନ୍ଦିରିଆ, ପିଣ୍ଟୁ ବାହାଦୁର, ସଚିନ ସ୍ୱାଇଁ । ଏ ନେଇ ଥାନାରେ ୨୯୮/୧୯ରେ ଏକ ମାମଲା ରୁଜୁ ହୋଇଛି।

## ଶ୍ରୀମନ୍ଦିର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

# ୱାଚ୍‌ଟାୱାରରେ ଚଢ଼ିଲେ ୩ ବିଦେଶିନୀ

**ପୁରୀ ଅଫିସ, ୨୯।୧୨**

ଆସୁଛି ନୂଆବର୍ଷ। ପୁରୀରେ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ବଡଦାଣ୍ଡରୁ ବେଳାଭୂମି ସବୁଠି ମାଳ ମାଳ ପୋଲିସ। ବଡଦିନଠାରୁ ନୂଆବର୍ଷ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପାଇଁ ମଧ୍ୟ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ହୋଇଛି। ସୁରକ୍ଷା ଜୋନ୍‌ରେ ଚାଲିଛି ସୌନ୍ଦର୍ଯ୍ୟକରଣ କାମ। ଶ୍ରୀମନ୍ଦିର ଚାରିଦ୍ୱାରରେ ଏକାଧିକ ସୁରକ୍ଷା କର୍ମୀ। ତେବେ ଏ ସବୁକୁ ଚ୍ୟାଲେଞ୍ଜ ଦେବା ଭଳି ଏକ ଭିଡିଓ ଏବେ ଭାଇରାଲ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ୱାଚ୍‌ଟାୱାରରେ ସ୍ୱଷ୍ଟ ଦିବାଲୋକରେ ଚଢିଛନ୍ତି ୩ ବିଦେଶିନୀ। ବଡଦେଉଳର ଫଟୋ ଉଠାଇବା ସହ ଭିଡିଓ ବି ଉତ୍ତୋଳନ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣା ଜଣାପଡ଼ିବା ପରେ ଏବେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ତିନିଜଣ ବିଦେଶିନୀ ଯଦି ଟାୱାର ଉପରକୁ ଉଠିପାରିଲେ ତେବେ ମନ୍ଦ ଉଦ୍ଦେଶ୍ୟ ରଖି ଅନ୍ୟ କେହି ବି ଉଠିଯାଇ କୌଣସି ପ୍ରକାର ଘଟଣା ଘଟାଇପାରନ୍ତି ବୋଲି ଆଲୋଚନା ହେଉଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଉଛି। ଏଥିଯୋଗୁ ଗତ କିଛିବର୍ଷ ହେଲା ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିର ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଗତବର୍ଷ ଏନ୍‌ଏସ୍‌ଜି ଟିମ୍ ଶ୍ରୀମନ୍ଦିର ପରିଦର୍ଶନ କରିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ କେତେକ ପରାମର୍ଶ ଦେଇଥିଲେ। ସେବାୟତ, ଅଣସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କୁ ଚିହ୍ନଟ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରିଥିଲେ। ସେହିପରି ପ୍ରବେଶ ପଥରେ ମେଟାଲ ଡିଟେକ୍ଟର, ସ୍କାନର, ମନ୍ଦିର ଭିତରେ ପର୍ଯ୍ୟାପ୍ତ ସୁରକ୍ଷା କର୍ମଚାରୀ ମୁତୟନ ସହ ବେଢା ଚତୁଃପାର୍ଶ୍ୱରେ ୱାଚ୍ ଟାୱାର ଉପରେ ଗୁରୁତ୍ୱ ଦେଇଥିଲେ। ହେଲେ ସେହି ୱାଚ୍‌ଟାୱାର ହିଁ ସୁରକ୍ଷା ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇଦେଇଛି। ୱାଚ୍‌ଟାୱାରରେ ୨୪ଘଣ୍ଟିଆ ସୁରକ୍ଷା କର୍ମଚାରୀ ମୁତୟନ ଲାଗି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅନେକେ ଏହାକୁ ମାନୁନାହାନ୍ତି। ୱାଚ୍‌ଟାୱାରକୁ ଫୁଙ୍ଗୁଳା ପକାଇ ମନଇଚ୍ଛା କେଉଁଆଡେ ବୁଲିବାକୁ ଚାଲିଯାଉଛନ୍ତି। ଫଳସ୍ୱରୂପ ୩ ବିଦେଶିନୀ ୱାଚ୍‌ଟାୱାର ଉପରକୁ ଉଠି ଶ୍ରୀମନ୍ଦିର ଦର୍ଶନ କରିବା ସହ ଭିତର ଫଟୋ ଏବଂ ଭିଡିଓ ଉତ୍ତୋଳନ କରିଛନ୍ତି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରି ପାର୍ଶ୍ୱରେ ୪ଟି ୱାଚ୍‌ଟାୱାର ରହିଛି। ଏଠାରେ ସୁରକ୍ଷା କର୍ମୀ ରହି ବାହାର ଗତିବିଧି ଉପରେ ନଜର ରଖିଥାନ୍ତି। କୌଣସି ବ୍ୟକ୍ତିଙ୍କ ଉପରେ ଯଦି ସନ୍ଦେହ ଉପୁଜେ ତେବେ ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସହ ତାଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇ ନ ଥାଏ। ଭଲ ଭାବେ ଯାଞ୍ଚ କରି ପରେ ଛଡ଼ାଯାଏ। କିନ୍ତୁ ଶ୍ରୀମନ୍ଦିର ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିଲେ ମଧ୍ୟ ସୁରକ୍ଷା କର୍ମୀ ବେଫିକର। ସୁରକ୍ଷାକର୍ମୀଙ୍କ ଖାମଖିଆଲ ଯୋଗୁ ଉତ୍ତର-ପଶ୍ଚିମ କୋଣରେ ଥିବା ଏକ ୱାଚ୍‌ଟାୱାର ଉପରେ ୩ଜଣ ବିଦେଶିନୀ ଚଢିବା ଭିଡିଓ ଭାଇରାଲ ହୋଇଛି। ତେବେ ଏହା କେଉଁଦିନର ସେ ସଂକ୍ରାନ୍ତରେ କିଛି ସ୍ୱଷ୍ଟ ହୋଇ ନ ଥିବାବେଳେ ଶନିବାର ଘଟଣା ବୋଲି ଚର୍ଚ୍ଚା ହେଉଛି। ସ୍ୱଷ୍ଟ ଦିବାଲୋକରେ କାହିଁକି ଓ କିପରି ଏମାନେ ୱାଚ୍‌ଟାୱାର ଉପରକୁ ଉଠିଲେ, ସେଠାରେ କାହାର ଡ୍ୟୁଟି ଥିଲା, ସେ କିପରି ଜାଣିପାରିଲେ ନାହିଁ ନା ତାଙ୍କ ଜାଣତରେ ଏହା ହୋଇଛି ଏମିତି ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ରହିଛି। ସେମାନେ ମନ୍ଦିର ଭିତରକୁ ନ ଯାଇ ଯେପରି ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ସେଥିଲାଗି ସିଂହଦ୍ୱାର ଗୁମୁଟରେ ପତିତପାବନ ରହିଛନ୍ତି। କିନ୍ତୁ ୩ଜଣ ବିଦେଶିନୀ କି ଉଦ୍ଦେଶ୍ୟ ରଖି ୱାଚ୍‌ଟାୱାର ଉପରକୁ ଉଠିଥିଲେ ତାହାକୁ ନେଇ ଚାଲିଛି ଚର୍ଚ୍ଚା। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, କେଉଁ ପରିସ୍ଥିତିରେ ୩ଜଣ ବିଦେଶିନୀ ୱାଚଟାୱାର ଉପରେ ଚଢିଲେ ସେ ନେଇ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ଏହାର ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

**ବେଢ଼ା ଭିତର ଫଟୋ ଉଠାଇଲେ, ଭିଡିଓ ନେଲେ**



### ପୂର୍ବ ଭାଇରାଲ ଘଟଣା

- ୨୦୧୮ ସେପ୍ଟେମ୍ବରରେ ଦିଲ୍ଲୀର ଜଣେ ଖବରଦାତା ଶ୍ରୀମନ୍ଦିର ଉପରୁ ହେଲିକପ୍ଟରରେ ଫଟୋ ଉଠାଇ ଭାଇରାଲ କରିଥିଲେ।
- ୨୦୧୯ ଅକ୍ଟୋବର ୫ରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଅଭିନେତ୍ରୀ ସମର୍ଥକଙ୍କ ସହିତ ଆନନ୍ଦବଜାରରେ ପ୍ରସାଦସେବନ ବେଳର ଫଟୋ ଭାଇରାଲ ହୋଇଥିଲା।
- ୨୦୧୯ ଅକ୍ଟୋବର ୨୮ରେ ଶ୍ରୀମନ୍ଦିର ପରିସରରେ ଅବଢା ବିକ୍ରି ଫଟୋ ଭାଇରାଲ ହୋଇଥିଲା।
- ୨୦୧୯ ଡିସେମ୍ବର ୨୧ରେ ଚାହାଣି ମଣ୍ଡପରେ କୋଲକାତାର ଜଣେ ଯୁବକ ଠିଆ ହୋଇ କଥା ହେଉଥିବା ବେଳର ଫଟୋ ଭାଇରାଲ ହୋଇଥିଲା। ଏଥିସହ ଶ୍ରୀମନ୍ଦିର କୀର୍ତ୍ତନ ଚକଡ଼ା ଏବଂ ଗୁଣ୍ଡିଚା ମନ୍ଦିର ଫଟୋ ଭାଇରାଲ ହୋଇଥିଲା।

## ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗ

# ଅର୍ଥ ପାଇଁ ଆବାସିକ କମିଶନ କାର୍ଯ୍ୟାଳୟର ତତ୍ପରତା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅର୍ଥରାଶିରେ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯୋଜନା ବାବଦକୁ ଅର୍ଥ ଠିକ୍ ସମୟରେ ମିଳିବାରେ ବିଳମ୍ବ ହେଉଛି। ତେଣୁ ଏହି ଅର୍ଥ ଯେପରି ତୁରନ୍ତ ମିଳିପାରିବ, ସେ ଦିଗରେ ନୂଆଦିଲ୍ଲୀସ୍ଥିତି ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ତତ୍ପରତା ପ୍ରକାଶ କରିଛି।

ମିଳିଥିବା ସୂଚନାନୁଯାୟୀ, କେନ୍ଦ୍ର ନିକଟରୁ ଓଡ଼ିଶା କୃଷି ବିଭାଗ ୩୫୦ କୋଟି ଟଙ୍କା, ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗ ୪୧୩ କୋଟି, ମହିଳା ଓ ଶିଶୁ ବିକାଶ ବିଭଗ ୪୬୫ କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୬୮୩ କୋଟି ଟଙ୍କା ପାଇବାକୁ ରହିଛି। ଗତ ଗୁରୁବାର ସୁଦ୍ଧା ରାଜ୍ୟକୁ ଗ୍ରାମ୍ୟ ଉନ୍ନୟନ ବାବଦକୁ ୧୭୪୦ କୋଟିରୁ ୯୭ କୋଟି, ଏସ୍‌ଟିଏସ୍‌ସି ଉନ୍ନୟନକୁ ୧୦୦୦ କୋଟିରୁ ୫୮୭ କୋଟି, ମହିଳା ଓ ଶିଶୁ ବିକାଶକୁ ୧୨୧୮ କୋଟିରୁ ୭୫୩ ଏବଂ କୃଷି ବିଭାଗକୁ ୮୨୦ କୋଟିରୁ ୩୭୦ କୋଟି ଟଙ୍କାର ଅନୁଦାନ ମିଳିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷର କେନ୍ଦ୍ରୀୟ ଅନୁଦାନ ମଧ୍ୟ ବାକି ରହିଥିବା ଜଣାପଡ଼ିଛି। କୃଷି ବିଭାଗ ଅର୍ଥ ବାକି ଥିବାରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆରକେଭିୱାଇ), ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(ପିଏମ୍‌କେସିୱାଇ) ଏବଂ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେବିୱାଇ) ଇତ୍ୟାଦି ପ୍ରଭାବିତ ହେଉଛି। କୃଷି ପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବହୁ ପରିମାଣର ଅର୍ଥ ବାକି ରହିଛି। ଏହି ବିଭାଗ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨୪୪୭ କୋଟି ପାଇବାକୁ ରହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୯ରେ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରୀୟ ଅନୁଦାନ ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଥିଲେ। ସେହି ସମୟରେ କେନ୍ଦ୍ର ନିକଟରୁ ପ୍ରାୟ ୬୦୦୦ କୋଟିରୁ ଅଧିକ ଅର୍ଥ ପାଇବାକୁ ଥିବା ଜଣାପଡ଼ିଥିଲା। ଏହି ପରିମାଣ ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଏପରି କି ଗତ ଜାନୁୟାରୀରେ ମଧ୍ୟ ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ କେନ୍ଦ୍ରୀୟ ଅନୁଦାନ ମିଳିବା ନେଇ ସମୀକ୍ଷା ବୈଠକ କରିଥିଲେ। ଏ ନେଇ ନିୟମିତ ଭାବେ ରାଜ୍ୟ ସରକାର କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଟ୍ରେନ୍‌ରେ ମିଲ୍ ମୂଲ୍ୟ ବଦଳିଲା

## ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଆଇଆର୍‌ସିଟିସିର ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ବିଭିନ୍ନ ମେଲ୍ ଓ ଏକ୍ସପ୍ରେସ ଟ୍ରେନ୍‌ରେ ଦିଆଯାଉଥିବା ଖାଦ୍ୟ ପଦାର୍ଥର ମୂଲ୍ୟ ସଂଶୋଧନ କରି ନୂଆ ମୂଲ୍ୟ ଧାର୍ଯ୍ୟ କରିଛି ରେଲୱେ ବୋର୍ଡ। ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି)ର ଅନୁରୋଧ ରକ୍ଷା କରି ରେଲୱେ ଖାଦ୍ୟାବଳୀର ମୂଲ୍ୟ ତାଲିକା ସମୀକ୍ଷା କରି ନୂଆ ମୂଲ୍ୟ ତାଲିକା ଜାରି କରିଛି। ସକାଳ ଜଳଖିଆ(ଆମିଷ)- ୪୫ ଟଙ୍କା, ସକାଳ ଜଳଖିଆ (ନିରାମିଷ)- ୩୫ ଟଙ୍କା ରଖାଯାଇଛି। ସେହିପରି ଅଣ୍ଡା ମିଲ୍- ୮୦ ଟଙ୍କା, ନିରାମିଷ ମିଲ୍- ୭୦ ଟଙ୍କା, ଚିକେନ୍ ମିଲ୍-୧୨୦ ଟଙ୍କା, ଅଣ୍ଡା ବିରିୟାନି- ୮୦ ଟଙ୍କା, ନିରାମିଷ ବିରିୟାନି- ୭୦ ଟଙ୍କା, ଚିକେନ୍ ବିରିୟାନି- ୧୦୦ ଟଙ୍କା ଓ ସ୍ନାକ୍ସ ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିସହ ଟ୍ରେନରେ ଦିଆଯାଉଥିବା ଖାଦ୍ୟ ପଦାର୍ଥର ଗୁଣାତ୍ମକ ମାନ ଆହୁରି ଭଲ କରିବାକୁ ଆଇଆର୍‌ସିଟିସିକୁ ନିର୍ଦ୍ଦେଶ ଦିଆଯାଇଛି।

## ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

# ଏସ୍‌ପ୍ଲାନେଡ୍ ମଲ୍ ଆଗରେ ଧାରଣା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

- ମାର୍କେଟିଂ ଅଧିକାରୀ ଶ୍ୟାମା ଝା ଗିରଫ
- ସିପି ଅଫିସ, ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଏସ୍‌ପ୍ଲାନେଡ୍ ମଲ୍‌ରେ ମହିଳା ଖବରଦାତାଙ୍କୁ ଆକ୍ରମଣ ଏବଂ ଅସଦାଚରଣ ଘଟଣାକୁ ନେଇ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଛି। ସାମାଜିକ କର୍ମୀ, ମାନବାଧିକାର କର୍ମୀ, ବିଭିନ୍ନ ରାଜନୈତିକ ଦଳର ନେତା ଓ ଛାତ୍ରୀମାନେ ଖବରଦାତାଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାକୁ ତୀବ୍ର ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହିପରି ମଲ୍ ମାଲିକ ଓ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶତାଧିକ ଖବରଦାତା ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ଗେଟ୍ ଆଗରେ ଧାରଣାରେ ବସିଥିଲେ। ସେମାନେ ଏସ୍‌ପ୍ଲାନେଡ୍‌ର ୩ଟି ଗେଟକୁ ବନ୍ଦ କରି ପ୍ରତିବାଦ ଜଣାଇଥିଲେ। କୌଣସି କର୍ମଚାରୀ ଓ ଗ୍ରାହକଙ୍କୁ ମଲ ଭିତରକୁ ଛାଡ଼ି ନ ଥିଲେ। ଫଳରେ ଅନ୍‌ଲାଇନରେ ଫିଲ୍ମ ଟିକେଟ କରିଥିବା ଦର୍ଶକ ନିରାଶରେ ଫେରିଯାଇଥିଲେ। ସେମାନେ ଟିକେଟର ମୂଲ୍ୟ ଫେରି ପାଇବାକୁ ଦାବି କରିଥିଲେ ମଧ୍ୟ କୌଣସି କର୍ମଚାରୀ ଧରାଛୁଆଁ ଦେଇ ନ ଥିଲେ। ଅନ୍ୟପକ୍ଷରେ ପୋଲିସ ଉପରେ ଚାପ ବଢ଼ିବାରୁ ସନ୍ଧ୍ୟାରେ ମଲ୍‌ର ମାର୍କେଟିଂ ଅଧିକାରୀ ଶ୍ୟାମା ଝାଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୩କୁ ବୃଦ୍ଧି ପାଇଛି।

ଏସ୍‌ପ୍ଲାନେଡ ମଲ୍ ଆଗରେ ଖବରଦାତାଙ୍କ ଧାରଣାକୁ ସମର୍ଥନ ଜଣାଇ ଭାଜପା ନେତା ଜଗନ୍ନାଥ ପ୍ରଧାନ, କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ ଏବଂ ଅନ୍ୟ ନେତାମାନେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ଅନୁପ ସାହୁ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଖବରଦାତାମାନେ ଶୁଣି ନ ଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ କେହି ଧାରଣାରୁ ଉଠିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଡିସିପି ଏ ସଂକ୍ରାନ୍ତରେ ପୋଲିସ କମିଶନର(ସିପି)ଙ୍କୁ ଅବଗତ କରି ସେଠାରୁ ଚାଲିଯାଇଥିଲେ। ଏ ନେଇ ଡିସିପି ଗଣମାଧ୍ୟମକୁ କହିଛନ୍ତି ଯେ, ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। କାହାକୁ ଛଡ଼ାଯିବ ନାହିଁ। ଏ ନେଇ ଅତିରିକ୍ତ ଡିସିପି ର୍‍ୟାଙ୍କର ଜଣେ ଅଫିସର ତଦନ୍ତ କରି ଆଇନଗତ ପଦକ୍ଷେପ ନେବେ। ଅନ୍ୟପକ୍ଷରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖବରଦାତା ଏବଂ ରାଜନୈତିକ ନେତା ସିପିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଧିକ ଛାତ୍ର ଏହି ଘଟଣାକୁ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ଏବଂ ଭାଜପା ମଧ୍ୟ ଏହି ଘଟଣାକୁ ନିନ୍ଦା କରି ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ଆଣିବାକୁ ଦାବି କରିଛନ୍ତି।

**ଦିନତମାମ ମଲ୍ ବନ୍ଦ:** ରବିବାର ଦିନତମାମ ମଲ୍ ବନ୍ଦ ରହିବାରୁ କୋଟି କୋଟି ଟଙ୍କାର ବେପାର କ୍ଷତି ହୋଇଛି। ଏହାସହ ଯେଉଁ କର୍ମଚାରୀ ମଲ୍ ଭିତରେ ରହିଥିଲେ ସେମାନଙ୍କୁ ବାହାରକୁ ଛଡ଼ାଯାଇ ନ ଥିଲା। ମଲ୍ ଭିତରେ ଏକାଧିକ ବ୍ୟକ୍ତି ଦୀର୍ଘ ସମୟ ଅଟକି ରହିଥିଲେ। ଶେଷରେ ସନ୍ଧ୍ୟା ୫ଟାରେ ସେମାନଙ୍କୁ ବାହାରକୁ ଛଡ଼ାଯାଇଥିଲା। ହେଲେ ମଲ୍‌ର ୩ନମ୍ବର ଗେଟ୍‌ରେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଶାନ୍ତିପୂର୍ଣ୍ଣଭାବେ ଧାରଣା ଦେଉଥିବା ଖବରଦାତାମାନଙ୍କୁ ମଲ୍‌ର ଜଣେ ବାଉଁସର ଦୁର୍ବ୍ୟବହାର କରି ନାଲି ଆଖି ଦେଖାଇଥିଲେ। ଫଳରେ ଖବରଦାତାମାନେ ବାଉଁସରଙ୍କୁ ଧାରଣାସ୍ଥଳ ନିକଟରୁ ଧରି ନେବା ସମୟରେ ଆଉ କେତେଜଣ ସାଧାରଣ ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ଏପରି କି ବାଉଁସର ଜଣକ ଲୋକଙ୍କ କବଳରୁ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ନିର୍ଘାତ ମାଡ ଖାଇଥିଲେ। ପରେ କେତେଜଣ ବରିଷ୍ଠ ଖବରଦାତାଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ଏସ୍‌ପ୍ଲାନେଡ୍ ସମ୍ମୁଖରେ ଧାରଣାରେ ବସିଥିବା ବିଭିନ୍ନ ଗଣମାଧ୍ୟମ ସଂସ୍ଥାର କର୍ମଚାରୀ। ଗିରଫ ମଲ୍‌ର ମାର୍କେଟିଂ ଅଧିକାରୀ ଶ୍ୟାମା ଝା (ଇନ୍‌ସେଟ୍)।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ରାକେଶ ରୋଶନ ଦାସ



ଗୀତାଞ୍ଜଳି ପାଣିଗ୍ରାହୀ



ଲୋପାଲି ପଟ୍ଟନାୟକ



ଅନାଦି ମେହେର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ସଂକ୍ଷେପରେ

### ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରା ନ ଯାଉ

**ଝାରସୁଗୁଡା ଅଫିସ୍/ଲଖନପୁର,୨୯।୧୨(ଡି.ଏନ୍.ଏ.):** କେନ୍ଦ୍ର ସରକାର ଆଣିଥିବା ନାଗରିକ ସଂଶୋଧନ ଆଇନ୍(ସିଏଏ)କୁ ନେଇ ରାଜନୈତିକ ଦଳଗୁଡିକ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଏହି ସଂଶୋଧନ ଆଇନ୍ ଦେଶର ସର୍ବଧର୍ମୀ ଲୋକଙ୍କ ସ୍ୱାର୍ଥପାଇଁ କରାଯାଇଛି। ଏହାକୁ ବୁଝି ନ ପାରି କେନ୍ଦ୍ର ସରକାରଙ୍କ ବିରୋଧରେ ଭୁଲ୍ ତଥ୍ୟ ପ୍ରଚାର କରାଯାଉଛି। ଏହାକୁ ରାଜନୈତିକ ଦଳମାନେ ଭଲ ଭାବେ ବୁଝିବା ପାଇଁ ଚେଷ୍ଟା କରନ୍ତୁ। ବରଗଡ ଏମ୍ପି ସୁରେଶ ପୂଜାରୀ ରବିବାର ଝାରସୁଗୁଡାର ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଝାରସୁଗୁଡା ଜିଲାର ସର୍ବାଙ୍ଗୀନ ଉନ୍ନତିପାଇଁ ସବୁବେଳେ ସେ ଚେଷ୍ଟିତ । ଜିଲା ଗ୍ରାମ୍ୟ ଉନ୍ନୟନ ପାଣ୍ଠି ବିନିଯୋଗରେ ଜିଲାର ସମସ୍ତ ଜନସାଧାରଣଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। ଯଦି ଏହା ସଫଳ ହୁଏ ତାହା ହେଲେ ଦେଶରେ ପ୍ରଥମ କରି ଝାରସୁଗୁଡା ଜିଲାବାସୀ ଏହାର ସୁବିଧା ପାଇପାରିବେ ବୋଲି ଏମ୍ପି ପୂଜାରୀ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ଆଦି ପ୍ରଦାନ କରାଯାଉଛି। କୋଟା କମ୍ ରହୁଥିବାରୁ ଏଥିରୁ ବହୁ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇ ଜିଲା ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ଭତ୍ତା ପ୍ରଦାନ କରାଯିବ। ଜିଲାର ସର୍ବାଙ୍ଗୀନ ଉନ୍ନତିପାଇଁ ଏକ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରାଯିବ। ଏହି ଯୋଜନା ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ କାମ କରାଯିବ ବୋଲି ଏମ୍ପି ପୂଜାରୀ କହିଛନ୍ତି। ଏପରିକି ଜିଲାରେ ଅନେକ ଶିଳ୍ପାନୁଷ୍ଠାନ ବିଭିନ୍ନ କାରଣରୁ ବନ୍ଦ ହୋଇଯାଇଛି। ଏସବୁକୁ ନେଇ ଆଗାମୀ ଦିନରେ ଏହାର ତର୍ଜମା କରାଯାଇ ପୁନରୁଦ୍ଧାର କରିବାକୁ ପ୍ରୟାସ କରାଯିବ। ଗ୍ରାମାଞ୍ଚଳ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ଚକାନନ୍ଦ ସା, ପ୍ରମୋଦ ସେନାପତି, ସୁଦାମ ପ୍ରଧାନ, ରଘୁନନ୍ଦନ ପଣ୍ଡା, ସାମଲ ନାଏକ, ସତ୍ୟ ବହିଦାର, ତପନ ସ୍ୱାଇଁ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ସୂଚନା କର୍ମୀ ଅଭିମନ୍ୟୁ ହତ୍ୟା ଘଟଣା

# ମାଷ୍ଟରମାଇଣ୍ଡଙ୍କ ସହ ୫ ଗିରଫ

**ଫୁଲବାଣୀ ଅଫିସ, ୨୯।୧୨**

■ ଘଟଣା ପଛରେ ପୂର୍ବ ଶତ୍ରୁତା
■ ନିୟୋଜିତ ହୋଇଥିଲେ ୨ ସୁପାରିକିଲର

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାର ଫର୍ଦ୍ଦାଫାସ କରିଛି ପୋଲିସ। ପୂର୍ବ ଶତ୍ରୁତା ହିଁ ହତ୍ୟାକାଣ୍ଡରେ ମୁଖ୍ୟ କାରଣ ବୋଲି ରବିବାର ଏସ୍ପି ପ୍ରତୀକ ଗୀତା ସିଂ ବାଲିଗୁଡାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଏବଂ ୨ ସୁପାରି କିଲରଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ବାଲିଗୁଡା ଥାନା ସୁନାପାଙ୍ଗାର କେ. ବିଶ୍ୱଜିତ ପାତ୍ର, ସହଯୋଗୀ ଗଞ୍ଜାମ ଜିଲା ଧରାକୋଟ ଥାନା ମୁଣ୍ଡମରାଇର ବାଲାଜି ଆଚାର୍ଯ୍ୟ, ବଡଗଡ ଥାନା ବନ୍ଧଗୁଡାର ରାସ ବିହାରି ଦାସ। ୨ ସୁପାରି କିଲରଙ୍କ ଟିଆଇ ପରେଡ ହେବାକୁ ଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି। ଗିରଫ ଯୁବକମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ, ୩ ରାଉଣ୍ଡ ଜୀବନ୍ତ ଗୁଳି, ୬ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ଅଭିମନ୍ୟୁ ଓ ବିଶ୍ୱଜିତ୍ଙ୍କ ମଧ୍ୟରେ ଜଗନ୍ନାଥ ମନ୍ଦିର ମାର୍କେଟ କମ୍ପ୍ଲେକ୍ସ ଘର ଏବଂ ଅନ୍ୟ କାରଣକୁ ନେଇ ଶତ୍ରୁତା ରହିଥିଲା। ବିଶ୍ୱଜିତ ନେଇଥିବା ମାର୍କେଟ କମ୍ପ୍ଲେକ୍ସ ଘରକୁ ଉଚ୍ଛେଦ କରିବାକୁ ଅଭିମନ୍ୟୁ ଚେଷ୍ଟା କରିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ସହ କୋର୍ଟରେ ମାମଲା ପହଞ୍ଚିଥିଲା। ଅଭିମନ୍ୟୁଙ୍କୁ ରାସ୍ତାରୁ ହଟାଇବା ପାଇଁ ବିଶ୍ୱଜିତ୍ ଯୋଜନା କରିଥିଲେ। ଏନେଇ ସେ ବିଦ୍ୟୁତ୍ ବିଭାଗରେ କାମ କରୁଥିବା ବାଲାଜି ଏବଂ ରାସବିହାରୀଙ୍କ ସହ ଯୋଗାଯୋଗ କରିଥିଲେ। ସେମାନେ ୨ ସୁପାରି କିଲର ଠିକ୍ କରିଥିଲେ। ଏଥିପାଇଁ ୧ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଆର୍‌ଟିଆଇକୁ ନେଇ ନୁହେଁ, ମାର୍କେଟ କମ୍ପ୍ଲେକ୍ସକୁ ନେଇ ହତ୍ୟା ହୋଇଛି। ଯେଉଁ ସୁପାରି କିଲର ହତ୍ୟା କରିଛନ୍ତି, ସେମାନଙ୍କୁ କିଛି ଲୋକ ଦେଖିଛନ୍ତି। ଟିଆଇ ପରେଡ ପାଇଁ ସେମାନଙ୍କ ନାମ ଗୋପନ ରଖାଯାଇଛି ବୋଲି ଏସ୍ପି କହିଛନ୍ତି। ତଦନ୍ତବେଳେ ଗଞ୍ଜାମ ଜିଲା ଆସିକା ଅଞ୍ଚଳର ଯୁବକ ସୁପାରି ନେଇ ହତ୍ୟା କରିଥିବା ଜାଣିବାକୁ ପାଇଥିଲୁ। ସେମାନେ ୮ ତାରିଖରେ ବାଲିଗୁଡା ଆସି ଅଭିମନ୍ୟୁଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଏହି ଘଟଣାରେ ଅନ୍ୟ ଜଣେ ମଧ୍ୟସ୍ଥି ଅଛନ୍ତି। ତାଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଥିବା ଏସ୍ପି ପ୍ରତୀକ ଗୀତା ସିଂ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଖବରଦାତା ସସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ମାନସ ରଂଜନ ବାରିକ, ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଗତ ୧୦ ତାରିଖ ସକାଳେ ୨ଜଣ ଯୁବକ ଏକ ବାଇକରେ ଆସି ଅଭିମନ୍ୟୁଙ୍କୁ ତାଙ୍କ ଘରୁ ଡାକିଥିଲେ। ଘର ସମ୍ମୁଖରେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଅଭିମନ୍ୟୁଙ୍କୁ ସ୍ଥାନୀୟ ଲୋକେ ମେଡିକାଲ ନେଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୮୮/୧୯ରେ ମାମଲା ରୁଜୁ ହୋଇଥିଲା।


ଏସ୍ପି,ଏସ୍‌ଡିପିଓ, ଥାନାଧିକାରୀଙ୍କ ସହ ଗିରଫ ଯୁବକ।

### ସିଏଏକୁ ସମର୍ଥନ କରି ବିଏସ୍ପି ବିଧାୟିକା ନିଲମ୍ବିତ

**ଭୋପାଳ,୨୯।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ସମର୍ଥନ କରିବାରୁ ବିଏସ୍ପି ବିଧାୟିକା ରମାବାଇ ପରିହାରଙ୍କୁ ରବିବାର ନିଲମ୍ବନ କରିଛନ୍ତି ଦଳ ସୁପ୍ରିମୋ ମାୟାବତୀ। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ଅଣମୁସଲମାନ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ଅଣାଯାଇଥିବା ନୂଆ ଆଇନକୁ ମାୟାବତୀ ତୀବ୍ର ସମାଲୋଚନା କରିଛନ୍ତି। ମଧ୍ୟପ୍ରଦେଶ ପଥେରିୟା ଆସନରୁ ପ୍ରତିନିଧିତ୍ୱ କରୁଥିବା ରମାବାଇ ଶନିବାର ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସିଏଏକୁ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ପଟେଲ ଉପସ୍ଥିତ ଥିଲେ। ବିଏସ୍ପି ଏକ ଶୃଙ୍ଖଳିତ ଦଳ। ଶୃଙ୍ଖଳା ଭଙ୍ଗ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାୟାବତୀ କହିଛନ୍ତି।

MILK UNION SAMBALPUR omfed
SAMUL
VEHICLE REQUIRED ON HIRE
1. TATA ACE or similar type vehicle required on Hire for Lakhmara-MMC Padampur Milk Route running both morning and evening covering 120 K.M.
2. Interested Parties may purchase and submit Tenders by 02.01.2020, Tender Paper cost- Rs. 200/-, EMD- Rs. 2,000/-

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ, ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୯।୧୨**

■ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା
■ ଉଚ୍ଚଶିକ୍ଷାରୁ ବଞ୍ଚିତ ଗରିବ ମେଧାବୀ ଛାତ୍ରୀ

ଯାଜପୁର ଜିଲା ଯାଜପୁର ରୋଡସ୍ଥିତ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଜଣେ ଅନୁସୂଚିତ ଜାତିର ଗରିବ ମେଧାବୀ ଛାତ୍ରୀ କଲେଜ ଲିଭିଂ ସାର୍ଟିଫିକେଟ୍ (ସିଏଲସି) ନ ପାଇ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀ ଜଣକ ଓଡ଼ିଶା ମାନବିକ ଅଧିକାର ଆୟୁକ୍ତ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହେବା ପରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ହସ୍ତକ୍ଷେପ କରିଛି। ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ହୃଷୀକେଶ ମହାନ୍ତି ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଜାନୁୟାରୀ ୨ ସୁଦ୍ଧା ସବିଶେଷ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ତାଙ୍କ ପତ୍ରସଂଖ୍ୟା ୧୧୫୬୧/୨୪।୧୨।୨୦୧୯ରେ ବ୍ୟାସନଗର ସ୍ୱୟଂଶାସିତ କଲେଜ ଓ ଶୁଆକାଟି ପାଟଣେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷାଅଧ୍ୟକ୍ଷଙ୍କୁ ସତ୍ୟାସତ୍ୟ ତଥ୍ୟାବଳୀ (ଫ୍ୟାକ୍ଟ ଫାଇଣ୍ଡିଂ) ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର ଜିଲା ଶୁଆକାଟି ପାଟଣେଶ୍ୱରୀ ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ ମନମାନି ଯୋଗୁ ଜଣେ ଛାତ୍ରୀ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ମତପ୍ରକାଶ ପାଇଛି। ଓଏଚ୍‌ଆର୍‌ସିଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ରମ୍ଭିଲା ଗ୍ରାମର ଉର୍ମିଳା ଜେନା ୨୦୧୬-୧୭ରେ ପାଟନେଶ୍ୱରୀ ଡିଗ୍ରୀ କଲେଜରେ ଯୁକ୍ତତିନି ବିଜ୍ଞାନରେ ନାମ ଲେଖାଇଥିଲେ। କିନ୍ତୁ ଛାତ୍ରୀ ଉର୍ମିଳାଙ୍କ ସ୍ୱାସ୍ଥ୍ୟାବସ୍ଥା କାରଣରୁ ସେ ନିୟମିତ ଭାବେ କଲେଜରେ ଉପସ୍ଥିତ ହୋଇ ପାରି ନ ଥିଲେ। ୨୦୧୭-୧୮ରେ ସେ ପୁନର୍ବାର ଅନ୍‌ଲାଇନରେ ଆବେଦନ କରିଥିଲେ। ଯାଜପୁରରୋଡ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ନାମ ଲେଖାଇବାକୁ ସେ ଯୋଗ୍ୟ ବିବେଚିତ ହୋଇଥିଲେ। କିନ୍ତୁ ସେ ପଢୁଥିବା ପାଟଣେଶ୍ୱରୀ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟରେ ସିଏଲସି ପ୍ରଦାନ କରି ନ ଥିଲେ। ସିଏଚ୍‌ସି ପାଇଁ କଲେଜ କର୍ତ୍ତୃପକ୍ଷ ଉର୍ମିଳାଙ୍କୁ ୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଉର୍ମିଳା ଅସହାୟତା ପ୍ରକାଶ କରିଥିଲେ। ତଥାପି ସିଏଲସି ଆଶାରେ ବାରମ୍ବାର ପାଟଣେଶ୍ୱରୀ ଡିଗ୍ରୀ କଲେଜକୁ ଦୌଡି ଦୌଡି ନିରାଶ ହୋଇଥିଲେ। ଯାହାଫଳରେ ଉର୍ମିଳା ବ୍ୟାସନଗର ସ୍ୱୟଂଶାସିତ କଲେଜରେ ୧ମ ସିଲେକ୍ସନରେ ନାମ ଲେଖାଇବାରୁ ବଞ୍ଚିତ ହୋଇଥିଲେ। ଏଥିଯୋଗୁ ଉର୍ମିଳା ମାନସିକ ଭାରସାମ୍ୟ ହରାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଉପଯୁକ୍ତ ନ୍ୟାୟ ପାଇଁ ଗତ ଜୁଲାଇରେ ସେ ଓଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ତାହିର ଖାନଙ୍କୁ ପଚାରିବାରୁ, ଉର୍ମିଳା ଜେନାଙ୍କ ଅଭିଯୋଗ ସଂକ୍ରାନ୍ତରେ ଓଏଚଆରସିରୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ଉର୍ମିଳା ଅନଲାଇନରେ ଆବେଦନ କରି ସିଏଲ୍‌ସି ଦାଖଲ କରିପାରି ନ ଥିବାରୁ ନାମ ଲେଖାଇ ପାରିନାହାନ୍ତି। ଆସନ୍ତାକାଲି ସୋମବାର ଏ ସଂକ୍ରାନ୍ତରେ ସେ ରିପୋର୍ଟ ଦାଖଲ କରିବେ ବୋଲି ଅଧ୍ୟକ୍ଷ ଖାନ୍ କହିଛନ୍ତି। ଏ ନେଇ ପାଟଣେଶ୍ୱରୀ ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।


Book for Marriage @1.5 Lakh package
* 7000 sqft. Marriage hall
* 25000 sqft. Lawn
* 8 nos. Room
THE WELCOME RESORT
At- Majhipali, Sason, Sambalpur
Mob:- 9937000050, 7008987076

## ଜିଲା ଟିଠି



### ଗଜପତି

### ପାରମ୍ପରିକ ହାଟ

ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ଜିଲାର ଆଦିବାସୀମାନେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହାଟରେ ବିକ୍ରି କରି ପରିବାର ଚଳାଇଥାନ୍ତି। ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ୩ ନଂ. ୱାର୍ଡ ହାଟପଦାରେ ଦୀର୍ଘବର୍ଷ ଧରି ପ୍ରତି ଶନିବାର ଏକ ପାରମ୍ପରିକ ହାଟ ବସିଥାଏ। ସେହି ହାଟ ଉପରେ ପାରଳାଖେମୁଣ୍ଡି ସହର ଏବଂ ତା'ର ଉପକଣ୍ଠ ରାଣୀପେଣ୍ଠ, ସିଙ୍ଗିପୁର, ପଦ୍ମପୁର, ଯାଜପୁର, କେରାଣ୍ଡି, ଡାଲିମ୍ବପୁର, ରାଟିଣୀ, ଅମରା, ଧାମୁଣିଗାଁ ଆଦି ବିଭିନ୍ନ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ତଥା ସୀମାନ୍ତ ଆନ୍ଧ୍ରପ୍ରଦେଶର ଅଧିକାଂଶ ଗ୍ରାମବାସୀ ନିର୍ଭର କରିଥାନ୍ତି। ସେହି ହାଟରେ ଜଙ୍ଗଲଜାତ ଦ୍ରବ୍ୟ ହରିଡ଼ା, ବାହାଡ଼ା, ଅଁଳା, ମାଣ୍ଡିଆ, ସୋରିଷ, ହଳଦୀ ସହ ବିଭିନ୍ନ ପନିପରିବା, ବାଉଁଶ ତିଆରି ସାମଗ୍ରୀ ଏବଂ ଆମିଷ ମଧ ବିକ୍ରି ହୋଇଥାଏ। ପାରମ୍ପରିକ ଜଙ୍ଗଲଜାତ ଦ୍ରବ୍ୟ କିଣିବା ପାଇଁ ଏହି ସାପ୍ତାହିକ ହାଟରେ ଭିଡ଼ ଜମେ। ସାଧାରଣ ଗ୍ରାହକଙ୍କ ସହିତ ବେପାରୀମାନେ ବି ଏହି ହାଟ ଉପରେ ନିର୍ଭର କରିଥାନ୍ତି। ମାତ୍ର ନାନା ଅବ୍ୟବସ୍ଥା ଓ ପ୍ରଶାସନିକ ଅବହେଳା ଯୋଗୁ ଏହି ହାଟ ତା'ର ପୂର୍ବ ମର୍ଯ୍ୟାଦା ହରାଇ ବସିଛି। ଆଗଭଳି ହାଟରେ ଆଉ ଭିଡ଼ ଜମୁନି। ଜିଲାର ଆଦିବାସୀ ଅଧ୍ୟୁଷିତ ଜିରାଙ୍ଗ, ଗୁମ୍ମା, ରାୟଗଡ଼ ଆଦି ଅଞ୍ଚଳରେ ମଧ ଛୋଟ ଛୋଟ ସାପ୍ତାହିକ ହାଟ ଚାଲିଛି। ତେବେ ଜିଲା ସଦର ମହକୁମାରେ ଚାଲିଥିବା ସେହି ବହୁ ପୁରାତନ ହାଟ ଅବହେଳିତ ଅବସ୍ଥାରେ ରହିଛି। ହାଟ ବ୍ୟବସାୟୀଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ମୌଳିକ ବ୍ୟବସ୍ଥା ନାହିଁ। ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ଚାହିଦା ଏବେ ବି ରହିଛି। ମାତ୍ର ପ୍ରଚାର ପ୍ରସାର ଅଭାବରୁ ହାଟ ପ୍ରତି ଗ୍ରାହକଙ୍କ ଆକର୍ଷଣ କମିବାରେ ଲାଗିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ହାଟର ଉନ୍ନତୀକରଣ ଏବଂ ବ୍ୟବସାୟୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି ହେଉଛି। ଏହାଦ୍ୱାରା ଜିଲାର ଏହି ଲୋକପ୍ରିୟ ହାଟ ତା'ର ପୁରୁଣା ପରିଚୟ ଫେରିପାଇବ ଏବଂ ପୁରାତନ ହାଟ ପରମ୍ପରା ବଞ୍ଚିରହିବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

– ରଶ୍ମିରଞ୍ଜନ ମିଶ୍ର

## ଆଜି କ'ଣ କେଉଁଠି

**ବୌଦ୍ଧ**
■ ରାଜ୍ୟସ୍ତରୀୟ ତିଲେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ, ଉଚ୍ଚ ବିଦ୍ୟାଳୟ ପଡିଆ ତିଲେଶ୍ୱର, ଅପରାହ୍ନ ୩ଟା ।

**ନୂଆପଡା**
■ ଗୁରୁକୁଳ ଆଶ୍ରମର ବାର୍ଷିକ ଉତ୍ସବର ଉଦ୍‌ଯାପନୀ, ହରିପୁର, ଅପରାହ୍ନ ୨ଟା ।

ଆର୍ଥିକ ଫାଇଦା କମ୍

# ଆଗେଇପାରୁନି ବୁଢ଼ାମୁରା-ଚକୁଳିଆ ରେଳଲାଇନ ପ୍ରକଳ୍ପ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

**ଉତ୍ତର ରଖିଲା ରେଳ ମନ୍ତ୍ରଣାଳୟ**

ରୂପ୍‌ସା - ବାଙ୍ଗିରିପୋଷି(୯୦ କି.ମି.) ରେଳ ଲାଇନ ଗଜ୍ କନ୍‌ଭରସନ୍(ଜିସି)ର ଏକ ଅଂଶ ସ୍ୱରୂପ ମୟୂରଭଞ୍ଜସ୍ଥିତ ବୁଢ଼ାମୁରା-ଚକୁଳିଆ(ଝାଡ଼ଖଣ୍ଡ) ୫୦ କି.ମି.ର ନୂଆ ରେଳଲାଇନକୁ ରେଳବାଇ ପକ୍ଷରୁ ଅନୁମୋଦନ ମିଳିଛି। ରୂପସା-ବାଙ୍ଗିରୀପୋଷୀ ଲାଇନ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକାରୀ ହେଲାଣି। ହେଲେ ବୁଢାମୁରା-ଚକୁଳିଆ ପ୍ରକଳ୍ପକୁ ଆର୍ଥିକ ଦୃଷ୍ଟିରୁ ଉପଯୁକ୍ତ ମନେ କରାଯାଇନାହିଁ ବୋଲି ରେଳ ବିକାଶ ନିଗମ ଲି୍‌(ଆରଭିଏନ୍‌ଏଲ୍) ପକ୍ଷରୁ କୁହାଯାଇଛି। ଏ ସବୁ ସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ ନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଦ୍ୱାରା ଗତ ୧୩ ତାରିଖରେ ପଚରା ଯାଇଥିବା ଏକ ଅଣତାରକା ପ୍ରଶ୍ନ ନଂ.୨୯୯୭ର ଉତ୍ତର ଦେଇ ରେଳମନ୍ତ୍ରୀ ପୀୟୂଷ ଗୋଏଲ ଉପରୋକ୍ତ ତଥ୍ୟ ଦେଇଛନ୍ତି।

ବୁଢ଼ାମୁରା-ଚକୁଳିଆ ପ୍ରକଳ୍ପକୁ ମୋଟ୍ ବଜେଟ ସହାୟତା ଅଧୀନରେ ବିଚାର କରିବା ପାଇଁ ଚିନ୍ତା କରୁଛନ୍ତି। ସେହିପରି ଜୋନାଲ ରେଲ୍‌ୱେକୁ ଏ ସମ୍ବନ୍ଧୀୟ ଏକ ପୂର୍ଣ୍ଣାଙ୍ଗ ଅଟକଳ ପ୍ରସ୍ତୁତ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ସେହିଭଳି ଆର୍ଥିକ ବର୍ଷ ୨୦୧୫-୧୬ରୁ ବାଙ୍ଗିରିପୋଷି ଏବଂ ଗୋରୁମହିଷାଣୀ(୪୨ କି.ମି.) ରେଳ ପ୍ରକଳ୍ପ ପାଇଁ ସର୍ବେକ୍ଷଣ ସମାପ୍ତ ହୋଇଛି। ଏହି ସର୍ବେକ୍ଷଣ ରିପୋର୍ଟ ରେଲୱେ ବୋର୍ଡ ଦ୍ୱାରା ମଧ ଯାଞ୍ଚ କରାଯାଇଛି। ହେଲେ ଆର୍ଥିକ ଦିଗ, ଅନ୍ୟାନ୍ୟ ବୃହତ୍ ପ୍ରକଳ୍ପ ଇତ୍ୟାଦି ଜାରି ରହିଥିବାରୁ ଏହାର କାର୍ଯ୍ୟକୁ ଆଗକୁ ନିଆଯାଇପାରୁନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଉଲ୍ଲେଖ କରାଯାଇଛି। ସେହିପରି ୨୦୧୮-୧୯ରେ ସର୍ବେକ୍ଷଣକୁ ପୁନର୍ବାର ଅପଡ଼ୁଟେଟ୍ କରାଯାଇ ପ୍ରଶାସନିକସ୍ତରୀୟ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

# ନନ୍ଦନକାନନ: ୫ ଏନ୍‌କ୍ଲୋଜର ଲୋକାର୍ପଣ

**ବାରଙ୍ଗ,୨୯।୧୨(ଡି.ଏନ.ଏ)**



ପ୍ରତିଷ୍ଠା ଦିବସ ପାଳନ ଅବସରରେ

**୬୦ତମ ପ୍ରତିଷ୍ଠା ଦିବସ**
■ ପ୍ରାଣୀ ବିଜ୍ଞାନ ଆପ୍ ଉନ୍ମୋଚିତ
■ ୩ ମାସରେ ଶିଶୁ ରେଳ ଗାଡ଼ି, ୨୦୨୦ ଶେଷ ସୁଦ୍ଧା ଚାଲିବ ରୋପ୍‌ୱେ

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ରବିବାର ୬୦ ପୂରି ୬୧ ବର୍ଷରେ ପଦାର୍ପଣ କରିଛି। ଏ ନେଇ ନନ୍ଦନକାନନ ତା'ର ୬୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ୬୦ବର୍ଷ ମଧ୍ୟରେ ବହୁ ଜୀବଜନ୍ତୁ ହରାଇଛି ସତ କିନ୍ତୁ କଳାଲୋମଯୁକ୍ତ ବାଘଛୁଆ ଜନ୍ମ କରି ଅନ୍ୟ ଚିଡିଆଖାନା ପାଇଁ ଉଦାହରଣ ସୃଷ୍ଟି କରିବାରେ ନନ୍ଦନକାନନ ସକ୍ଷମ ହୋଇପାରିଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ପାଇଁ ନୂଆ ଭେଟି ଦେଉଥିବା ନନ୍ଦନକାନନ ଏଥର ପ୍ରତିଷ୍ଠା ଦିବସରେ ୫ଟି ନୂଆ ଏନକ୍ଲୋଜର ଲୋକାର୍ପଣ କରିଛି। ତାହା ହେଲା କଳାଲୋମଯୁକ୍ତ ବାଘଛୁଆ, ଧୂସର ଗଧିଆ, କାପୁଚିନ, ନାଲିହାତିଆ ତାମାରିନ ଓ ଗୁଣ୍ଡୁଚି ମାଙ୍କଡ଼।

ଏହି ଅବସରରେ ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲଙ୍କ ସଭାପତିତ୍ୱରେ ନନ୍ଦନକାନନ ପରିସରରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଡ.ହରିଶଙ୍କର ଉପାଧାୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେବା ପରେ ଅତିଥିମାନେ ୫ଟି ଏନ୍‌କ୍ଲୋଜର ଉଦ୍‌ଘାଟନ କରିଥିଲେ। ବିଧାୟକ ରାଉତରାୟ ଅଣ୍ଡିରା ବାଘଛୁଆଦ୍ୱୟଙ୍କ ନାମ ବସୁ ଓ ସ୍ପନ୍ଦନ ରଖିବା ପରେ ମା' ରେଣୁକା ସହ ଛୁଆଦ୍ୱୟଙ୍କୁ ୩୩ଏ ଏନକ୍ଲୋଜରରେ ଛଡାଯାଇଥିଲା। ଏହି ଅବସରରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନର ୧୯ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆକରି ପ୍ରକୃତି ଏବଂ ପ୍ରାଣୀବିଜ୍ଞାନ ଆପ୍, ବାର୍ଷିକ ପୁସ୍ତିକା ଓ କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୧୦୮୭ ବର୍ଗମିଟର ପରିମିତ ଜାଗାରେ ୫୩.୮୪ ଲକ୍ଷ ଟଙ୍କାର ବ୍ୟୟବରାଦରେ ନିର୍ମିତ ଏନକ୍ଲୋଜରରେ ଏକ ମାଈ ଧୂସର ଗଧିଆକୁ ଛଡାଯାଇଥିଲା। ସେହିଭଳି ୨୦ଲକ୍ଷ ଟଙ୍କାର ବ୍ୟୟରେ ୨୮୧.୨୫ ବର୍ଗମିଟର ଜାଗାରେ ନିର୍ମିତ ୩ଟି ଏନକ୍ଲୋଜରରେ କାପୁଚିନ, ନାଲିହାତିଆ ତାମାରିନ, ଗୁଣ୍ଡୁଚିମାଙ୍କଡକୁ ରଖାଯାଇଛି। ୨୨ ଡିସେମ୍ବର ୨୦୧୮ରେ ସମ୍ରାଟ ଓ ରେଣୁକାର ଔରସରୁ ଜନ୍ମ କରିଥିବା ଦୁଇଟି କଳାଲୋମଯୁକ୍ତ ବାଘଛୁଆଙ୍କୁ ନବନିର୍ମିତ ୩୩ଏ ଏନକ୍ଲେଜରରେ ଛଡାଯାଇଥିଲା। ଏହାସହ ନନ୍ଦନକାନନରେ ସିଂହ ସଂଖ୍ୟା ବୃଦ୍ଧି ପାଇଁ ଯୋଜନା ଚାଲିଥିବାବେଳେ ସିଂହ ପ୍ରଜନନ କେନ୍ଦ୍ର ଖୋଲିବ ବୋଲି ମୁଖ୍ୟ ବନ ସଂରକ୍ଷକ ଉପାଧାୟ କହିଥିଲେ। ୧୧ଟି ପଶୁପକ୍ଷୀକୁ ନେଇ ଆରମ୍ଭ ହୋଇଥିବା ନନ୍ଦନକାନନରେ ଏବେ ୧୫୮ପ୍ରଜାତିର ୩୬୦୦ଟି ପଶୁପକ୍ଷୀ ଅଛନ୍ତି। ଚଳିତବର୍ଷ ୬୦ଟି ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଥିବାବେଳେ ୨୫୮ ଜନ୍ମ ହୋଇଛନ୍ତି। ବଂଶ ଲୋପ ପାଇଯାଉଥିବା ପଶୁପକ୍ଷୀଙ୍କୁ ଆଣିବା ପାଇଁ କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟ, ଇନ୍ଦୋର, ରାଜସ୍ଥାନ ଆଦି ଚିଡିଆଖାନା ସହ କଥାବାର୍ତ୍ତା ଚାଲିଛି। ସେଠାରୁ ଚିତାବାଘ, ଗଣ୍ଡା, ଜେବ୍ରା ଆଦି ପଶୁପକ୍ଷୀ ଆସିବେ। ଏହାସହ ୩ ମାସରେ ଶିଶୁ ରେଳଗାଡି ଓ ୨୦୨୦ ଶେଷସୁଦ୍ଧା ରୋପୱେ ଚାଲିବ ବୋଲି ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ କହିଛନ୍ତି।

# ୯ କିଲୋ ଗଞ୍ଜେଇ ସହ କାର ଜବତ

**ରାଉରକେଲା ଅଫିସ,୨୯।୧୨**

ଗୋପବନ୍ଧୁପାଲ୍ଲୀ ରାସ୍ତା ବିଏସଏନଏଲ ଛକରୁ ପ୍ଲାଂଟସାଇଟ ପୋଲିସ ପକ୍ଷରୁ ୯କିଲୋ ଗଞ୍ଜେଇ ସହ ଏକ କାର ଜବତ କରାଯାଇଛି। ଏଏସପି ଏସ. ସୁଶ୍ରୀଙ୍କ ନେତୃତ୍ୱରେ ଶନିବାର ଅପରାହ୍ନରେ ଏକ ପୋଲିସ ଟିମ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଘଟଣା ସ୍ଥଳରେ ଚଢାଉ କରିଥିଲେ। ଏହି ଅବସରରେ ଅପରାଧ ପୃଷ୍ଠଭୂମି ରହିଥିବା ୩ ଜଣଙ୍କୁ ଗଞ୍ଜେଇ କାରବାର ଅଭିଯୋଗରେ ଗିରଫ କରାଯାଇ ଥିଲା। ଏମାନେ ହେଲେ ରେଲୱେ କଲୋନୀ ବାସିନ୍ଦା ସୁରଜ କୁମାର(୨୩), ବିହାର ଅଞ୍ଚଳର ନରେଶ ରାମ(୨୦) ଓ ପ୍ଲାଂଟସାଇଟ ଅଂଚଳର ସୁରଜ ମହାତୋ(୧୯)। ଏମାନଙ୍କ ଠାରୁ ଏକ କାର ନଂ ଓଡି୧୪ଏସ ୩୫୦୬ ସହ ୯.୧୭୦ କିଲୋ ଗଂଜେଇ ଭର୍ତ୍ତି ବ୍ୟାଗ, ୩ଟି ମୋବାଇଲ ଓ ନଗଦ ୫ହଜାର ୨ଶହ ଜବତ କରାଯାଇଛି। ଏନେଇ ମାମଲା ନଂ. ୪୨୪/ ୨୦୧୯ ଏନଡିପିଏସ ଆକ୍ଟ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ନାମରେ ପ୍ଲାଂଟସାଇଟ ଥାନାରେ ଏକାଧିକ ମାମଲା ରହିଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସପି କେ ଶିବା ସୁବ୍ରମଣି ସୂଚନା ପ୍ରଦାନ କରିଥିଲେ।

# ଅବସର ପରେ

ଭାରତବର୍ଷରେ କୌଣସି ବ୍ୟକ୍ତି ପଦପଦବୀ ହାସଲ କଲା ପରେ ତାଙ୍କ ଦୃଷ୍ଟି ଅବସର ପରବର୍ତ୍ତୀ ସମୟ ଉପରେ ପଡ଼ିଥାଏ। ସେଥିପାଇଁ ଅନେକ ନ୍ୟାୟାଧୀଶ ନିଜ କର୍ମମୟ ଜୀବନ ଭିତରେ ସେହି ସମୟର ସରକାରଙ୍କୁ ସୁହାଇଲା ଭଳି ରାୟ ଦେଇ କ୍ଷମତାର ନିକଟତର ହେବା ଲାଗି ଚେଷ୍ଟା କରିଥାଆନ୍ତି। ତାହାର ଉଦାହରଣ ମଧ୍ୟ ଯଥେଷ୍ଟ ରହିଛି। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଚାକିରିରୁ ଅବସର ନେବା ପରେ ତାଙ୍କୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଅଧ୍ୟକ୍ଷ କରାଯାଇଥିଲା। ତାଙ୍କର ଏହି ପଦବୀ ଲାଭ କରିବା ପଛରେ ରହସ୍ୟ ଥିଲା ଯେ, ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ସପକ୍ଷରେ ଥିବା ଏସ୍‌ସି/ଏସ୍‌ଟି ପ୍ରିଭେନଶନ ଅଫ୍ ଆଟ୍ରୋସିଟିଜ୍ ଆକ୍ଟ ଅର୍ଥାତ୍ ସେମାନଙ୍କ ବିରୋଧରେ ହେଉଥିବା କାର୍ଯ୍ୟକୁ ପ୍ରତିରୋଧ କରିବା ଆଇନକୁ ଗୋଏଲ ସମ୍ପୂର୍ଣ୍ଣ ଭାବେ ପାଣିଚିଆ କରିଦେଇଥିଲେ। ଗୋଏଲଙ୍କ ଏହି ଦଳିତ ବିରୋଧୀ ମନୋଭାବ ଯୋଗୁ ତାଙ୍କ ଅବସର ପରେ ମୋଦି ସରକାର ତାଙ୍କୁ ଉପାଧି ଦେଲା ଭଳି ଏନ୍‌ଜିଟିରେ ଅବସ୍ଥାପିତ କରିଥିଲେ। ସେହିଭଳି ଜଷ୍ଟିସ ଏ.କେ. ସିକ୍ରି ତାଙ୍କ କାର୍ଯ୍ୟକାଳ ବେଳେ ସରକାରଙ୍କଠାରୁ ଅବସର ପରବର୍ତ୍ତୀ ଦାୟିତ୍ୱ ଗ୍ରହଣ କରିନେଲେ। ଗଣମାଧ୍ୟମରେ ସେ ସମ୍ପର୍କରେ ଆଲୋଚନା ହେବା ଯୋଗୁ ଜଷ୍ଟିସ ସିକ୍ରି ସେହି ପଦବୀକୁ ଗ୍ରହଣ କଲେ ନାହିଁ। ଅନୁରୂପ ଭାବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଥିବା ପି. ସଥାସିଭମ୍‌ଙ୍କୁ ଏକ ରାୟ ପାଇଁ ତାଙ୍କୁ କେରଳର ରାଜ୍ୟପାଳ ପଦବୀ ମିଳିଥିଲା। ପୁଣି ଦେଖିଲେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ସୁନୀଲ ଗୌର ସମ୍ଭବତଃ ତାଙ୍କ ଶେଷ ରାୟରେ ପୂର୍ବତନ କଂଗ୍ରେସ ମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଆଗୁଆ ଜାମିନ ଖାରଜ କରିଦେଇଥିବାରୁ ତାଙ୍କୁ ପୁରସ୍କାର ଆକାରରେ ଆପିଲେଟ ଟ୍ରିବ୍ୟୁନାଲ ଫର୍ ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂର ଅଧ୍ୟକ୍ଷ ପଦବୀ ଦିଆଯାଇଥିଲା।

ଏସବୁ କେବଳ ମୋଦି ସରକାରଙ୍କ ସମୟରେ ନୁହେଁ, ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଏହିଭଳି ଅନିୟମିତତା ଲାଗି ରହିଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ସମ୍ଭବତଃ ଏପରି ପଦବୀ ମଣ୍ଡନ କରିବା ସକାଶେ ଜଷ୍ଟିସ ଏମ୍.ସି. ଚଗଲା ପ୍ରଥମ ପାଦ ପକାଇଥିଲେ। ସରକାରଙ୍କ ସପକ୍ଷରେ ରାୟ ଦେଇଥିବାରୁ ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ ୧୯୫୮ରୁ ୧୯୬୧ ପର୍ଯ୍ୟନ୍ତ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦାୟିତ୍ୱ ଦେଇଥିଲେ। କେବଳ ବିଚାରପତି ନୁହନ୍ତି, ଆଇଏଏସ୍ ଓ ଆଇପିଏସ୍ ଅଫିସରମାନେ ମଧ୍ୟ ଅନିୟମିତତା ବା ବେଆଇନ କାର୍ଯ୍ୟ କରି ସେହି ସମୟର ସରକାରଙ୍କୁ ଯଦି ଖୁସି କରିପାରିଲେ, ସେମାନଙ୍କୁ ବଡ଼ଧରଣର ଉପାଧି ମିଳୁଥିବାର ଦେଶବାସୀ ଜାଣିଛନ୍ତି।

ଭାରତ ଏଭଳି ଏକ ଲଜ୍ଜାଶୀଳ ଦେଶରେ ପରିଣତ ହେଲାଣି ଯେ ଦେଶର କ୍ଷତି ଘଟାଇବାକୁ କେହି ପଛାଉ ନାହାନ୍ତି। ଅନିୟମିତତା ଘଟାଉଥିବା କ୍ଷମତାସୀନ ବ୍ୟକ୍ତିମାନଙ୍କୁ କୌଣସି ନିନ୍ଦା କିମ୍ବା ଅପମାନ ଦିଆଯାଉ ନ ଥିବାରୁ ସେମାନଙ୍କ ସାହସ ବଢ଼ିବାରେ ଲାଗିଛି। ଏଠାରେ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ରହିଥିବା ବିନୋଦ ରାଏଙ୍କ କଥା ମନେପଡ଼େ। ଉପା ସରକାର ସମୟରେ କୋଇଲା ଦୁର୍ନୀତି ଓ ୨ଜି ସ୍କାମ୍ ଯୋଗୁ ସମଗ୍ର ଦେଶକୁ କ୍ଷତି ଘଟିଛି ବୋଲି ରିପୋର୍ଟ ଦେଇ ବିନୋଦ ପ୍ରଶଂସାର ପାତ୍ର ହୋଇଥିଲେ। ପରବର୍ତ୍ତୀ ସମୟରେ ସେହିସବୁ ମାମଲା ଯେତେବେଳେ ବିଚାର ହେଲା, ସେତେବେଳେ ଅଦାଲତଙ୍କ ରାୟରୁ ଜଣାପଡ଼ିଲା ଯେ ସିଏଜି ରିପୋର୍ଟ ତ୍ରୁଟିପୂର୍ଣ୍ଣ ଓ ବିଭ୍ରାନ୍ତିକର ଥିଲା। ତେବେ ୨୦୧୬ରେ ବିନୋଦଙ୍କୁ ବ୍ୟାଙ୍କସ ବୋର୍ଡ ବ୍ୟୁରୋ (ବିବିବି)ର ପ୍ରଥମ ଅଧ୍ୟକ୍ଷ କରାଯାଇଥିଲା। ସେହିଭଳି ଉପା-୨ ସମୟରେ ତତ୍କାଳୀନ ସ୍ଥଳସେନା ମୁଖ୍ୟ ଥିବା ଭି.କେ. ସିଂ ସରକାର ବିରୋଧରେ ମତ ଦେଲେ ଏବଂ ଗୁଜବ ହେଲା ଯେ ଆର୍ମିର କେତେକ ୟୁନିଟ୍‌କୁ ଦିଲ୍ଲୀ ଉପରେ ଚଢ଼ାଉ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ତା' ପରେ ତାଙ୍କୁ ଏନ୍‌ଡିଏ ସରକାରରେ ମନ୍ତ୍ରୀ କରାଗଲା।

ସଦ୍ୟ ଘଟଣାକୁ ଦେଖିଲେ ବର୍ତ୍ତମାନର ସ୍ଥଳସେନା ମୁଖ୍ୟ ବିପିନ୍ ରାୱତ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଇଥିବା ମନ୍ତବ୍ୟ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସିଏଏକୁ ବିରୋଧ କରିବା ଲାଗି ଯୁବବର୍ଗଙ୍କୁ ଭୁଲ ରାସ୍ତା ଦେଖାଉଥିବା ବ୍ୟକ୍ତି ନେତା ନୁହନ୍ତି ବୋଲି ସେନାଧ୍ୟକ୍ଷ କହିଥିଲେ। ତାଙ୍କର ଏଭଳି କହିବା ପଛରେ ସ୍ୱାର୍ଥ ରହିଥିବା ବୁଝାପଡ଼ିଯାଉଛି। ୨୪ ଡିସେମ୍ବରରେ କେନ୍ଦ୍ର କ୍ୟାବିନେଟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦବୀକୁ ମଞ୍ଜୁରୀ ଦେଇଥିଲେ। ତେଣୁ ଏଭଳି ଗୁରୁତ୍ୱପୂର୍ଣ୍ଣ ମିଲିଟାରୀ ପଦବୀରେ ରାୱତଙ୍କୁ ଅବସ୍ଥାପିତ କରାଯିବାର ସମ୍ଭାବନା ଥିବାରୁ ସେନାଧ୍ୟକ୍ଷ ସରକାରଙ୍କ ସପକ୍ଷବାଦୀ ମନ୍ତବ୍ୟ ଦେବାକୁ ଆଗେଇ ଆସିଥିବା ଆଲୋଚନା ହେଉଛି। ଅନେକେ ତାଙ୍କୁ ସମାଲୋଚନା କରିବାକୁ ଯାଇ ସରକାରଙ୍କ ଦ୍ୱାରା ଦେଖାଇ ଦିଆଯାଇଥିବା ଲୋଭରେ ପଡ଼ି ଏପରି କହିଥିବା ଅଭିଯୋଗ କରିଛନ୍ତି। ବାସ୍ତବରେ ୟୁନିଫର୍ମରେ ଥିବା ବ୍ୟକ୍ତିମାନେ ନିରପେକ୍ଷ ରହିବା କଥା। କିନ୍ତୁ ଅବସର ପରବର୍ତ୍ତୀ ଲୋଭ ଅନେକଙ୍କୁ ଭୁଲ କାର୍ଯ୍ୟ କରାଇ ଦେଉଛି।

## ଚିରନ୍ତନୀ

ପାସୋରି ଦିଏ ନିଜକୁ ଶଶି
ନିଜକୁ ଭୁଲେ ଏ ବିଲ ଗ୍ରାମ
ନିଜକୁ ଭୁଲି ସଜଳ ନଦୀ
ଚଳେ ଅଜ୍ଞାତେ ନାହିଁ ବିଶ୍ରାମ।
(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | | | | | | 2 | | | 4 | B | | | 9 |
| | | | | C | B | E | | | 8 | 1 | 9 | | | A |
| | | 2 | | | | | 7 | 9 | 6 | | | | | |
| | | | | | 9 | 5 | | A | 3 | | | D | 8 | 4 |
| D | | | | | | | B | | | | A | C | | |
| | | 5 | | 1 | E | | | | C | | | 8 | | |
| | | | | | 2 | | E | 0 | A | | 4 | 9 | | B |
| A | | | 5 | D | | | | | | | | | | |
| B | | | | | | | | 8 | D | | | | | |
| | 4 | C | | | | | A | 1 | | 3 | E | 0 | | D |
| 3 | | E | | | 7 | | | | | | | 2 | 0 | |
| | | | | | 8 | 6 | | B | 7 | | | 1 | | |
| | | 7 | E | | | | 8 | | 1 | | | | | |
| | | | 9 | A | | | | | 4 | C | 3 | | | E |
| 2 | A | | B | | 5 | 1 | | | 9 | | | | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | 1 | 9 | 6 | 7 | 8 | 4 | 0 | 2 | A | B | C | E | D |
| 8 | B | A | 4 | E | C | 7 | D | 3 | 6 | 5 | 1 | 0 | 2 | 9 |
| 2 | C | E | 5 | 0 | 1 | 9 | A | B | 3 | 4 | D | 8 | 7 | 6 |
| 7 | D | 6 | 3 | 8 | A | 1 | 2 | E | 9 | 0 | C | B | 5 | 4 |
| 0 | 4 | 9 | D | B | 2 | C | 5 | 6 | 8 | E | 7 | 3 | A | 1 |
| 1 | 6 | D | 2 | A | 0 | E | B | 4 | 7 | 3 | 8 | 5 | 9 | C |
| 4 | 8 | B | 1 | 9 | 5 | A | 3 | C | E | D | 6 | 7 | 0 | 2 |
| 3 | 7 | 5 | B | D | E | 6 | 8 | 9 | 0 | C | 2 | 4 | 1 | A |
| E | A | C | 7 | 3 | 8 | 5 | 0 | 2 | 1 | 9 | 4 | 6 | D | B |
| 9 | 0 | 2 | C | 4 | 6 | D | 1 | 7 | 5 | B | A | E | 8 | 3 |
| 6 | 1 | 0 | A | 7 | 9 | 4 | C | 8 | B | 2 | 5 | D | 3 | E |
| D | 5 | 7 | 0 | 2 | 4 | B | E | A | C | 1 | 3 | 9 | 6 | 8 |
| B | 9 | 4 | 8 | 1 | 3 | 0 | 7 | D | A | 6 | E | 2 | C | 5 |
| A | 2 | 8 | E | C | B | 3 | 6 | 5 | D | 7 | 9 | 1 | 4 | 0 |
| C | E | 3 | 6 | 5 | D | 2 | 9 | 1 | 4 | 8 | 0 | A | B | 7 |

ଗତକାଲିର ଉତ୍ତର

# ଝିଅର ନଖ ଓ ଦାନ୍ତ



ସୌମ୍ୟା ସାରସ୍ୱତା ପଣ୍ଡା

ଝିଅଟା ଏତେ ବେଳ ଯାଏ ଆସିନି! କହୁଥିଲି, ତାକୁ ଜୁଡୋ-କରାଟେ ଶିଖେଇବା। ଦରକାର ବେଳେ କାମରେ ଆସିବ। ବ୍ୟସ୍ତ ହୋଇ ସୁମତି ଦାଣ୍ଡବାରି ହେଉଥାନ୍ତି। ଘରପିନ୍ଧା ପୋଷାକ ପିନ୍ଧି ସ୍ଲିପର ହଳକ ଗୋଡ଼ରେ ଗଳେଇ ଆୟୁଷୀର ବାପା ଗେଟ୍ ଖୋଲି ରାସ୍ତା ଉପରେ ଠିଆ ହୋଇଥାନ୍ତି। ମଝିରେ ମଝିରେ ଗାର୍ଡେନ୍ ଚେୟାରରେ ବସି ଯାଉଥାନ୍ତି। ଏମିତି ଘଣ୍ଟାଏ ବିତିଗଲା। ସେଇ ପୋଷାକରେ ଗାଡ଼ି ଧରି ବାହାରିଲେ ଆୟୁଷୀର ବାପା। ଅଳ୍ପ ବାଟ ଯାଇଛନ୍ତି କି ନାହିଁ, ରାସ୍ତାର ନିଅନ୍ ଲାଇଟ୍‌ରେ ଦେଖିଲେ ଆୟୁଷୀ ସ୍କୁଟି ଧରି ଫେରୁଛି। ସେଇଠୁ ଗାଡ଼ି ବୁଲେଇ ଘରକୁ ଫେରିଲେ। ଆଗେ ଝିଅ ଯାଇ ଘରେ ପହଞ୍ଚିଲା। ସୁମତିଦେବୀ ଝିଅକୁ ଦେଖି କୋଟିନିଧି ପାଇଗଲେ। ହେଲେ ତାଗିଦ୍ କରି ପଚାରିଲେ- କୁଆଡ଼େ ଯାଇଥିଲୁ, ଏତେବେଳ ଯାଏ! ଜାଣିଛୁ, ମୁଁ କେତେ ବ୍ୟସ୍ତ ହୋଇ ପଡ଼ିଥିଲି। ତୋ ବାପା ଏଇନେ ତୋତେ ଖୋଜିବାକୁ ବାହାରି ଗଲେ।

କିଛି ସମୟ ସାଙ୍ଗମାନଙ୍କ ସହିତ ପାର୍କରେ ବସି ଯାଇଥିଲି। ପରୀକ୍ଷା ତ ଆହୁରି ଅନେକ ଦିନ ଅଛି, ସେଥିପାଇଁ- ମା'କୁ ଉତ୍ତର ଦେଲା ଆୟୁଷୀ।

ହେଲେ ..., କହି ଅଟକିଗଲେ ସୁମତି।

ଝିଅ ତାଙ୍କର ଭାଷଣ ଦେବା ଆରମ୍ଭ କରିଦେଲା- ତୁମେ କ'ଣ ହାଇଦ୍ରାବାଦ ଘଟଣାକୁ ନେଇ ଭୟଭୀତ କି? କାଲେ ମୋ ସାଙ୍ଗରେ ସେମିତି ଘଟିବ। ମୋତେ ତ ଲାଗେ ନିଜର ବୋକାମି ଆଉ ଉପସ୍ଥିତ ବୁଦ୍ଧିର ଅଭାବ ଓ ଜ୍ଞାନକୌଶଳକୁ ଉପଯୋଗ କରିବାର ଅପାରଗତା କି ଅନିଚ୍ଛା ଯୋଗୁ ଆମେ ଏମିତି ରାକ୍ଷସମାନଙ୍କ କବଳରେ ପଡୁ ଆଉ ବେଳେ ବେଳେ ନିଜର ଜୀବନ ମଧ୍ୟ ଦେଉ।

ବାହାରୁ ବାପା ଆସୁଥିବା ଦେଖି ଚୁପ୍ ହୋଇଗଲେ ମା', ଝିଅ। ଝିଅର କଥା କିନ୍ତୁ ଠିକ୍ ଶୁଣିଥିଲେ ଆୟୁଷୀର ବାପା। ଝିଅର କଥା ଉପରେ ସେ ବିଚାର କରିବା ଆରମ୍ଭ କରିଦେଲେ। ପୁଣି ଇଣ୍ଟରନେଟ୍ ଖୋଲି ସେଇ କେସ୍‌ର ଆମୂଳଚୂଳ ପଢ଼ିଲେ। ତାଙ୍କୁ ନିଜ ଝିଅ କଥାରେ କିଛି ଦମ୍ ରହିଥିବା ଭଳି ଅନୁଭବ ହେଲା। ରାତିରେ ଦୂରକୁ ଯିବାର ଅଛି ଜାଣି ମଧ୍ୟ ସେ ଝିଅ ସ୍କୁଟି ନେଇ ଏକା ଯିବା, ଗାଡ଼ିକୁ ଟୋଲଗେଟ୍ ପାଖରେ ରଖି ଯିବା, ରାତି ୯ଟା ପରେ ଗାଡ଼ି ପାଖେ ପହଞ୍ଚିବା, ସେଇଠି ନିଜ ଗାଡ଼ିର ଚକା ପଙ୍କଚର ହୋଇ ଯାଇଛି ଦେଖି ମନରେ କିଛି ସନ୍ଦେହ ନ କରିବା, ତା'ପରେ ଯେଉଁମାନେ ତା' ଗାଡ଼ି ସଜାଡ଼ି ଦେବା ପାଇଁ ପ୍ରସ୍ତାବ ଦେଇଥିଲେ, ସେମାନଙ୍କ ମୁହଁର ଗନ୍ଧ କି ଭାବଭଙ୍ଗୀକୁ ଠଉରାଇ ନ ପାରିବା (ସେମାନେ ମଦ ପିଇଥିଲେ ବୋଲି ପରୀକ୍ଷାରୁ ଜଣାପଡ଼ିଛି) କିମ୍ବା ଜାଣିପାରି ମଧ୍ୟ ଆଉ କୌଣସି ବାଟ ନ ଥିବା ଭଳି ସେମାନଙ୍କ ସାହାଯ୍ୟ ନେବା, ତା'ଠାରୁ ଗାଡ଼ି ନେଇ ମେକାନିକ୍ ପାଖକୁ ଯିବା, ପୁଣି ଆସିବା, ଏତେ ସମୟ ଭିତରେ ଭଉଣୀକୁ ଫୋନ୍ କରି ଡର ଲାଗୁଛି କହିବା- ଏସବୁ ଭିତରେ କେମିତି ଅଡୁଆ ତଡୁଆ ହୋଇ ଯାଉଥିଲା ତାଙ୍କ ମୁଣ୍ଡ। ସେ ଭାବୁଥିଲେ ଝିଅଟି କିଛି ପରିମାଣରେ ବିପଦର ଆଭାସ ପାଇଥିଲା ନିଶ୍ଚୟ। ଆଉ ଯଦି ପାଇଥିଲା, ତା'ହେଲେ ସେ ଏମିତି କାହିଁକି କଲା? ଗାଉଁଲି ଝିଅ ହୋଇଥିଲେ ଅଲଗା କଥା। ଏ ଝିଅ ତ ଉଚ୍ଚଶିକ୍ଷିତା, ଚାକିରି କରିଥିଲା। ହାତରେ ତ ତା'ର ନିଶ୍ଚୟ ଦାମିକା ଆଣ୍ଡ୍ରଏଡ୍ ଫୋନ୍ ଥିବ, ଯାହାର ଉପଯୋଗ ସେ କରି ପାରିଥାନ୍ତା। ଏହା ସତ୍ତ୍ୱେ ପୋଲିସକୁ ଫୋନ୍ ନ କରିବା କି ମୋବାଇଲ ଜ୍ଞାନକୌଶଳର ଉପଯୋଗ ନ କରିବା, ଗାଡ଼ି ତୁଳନାରେ ନିଜ ଜୀବନର ମୂଲ୍ୟ ଅଧିକ ଭାବି ଗାଡ଼ିକୁ ଟୋଲଗେଟ୍‌ରେ ରଖିଦେଇ ଟ୍ୟାକ୍ସି ଡାକି ଘରକୁ ଫେରିବା କଥା ଚିନ୍ତା ନ କରିବା ଭଳି କିଛି ତ୍ରୁଟି ଯେ ସେ ଝିଅ ତରଫରୁ ନ ହୋଇଛି, ତାକୁ ସମ୍ପୂର୍ଣ୍ଣ ଏଡ଼େଇଦେଇ ହେବ କି? ଯେଉଁ ତିରିଶ ମିନିଟ୍ ଭିତରେ ସେମାନେ ଝିଅଟିର ଜୀବନ ସହ ଖେଳ ଖେଳିଦେଲେ, ସେତିକି ସମୟ ଭିତରେ ସେ ଝିଅ ନିଜକୁ ରକ୍ଷା କରି ପାରିଥାନ୍ତା ବୋଧହୁଏ।

ବଳାତ୍କାରୀଙ୍କ ସହିତ ପୋଲିସ ଯାହା ଠିକ୍ ଭାବିଛି, କରିଛି। କିନ୍ତୁ ସେ ଝିଅଟି ଆଉ ଫେରି ଆସିବ କି? ଏବେ ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି। ଜୁଡୋ, କରାଟେ ଭଳି ମାର୍ଶାଲ ଆର୍ଟ ଶିଖିବା ସହିତ ପାଖରେ ପିପର ସ୍ପ୍ରେ ରଖିବାକୁ କୁହାଯାଉଛି। ଏବେ ତ ସରକାର ଝିଅମାନଙ୍କୁ ନିଜର ସୁରକ୍ଷା ପାଇଁ ପାଖରେ ମାରଣାସ୍ତ୍ର ରଖିବାକୁ ଅନୁମତି ଦେଲେଣି। ନାନା ବାଟରେ ସେମାନଙ୍କୁ ଆତ୍ମସୁରକ୍ଷା ଶିକ୍ଷା ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ ହେଉଛି। କିନ୍ତୁ ବଳାତ୍କାରର ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଣବଳାତ୍କାର ସାଙ୍ଗକୁ ହତ୍ୟା କରିବା ପାଇଁ ପଛାଉ ନାହାନ୍ତି ଅପରାଧୀ। ଓଡ଼ିଶାରେ ୧୯୯୪ରେ ବାରିପଦାର ଲକ୍ଷ୍ମଣ ନାୟକଙ୍କୁ ନିଜ ଝିଆରୀକୁ ବଳାତ୍କାରକରି ହତ୍ୟା କରିଥିବା ଅପରାଧ ପାଇଁ ବ୍ରହ୍ମପୁର ଜେଲରେ ଫାଶୀ ଦିଆଯାଇଥିଲା। ସେହିଭଳି ଧନଞ୍ଜୟଙ୍କୁ ମଧ୍ୟ ଫାଶୀ ମିଳିଥିଲା ଏହିଭଳି ଏକ ଅପରାଧରେ। କିନ୍ତୁ ଏବେ ନିର୍ଭୟା, ଉନ୍ନାଓ, ହାଇଦ୍ରାବାଦ ଭଳି କେସ୍ ଏତେ ପରିମାଣରେ ବଢ଼ି ଚାଲିଛି ଯେ ଆଉ ଏହା ବିରଳ ନୁହେଁ, ନିତିଦିନିଆ ଘଟଣା ହୋଇଗଲାଣି ଯେମିତି! କିନ୍ତୁ ପ୍ରଶ୍ନଟି ସେଇ ଅର୍ଗଳିରେ ଅଟକି ଯାଇଛି, କାହିଁକି- କେତେଦିନ?

କାହିଁକି, ଅର୍ଥାତ୍ ଏମିତି କାହିଁକି ହେଉଛି? ଯେତେବେଳେ ମଣିଷ ଭିତରେ ଥିବା ପାଶବିକ ପ୍ରବୃତ୍ତି କିଛି କ୍ଷଣ ପାଇଁ ଜାଗ୍ରତ ହେଉଛି, ସେତେବେଳେ କିଛି ଦୁର୍ବଳମନା ମଣିଷ ଏଭଳି କାଣ୍ଡ ଭିଆଉଛନ୍ତି। କାହା ସହିତ, ନା ଏକ ଭୀତତ୍ରସ୍ତା ହରିଣୀ ଭଳି ନାରୀ ସହିତ। ବାଘୁଣୀ ଭଳି ଲଢୁ ଲଢୁ କେତେବେଳେ ରାକ୍ଷସମାନଙ୍କ ପଞ୍ଝା ଭିତରେ ସେ ଗୋଟେ କଅଁଳିଆ ଛେଳିଛୁଆ ପାଲଟି ଯାଉଛି ଆଉ ସେମାନେ ତାକୁ ଖିନ୍ ଭିନ୍ କରି ଖାଇ ଯାଉଛନ୍ତି। ଏକାଧିକ ବଳିଷ୍ଠ ପୁରୁଷ ହେଲେ ବିଚରା ନାରୀଟିଏ ଆଉ କେତେ ବା ଲଢ଼ିପାରିବ ସେମାନଙ୍କ ସହିତ? ତେଣୁ ବେଳହୁଁ ସଜାଗ ହେବା ଠିକ୍ ନୁହେଁ କି? ହଠାତ୍ ଡରି ନ ଯାଇ ହାତପାହାନ୍ତାରେ ଥିବା ସୁବିଧା ସୁଯୋଗର ଉପଯୋଗ କରିବା ଉଚିତ।

ମନେପଡ଼ି ଯାଉଥିଲା ତାଙ୍କର ବହୁତ ବର୍ଷ ତଳର କଥା। ତାଙ୍କ ସାଙ୍ଗରେ ନବମ ଶ୍ରେଣୀରେ ପଢୁଥିବା ରଘୁଆକୁ କେମିତି ତା' ନଖ ଆଉ ସେଫ୍ଟିପିନ୍‌ରେ ରାମ୍ପୁଡ଼ି ଖଣ୍ଡିଆ ଖାବରା କରି ଦେଇଥିଲା ନିଜ ଇଜ୍ଜତକୁ ବଞ୍ଚେଇ ରଖିବା ପାଇଁ ତାଙ୍କ ଶ୍ରେଣୀର ଗୋଟେ ଝିଅ। ସତକଥା ତ, ଗୋଟେ ଝିଅ ପାଖରେ ଗୋଟେ ପୁଅ ଭଳି ସମ୍ପୂର୍ଣ୍ଣ ଶରୀର ଅଛି। ପୁରୁଷର ବଳ ଥାଇପାରେ, କିନ୍ତୁ ନାରୀ ବୁଦ୍ଧିମତୀ। ବୁଦ୍ଧି ବଳରେ ସାରା ସଂସାରକୁ ନଚେଇ ପାରୁଥିବା ନାରୀ ସାମାନ୍ୟ ପୁରୁଷକୁ ପରାହତ କରି ନ ପାରି ତା'ର ଲମ୍ପଟତାର ଶିକାର ପାଲଟି ଯାଉଛି କେମିତି! କିଛି ନ ହେଲେ ତା'ର ନଖ ଅଛି, ଦାନ୍ତ ଅଛି, ଆଙ୍ଗୁଠି ଅଛି। ପିନ୍ଧିଥିବା ଚୁଡ଼ି ଅଛି, ସେଫ୍ଟିପିନ୍ ଅଛି, ଓଢ଼ଣୀ ଅଛି, ରାସ୍ତାର ଧୂଳିବାଲି ଅଛି, ନ ହେଲେ ମୋହିନୀର ମାୟା ଅଛି। ତା' ସାଙ୍ଗକୁ ଆଜିର ଜୁଡୋ, କରାଟେ, ପିପର ସ୍ପ୍ରେ ତ ଅଛି। ଏସବୁ ସହିତ ଉପସ୍ଥିତ ବୁଦ୍ଧି ହିଁ ବେଶି ଦରକାର। ନଖରେ ରାମ୍ପି ପାରିବ, ଦାନ୍ତରେ କାମୁଡ଼ି ପାରିବ, ଆଖି ଭିତରେ ଆଙ୍ଗୁଠି ଗେଞ୍ଜି ଦେଇ ପାରିବ। କିଛି ନ ହେଲେ ମିଛ ପ୍ରେମର ମାୟା ଦେଖାଇ କିଛି ସମୟ ମୋହଗ୍ରସ୍ତ ତ କରିପାରିବ ମୋହିନୀ ଭଳି। ଆଉ ରାହୁକୁ ଭଗବାନ ବିଷ୍ଣୁ ଦୁଇ ଖଣ୍ଡ କରି କାଟିବା ପରି ସେମାନେ ପିଉଥିବା ମଦ ବୋତଲ (ଯଦି ପିଉଥାନ୍ତି)ର କାଚକୁ ଭାଙ୍ଗି ସେମାନଙ୍କର ଗୁପ୍ତାଙ୍ଗକୁ ଖଣ୍ଡିଆଖାବରା କି କାଟି ବି ପାରିବ। କି ଯୁଗ ହେଲା। ହେ ଈଶ୍ୱର, ଯେଉଁଠି ପିଲାମାନଙ୍କୁ ବାପା ମା' ଅହିଂସାର ମାର୍ଗରେ ଯିବା ପାଇଁ ଶିକ୍ଷା ଦେବା କଥା, ସେଇଠି ଆମକୁ କି ଶିକ୍ଷା ଦେବାକୁ ପଡ଼ିବ ହିଂସାର ମାର୍ଗ ଆପଣେଇବାର ତରିକା?

ସୁମତିଦେବୀଙ୍କ ପାଟି ଶୁଣା ଯାଉଥିଲା। କେଡ଼େ କେଡ଼େ ନଖ କରିଛୁ? କାଲି ସକାଳେ ସବୁ କାଟିଦେବି ରହ। ଉଠି ଯାଉ ଯାଉ ଆୟୁଷୀର ବାପା କହୁଥିଲେ, ନାଇଁ ନାଇଁ, ନଖ ଥାଉ, କାମରେ ଆସିବ। ନଖ କି କାମରେ ଆସିବ ଶୁଣେ ବୋଲି ସୁମତିଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଲେ, ରାକ୍ଷସମାନଙ୍କୁ ମୋ ଝିଅ ନୃସିଂହ ଅବତାର ହୋଇ ନଖରେ ବିଦାରି ମାରିବ। ବୋକା ଭଳି ଚାହିଁ ରହିଥିଲେ ସୁମତି ଆଉ ଆୟୁଷୀ।

କି ବିଡ଼ମ୍ବନା ସତରେ! କିନ୍ତୁ ପଶୁମାନଙ୍କ ସହିତ ଲଢ଼ିବାକୁ ହେଲେ ବେଳେବେଳେ ହିଂସ୍ର ହେବାକୁ ତ ପଡ଼ିବ, ନୁହେଁ କି?

ନିମ୍ସ, ଭୁବନେଶ୍ୱର, ମୋ: ୭୦୦୮୩୨୦୧୭୧

# ଶୀତ ଆମ ମିତ



ଡା. ବାସୁଦେବ ପ୍ରଧାନ

ଆମ ଦେଶରେ ବାର ମାସରେ ଛଅ ଋତୁ ଦେଖିବାକୁ ମିଳେ। ଜଳବାୟୁର ପରିବର୍ତ୍ତନ କାରଣରୁ ଋତୁମାନେ ନିଜ ନିଜର ଚରିତ୍ର ବଦଳେଇଲେଣି। ତେଣୁ ଅଦିନରେ ବର୍ଷା, ଅତି ବର୍ଷା, ଘଡ଼ଘଡ଼ି ବହୁଳ ଭାବରେ ଦେଖିବାକୁ ମିଳୁଛି। ଖରାର ମାତ୍ରା ଯେତିକି ରହିବା କଥା ତା'ଠାରୁ ଅଧିକ ଅନୁଭୂତ ହେଉଛି। ଶରତ, ଶୀତ, ହେମନ୍ତ ଓ ବସନ୍ତ ଅଳ୍ପ ସମୟ ପାଇଁ ଆସୁଛନ୍ତି। ତେବେ ଋତୁଚକ୍ରରେ ହେମନ୍ତ ପରେ ଏବେ ଧରାକୁ ଆସିଛି ଶୀତ। ସୁନ୍ଦର ଋତୁଟିଏ ଶୀତ। ଫୁଲ, ଫଳ, ପନିପରିବା ଓ ଧାନ ଅମଳର ଋତୁ ଇଏ। କୃଷକର ଅମାର ଭରିଯାଏ। ବର୍ଷକ ପାଇଁ ଖାଦ୍ୟ ସଞ୍ଚୟ କରି ରଖେ। ବଳକା ବିକି କରଜ ଶୁଝେ। ଆଉ ଅଧିକ କିଛି ବଳିଲେ ପୁଅଝିଅଙ୍କ ପାଇଁ ସଞ୍ଚୟ କରି ରଖେ। କୃଷକ ପାଇଁ ଆନନ୍ଦର ଋତୁ ହେଉଛି ଶୀତ। କ୍ଷେତ, ଖଳା, ଅମାର ସବୁ ସୁନ୍ଦର ଦିଶେ। ଶୀତ ଲୁଗା ଖୋଜାଯାଏ। ଆଗ ପରି ଶୀତ ଆଉ ନାହିଁ। ସେକାଳ ଶୀତକୁ ସାମ୍ନା କରାଯାଉଥିଲା ହେଂସ, କତରାରେ। ଗାଁର ଲୋକ ଏହାକୁ କହନ୍ତି ବିଲକମ୍ବଳ। ପାଳ ଜାଳିବା, ସନ୍ଧ୍ୟା ହେଲେ ଉହ୍ମେଇ ପାଖରେ ବସିବାର ଛବି ଆଜି ନାହିଁ। ଲୋକମାନଙ୍କର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିଛି। ଏବେ କମ୍ବଳ ଭଳିକି ଭଳି, ସ୍ୱେଟର ଭଳିକି ଭଳି ଗାଁଗଣ୍ଡାରେ ବି ଦେଖିବାକୁ ମିଳିଲାଣି। ବିଲକମ୍ବଳରେ ଆଉ କି ପ୍ରୟୋଜନ? ଖରାକୁ ପିଠି କରି ପଖାଳ ଖାଇବାର ଛବି ଦେଖିବାକୁ ମିଳୁନି ଗାଁରେ। ଦେହମୁଣ୍ଡ ଆଉ ନୁଖୁରା ଦିଶୁନି। ଶୀତକୁ ଡରି ଘଣ୍ଟା ଘଣ୍ଟା ବିତୁନି ପୋଖରୀ ତୁଠରେ। ଚଳଣିରେ ଆସିଚି ବହୁତ ପରିବର୍ତ୍ତନ। ଆଧୁନିକତା ବସା ବାନ୍ଧିଲାଣି ଗାଁଗଣ୍ଡାରେ। ଆଉ ଚାଳଘର ନାହିଁ କି ନିଆଁ ଲାଗିଯିବାର ଭୟ ବି ନାହିଁ। କାଁଭାଁ ଏସବୁ ଦେଖିବାକୁ ମିଳୁଛି। ଗାଁ ଲୋକ ନିଘୋଡ଼ ନିଦରେ ଶୋଇଥିବା ବେଳେ କଳେଇକଣ୍ଟାର ସୁରକ୍ଷା ପାଇଁ ପହରା ଦିଆଯାଉଥିଲା। ଏବେ କ୍ଷେତରେ ଶସ୍ୟ ଅମଳ ହେଲାଣି। ହଜିଗଲାଣି ପଘା, ଡାଉଣି, ଉଖୁଣି। ମେରିଖୁଣ୍ଟି, ମେରିବଳଦ, ଲାଙ୍ଗିବଳଦ କହିଲେ ଆଜିର ପିଲାଏ ବୁଝିପାରିବେନି। ଏସବୁ ଶବ୍ଦଗୁଡ଼ିକୁ ଅଭିଧାନରେ ଖୋଜିବାକୁ ପଡ଼ିବ।

ଆମ ରାଜ୍ୟରେ ଶୀତର ରୂପରଙ୍ଗ ସବୁଠାରୁ ନିଆରା। ଏଠି ଚାରିଆଡ଼େ କାକର ପଡ଼େ, ବରଫ ପଡ଼େ ଦାରିଙ୍ଗବାଡ଼ିରେ। ପର୍ଯ୍ୟଟକଙ୍କ ଭିଡ଼ ଜମେ। କଶ୍ମୀର, ଡେରାଡୁନର ଭ୍ରମ ସୃଷ୍ଟି ହୁଏ। ତପ୍ତପାଣି, ଅତ୍ରି ଉଷୁମପାଣିରେ ଗାଧୋଇବାକୁ ଲୋକମାନଙ୍କର ଭିଡ ଜମେ। ଆମ ଚଳଣି ଜଗନ୍ନାଥଙ୍କ ଚଳଣି। ଶୀତ ଆସିଲେ କେବଳ ଜଗନ୍ନାଥ ନୁହନ୍ତି, ଓଢ଼ଣ ଷଷ୍ଠୀରୁ ବସନ୍ତ ପଞ୍ଚମୀ ଯାଏ ସମସ୍ତେ ଶୀତଲୁଗା ପିନ୍ଧନ୍ତି। ରାତି ବଡ଼, ଦିନ ଛୋଟ କାରଣରୁ ଠାକୁରମାନଙ୍କୁ ସକାଳେ ପହିଲି ଭୋଗ ଦିଆଯାଏ। ସେହିପରି ଜଗନ୍ନାଥଙ୍କ ସଂସ୍କୃତିରେ ଆୟୁର୍ବେଦ ମତରେ ରାତି ଲମ୍ବା ହେତୁ ସକାଳେ ଖୁବ୍‌ଶୀଘ୍ର ଖାଦ୍ୟ ଗ୍ରହଣ କରିବା କଥା। ନଚେତ୍ ଶରୀର ଦୁର୍ବଳ ହୁଏ। ଏହି ଋତୁ ଏକ ବଳକାରକ ଋତୁ। ତେବେ ସକାଳେ ବିଳମ୍ବରେ ଖାଦ୍ୟ ଗ୍ରହଣ କଲେ ଶରୀରରେ ଧାତୁ ପାକ ହୋଇ ନିର୍ବଳ କରିଦିଏ। ତେଣୁ ଆମ ଚଳଣିରେ ମା'ମାନେ କ୍ଷୀରବଢ଼ାରେ ଚାଉଳ ମୁଗ ମିଶାଇ ପିଲାମାନଙ୍କ ପାଇଁ ମୁଗୁଲି, କେହି କେହି ଖେଚୁଡ଼ି ତିଆରି କରନ୍ତି। ଧନୁମୁଆଁ ଘରେ ଘରେ ପରିଚିତ। ଧନୁ ସଂକ୍ରାନ୍ତିରେ ଧନୁମୁଆଁ ଗାଁ ଠାକୁର, ଠାକୁରାଣୀ ଘରର ଈଷାଣକୁ ଦିଆଯାଏ। ଅତୀତର ଗୁଡମୁଆଁ ଏବେ ଚିନିମୁଆଁରେ ପରିବର୍ତ୍ତନ ହେଲାଣି। ଗୁଡ଼ ରକ୍ତ ବଢ଼ାଏ। ରକ୍ତ ଶୁଦ୍ଧି କରାଏ। ଚିନି ଖାଇବା ଭଲ ନୁହେଁ। ଲିଆ ସହଜରେ ଜୀର୍ଣ୍ଣ ହୁଏ ଏବଂ ଅମ୍ଳନାଶକ। ଅମ୍ଳପିତ୍ତ ରୋଗର ଶ୍ରେଷ୍ଠ ପଥି। ଅମ୍ଳପିତ୍ତରେ ଦେଖାଯାଉଥିବା ଦୁର୍ବଳତାକୁ ଗୁଡ଼ ପୂରଣ କରେ। ଯୁଆଣି ରୁଚି ବଢ଼ାଏ। ନଡ଼ିଆ ରସାୟନ ବା ବଳକାରକ ରୂପେ ଉପକାର କରେ। ସେହିପରି ଏଇ ଋତୁରେ ଅଗ୍ନିବଳ ଭଲ ରୁହେ। ତେଣୁ ତେଲ, କ୍ଷୀର, ଘିଅ ସମସ୍ତ ପ୍ରକାର ଗୁରୁପାକ ଖାଦ୍ୟ ସହଜରେ ଜୀର୍ଣ୍ଣ ହୋଇଥାଏ। ପୌଷ ଓ ମାଘ ମାସରେ ବହୁ ପର୍ବପର୍ବାଣି ଦେଖାଯାଏ। ପିଠାପଣା କରାଯାଏ। ବଣଭୋଜି ପାଇଁ ସମସ୍ତେ ମନ ବଳେଇଥାନ୍ତି।

ଏଇ ଋତୁରେ ରୋଗର ସଂଖ୍ୟା କମେ। ତେବେ କେତେକ ନିର୍ଦ୍ଦିଷ୍ଟ ରୋଗ ଦେଖାଯାଏ। ସେଗୁଡ଼ିକ ହେଲା ସମସ୍ତ ପ୍ରକାର ଚର୍ମ ରୋଗ, ମୁଣ୍ଡରେ ରୁପି, ଚର୍ମ ଶୁଷ୍କତା ଓ ସମସ୍ତ ପ୍ରକାର ଆଣ୍ଠୁଗଣ୍ଠି ବାତ। ଏସବୁର ସହଜ ସମାଧାନ ଆୟୁର୍ବେଦରେ ରହିଛି। ତେଣୁ ସମସ୍ତ ଆୟୁର୍ବେଦ ଚିକିତ୍ସା କେନ୍ଦ୍ରରେ ପରାମର୍ଶ ପାଇଁ ରୋଗୀଙ୍କ ସଂଖ୍ୟା ବଢୁଛି। ବିଶେଷକରି ୧୯୭୦ ମସିହାରୁ ଭୁବନେଶ୍ୱର ମାଉସୀମା' ଛକ ନିକଟରେ ଥିବା ଆୟୁର୍ବେଦ ହସ୍ପିଟାଲରେ ଅଧିକ ସଂଖ୍ୟାରେ ରୋଗୀ ଦେଖିବାକୁ ମିଳୁଛନ୍ତି। ଏଠାରେ ଆଠଟି ସନ୍ଧିବାତ, ଆଠଟି ପଞ୍ଚକର୍ମ ଶଯ୍ୟା ସହିତ ୪୩ଟି ଶଯ୍ୟାର ବ୍ୟବସ୍ଥା ରହିଛି। ସେହିପରି ୪ଟି ସ୍ୱତନ୍ତ୍ର କ୍ୟାବିନରେ ରୋଗୀମାନେ ରହି ପଞ୍ଚକର୍ମ ଚିକିତ୍ସା ନେଉଛନ୍ତି। ଆମେ ଯଦି ଆୟୁର୍ବେଦବର୍ଣ୍ଣିତ ଋତୁଚର୍ଯ୍ୟା ମାନି ଚଳିବା ଏହି ଋତୁଟି ବହୁତ ଆନନ୍ଦଦାୟକ ହେବ। ତେବେ ବାଳକ, ବୃଦ୍ଧ, ଶ୍ୱାସ ଓ ବାତ ରୋଗୀଙ୍କ ପାଇଁ ଆମକୁ ଅଧିକ ଗୁରୁତ୍ୱ ଦେବାକୁ ପଡିଥାଏ। ଏହି ଋତୁକୁ ଆମେ ନିରାପଦରେ ଉପଭୋଗ କରିବାର କେତୋଟି ସୂତ୍ର ରହିଛି। ସେଗୁଡ଼ିକ ହେଲା ସୂର୍ଯ୍ୟ ଉଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରିବା, ବ୍ୟାୟାମ କରିବା। ଦେହରେ ତେଲ ମାଲିସ କରିବା, ଉଷୁମ ଜଳରେ ଗାଧୋଇବା, ଉଷୁମ ପାଣି ପିଇବା ଓ ଉଷୁମ ଖାଦ୍ୟ ଖାଇବା। ଶରୀର ବଳଶାଳୀ ହେବା ପାଇଁ ଏହି ଋତୁରେ ଚ୍ୟବନପ୍ରାସ, ଅଶ୍ୱଗନ୍ଧା ରସାୟନ, ଦ୍ରାକ୍ଷାରିଷ୍ଟ ଓ ମୃତସଂଜୀବନୀ ସୁରା ଡାକ୍ତରଙ୍କ ପରାମର୍ଶ ଅନୁସାରେ ବ୍ୟବହାର କରିବା ଉଚିତ। ଏସବୁ ତ ଦେହପା' ନୀରୋଗ ରହିବାର ସୂତ୍ର। ମନକୁ ପ୍ରସନ୍ନ ରଖିବା ପାଇଁ ନିଶ୍ଚୟ ବୁଲିଯିବା ଚିଲିକା, ଭଳିକି ଭଳି ଦେଶୀ ବିଦେଶୀ ପକ୍ଷୀ ଦେଖିବା। ଜଳଯାତ୍ରା କରିବା। ମା' କାଳିଜାଈ, ବିରଜାଈ, ସିଦ୍ଧାମ୍ବରୀ, ନାରାୟଣୀ, ଭଗବତୀ, ବରବରା ଜଙ୍ଗଲ, ମାମୁଭଣଜା, ଘଣ୍ଟଶିଳା, ସୋଲରୀ, ଭାଲେରୀ ଦୀପ, ବାଉରୀପାହାଡ଼, ଚଢେଇହଗା ସହିତ ସମସ୍ତ ପୂର୍ବଘାଟ ପର୍ବତମାଳାର ଶୋଭା ଦେଖି ବିମୋହିତ ହେବା। ଶୀତରେ ଆମ ରାଜ୍ୟ ଓଡ଼ିଶା କେତେ ସୁନ୍ଦର କହିଲେ! ହଁ, ମକର ସଂକ୍ରାନ୍ତିରେ ମକର ଚାଉଳ ଖାଇ ମକର ବସିବା। ମିତ୍ରତା ବଢ଼ାଇବା। ଶୀତ ପରା ଆମ ମିତ୍ରତାର ବାର୍ତ୍ତା ଦିଏ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## ଆମ ସମସ୍ୟା

### 'ଉତ୍କଳ ପ୍ରସଙ୍ଗ' ମିଳୁନି

ମହାଶୟ,

ଉତ୍କଳ ପ୍ରସଙ୍ଗରେ ପ୍ରତି ମାସରେ ସ୍ୱନାମଧନ୍ୟ ଅର୍ଥନୀତିଜ୍ଞ, ଐତିହାସିକ, ସାହିତ୍ୟିକମାନଙ୍କ ଗବେଷଣାପୂର୍ଣ୍ଣ ଲେଖା ପ୍ରକାଶ ପାଏ। ମୁଁ ଏହାର ଜଣେ ଆଗ୍ରହୀ ପାଠକ। ପ୍ରତି ୩-୪ ମାସରେ ଥରେ ଭୁବନେଶ୍ୱରରୁ ଏହି ପତ୍ରିକା ସଂଗ୍ରହ କରିଥାଏ। ଅନେକ ସମୟରେ ମୁଁ ଯିବାବେଳେ ଏହା ଉପଲବ୍ଧ ନ ଥାଏ। ଯେହେତୁ ଏହାର ଡାକ ପଞ୍ଜୀକରଣ ଦୀର୍ଘ ବର୍ଷ ତଳୁ ବନ୍ଦ ହୋଇଯାଇଛି, ତେଣୁ ଏହି ପତ୍ରିକାଟିକୁ ଡାକରେ ମଗାଇ ହେଉନାହିଁ। କର୍ତ୍ତୃପକ୍ଷ ଏହାର ସୁବ୍ୟବସ୍ଥା କରିବା ଉଚିତ।

ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

### ସତ୍ୟନଗର ଶ୍ମଶାନରେ ଜଳାଭାବ

ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ସ୍ୱର୍ଗଦ୍ୱାର ଭାବେ ସତ୍ୟନଗର ଶ୍ମଶାନ ଗଣତି ହୋଇପାରେ। ଏଠାରେ ଜାତି, ଧର୍ମ, ନିର୍ଦ୍ଦିଷ୍ଟ ସାହି ନିର୍ବିଶେଷରେ ସମସ୍ତ ମୃତକଙ୍କ ଶବଦାହ କରାଯାଇଥାଏ। ଏଠାରେ ପୂର୍ବରୁ ମାରୱାଡ଼ି ଯୁବ ମଞ୍ଚ ତରଫରୁ ଏକ ପାନୀୟ ଜଳ ପ୍ରକଳ୍ପ ଥିଲା, ଯାହା ନଷ୍ଟ ହୋଇଯାଇଛି। ପୁନଶ୍ଚ ଏହାର ଆଭ୍ୟନ୍ତରରେ ଥିବା ଏକ ଜଳାଧାରରେ ଶବବାହକମାନେ ଶବଦାହ କରିସାରି ସ୍ନାନ କରୁଥିଲେ। ତାହା ଆଉ ସ୍ନାନ ଉପଯୋଗୀ ହୋଇରହିନାହିଁ। ଏଠାରେ ନଳକୂପ ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। କର୍ତ୍ତୃପକ୍ଷ ଅନୁସନ୍ଧାନପୂର୍ବକ ଜଳ ବ୍ୟବସ୍ଥା କରିବାକୁ ଦାବି ହେଉଛି।

ରାମଚନ୍ଦ୍ର ଦାଶ, ସୁକାନ୍ତ ନାୟକ, ବାବୁ ଦୋରା, ୟୁନିଟ-୯, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ତାମିଲନାଡୁ ଥୁଥୁକୋଡିର 'ସୁଶୀଲ କୁମାର ବ୍ୟୁଟି ହେୟାର ସେଲୁନ' ଦେଶର ସବୁ ସହରରେ ଥିବା ସେଲୁନଠାରୁ ଟିକେ ଭିନ୍ନ। ଗ୍ରାହକମାନଙ୍କୁ ସ୍ମାର୍ଟଫୋନଠାରୁ ଦୂରେଇ ରଖିବାରେ ଏହି ସେଲୁନ୍‌ର ମାଲିକ ପୋନ୍ ମେରିଆପ୍ପାନ୍‌ଙ୍କ ଅଭିନବ ପ୍ରୟାସ ଏବେ ଚର୍ଚ୍ଚାରେ। ସେଲୁନ ଭିତରେ ସେ ଥାକରେ ବହି ରଖିଛନ୍ତି। ଯଦି କେହି ତାଙ୍କ ସେଲୁନ୍‌ରେ ବହି ପଢୁଛନ୍ତି ତାଙ୍କୁ ୩୦ ପ୍ରତିଶତ ରିହାତି ଦେଉଛନ୍ତି। ୩୭ ବର୍ଷୀୟ ପୋନ୍ ମେରିଆପ୍ପାନ୍ ଗ୍ରାହକଙ୍କୁ ସେମାନେ ପଢିଥିବା ବହିରୁ ପ୍ରଶ୍ନ ପଚାରିଥାନ୍ତି ଓ ପଢିଥିବା ବିଷୟରୁ କିଛି ଲେଖିବାକୁ ବି କୁହନ୍ତି। ଏହାପରେ ସେମାନଙ୍କୁ ରିହାତି ଦିଅନ୍ତି। ଏଥିପାଇଁ ଜଣେ ଗ୍ରାହକ ସେଲୁନକୁ ପଶିବା କ୍ଷଣି ତାଙ୍କ ମୋବାଇଲ ବନ୍ଦ କରି ବହି ପଢିଥାନ୍ତି। ଯଦି କେହି କଥା ହେବା ଲାଗି ଚାହାନ୍ତି ତେବେ ତାଙ୍କୁ ସେଲୁନ୍ ବାହାରକୁ ଯିବାକୁ ପଡିଥାଏ। ଏହି ଉପାୟରେ ସେ ଲୋକମାନଙ୍କୁ ସ୍ମାର୍ଟଫୋନରୁ ଦୂରେଇ ରଖୁଛନ୍ତି। ୬ ବର୍ଷ ପୂର୍ବରୁ ସେ ବୁକ୍‌ଷ୍ଟୋର ଓ ସ୍କ୍ରାପ ଡିଲର୍‌ଙ୍କଠାରୁ ବହି ସଂଗ୍ରହ କରିବା ଆରମ୍ଭ କରିଥିଲେ। ଏମିତିକି ତାଙ୍କ ରୋଜଗାରରୁ ଟଙ୍କା ସଞ୍ଚୟ କରି ପ୍ରତିମାସ ଶେଷରେ ବହି କିଣନ୍ତି। ଏବେ ସେ ସେଲୁନ୍‌ରେ ତାମିଲ ଓ ଇଂଲିଶର ୯୦୦ ଖଣ୍ଡ ବହି ରଖିଛନ୍ତି। ୨୦୨୦ ପ୍ରାରମ୍ଭରୁ ସେ ସେଲୁନରୁ ବହି ସ୍କୁଲ ଓ କଲେଜ ପିଲାମାନଙ୍କୁ ଦେବା ଲାଗି ଯୋଜନା କରିଛନ୍ତି। ଅଷ୍ଟମ ଯାଏ ପଢ଼ିଥିବା ପୋନ୍ ମେରିଆପ୍ପାନ୍‌ଙ୍କ ଏହି ଉଦ୍ୟମକୁ ବହୁ ବୁଦ୍ଧିଜୀବୀ ତଥା ସେଲିବ୍ରିଟି ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୪

- କୋଇଲା କ୍ଷେତ୍ରରେ ବିଭିନ୍ନ ସହଯୋଗମୂଳକ କାର୍ଯ୍ୟକ୍ରମକୁ ତଦାରଖ କରିବା ଓ ଏହାର ପୁନର୍ବିନ୍ୟାସ କରିବା ଲାଗି ଏକ ଟାସ୍କଫୋର୍ସ ଗଠନ କରିବା ପାଇଁ ଭାରତ ଓ ଚାଇନା ମଧ୍ୟରେ ସହମତି।
- କମ୍ପ୍ୟୁଟର ଡିସ୍କ ସ୍ମଗଲିଂ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଏଆଇଏଡିଏମ୍‌କେ ଦଳର ଲୋକ ସଭା ସଦସ୍ୟ ଆର. ଶ୍ରୀଧରନଙ୍କୁ ପାର୍ଟିରୁ ବହିଷ୍କାର କରାଯାଇଛି।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨୨- ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆ ସହ ଭାରତ ୨-୧ରେ ସିରିଜ୍ ବିଜୟୀ ହୋଇଛି।

୨୩- ସେଣ୍ଟ୍ରାଲ ଇଲେକ୍ଟ୍ରିକ୍ ସପ୍ଲାଏ ୟୁଟିଲିଟି ଅଫ୍ ଓଡ଼ିଶା (ସେସୁ)ର ପରିଚାଳନା ଦାୟିତ୍ୱ ଟାଟା ପାୱାର କମ୍ପାନୀ ଲିମିଟେଡ୍ ହାତରେ ନ୍ୟସ୍ତ କରାଯାଇଛି।

୨୪- ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ଅପଡେଟ କରିବା ପାଇଁ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି।

* ଗତ ୨୪ ଘଣ୍ଟା ମଧ୍ୟରେ ଆଫଗାନ ସେନାର ଜୋରଦାର୍ ଅପରେଶନ ଫଳରେ ଶତାଧିକ ଆତଙ୍କବାଦୀ ନିହତ ହୋଇଛନ୍ତି।

୨୫- ମହାରାଷ୍ଟ୍ରରେ ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରତିଶ୍ରୁତି ଦେଇଛନ୍ତି।

୨୬- କେନ୍ଦ୍ରୀୟ ଫିଲିପାଇନ୍ସରେ ଭୟଙ୍କର ଝଡ଼ବାତ୍ୟା 'ଫନଫୋନ୍' ତାଣ୍ଡବ ରଚିଛି। ଏଥିରେ ୨୦ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ହଜାର ହଜାର ଲୋକ ବାସହରା ହୋଇଛନ୍ତି।

୨୭- ବଲାଙ୍ଗୀର ସହର ଉପକଣ୍ଠ ବରକାନୀଠାରେ ଭାରତ ପେଟ୍ରୋଲିୟମ୍ ନିଗମ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ନିର୍ମିତ ଏଲ୍‌ପିଜି ବଟ୍‌ଲିଂ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି।



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମାଡ଼ରେ ମହିଳା ଆହତ

**ରାଉରକେଲା ଅଫିସ,୨୯। ୧୨:** ଏକ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମାଡରେ ଆଗତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଜଣେ ମହିଳା ନଳିନୀ ସେଠୀ (୫୬) ଗୁରୁତର ଥିବା ଜଣାଯାଇଛି। ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ନିଆଯିବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ଏଠାରେ ସୂଚନା ଯୋଗ୍ୟ ଯେ ବାସନ୍ତୀ କଲୋନୀ ଏଏମ ଲାଇନରେ ରହୁଥିବା ମହିଳା ନଳିନୀ ଏକ ଭଡା ଘରେ ରହନ୍ତି। ଏହା ପଛକୁ ଲାଗି ଏକ ଘରୋଇ ଇଂରାଜୀ ମାଧମ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ କର୍ତ୍ତୃପକ୍ଷ ଭଡାରେ ରହୁଥିବା ନଳିନୀଙ୍କ ଘର ପଛ ଜାଗା ଜବର ଦଖଲ କରିଛନ୍ତି। ଘର ମାଲିକଙ୍କ ପରାମର୍ଶ କ୍ରମେ ନଳିନୀ ବାଡ ଦେଉଥିବା ସମୟରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଉପରେ ଗତ ୨୫ରେ ଆକ୍ରମଣ କରିଥିଲେ। ଯେଉଁ କାରଣରୁ ସେ ଆହତ ହୋଇ ଏବେ ଆରଜିଏଚରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସମ୍ପୃକ୍ତ ମହିଳା ଉଦିତନଗର ଥାନାରେ ଅଭିଯୋଗ କରିବା ସତ୍ୱେ ମାମଲା ରୁଜ୍ଜୁ ହୋଇନଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣା ନେଇ ଥାନାଧିକାରୀ ସୁଦର୍ଶନ ପଣ୍ଡାଙ୍କୁ ପଚାଯିବାରୁ ସେ କହିଥିଲେ ଘଟଣା ସମାଧାନ ହୋଇଛି। କିଏ ମେଡିକାଲରେ ଅଛି ସେକଥା ମୋତେ ଜଣା ନାହିଁ।

### କଲଚରାଲ ଏକାଡେମୀ ପକ୍ଷରୁ ଲୋକ ନାଟକ ମହୋତ୍ସବ ୪ରୁ

**ରାଉରକେଲା ଅଫିସ, ୨୯। ୧୨:** କଲଚରାଲ ଏକାଡେମୀ ପକ୍ଷରୁ ଆସନ୍ତା ୪ ଜାନୁୟାରୀରୁ ୯ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ସିଭିକ ସେଂଟର ପରିସରରେ ଲୋକ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ନାଟ୍ୟାନୁଷ୍ଠାନ ଯୋଗ ଦେଇ ନାଟକ ପରିବେଷଣ କରିବେ। ଏଥିରେ ସଫଳ ଅନୁଷ୍ଠାନକୁ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଏନେଇ ଅନୁଷ୍ଠାନ ସଭାପତି ଡ. ପ୍ରଭାତ ମଲ୍ଲିକ ଓ ସାଧାରଣ ସମ୍ପାଦକ ଅକ୍ଷୟ ସାମଲ ଏକ ବିବୃତିରେ ଏଭଳି ଲୋକ ନାଟକ ମହୋତ୍ସବ ଆୟୋଜନ ପଛରେ ରହିଥିବା ମହତ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ଯେ ମଞ୍ଚ ନାଟକରେ ଯେତେବେଳେ ଅତି ଭୌତିକତା ଏବଂ ଉଦଭଟତା ପ୍ରବେଶ କଲା ସେତେବେଳେ ଓଡିଆ ମଞ୍ଚ ନାଟକ ମଧ ସେଥିରୁ ନିସ୍ତାର ପାଇନଥିଲା। ଏହା ଦ୍ୱାରା ନାଟକ ପ୍ରତି ବିମୁଖ ଭାବ ଦେଖାଦେଲା। ପୁଣି ଥରେ ଦର୍ଶକଙ୍କୁ ଆକୃଷ୍ଟ କରିବା ନେଇ ୧୯୭୬ରେ କଲଚରାଲ ଏକାଡେମୀ ପକ୍ଷରୁ ବହୁ ବିଚାର ବିମର୍ଷ ପରେ ଆରମ୍ଭ କରାଯାଇଥିଲା ଏକ ଅଭିନବ ପ୍ରୟାସ ଲୋକ ନାଟକ ମହୋତ୍ସବ ନାମରେ। ନାଟକ ହେଉଛି ସବୁଠୁ ବଳି ଅନ୍ତରଙ୍ଗ ଚର୍ଚ୍ଚାର ମାଧମ। ଗତ ୭୦ ଦଶକ ବେଳକୁ ଓଡିଆ ପ୍ରସେନିୟମ ଥିଏଟର ମଞ୍ଚକୁ ଅନ୍ଧକାର ଗ୍ରାସି ସାରିଥିଲା। ଏକାଡେମୀ ପରିକଳ୍ପନାରେ କେବଳ ନାଟକର ପୁନରୁଥାନ ଉଦ୍ଦେଶ୍ୟ ନଥିଲା। ଇତି ମଧରେ ଏହି ଲୋକ ନାଟକ ମହୋତ୍ସବ ଓଡିଶାରେ ହଜାରେରୁ ଅଧିକ ନାଟକ ରଚନା କରିବାର ପ୍ରେରଣା ଯୋଗାଇଛି। ବହୁ କଳାକାର, ନାଟ୍ୟକାର ସୃଷ୍ଟି କରିବାରେ ସଫଳ ହୋଇଛି। ଏମାନଙ୍କ ମଧରୁ ଅନେକ ଜାତୀୟ ସ୍ତରରେ ସୁନାମ ଆଣି ପାରିଛନ୍ତି। ଲୋକ ନାଟକ ଆନ୍ଦୋଳଳକୁ ଏକ ନୂତନ ଦିଗ ଦେଖାଇଛି। ଏହା ଆଗାମୀ ଦିନରେ ଜାରି ରହିବ ବୋଲି କୁହାଯାଇଛି।



ଜୟଦୁର୍ଗା କ୍ଲବର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।


ଚାମ୍ପିୟନ ସୁନ୍ଦରଗଡ ପବ୍ଲିକ ସ୍କୁଲର ଖେଳାଳି ସହ ଅତିଥି।

■ ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା, ସାଂସ୍କୃତିକ ମହୋତ୍ସବ

# କବାଡ଼ିରେ ପବ୍ଲିକ ସ୍କୁଲ ଚାମ୍ପିୟନ୍

**ସୁନ୍ଦରଗଡ଼, ୨୯।୧୨ (ଡି.ଏନ୍.ଏ)**

ସ୍ଥାନୀୟ ରଙ୍ଗାଡିପା ଖେଳ ପଡିଆରେ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା, ସାଂସ୍କୃତିକ ମହୋତ୍ସବର ୬ଷ୍ଠ ଦିବସରେ ଆନ୍ତଃ ବିଦ୍ୟାଳୟସ୍ତରୀୟ କବାଡି ପ୍ରତିଯୋଗିତା ଓ ସିନିୟର ବିଭାଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ ମୁଖ୍ୟ ଅତିଥି ଓ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ବିଶିଷ୍ଟ କ୍ରୀଡା ସଙ୍ଗଠକ ସୌମେନ ବାରିକ, ପ୍ରତିଭା ଦାସ, ବେଣୁଧର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟସ୍ତରୀୟ ବାଳକ କବାଡି ବିଭାଗରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ,କେନ୍ଦ୍ରୀୟ ବିଦ୍ୟାଳୟ ,ଭବାନୀ ଶଙ୍କର ହାଇସ୍କୁଲ, ମ୍ୟୁନିସପାଲ ହାଇସ୍କୁଲ ଓ ଗିରିଙ୍ଗ କେଲା ହାଇସ୍କୁଲ ଓ ସୁନ୍ଦରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଳ ଭାଗ ନେଇଥିଲେ । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ଫାଇନାଲ ଖେଳ ସୁନ୍ଦରଗଡ ପବ୍ଲିକ ସ୍କୁଲ ଏବଂ ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ମୋଟ ୩୨ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ୧୮ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲା। ସେହିପରି ମହିଳା ମାନଙ୍କ ମଧ୍ୟରେ ଆୟୋଜିତ ଝୋଟି ପ୍ରତିଯୋଗୀତାରେ ନନ୍ଦିତା ପଟେଲ ପ୍ରଥମ ହୋଇଥିବା ବେଳେ ଝରଣା ଛଚାନ -ଦ୍ୱିତୀୟ ,ସୁଷମା ବିଶ୍ୱାଳ ଓ ପୂଜା ବେରିହା ତୃତୀୟ ହୋଇଥିବା ବେଳେ ଅଙ୍କଶିକା ପ୍ରଧାନ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। କ୍ରୀଡା ଶିକ୍ଷକ ଦାମୋଦର ସା, ଇନ୍ଦ୍ରମଣି ଜେନା, ଶ୍ରୀତମ ଦାସ, ପ୍ରୋମାନନ୍ଦ ଶତପଥୀ, ଚନ୍ଦ୍ର ଶେଖର ସାହୁ, ସନ୍ତୋଷ ମହାନ୍ତି ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶେଷଦେବ ନନ୍ଦ, ଅମୀୟ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। କ୍ଲବର ସଭାପତି ଅଭୟ କୁମାର ପଟ୍ଟନାୟକ, ସମ୍ପାଦକ ବଟକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସୋମବାର ପୂର୍ବାହ୍ନ ୧୧ଟାରୁ ଏଠାରେ ରାଜ୍ୟସ୍ତରୀୟ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।


ଭାଜପାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଓ ଅନ୍ୟ କର୍ମକର୍ତ୍ତା।

# ଭାଜପାର ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

**ଲହୁଣୀପଡ଼ା, ୨୯।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି (ଭାଜପା) କାର୍ଯ୍ୟାଳୟଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗ ଦେଇଥିଲେ। ନବ ନିଯୁକ୍ତ ଭାଜପା ବଣାଇ ସାଙ୍ଗଠନିକ ଜିଲା ସଭାପତି ଅନୀଲ ବର୍ଲା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସେବତୀ ନାଏକ, ମନୋଜ କୁମାର ପ୍ରଧାନ, ଲୁଥାର ଓରାମ ମଞ୍ଚାସୀନ ଥିଲେ। ରାହାସ ବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଣାଇ ନିର୍ବାଚନ ମଣ୍ଡଳୀର ବଣାଇ, ଗୁରୁଣ୍ଡିଆ, ଲହୁଣୀପଡା, କୋଇଡା ଚାରୋଟି ବ୍ଲକର ଆଠଟି ମଣ୍ଡଳର ନୂତନ ମଣ୍ଡଳ ସଭାପତି ମୁକୁନ୍ଦ ନାଏକ, ଯୁଧିଷ୍ଠିର ବେହେରା, ପ୍ରଭାକର ମୁଣ୍ଡା, ବନବିହାରି ଓରାମ, ନାମିତା ମହାନ୍ତ, ଗଙ୍ଗାଧର ମହାନ୍ତ, ମେଲେରି ବାରିକ, ମଦୀ ଓରାମ, ସମେତ ରାଜ୍ୟ ପରିଷଦ ଭାବେ ମନୋଜ ପ୍ରଧାନ, ଲୁଥାର ଓରାମ ଓ ସେବତୀ ନାଏକ ଏବଂ ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଭାବେ ରମେଶ ଅଗ୍ରୱାଲଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ପୂର୍ବତନ ମଣ୍ଡଳ ସଭାପତି ଜିଲା ସଭାପତିଙ୍କୁ ମଧ ସମ୍ବର୍ଦ୍ଧନା କରାଯାଇଥିଲା। ନବ ନିଯୁକ୍ତ ପଦାଧିକାରୀମାନଙ୍କୁ ଅଭିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିମାନଙ୍କ ନେତୃତ୍ୱରେ କର୍ମୀ କର୍ମକର୍ତ୍ତାଙ୍କ ସହ ସହଯୋଗରେ ମୋଦି ସରକାରଙ୍କର ସମସ୍ତ ଯୋଜନାକୁ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚାଇବା ଏବଂ ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୂତନ ଜିଲା ସଭାପତି ଅନୀଲ ବାର୍ଲା ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶେଷରେ ହେମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରଦୀପ ସ୍ୱାଇଁ, ମହେଶ ସା, ସୁରେନ୍ଦ୍ର ନାଥ ସାହୁ, ଜୟନ୍ତୀ ମହାନ୍ତ, ଦିବ୍ୟମଞ୍ଜରି ଶେଖର ଦେଓ, ବାସୁଦେବ ସାହୁ ବଗୁନୁ ଗାଗରାଇ, ଶାନ୍ତନୁ କୁମାର ଦାସ ଶକୁନ୍ତଳା ପାତ୍ର, ଅଭିମନ୍ୟୁ ମହାକୁଳ ଏମ.ଡି ମାଇମ ବନ୍ଦିତା ମହାନ୍ତିଙ୍କ ସମେତ ବହୁ କର୍ମୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜିଲା ମହୋତ୍ସବ ଲାଗି ସଜେଇ ହେଉଛି ବୌଦ୍ଧ

**ବୌଦ୍ଧ,୨୯।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲାକୁ ୨୬ ବର୍ଷ ପୂରୁଛି। ଏଥିପାଇଁ ଆସନ୍ତା ଜାନୁୟାରୀ ୨ ତାରିଖରେ ବୌଦ୍ଧ ଜିଲା ପାଳନ କରିବ ତାର ୨୬ ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବ ପ୍ରସ୍ତୁତି ଆଗେଇ ଚାଲିଛି। ମହୋତ୍ସବ ପଡିଆକୁ ସଜା ଯାଉଛି। ମହୋତ୍ସବ ପଡିଆରେ ଥିବା ବୁଦ୍ଧ ମଣ୍ଡପକୁ ଆବଶ୍ୟକତା ଦୃଷ୍ଟିରୁ ସମ୍ପ୍ରସାରଣ କରାଯାଇଛି। ଚଳିତ ବର୍ଷ ଏକା ସଙ୍ଗରେ କୃଷି ମହୋତ୍ସବ, ପର୍ଯ୍ୟଟନ ପରବ, ପୁସ୍ତକ ମେଳା ଓ କ୍ରୀଡ଼ା ମହୋତ୍ସବ ପାଳନ ହେବ। ଏଥିପାଇଁ ବ୍ଲକ ଓ ଏନଏଏସି ସ୍ତରରେ ଫୁଟବଲ ପ୍ରତିଯୋଗିତା ଶେଷ ହୋଇଛି। ଏହି ଫୁଟବଲ ଜିଲା ସ୍ତରରେ ରବିବାର ଠାରୁ ଆରମ୍ଭ ହେବ। ମହୋତ୍ସବ ପଡିଆର ପ୍ରାଚୀରରେ ଅଙ୍କିତ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ବିକାଶର ବାର୍ତ୍ତା। ଏହାସହ ସହରର ସରକାରୀ କାର୍ଯ୍ୟାଳୟ ଗୁଡିକର ପାଚେରୀରେ ମଧ୍ୟ ସଂସ୍କୃତି ପରମ୍ପରା ଚିତ୍ର ଅଙ୍କା ଯାଉଛି। ମହୋତ୍ସବ ପାଇଁ ଦୀର୍ଘ ୫ ଦିନ ଧରି ସହରଟି ସାସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ
ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ
ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୋଷାକ ବିତରଣ

**ରାଉରକେଲା ଅଫିସ,୨୯।୧୨**

ବେଦବ୍ୟାସ ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମ ମାଧ୍ୟମରେ କୁଆଁରମୁଣ୍ଡା ଅନ୍ତର୍ଗତ ପୋଷ୍ୟଗ୍ରାମ ଡମପଡାରେ ପିଲାଙ୍କୁ ଶୀତ ପୋଷାକ ସହ ପ୍ୟାଣ୍ଟସାର୍ଟ ଓ ସ୍କୁଲ ବ୍ୟାଗ ଆଦି ବିତରଣ କରାଯାଇ ଥିଲା। ଏଥିରେ ଆମକୋ ସିମକୋ ସହିଦ ସ୍ମୃତି କମିଟି ସଂପାଦକ ରବିନ୍ଦ୍ର ପ୍ରଧାନ, ନିରଞ୍ଜନ ସେଠୀ ଉପସ୍ଥିତ ରହି ଶୈକ୍ଷିକ ସାମଗ୍ରୀ ଓ କମ୍ବଳ ବଣ୍ଟନ କରିଥିଲେ। ରବିବାର ସକାଳୁ ସ୍ଥାନୀୟ ବାସିନ୍ଦା, ଛାତ୍ରୀଛାତ୍ରଙ୍କୁ ଯୋଗ, ପ୍ରଣାୟମ ଆଦି ଶିକ୍ଷା ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ମଣିଷକୁ ନିରୋଗ ରହିବା ନେଇ ଶ୍ରଦ୍ଧାଳୁଙ୍କୁ ଶିକ୍ଷା ପ୍ରଦାନ କରାଯାଇ ଥିଲା। ଅପରାହ୍ନରେ ସାମାଜିକ କର୍ମୀ କାମେଶ୍ୱର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ବାସିନ୍ଦା, ଛାତ୍ରୀଛାତ୍ରଙ୍କ ସମ୍ବୋଧିତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ଅଧିକାରୀ କାଳିକିଙ୍କର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ଶେଷରେ ଜ୍ୟୋସ୍ନାରାଣୀ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଡ ଉମାକାନ୍ତ ପଣ୍ଡା, ନିଲିମା ମୁଣ୍ଡା, ଆରତୀ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।


ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୋଷାକ ବିତରଣ କରାଯାଉଛି।

### ଜମି କାରବାର ଘଟଣା: ୪ ଅଭିଯୁକ୍ତ ଜେଲ ଗଲେ

**ଭଟଲି, ୨୯।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ତହସିଲ ଅଞ୍ଚଳରେ ନକଲି ଇସି ଓ ପଟ୍ଟା ବଳରେ ଚାଲିଥିବା ଜମି କାରବାର ଘଟଣାରେ ପୋଲିସ ରବିବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଭ୍ୟାଗତ ଡନସନା(୫୦), ମଗଶିର ଡନସନା(୨୪), କୃଷ୍ଣଚନ୍ଦ୍ର ବନଛୋର(୪୬) ଏବଂ ରେବତୀ ରମଣ ବନଛୋର(୪୦) । ଶନିବାର ଘଟଣା ସମ୍ପର୍କରେ ଭଟଲି ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର ଭଟଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଅଫିସରେ ଜମି ରେଜିଷ୍ଟ୍ରି ଚାଲିଥିବା ବେଳେ ଦସ୍ତଖତରେ ଟାମ୍ପରିଂ ହୋଇଥିବା ମାଜିଷ୍ଟ୍ରେଟଙ୍କ ନଜରକୁ ଆସିଥିଲା। ତେବେ ସେହି କାଗଜାତ ଗୁଡ଼ିକ ପରେ ପୂର୍ବ ଜମିଜମା କାଗଜ ସହ ନ ମିଶିବାରୁ ତହସିଲଦାର ଏ ନେଇ କ୍ରେତା ଓ ବିକ୍ରେତାଙ୍କୁ ଡାକି ପଚାରାଉଚୁରା କରିବା ସହିତ ଭଟଲି ପୋଲିସରେ ଏତଲା ଦେଇଥିଲେ । ଏ ନେଇ ଭଟଲି ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ଅସଙ୍ଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ନେଇ ପରିଚୟ ପତ୍ର ବଣ୍ଟନ

**ରାଉରକେଲ ଅଫିସ,୨୯। ୧୨-** ବନ୍ଧମୁଣ୍ଡା ଭଗତ ସିଂ କ୍ଲବ ପରିସରରେ ରବିବାର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧକ୍ଷ ସୁବାଶ ସିଂ ଯୋଗଦେଇ ଶତାଧିକ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା କାର୍ଡ ତଥା ପରିଚୟ ପତ୍ର ବଂଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ କଲେଜ ନିକଟରୁ ଏକ ଶୋଭାଯାତ୍ରା ବାହାରି ସଭା ସ୍ଥଳ ଯାଏ ଆସିଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୁବାଶ ସିଂ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରିଥିଲେ। ଏଥିରେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ସାମାଜିକ କର୍ମୀ ଆଶା ବିଶ୍ୱାଳ, ମାଙ୍ଗା ରେଡି. ପିତାମ୍ବର ରାଉତ, ରମାକାନ୍ତ ଭୂକ୍ତା, ଛାତ୍ର ନେତା ଡି ଅଭିକ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି ପର୍ଯ୍ୟବେକ୍ଷକ ମାନସ ମହାନ୍ତି କାର୍ଯ୍ୟକ୍ରମ ପରିଚାଳାନ କରିଥିଲେ। ଏହି ଅବସରରେ ବୋର୍ଡ ଅଧକ୍ଷ ସିଂ କହିଥିଲେ ସରକାର ନିର୍ମାଣ ଶ୍ରମିକଙ୍କ ପାଇଁ ବହୁବିଧ ଯୋଜନା କରିଛନ୍ତି। ବିଶେଷ କରି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ କିପରି ଯୋଜନାର ସୁଫଳ ମିଳି ପାରିବ ସେନେଇ ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟକ ଏଥିରୁ ସୁଫଳ ପାଇବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ରାଉରକେଲା ବିଧାୟକ ସାରଦା ନାୟକ ମଧ ଏଥିରେ ବକ୍ତବ୍ୟ ପ୍ରଦାନ ରକିଥିଲେ। କାର୍ଯ୍ୟକ୍ରମରେ ଗୌତମ ମହାରଣା ବିଭୂତି ଗୁପ୍ତା, ବେଲା ଦତ, ସେରୁ ଶର୍ମା, ଆକାଶ ଏକ୍କା, ସୁଧା ସିଂ, ସପନା ରାଉତରାୟ, ମନୋଜ ଭଗତ, ଚନ୍ଦନ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।


ସାମାଜିକ ସୁରକ୍ଷା କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

■ ୨୫ ତମ ବେଲପାହାଡ଼ କ୍ରିକେଟ ଲିଗ୍ ଉଦ୍‌ଘାଟିତ

# ଟିଆର୍‌ଏଲ କ୍ରୋସାକି, ଜିବିସିଏ ବିଜୟୀ

**ବେଲପାହାଡ଼,୨୯।୧୨ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଟାଇଗର କ୍ଲବ ଆନକୂଲ୍ୟରେ ରବିବାରରୁ ୨୫ ତମ କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଅମର ଜ୍ୟୋତି କ୍ଲବ ଓ ଟିଆର୍‌ଏଲ କ୍ରେସାକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିଆର୍‌ଏଲ କ୍ରୋସାକି ଦଳ ୪ ଉଇକେଟରେ ଅମରଜ୍ୟୋତି କ୍ଲବକୁ ହରାଇ ବିଜୟୀ ହୋଇଛି । ଅମରଜ୍ୟୋତି କ୍ଲବ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୧୦ ଉଇକେଟ ହରାଇ ୯୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିଆର୍‌ଏଲ କ୍ରୋସାକି ଦଳ ୫ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରି ମ୍ୟାଚ୍ ବିଜୟୀ ହୋଇଥିଲା। ଅମର ଜ୍ୟୋତି କ୍ଲବର ଗୋକୁଲ ଭଇଁଷାଲ ଦଳ ପାଇଁ ସର୍ବାଧିକ ୧୨ ବଲରେ ୧୮ ରନ୍ ଏବଂ ଟିଆର୍‌ଏଲ କ୍ରୋସାକି ଦଳର ଦେବ କର ୩୦ ବଲରେ ୩୧ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଜିବିସିଏ ଓ ଗ୍ଲୋବାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିବିସିଏ ପ୍ରଥମେ ବ୍ୟାଟିଂ କରିଥିଲା। ୮ ଉଇକେଟ ବିନିମୟରେ ୭୯ ରନ୍ ସଂଗ୍ରହ କରିଥିଲା। ଗ୍ଲୋବାଲ ଦଳ ସମସ୍ତ ୧୦ ଉଇକେଟ ହରାଇ ମାତ୍ର ୬୯ ରନ୍ ସଂଗ୍ରହ କରି ମ୍ୟାଚ୍ ପରାଜିତ ହୋଇଥିଲା । ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ ଅମ୍ପାୟର ଶିବ ମହାରଣା ଓ ବିଭୁତି ପାତ୍ର। ଦ୍ୱିତୀୟ ମ୍ୟାଚ୍ ପରିଚାଳନା କରିଥିଲେ ଅମ୍ପାୟର ମନୋଜ ମହାନ୍ତି ଓ ନରେନ୍ଦ୍ର ରାଉତ। ରବିବାର ସକାଳେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡଃ ତାରାପଦ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଆୟୋଜକ ଟାଇଗର କ୍ଲବର ସଭାପତି ସଞ୍ଜୟ ସିଂ ଓ ସମ୍ପାଦକ ରଞ୍ଜନ ଦାଶଙ୍କ ସମେତ କର୍ମକର୍ତ୍ତା ତପନକାନ୍ତ ଜେନା, ଉଗ୍ରସେନ ଅଗ୍ରୱାଲ, ଦେବାଶିଷ ଆଇଚ୍ ଓ ଜୁଲଫିକର ଅଲ୍ଲୀ ଉପସ୍ଥିତ ଥିଲେ।


ବିଜୟୀ ଜିବିସିଏ ଦଳର ଖେଳାଳିମାନଙ୍କ ସହିତ ଅତିଥି ଓ ଆୟୋଜକ ଟାଇଗର କ୍ଲବର କର୍ମକର୍ତ୍ତା।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



**ସଂକ୍ଷେପରେ**

## ବଜରଙ୍ଗ ଦଳର ଜିଲାସ୍ତରୀୟ ବୈଠକ

ଦେବଗଡ଼,୨୯।୧୨(ଡି.ଏନ.ଏ.): ସ୍ଥାନୀୟ ସଂଘ କାର୍ଯ୍ୟାଳୟଠାରେ ବଜରଙ୍ଗ ଦଳର ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ଇଂ. ସୁଧୀର ରଞ୍ଜନ ବହିଦାର ଯୋଗଦେଇ ରାମ ମନ୍ଦିର ନିର୍ମାଣରେ ସହଯୋଗ, ଗୋସୁରକ୍ଷା ଉପରେ ଆଲୋଚନା କରିଥିଲେ। ଆଗାମୀ ପଶ୍ଚିମ ପ୍ରାନ୍ତ ସମ୍ମିଳନୀକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଦଳର ଜିଲାସ୍ତରୀୟ ଟିମ ଗଠନ କରାଯାଇଥିଲା। ଦେବଗଡ଼ ଜିଲା ସଂଯୋଜକ ଭାବେ ଡିଲେଶ୍ୱର ମହାପାତ୍ର, ସହ ସଂଯୋଜକ ଜିତେନ୍ଦ୍ର କୁମାର ନାୟକ ଓ ଜଗନ୍ନାଥ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ନଗର ସଂଯୋଜକ ଭାବେ ପୁଷ୍ପମ ଗଙ୍ଗଦେବଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହିତ ସହ ସଂଯୋଜକ ଭାବେ ବବଲୁ ନାୟକ, ମଧୁସୂଦନ ବାଘ, କାର୍ତ୍ତିକ ପାତ୍ର, ସଂଗ୍ରାମ କୁମାର ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ଗୋରକ୍ଷା ପ୍ରମୁଖ ବିଜୟ କୁମାର ସାହୁ, ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର, ବିଶ୍ୱହିନ୍ଦୁ ପରିଷଦର ସଭାପତି ପୂର୍ଣ୍ଣଚନ୍ଦ୍ର ଭୁକ୍ତା, ସମ୍ପାଦକ ପବିତ୍ର ପୂଜାରୀ, ରାହୁଲ ରାଣା, ଅମିତ ମିଶ୍ର, ଶୁଭାଶିଷ ନନ୍ଦ, ସୌରଭ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ରନ୍ ଫର୍ ଲୋକ୍ ମହୋତ୍ସବ







ସମ୍ବଲପୁର ସମଲେଇ ମନ୍ଦିର ଛକରେ ମୁଖ୍ୟ ଅତିଥି ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ଓ ଅନ୍ୟମାନେ ଗଣଦଉଡରେ(ବାମ) । ମହିଳା ଓ ପୁରୁଷ ବିଭାଗର ବିଜେତାମାନେ (ମଝି)। ଶିଶୁ କାଳାକାର ଚନ୍ଦନ ବେଉରା ଓ ପଦ୍ମା ପ୍ରିୟଦର୍ଶନୀଙ୍କ ସମ୍ବଲପୁରୀ ନୃତ୍ୟ।

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ଲୋକ ମହୋତ୍ସବ ଜାନୁୟାରୀ ୩ ତାରିଖଠାରୁ ଆରମ୍ଭ ହେବ। ଏଥିପାଇଁ ରବିବାର ସମ୍ବଲପୁର ମହାନଗର ନିଗମ ପକ୍ଷରୁ 'ରନ୍ ଫର୍ ଲୋକ୍ ମହୋତ୍ସବ' ଆୟୋଜନ କରାଯାଇଥିଲା । ସମଲେଇମନ୍ଦିରଠାରୁ ଅଇଁଠାପାଲି ପିଏଚଡି ପଡିଆ ପର୍ଯ୍ୟନ୍ତ ୫ କିମି. ରାସ୍ତାରେ ସମସ୍ତେ ଦଉଡିଥିଲେ। ରିଂ ରୋଡର ସମଲେଇ ମନ୍ଦିର ଛକଠାରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପୁରୁଷ ବର୍ଗରେ ଆକାଶ ମିର୍ଦ୍ଧା, ସୁମନ୍ତ ମିର୍ଦ୍ଧା, ହେମନ୍ତ ନାଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତତୀୟ ସୀଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ରଞ୍ଜିତ ମାଝି, ବିଦ୍ୟାଧର ତାଣ୍ଡି, ରାଜିକିଶୋର ପ୍ରଧାନ, ଅଲିମ ହାସ୍ତା, ରାଧେଶ୍ୟରମ ହରିପାଲଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ମହିଳା ବର୍ଗରେ ସୁଶୀଲା ବିଲୁଙ୍ଗ, ସନ୍ଧ୍ୟାରାଣୀ କୁମୁରା, ତୁଳସୀ ମଲ୍ଲିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ନେଇ ପୁରସ୍କୃତ ହୋଇଛନ୍ତି। ସୁନୀତା ମୁଣ୍ଡା, ନିଶା ଓରାମ, ସୁଷମା ବରିହା, ଜନକି ଓରାମ, ସୁନୀତା ସେଠଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ରାମାଶିଷ ତ୍ରିପାଠୀଙ୍କ ସଂଯୋଜନାରେ ନୃତ ଗୀତ ପରିବେଷିତ ହୋଇଥିଲା। ମହାନଗର ନିଗମ ପକ୍ଷରୁ ଅତିରିକ୍ତ କମିଶନର ଦେବେନ୍ଦ୍ର ନନ୍ଦ ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ପିଡି ଡିଆଡିଏ ସୁକାନ୍ତ ତ୍ରିପାଠୀ, ଲୋକମହୋତ୍ସବ ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଗଣଦଉଡରେ ଭାଗ ନେଇଥିବା ମହିଳାମାନେ ।



ରାଜକୁମାର ଜାଲ୍ ଗୀତ ପରିବେଷଣ କରୁଛନ୍ତି ।

# କେନ୍ଦ୍ର ସରକାର ଶ୍ରମିକ ମାରଣନୀତି ଚଳାଇଛନ୍ତି



ସମ୍ବଲପୁର ମ୍ୟୁନିସିପାଲିଟି ଛକରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ପ୍ରଥପ୍ରାନ୍ତ ସଭା କରାଯାଉଛି ।

ସମ୍ବଲପୁର,୨୯।୧୨(ବ୍ୟୁରୋ)

ହିନ୍ଦ୍‌ମଜଦୁର ସଭାର ପ୍ରତିଷ୍ଠା ଦିବସ ସମ୍ବଲପୁର ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ରାଲି ଓ ପ୍ରଥପ୍ରାନ୍ତ ସଭା କରି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନୀତି ଉପରେ ଦଳର ନେତୃମଣ୍ଡଳି ବର୍ଷିଛନ୍ତି। ଲକ୍ଷ୍ମୀଟକିଜ ଛକରୁ ଏକ ରାଲି ବାହାରି ଗୋଲବଜାର ଦେଇ ମ୍ୟୁନିସିପାଲଟି ଛକରେ ପହଞ୍ଚି ଥିଲା । ସେଠାରେ ସଂଗଠନର କାର୍ଯ୍ୟକାରୀ ସଭାପତି ବିଜୟ ମାହାନ୍ତିଙ୍କ ଅଧକ୍ଷତାରେ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜିଏସ୍‌ଟି ଲଗାଇ ବା ଦ୍ୱାରା କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କ ପ୍ରତି କେନ୍ଦ୍ର ସରକାର ଅନ୍ୟାୟ କରିଛନ୍ତି। ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ଗରିବଙ୍କୁ ବାଧୁଛି। ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ଦେଶରେ ଆଜି ମାନ୍ଦାବସ୍ଥା ରହିଛି ବୋଲି ଅଭିଯୋଗ କରାଯାଇଛି। ତେଣୁ ଏହାକୁ ବିରୋଧ କରିବାକୁ ସମସ୍ତ ଶ୍ରମିକ ସଙ୍ଗଠନକୁ ଏକତ୍ରିତ ହେବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଛି। ମହେଶର ଷଣ୍ଢ, ବବିତା ବଡପଣ୍ଡା, ସଞ୍ଜୀତ ମହାନ୍ତି, ମହମ୍ମଦ ମୃତୁଜା, ତୁଷାର ନାଥ, ବଳରାମ ଦାଶ, ସୁସ୍ମିତା ଦୀପ, ଭକ୍ତବନ୍ଧୁ ମାଝି, ପ୍ରଶାନ୍ତ ଥପ୍ପା, ଗଜେନ୍ଦ୍ର ଦାଶ, ଲକ୍ଷ୍ମୀ ମହାପାତ୍ର, ଅନୁପ ଜେନା, କାର୍ତ୍ତିକ ପ୍ରଧାନ, ଶଶି ଭୂଷଣ ପ୍ରଧାନ, ଟଙ୍କଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଦେବଗଡ଼,୨୯।୧୨(ଡି.ଏନ.ଏ.)

ସ୍ଥାନୀୟ ଟାଉନହଲଠାରେ ଦେବଗଡ଼ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ ସଂସଦର ସଭାପତି ଡ. ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ପ୍ରଫେସର ସଦାଶିବ ପ୍ରଧାନ, ମୁଖ୍ୟବକ୍ତା ଭାବେ ଘେଁସ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ସମ୍ମାନିତ ବକ୍ତା ଭାବେ ଡ. ଗୋବିନ୍ଦ ଚନ୍ଦ୍ର ମହାରଣା, ଡ. ସନ୍ତୋଷ କୁମାର ଦେବତା ଯୋଗଦେଇ ଜଗନ୍ନାଥ ସାହିତ୍ୟ ସଂସଦର କାର୍ଯ୍ୟାବଳୀ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏପରି କି ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ସଂସଦର ସମ୍ପାଦକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରତ ଭୂଷଣ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସାହିତ୍ୟ ସଂସଦର ମୁଖପତ୍ର ସ୍ମରଣିକା 'ପଦରେଣୁ' ଉନ୍ମୋଚିତ ହୋଇଥିଲା। ଏପରି କି ଭାରତୀ ଶତପଥୀଙ୍କ ରଚିତ ଉପନ୍ୟାସ 'ବାଲୁକା ତଳର ଲୁହ', ଅଞ୍ଜନା ନାୟକଙ୍କ ରଚିତ 'ଅପୂର୍ବ', ସୁଧୀର କୁମାର ଦ୍ୱିବେଦୀଙ୍କ ରଚିତ 'କଥା ସରିତା', ଡ. ଭାରତ ଭୂଷଣ ନନ୍ଦଙ୍କର ରଚିତ 'ମଝି ଆକାଶର ମାଟି, ନିରଞ୍ଜନ ଦ୍ୱିବେଦୀଙ୍କ ରଚିତ 'ଆତ୍ମିକ କଥନ', ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କ ରଚିତ 'ଭକ୍ତରାଜ କଂସ' ଉନ୍ମୋଚିତ ହୋଇଥିଲା। ଅନ୍ୟପକ୍ଷେ ସଂସଦର ପରମ୍ପରା ଅନୁଯାୟୀ ଚଳିତ ବର୍ଷ ତାଳବାହାଲି ଗ୍ରାମର ପ୍ରଫେସର ରମେଶ ଚନ୍ଦ୍ର ପ୍ରଧାନଙ୍କୁ 'ବାମଣ୍ଡା ରତ୍ନ ସମ୍ମାନ-୨୦୧୯ ପ୍ରଦାନ କରାଯିବା ସହ ନାଟ୍ୟକଳା କ୍ଷେତ୍ରରେ ଦେବଗଡ଼ର ବିପିନ ବିହାରୀ ନନ୍ଦ, ସାରସ୍ୱତ ପ୍ରତିଭା ଭାବେ ରିଆମାଳର ଜଳନ୍ଧର ଦାଶ ଓ ଦେବଗଡ଼ର ଭାରତୀ ଶତପଥୀ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କର୍ଣ୍ଣଲର ରାଜକିଶୋର ଦ୍ୱିବେଦୀ, ପୁରୁଣାଗଡ଼ର ଆଇନଜୀବୀ ଅଭିମନ୍ୟୁ ରଣା, ସେବାରେ ସାମନ୍ତାପାଲି ଗ୍ରାମର ଜ୍ୟୋତି ୟୁଥ କ୍ଲବ, ଦେବଗଡ଼ର ସୁଶୀଳ କୁମାର କର, କୃଷି କ୍ଷେତ୍ରରେ ଭାଟସିଂର ରାଜକିଶୋର ପ୍ରଧାନ, ସୁଗୃହିଣୀ ଭାବେ ପୁରୁଣାଗଡ଼ର ସକୁନ୍ତଳା ପ୍ରଧାନ, ସ୍ୱଚ୍ଛ ପରିବେଶ ପ୍ରାଥମିକ ବିଦ୍ୟାଳୟ ଭାବେ ଅସୁରଖୋଳ ପ୍ରାଥମିକ ବିଦ୍ୟାଳୟ, ପୁରୁଣାଗଡ଼ର ସମ୍ବିତ ଦ୍ୱିବେଦୀଙ୍କୁ ଯୁବ ପ୍ରତିଭା ସମ୍ମାନ, ଗବେଷଣା କ୍ଷେତ୍ରରେ ଦେବଗଡର ଡ. ସମୀର କୁମାର ନନ୍ଦ ଓ ଡ. ତନ୍ମୟୀ ମହାନ୍ତି, ରାଜା ବାସୁଦେବ ହାଇସ୍କୁଲର ରାହୁଲ ଟାଲୀ ଓ ପ୍ରିୟାଂଶୁ ମହାକୁଡଙ୍କୁ ଦେବଦତ୍ତ ସ୍ମୃତି ସମ୍ମାନ-୨୦୧୯ ପ୍ରଦାନ କରାଯାଇଥିଲା। ଶେଷରେ ଡ. ଭାରତ ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସାହିତ୍ୟ ସଂସଦର ଉପସଭାପତି ନିରଞ୍ଜନ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅତୁଲ୍ୟ କୁମାର ପୂଜାରୀ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲୀପ କୁମାର ଗୁରୁ ଯୋଗଦେଇଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଏବଂ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡିକୁ ରିଆମାଳସ୍ଥିତ ନବ ଦିଗନ୍ତର ସମ୍ପାଦକ ଗୋଲବଦନ ବିଶ୍ୱାଳ, ସଂସଦର ସଦସ୍ୟା ସୁମିତ୍ରା ପୁରୋହିତ ସଂଯୋଜନା କରିଥିଲେ। ସଂସଦର ଉପସଭାପତି ରାମଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ। ସଂସଦର କୋଷାଧକ୍ଷ ଭୋଳେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧାପକ ବିଜୟ ଶତପଥୀ, ଭୁବନେଶ୍ୱର ସାହୁ, ପ୍ରକାଶ ଚନ୍ଦ୍ର ଦେବତାଙ୍କ ସହ ସଂସଦର ବହୁ ସଦସ୍ୟ ସହଯୋଗ କରିଥିଲେ।



ଅତିଥିମାନେ 'ଆତ୍ମିକ କଥନ' ଏବଂ ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କ ରଚିତ 'ଭକ୍ତରାଜ କଂସ' ଉନ୍ମୋଚିତ କରୁଛନ୍ତି।

## ଦେବଗଡ଼ ଫଟୋଗ୍ରାଫର ସଂଘ ଗଠିତ

ଦେବଗଡ଼,୨୯।୧୨(ଡି.ଏନ୍.ଏ.)

ସ୍ଥାନୀୟ ବସନ୍ତ ନିବାସ ଡ଼ାକ ବଙ୍ଗଳାରେ ଦେବଗଡ଼ ଫଟୋଗ୍ରାଫର ସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୁଶିଳ କୁମାର ଦାଶଙ୍କ ସଭାପତିତ୍ୱରେ ଜିଲାର ୩ଟି ବ୍ଲକରୁ ଫଟୋଗ୍ରାଫରମାନେ ଯୋଗଦେଇ ବିଭିନ୍ନ ସମାସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଦେବଗଡ଼ ଫଟୋଗ୍ରାଫର ସଂଘ ଗଠନ କରାଯାଇଥିଲା। ସର୍ବସମ୍ମିତ କ୍ରମେ ସଭାପତି ଭାବେ ଟିକେଶ୍ୱର ଗୁରୁ, ଉପସଭାପତି ଚର୍ତୁଭୁଜ ବରାଇ, ସମ୍ପାଦକ ଅଜିତ କୁମାର ନନ୍ଦ, ସହସମ୍ପାଦକ କୁଞ୍ଜବିହାର ସାମଲ, କୋଷାଧକ୍ଷ ଦୀପକ କୁମାର ଝାଙ୍କର ଏବଂ କାର୍ଯ୍ୟନିର୍ବାହୀ ସଭ୍ୟ ଅନୁଲ୍ୟ କୁମାର ନାଥ, ଗଣେଶ କୁମାର ଜେନା, ଲିକୁ ବିଶ୍ୱାଳ, ସନ୍ଦିପ କୁମାର ଜ୍ୟୋତିଷ, ବିକାଶ କୁମାର ରଞ୍ଜିତ, ରିଙ୍କୁ ବେହେରାଙ୍କୁ ମନୋନୀତ କରାଯାଇଛି।

# ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ସହ ଖେଳାଳିମାନେ।

ଦେବଗଡ଼,୨୯।୧୨(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ମହାବୀର ୟୁଥ୍ କ୍ଲବ ଅନୁକୁଲ୍ୟରେ ୨ ଦିନ ଧରି ମାଝିଚାକୁଣ୍ଡାପାଳରେ ଚାଲିଥିବା ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ କୁଣ୍ଡେଇଗୋଳା ଏବଂ ବମ୍ପରଡ଼ା ଦଳ ମଧ୍ୟରେ ହୋଇଥିଲା । ୩-୧ରେ କୁଣ୍ଡେଇଗୋଳା ବିଜୟଲାଭ କରିଥିଲା । କ୍ଲବର ସଭାପତି ଗିରୀଧାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ ଧରଣୀଧର ବେହେରା, ଯୁବକେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ, କ୍ଲବର ଉପଦେଷ୍ଟା ଭାଗୀରଥି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଉଭୟ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ରାମଚନ୍ଦ୍ର ବିଶ୍ୱାଳ, ଶକ୍ତିପ୍ରସାଦ ପ୍ରଧାନ ଓ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କ୍ଲବ ସମ୍ପାଦକ ରବିନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରକାନୀପାଲି ବିଏନ୍‌ସିସି ଚାମ୍ପିୟନ କପ୍

# ବରକାନୀପାଲିକୁ ହରାଇ ନକ୍ସାପାଲି ଚାମ୍ପିୟନ

ଲଖନପୁର,୨୯।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବରକାନୀପାଲି ଗ୍ରାମ ଖେଳପଡିଆରେ ଗ୍ରାମର ନେତାଜୀ କ୍ଲବ୍ ତରଫରୁ ୨୦ତମ ବିଏନ୍‌ସିସି ଚାମ୍ପିୟନ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରିକେଟ୍ ଟୁର୍ନାମେଣ୍ଟ ଗତ ବୁଧବାରରୁ ଆରମ୍ଭ ହୋଇଥିଲା। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ବରକାନୀପାଲି ଦଳ ଓ ନକ୍ସାପାଲି ଦଳ ଫାଇନାଲ୍ ମ୍ୟାଚ୍‌କୁ ପ୍ରବେଶ କରିଥିଲେ। ପ୍ରଥମେ ନକ୍ସାପାଲି ଦଳ ବ୍ୟାଟିଂ କରି ୧୧୭ରନ୍ କରିଥିଲା। ଏହାର ପ୍ରତିପକ୍ଷ ବରକାନୀପାଲି ଦଳ ୧୧୭ରନ୍‌ରେ ପିଛାକରି ୮୦ରନ୍‌ରେ ସମସ୍ତ ଉଇକେଟ୍ ହରାଇ ପରାଜିତ ହୋଇଥିଲା। ବରକାନୀପାଲି ଦଳକୁ ହରାଇ ନକ୍ସାପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜୟୀ ନକ୍ସାପାଲି ଦଳକୁ ଚାମ୍ପିୟନ ଟ୍ରଫି ସହ ୨୦ହଜାର ଟଙ୍କା ଓ ଉପବିଜେତା ବରକାନୀପାଲି ଦଳକୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ନକ୍ସାପାଲି ଦଳର ଖେଳାଳି ପ୍ରଭାସଙ୍କୁ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ମନୋନୀତ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ସୁବାସ ସାହୁ ଓ ପ୍ରଭାତ ବଢେଇ ଆମ୍ପାୟର ଭାବେ ପରିଚାଳନା କରିଥିଲେ। ପରମେଶ୍ୱର ଛୁରିଆ ଓ ଶିବା ଡିଜେ ଭାଷ୍ୟକାରଭାବେ ଦାୟୀତ୍ୱ ତୁଲାଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ସୁବ୍ରତ ପ୍ରଧାନ, ତିଲିଆ ସରପଞ୍ଚ ଠଣ ସୁନ୍ଦର ସାହୁ, କୈଳାସ ସାହୁ, ଚତୁର୍ଭୁଜ ସାହୁ ଓ ଲିଙ୍ଗରାଜ ବଢେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଆୟୋଜକ ନେତାଜୀ କ୍ଲବ୍‌ର କର୍ମକର୍ତ୍ତା ସୁଶାନ୍ତ ସାହୁ, ହେମନ୍ତ ଭୋଇ, ସତ୍ୟରାଜ ପ୍ରଧାନ, ପିଣ୍ଟୁ ସାହୁ, ଅଜୟ ଖମାରୀ, ମୀନକେତନ ମାଳି ପ୍ରମୁଖ ସହଯୋଗ କରିଥିଲେ।



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।



ଅକ୍ଷୟ କୁମାର ଓ କରୀନା କପୁର ଖାନ୍‌ଙ୍କ ଅଭିନୀତ 'ଗୁଡ୍ ନ୍ୟୁଜ୍' ବକ୍ସ ଅଫିସରେ କମାଲ କରିଛି। ଫିଲ୍ମ ରିଲିଜ ହେବାର ଦୁଇଦିନ ଭିତରେ ୩୯.୩୪ କୋଟି ଟଙ୍କା କଲେକ୍ସନ କରିବାରେ ସକ୍ଷମ ହୋଇଛି। ଏହି ସିନେମାରୁ ଭରପୁର ମଜା ଉଠାଉନ୍ତି ଦର୍ଶକେ।



# ପ୍ରେମ ଆଗରେ ବୟସର ଜୋର୍ ନାହିଁ



## ବୃଦ୍ଧାଶ୍ରମରେ ନିଆରା ବିବାହ

**ଥ୍ରିଶୂର୍(କେରଳ):** ପ୍ରେମ ଆଗରେ ବୟସର କୌଣସି ମାନେ ନାହିଁ। ହୃଦୟ ତ କୋମଳମତି ଶିଶୁ। ପ୍ରେମ ହଉ ହଉ ହୋଇଯାଏ। ଏକଥା ସମସ୍ତେ ଶୁଣିଥିବେ, ହେଲେ କେରଳରେ ଜଣେ ୬୭ ବର୍ଷୀୟ ବୃଦ୍ଧ ଜଣେ ୬୬ ବର୍ଷୀୟା ବୃଦ୍ଧାଙ୍କୁ ବିବାହ କରି ଏହା ପ୍ରମାଣିତ କରିଛନ୍ତି। କେରଳର କୋଚାନିୟନ୍ ମେନନ୍(୬୭) ଏବଂ ଲକ୍ଷ୍ମୀ ଅମ୍ମଲ୍(୬୬) ଥ୍ରିଶୂର୍ ଜିଲା ଅଧୀନ ରାମଭର୍ମାପୁରମ୍ ଠାରେ ସରକାରଙ୍କ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମରେ ରହିଛନ୍ତି। ସେହିଠାରେ ଦୁହିଁଙ୍କ ମିଳାମିଶା ଏବଂ ଭାବ ଆଦାନ ପ୍ରଦାନରୁ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। ଆଉ ଶେଷରେ ଦୁହେଁ ପରସ୍ପରଙ୍କ ହାତ ଧରି ବାକି ଜୀବନ କାଟିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାର ସେହି ବୃଦ୍ଧାଶ୍ରମରେ ହିଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହି ନିଆରା ବିବାହ କାର୍ଯ୍ୟକ୍ରମରେ କେରଳର କୃଷି ମନ୍ତ୍ରୀ ଭି. ଏସ୍ ସୁନୀଲ୍ କୁମାର ଯୋଗଦେଇ ଲକ୍ଷ୍ମୀଙ୍କ ହାତ କୋଚାନିୟନ୍‌ଙ୍କ ହାତରେ ଦେଇ ଖୁସି ଏବଂ ଶାନ୍ତିପୂର୍ଣ୍ଣ ବିବାହ ଜୀବନ କାମନା କରିଥିଲେ। ବୟସର ଅପରାହ୍ନରେ ଦୁହେଁ ଏକାଠି ହୋଇଥିବାବେଳେ ବିବାହ ଉତ୍ସବରେ ଲକ୍ଷ୍ମୀ ଧଳା କେଶରେ ନାଲି ସିନ୍ଦୂର ଓ ନାଲି ଶାଢ଼ିରେ ବେଶ୍ ଚହଟୁଥିବାବେଳେ କୋଚାନିୟନ୍ ମଧ୍ୟ ପାରମ୍ପରିକ ପୋଷାକରେ ଥିଲେ। ବିବାହ ପୂର୍ବରୁ ମେହେନ୍ଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, କୋଚାନିୟନ୍ ଲକ୍ଷ୍ମୀ ସ୍ୱାମୀଙ୍କ ସହାୟକ ଥିବାବେଳେ ୨୧ ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସମ୍ପର୍କୀୟଙ୍କ ସହ ରହୁଥିଲେ। ୨ ବର୍ଷତଳେ ସେ ବୃଦ୍ଧାଶ୍ରମକୁ ଚାଲିଯାଇଥିଲେ। କୋଚାନିୟନ୍ ମଧ୍ୟ ୨ମାସ ତଳେ ସେହି ଆଶ୍ରମରେ ପହଞ୍ଚିଥିଲେ। ଆଶ୍ରମ କର୍ତ୍ତୃପକ୍ଷଙ୍କ ସମେତ ସାମାଜିକକର୍ମୀ ଏବଂ ଅନ୍ତେବାସୀଙ୍କ ସହଯୋଗରେ ଏଭଳି ଏକ ସୁନ୍ଦର ବିବାହ ସମ୍ପନ୍ନ ହୋଇଥିବା ଆଶ୍ରମ ପକ୍ଷରୁ କୁହାଯାଇଛି। ବିବାହ ନେଇ ଲକ୍ଷ୍ମୀ କୁହନ୍ତି, ଏହା ଆଶିର୍ବାଦ ଅଟେ। ଆମେ କେତେଦିନ ଏକାଠି ରହିବୁ ଜାଣିନୁ। ହେଲେ ଯେତେଦିନ ରହିବୁ ଖୁସିରେ ରହିବୁ। ଅନ୍ତତଃ ମୋ ପାଖରେ ସବୁବେଳେ କେହି ଜଣେ ଅଛନ୍ତି ବୋଲି ମୁଁ ଅନୁଭବ କରିପାରିବି। ଏହି ନିଆରା ବିବାହର ଫଟୋ ସୋସିଆଲ୍ ମିଡିଆରେ ନଜରକୁ ଆସିଛି।

# ମଲାଲା ପ୍ରସିଦ୍ଧ କିଶୋରୀ



## 'ଡିକେଡ୍ ଇନ୍ ରିଭ୍ୟୁ' ରିପୋର୍ଟ

**ନ୍ୟୁୟର୍କ:** ଯୁକ୍ତରାଷ୍ଟ୍ର ଆମେରିକା ଇତିମଧ୍ୟରେ 'ଡିକେଡ୍ ଇନ୍ ରିଭ୍ୟୁ' ରିପୋର୍ଟ ଜାରି କରିଛି। ଏଥିରେ ଗୋଟିଏ ଦଶନ୍ଧିର ପ୍ରମୁଖ ଘଟଣାବଳୀ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି। ଏଥିସହ ଦଶନ୍ଧିର ଗୁରୁତ୍ୱପୂର୍ଣ୍ଣ ଖବର ମଧ୍ୟ ସ୍ଥାନିତ ହୋଇଛି। ଯଥା-୨୦୧୦ର ବିନାଶକାରୀ ଭୂମିକମ୍ପ, ୨୦୧୧ରେ ସିରିଆରେ ଆରମ୍ଭ ହୋଇଥିବା ସଂଘର୍ଷ, ପ୍ୟାରିସରେ ଜଳବାୟୁ ପରିବର୍ତ୍ତନ ଓ ଯୁକ୍ତରାଷ୍ଟ୍ର ଆମେରିକାର ୨୦୩୦ ଏଜେଣ୍ଡା ଆଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ ଯୁକ୍ତରାଷ୍ଟ୍ର ଆମେରିକାର ଏହି 'ଡିକେଡ୍ ଇନ୍ ରିଭ୍ୟୁ' ରିପୋର୍ଟରେ ପାକିସ୍ତାନର ମଲାଲା ୟୁସୁଫ୍ ଜାଇଙ୍କୁ ବିଶ୍ୱର 'ପ୍ରସିଦ୍ଧ କିଶୋରୀ' ବୋଲି ବିବେଚନା କରାଯାଇଛି। ରିପୋର୍ଟ ଅନୁସାରେ, ସବୁ ଝିଅଙ୍କୁ ସ୍କୁଲ ପଠାଇବା ଓ ସେମାନଙ୍କୁ ଆଡ୍‌ଭାନ୍ସ ଶିକ୍ଷା ଯୋଗାଇଦେବାକୁ ପ୍ରାଥମିକତା ଦେବା ପାଇଁ ମଲାଲା କାର୍ଯ୍ୟ କରୁଥିବା ବେଳେ ତାଙ୍କ ଉପରେ ଆତଙ୍କବାଦୀ ହାମ୍‌ଲା କରାଯାଇଥିଲା। ବିଶ୍ୱସ୍ତରରେ ଏହାର ପ୍ରଭାବ ପଡ଼ିବା ସହ ସବୁଆଡୁ ଏହାକୁ ଦୃଢ଼ ନିନ୍ଦା କରାଯାଇଥିଲା। ତେବେ ବିଶ୍ୱ ମାନବାଧିକାର ଦିବସ ଅବସରରେ ୟୁନେସ୍କୋ ପକ୍ଷରୁ ପ୍ୟାରିସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମଲାଲାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଆଫଗାନିସ୍ତାନରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ପ୍ରାୟ ୧ ଲକ୍ଷ ଆଫଗାନୀ ଲୋକ ପ୍ରାଣ ହରାଇଛନ୍ତି। ଗତ ଏକ ଦଶନ୍ଧି ଧରି ଚାଲିଥିବା ଏହି ସଂଘର୍ଷକୁ ଶେଷ କରିବା ପାଇଁ 'ଡିକେଡ୍ ଇନ୍ ରିଭ୍ୟୁ' ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ନିବେଦନ କରିଛି।



ସୁସ୍ମିତା ସେନ୍

# ସୁସ୍ମିତାଙ୍କ ପାଇଁ 'ଆଇ ଲଭ୍ ୟୁ' କମେଣ୍ଟ

**ମୁମ୍ବାଇ:** ଦୀର୍ଘ ଦିନ ହେଲା ବଡ଼ପରଦାରୁ ଗାଏବ ହୋଇଯାଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍। ହେଲେ ନିଜ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରି ସେ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କିଛିଦିନ ତଳେ ସେ ଏକ ପୋଷ୍ଟ କରି ୧୦ ବର୍ଷ ପରେ ସେ ପୁଣି ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି ବୋଲି ଫ୍ୟାନ୍‌ମାନଙ୍କୁ ଖୁସି ଖବର ଦେଇଥିଲେ। ଏବେ ସେ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଫଟୋ ଶେୟାର କରି ଜୀବନର ମୂଲ୍ୟବୋଧ ନେଇ କିଛି ଲେଖିଛନ୍ତି। ଏକ ବ୍ଲାକ୍ ବ୍ଲେଜର୍ ପିନ୍ଧି ଆଇନାକୁ ଦେଖୁଥିବା ଫଟୋ ଶେୟାର କରି କ୍ୟାପ୍‌ଶନରେ ସୁସ୍ମିତା ଲେଖିଛନ୍ତି, ଜୀବନରେ ହାର୍-ଜିତ୍ ଲାଗି ରହିଥାଏ। ଆମେ ଉଭୟ ପରିସ୍ଥିତିକୁ ସମ୍ମାନ ଦେବା ଉଚିତ। ଯେତେବେଳେ ଆପଣ ଆଇନାରେ ନିଜକୁ ଦେଖନ୍ତି, ସେତେବେଳେ କ'ଣ ଦେଖନ୍ତି? ମୁଁ ଦେଖେ, ମୁଁ କ'ଣ ନିଷ୍ପତ୍ତି ନେଇଛି। ନିରପେକ୍ଷ ହୋଇ ତର୍ଜମା କରେ। ଉଭୟ ପୁରସ୍କାର ଏବଂ ତ୍ରୁଟିକୁ 'ମୁଁ କିଏ' ଏହାକୁ ପରିଭାଷିତ କରିବାକୁ ଦିଏନାହିଁ। ଜୀବନ ବହୁତ ମୂଲ୍ୟବାନ। ଉଚ୍ଚରେ ଥିଲେ କି ନିଚରେ ଥିଲେ ବି ଉଭୟ ପରିସ୍ଥିତିକୁ ସମ୍ମାନ କରିବା ଉଚିତ। ତେବେ ସୁସ୍ମିତାଙ୍କ ଏହି ପୋଷ୍ଟ ଦେଖି ତାଙ୍କ ବୟଫ୍ରେଣ୍ଡ୍ ରୋହମନ୍ ସାଓଲ୍ ଇମୋଶନାଲ ହୋଇଯାଇଛନ୍ତି। ଏନେଇ ସେ କମେଣ୍ଟରେ ସୁସ୍ମିତାଙ୍କ ପାଇଁ "ଓକେ ଆଇ ଲଭ୍ ୟୁ" ଲେଖିଛନ୍ତି। ସୁସ୍ମିତା-ରୋହମନ୍‌ଙ୍କ ରିଲେଶନଶିପ୍‌କୁ ନେଇ ସୋସିଆଲ ମିଡିଆରେ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ଉଭୟ ପରସ୍ପରକୁ ନେଇ ଗମ୍ଭୀର ଥିବା ଅନେକ ପୋଷ୍ଟରୁ ଜଣାପଡ଼ିଛି। ସୁସ୍ମିତାଙ୍କ ଜନ୍ମଦିନ ଅବସରରେ ମଧ୍ୟ ରୋହମନ୍‌ଙ୍କ ସପ୍ରାଇଜ୍ ତାଙ୍କୁ ବହୁତ ଖୁସି କରିଦେଇଥିଲା, ଯେଉଁ ମୁହୂର୍ତ୍ତକୁ ସେ ଶେୟାର ମଧ୍ୟ କରିଥିଲେ।

# ରାମଲାଲାଙ୍କ ସୁନାକଠଉ ତିଆରି କଲେ ମୁସଲମାନ କାରିଗର

**ଜୟପୁର:** ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବା ଲାଗି ସବୁବେଳେ ପ୍ରୟାସ ଜାରି ରଖିଛନ୍ତି ରାଜସ୍ଥାନର ଜଣେ କାରିଗର ଇକ୍‌ବାଲ ସକ୍କା । ତାଙ୍କୁ ବୟସ ବର୍ତ୍ତମାନ ୫୫ ବର୍ଷ। ଉଦୟପୁର ଖେରାଦିୱାଡ ନିବାସୀ ଏହି କାରିଗର ଅଯୋଧ୍ୟାରେ ପ୍ରସ୍ତାବିତ ଶ୍ରୀରାମ ମନ୍ଦିର ନିର୍ମାଣ ଲାଗି ସୁନାର ଇଟା ଓ ଭଗବାନ ଶ୍ରୀରାମଙ୍କ ପାଇଁ ଦୁଇଟି କଠଉ(ପାଦୁକା)ତିଆରି କରିଛନ୍ତି। କଠଉ ତିଆରି କରିବାକୁ ଇକ୍‌ବାଲଙ୍କୁ ଦୁଇମାସ ଲାଗିଛି। ୫ମିଲିମିଟର ଲମ୍ବ ଓ ୩ ମିଲିମିଟର ଚଉଡ଼ାର ସୁନା ଇଟା ଉପରେ ଶ୍ରୀରାମ ନାମ ଲେଖାଯାଇଛି। ବିଶ୍ୱର ଏହା ସବୁଠାରୁ ଛୋଟ ଇଟା। ୫ ମିଲିମିଟର ଲମ୍ବର ଏକ ସୁନା ଘଣ୍ଟି ମଧ୍ୟ ସେ ପ୍ରସ୍ତୁତ କରିଛନ୍ତି। ଏହି ତିନୋଟି କଳାକୃତିକୁ ୨୦୦ ମିଲିଗ୍ରାମ ଓଜନର ସୁନାରେ ନିଜସ୍ୱ ଖର୍ଚ୍ଚରେ ତିଆରି କରିଛନ୍ତି ଇକ୍‌ବାଲ। ଏଥିରେ ଏତେ ସୂକ୍ଷ୍ମ କରୁକାର୍ଯ୍ୟ କରାଯାଇଛି ଯେ ତାହାକୁ ଖାଲି ଆଖିରେ ଦେଖିବା କଷ୍ଟକର। ଏଥିଲାଗି ଲେନ୍ସ ବ୍ୟବହାର କରିବାକୁ ପଡୁଛି। ଏହି ସବୁ କଳାକୃତିକୁ ସେ ମନ୍ଦିର ଟ୍ରଷ୍ଟକୁ ହସ୍ତାନ୍ତର କରିବେ। ଅଯୋଧ୍ୟାର ସନ୍ଥ ଓ ଉତ୍ତରପ୍ରଦେଶ ସରକାର ଏହାକୁ ଉପଯୋଗ କରିବେ ବୋଲି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଭବିଷ୍ୟତରେ ଯଦି ଅଯୋଧ୍ୟାରେ ମସ୍‌ଜିଦ ନିର୍ମାଣ କରାଯାଏ ତେବେ ସୁନାର ଇଟା ଦେବେ ଓ ଏହି ଇଟା ଉପରେ ଆଲ୍ଲା ଲେଖାଯିବ ବୋଲି କହିଛନ୍ତି ଇକ୍‌ବାଲ୍ । ଏହାସହ ସେ ମସ୍‌ଜିଦକୁ ଏକ ସୁନାର ଲୋଟା ମଧ୍ୟ ଦେବେ । ଇକ୍‌ବାଲ ତାଙ୍କ ସୂକ୍ଷ୍ମ କାଳାକୃତି ନିମନ୍ତେ ଦେଶବିଦେଶରୁ ୬୫ଟି ପୁରସ୍କାର ପାଇଛନ୍ତି। ଏହା ପୂର୍ବରୁ ସେ ନାଥଦ୍ୱାର ଶ୍ରୀନାଥଜୀ ମନ୍ଦିରକୁ ଭଗବାନ କୃଷ୍ଣଙ୍କ ପାଇଁ ଖଟ ଓ ପଙ୍ଖା ପ୍ରଦାନ କରିଥିଲେ। ୧୬ ବର୍ଷ ବୟସରୁ ଏହି ସୂକ୍ଷ୍ମ କାରୁକାର୍ଯ୍ୟ ତାଙ୍କ ପିତାଙ୍କ ପାଖରୁ ଶିଖିଥିଲେ। ସୁନାର ସବୁଠାରୁ ଲମ୍ବା ଜଞ୍ଜିର ଓ ସବୁଠୁ କମ୍ ଓଜନର ସୁନା ଚେନ ,ସବୁଠୁ ଛୋଟ ପ୍ରଜାପତି , ଚା କେଟିଲ, ମୁଦ୍ରା ଓ ପୁସ୍ତକ ପ୍ରସ୍ତୁତ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଛନ୍ତି। ଭାରତରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ କୌଣସି ସମସ୍ୟା ନାହିଁ। ଏଠାରେ ଆମେ ସୁରକ୍ଷିତ ବୋଲି କହିଛନ୍ତି ଇକ୍‌ବାଲ।





**ନୂଆଦିଲ୍ଲୀ:** ଭାରତୀୟ ବଜାରରେ 'ମେଡ ଇନ୍ ଚାଇନା' ଖେଳନା ଛାଇ ହୋଇରହିଛି। ଘରେ ଘରେ ପିଲା ଧରିଛନ୍ତି ଚାଇନା ଖେଳନା। ଏହି ଖେଳନାରେ ଥିବା ଧାତବ ପିଲାମାନଙ୍କ ଲାଗି କ୍ଷତିକାରକ ବୋଲି କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ବା ଭାରତୀୟ ଗୁଣବତ୍ତା ପରିଷଦ ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ଏହା ଏକ ସଂଘାତିକ ଖବର, କାରଣ ଭାରତୀୟ ବଜାରରେ ଉପଲବ୍ଧ ୮୫ ପ୍ରତିଶତ ଖେଳନା ଚାଇନାର। କେନ୍ଦ୍ର ସରକାର ଓ ଭାରତୀୟ ଶିଳ୍ପ ଦ୍ୱାରା ମିଳିତ ଭାବେ ଗଠିତ କ୍ୟୁସିଆଇ ଦର୍ଶାଇଛି ଯେ, ବଜାରରେ ଉପଲବ୍ଧ ୭ ପ୍ରକାର ଖେଳନା ଉପରେ ଅନୁଧ୍ୟାନ କରାଯାଇଥିଲା। ତା' ମଧ୍ୟରୁ ଚାଇନା ଖେଳନା ଭାରତୀୟ ସୁରକ୍ଷା ମାନକ ପରୀକ୍ଷାରେ ଅସଫଳ ହୋଇଥିଲା। ଭାରତୀୟ ବଜାରରେ ଉପଲବ୍ଧ ଚାଇନା ଖେଳନାର ପାଖାପାଖି ୬୭ ପ୍ରତିଶତ ଏହି ପରୀକ୍ଷାରେ କ୍ଷତିକାରକ ବୋଲି ଜଣାପଡିଥିଲା।। ପରେ ଡାଇରେକ୍ଟର ଜେନେରାଲ ଅଫ୍ ଫରେନ୍ ଟ୍ରେଡ୍ (ଡିଜିଏଫ୍‌ଟି) ବା ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ଏଭଳି ନିମ୍ନମାନର ଉତ୍ପାଦକୁ ଆମଦାନୀ କରି ବଜାରରେ ପହଞ୍ଚାଇବା ଲାଗି ପ୍ରକାଶିତ ବିଜ୍ଞପ୍ତିରେ କିଛି ତ୍ରୁଟି ରହିଥିବା ଜାଣିପାରିଛି। ଡିଜିଏଫ୍‌ଟି ଏଥିରେ ସଂଶୋଧନ କରି କଷ୍ଟମ ଅଧିକାରୀଙ୍କୁ ପ୍ରତ୍ୟେକ ଖେଳନାର ନମୁନା ପରୀକ୍ଷା ଲାଗି ପଠାଇବାକୁ କହିଛି। ବଜାରରେ ଏହା ପ୍ରବେଶ କରିବା ପୂର୍ବରୁ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ପରୀକ୍ଷା କରାଯିବ। ପ୍ରଥମେ ଅନୁଧ୍ୟାନରୁ ଏହା ଜଣାପଡିଥିଲେ ବି ଏଥିଲାଗି ନିୟମିତ ବ୍ୟବଧାନରେ ଅନୁଧ୍ୟାନର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

# ଚାଇନା ଖେଳନା କ୍ଷତିକାରକ

# ଚୁଚୁନ୍ଦ୍ରା ବିଶ୍ୱର ସବୁଠୁ ମାରାତ୍ମକ ଜୀବ

**ନୂଆଦିଲ୍ଲୀ:** ସାଧାରଣତଃ ସାପ ଭୟଙ୍କର ବୋଲି ସମସ୍ତେ ଜାଣିଛନ୍ତି। ସାପର ବିଷ ନିମିଷକରେ ମଣିଷର ଜୀବନ ନେଇଯାଏ। ମାତ୍ର ସାପଠାରୁ ବି ଭୟଙ୍କର ଜୀବ ଅଛି। ଆଖିକୁ ଏହି ଜୀବଟି ଛୋଟିଆ ଦେଖାଯାଉଥିଲେ ମଧ୍ୟ ଭାରି ମାରାତ୍ମକ। ତା' ବିଷରେ ମଣିଷର ଜୀବନ ଚାଲିଯିବ। ଏହା ଏମିତି ଏକ ଜୀବ, ୨୦ ମିନିଟ୍ ମଧ୍ୟରେ ନାକ ସାହାଯ୍ୟରେ ବିରାଟ ଗାତ କରିଦିଏ। ୨/୩ ବର୍ଷ ପର୍ଯ୍ୟନ୍ତ ଏହା ବଞ୍ଚିଥାଏ। ଏହାକୁ ବିଶ୍ୱର ସବୁଠୁ ଭୋକିଲା ଜୀବ କୁହାଯାଏ। ଏହି ଜୀବଟି ହେଲା ଚୁଚୁନ୍ଦ୍ରା। ଏହାର ଆଖିକୁ ଭଲ ଭାବରେ ଦେଖାଯାଏ ନାହିଁ ସତ, ଶୁଙ୍ଘିବା ଏବଂ ସ୍ପର୍ଶ କରିବା କ୍ଷମତା ସବୁଠାରୁ ଅଧିକ। ଚୁଚୁନ୍ଦ୍ରା ଏତେ ବିଷାକ୍ତ ଯେ, କେବଳ ପେଚାକୁ ଛାଡ଼ିଦେଲେ ଅନ୍ୟ କୌଣସି ଜୀବଜନ୍ତୁ ଏହାକୁ ଖାଇ ନ ଥାନ୍ତି। ଏହାର ଲାଳରେ ବିଷ ରହିଥାଏ। ଯାହା ସବୁଠୁ ହାନିକାରକ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।





**ମୁମ୍ବାଇ:** ଶେଷରେ ଆଲିୟା ଭଟ୍ଟଙ୍କ ଫ୍ୟାନ୍‌ମାନଙ୍କ ଅପେକ୍ଷାର ଅନ୍ତ ଘଟିଛି। ସେ ସଞ୍ଜୟ ଲୀଲା ଭନ୍‌ସାଲିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଗଙ୍ଗୁବାଇ କାଠିୟାୱାଡ଼ି'ର ଶୁଟିଂ ଆରମ୍ଭ କରିଦେଇଛନ୍ତି। ପ୍ରଥମଥର ପାଇଁ ଆଲିୟା ଭନ୍‌ସାଲିଙ୍କ ଫିଲ୍ମରେ କାମ କରୁଛନ୍ତି। ସେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଥିବା ନେଇ ସୂଚନା ଦେଇଛନ୍ତି। ନିକଟରେ ଆଲିୟା ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ଭ୍ୟାନିଟି ଡୋର୍‌ରେ 'ଗଙ୍ଗୁବାଇ' ଲେଖାଥିବା ଦେଖିବାକୁ ମିଳିଛି। ଏହାସହ କ୍ୟାପ୍‌ଶନରେ ସେ ଲେଖିଛନ୍ତି, "ଦେଖନ୍ତୁ, ଚଳିତବର୍ଷ ସାଣ୍ଟା ମୋତେ କ'ଣ ଦେଇଛନ୍ତି"। ଫିଲ୍ମ 'ପଦ୍ମାବତ୍' ପରେ ସଞ୍ଜୟ ଲୀଲା ଭନ୍‌ସାଲି 'ଗଙ୍ଗୁବାଇ କାଠିୟାୱାଡ଼ି' ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମଟି ୨୦୨୦ ସେପ୍ଟେମ୍ବରରେ ରିଲିଜ୍ ହେବ। ଅନ୍ୟପଟେ ଆଲିୟା ଶେଷ ଥର କରଣ ଜୋହରଙ୍କ ମଲ୍‌ଟି ଷ୍ଟାରର ଫିଲ୍ମ 'କଲଙ୍କ୍'ରେ ନଜରକୁ ଆସିଥିଲେ।



# 'ଗଙ୍ଗୁବାଇ କାଠିୟାୱାଡ଼ି'ର ଶୁଟିଂ ଆରମ୍ଭ କଲେ ଆଲିୟା

# ଲିଭର ସମସ୍ୟା ଦେଖାଦେଲେ..

ଆମ ଶରୀର ପ୍ରମୁଖ ଅଙ୍ଗ ମଧ୍ୟରେ ଲିଭର(ଯକୃତ) ଅନ୍ୟତମ। ଏହା ଖାଦ୍ୟରୁ କାର୍ବୋହାଇଡ୍ରେଟ୍ ଏବଂ ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆମ ଶରୀର ଭିତରେ ଥିବା ବିଷାକ୍ତ ରାସାୟନିକ ତତ୍ତ୍ୱଗୁଡିକୁ ଲିଭର ନଷ୍ଟ କରିଦେଇଥାଏ। ଅପରପକ୍ଷରେ ଲିଭର ଭିତରେ ଏପରି ଏକ ପ୍ରୋଟିନ୍ ତିଆରି ହୁଏ, ଯାହା ରକ୍ତକୁ ପରିଷ୍କାର ରଖିବାରେ ସହାୟକ ହୋଇଥାଏ। ଲିଭର ସମସ୍ୟା ଦେଖାଦେଲେ ଏବଂ ତାହାର ତୁରନ୍ତ ଚିକିତ୍ସା ନ କରାଇଲେ, ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ। ତେଣୁ ଏହି ସମସ୍ୟାର କାରଣ ସମ୍ପର୍କରେ ଆମେ ଅବଗତ ହେବା ନିହାତି ଦରକାର। ଅଧିକାଂଶ ସମୟ ମୁଣ୍ଡ ବିନ୍ଧିବା, ବାନ୍ତି ଲାଗିବା, ବାନ୍ତି ହେବା, ଚର୍ମ ହଳଦିଆ ଦେଖାଯିବା ହେଉଛି



ଲିଭର ସମସ୍ୟାର ପ୍ରମୁଖ କାରଣ। ଏହି ସମୟରେ ମଧ୍ୟ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏପରି ଲକ୍ଷଣ ସମ୍ପର୍କରେ ଅବଗତ ହେଲେ ବିଳମ୍ବ ନ କରି ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର।

# ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା

ଆଜିକାଲି ସଡ଼କ ଦୁର୍ଘଟଣା ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଏହି ସମୟରେ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇବା ପ୍ରଥମ କାମ ହୋଇଥାଏ। କିନ୍ତୁ ଏହାପୂର୍ବରୁ ଉକ୍ତ ବ୍ୟକ୍ତିଙ୍କର କେତେକ ପ୍ରାଥମିକ ଚିକିତ୍ସା ପ୍ରତି ମଧ୍ୟ ଦୃଷ୍ଟିଦେବାକୁ ପଡ଼ିଥାଏ। ଦୁର୍ଘଟଣା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରର କେଉଁ ଅଙ୍ଗ ଅଧିକ ଆଘାତପ୍ରାପ୍ତ ହୋଇଛି ତାହା ଦେଖି ନିଅନ୍ତୁ। ଯଦି ଆଘାତରେ ଖଣ୍ଡିଆଖାବରା ହୋଇଛି ତାହାର ପ୍ରାଥମିକ ଚିକିତ୍ସା କରାଇ ନିଅନ୍ତୁ। ଏଥିପାଇଁ ବାଇକ୍ ହେଉ କି ଚାରିଚକିଆ ଯାନରେ ଫାଷ୍ଟ-ଏଡ୍ ବକ୍ସ ରଖନ୍ତୁ। ଏଥିରେ ଡେଟଲ୍, ବ୍ୟାଣ୍ଡଏଡ୍, ତୁଳା, ବ୍ୟାଣ୍ଡେଜ କନା, କଇଁଚି ରଖନ୍ତୁ। ଏହାଦ୍ୱାରା ସହଜରେ ପ୍ରାଥମିକ ଚିକିତ୍ସା କରିପାରିବେ। ଶରୀରର ବାହ୍ୟ ଅଙ୍ଗରୁ ରକ୍ତସ୍ରାବ ହେଉଥିଲେ ସେହି ସ୍ଥାନକୁ ପରିଷ୍କାର କପଡ଼ାରେ ପୋଛି ଭଲ ଭାବରେ ବାନ୍ଧି ଦିଅନ୍ତୁ ଏବଂ କାଳବିଳମ୍ବ ନ କରି ସେହି ବ୍ୟକ୍ତିଙ୍କୁ



ହସ୍ପିଟାଲ ନେଇଯାଆନ୍ତୁ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମନରେ ଅଯଥା ଭୟ ସଞ୍ଚାର କରାନ୍ତୁ ନାହିଁ। ନିଜର ଧୈର୍ଯ୍ୟକୁ ଆହୁରି ଦୃଢ଼କରି ତାଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ କିଛି ଖାଇବାକୁ କିମ୍ବା ପିଇବାକୁ ଦିଅନ୍ତୁ ନାହିଁ। ଯେତେ ସମ୍ଭବ ନିଜେ ହେଉ କିମ୍ବା ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ହସ୍ପିଟାଲ ନେଇଯାଆନ୍ତୁ।

# ଲ୍ୟୁକେମିଆର ସହଜ ଚିକିତ୍ସା

ଲ୍ୟୁକେମିଆ ରୋଗୀଙ୍କ ପାଇଁ ଖୁସି ଖବର। ଏହି ରୋଗର ସହଜ ତଥା ସରଳ ଚିକିତ୍ସା ପ୍ରଣାଳୀ ନିକଟରେ ଉଦ୍ଭାବିତ ହୋଇଛି। ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ଏ ସମ୍ପର୍କିତ ବିଷୟବସ୍ତୁକୁ ନେଇ ହୋଇଥିବା ଗବେଷଣା ସମୟରେ ବିଶେଷଜ୍ଞମାନେ ମଣିଷ ଶରୀରରେ ଥିବା କୋଷଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଏପରି ଏକ କୋଷକୁ ଠାବ କରିବାରେ ସକ୍ଷମ ହୋଇଛନ୍ତି ଯାହାକୁ ଆଧାରକରି ଲ୍ୟୁକେମିଆ ରୋଗର ସହଜ ଚିକିତ୍ସା କରାଯାଇପାରିବ। ଏହି ପ୍ରଣାଳୀ ଦ୍ୱାରା ଲ୍ୟୁକେମିଆ ଦ୍ୱାରା କ୍ଷତିଗ୍ରସ୍ତ କୋଷକୁ ସୁସ୍ଥ କୋଷରେ ପରିଣତ



କରାଯାଇପାରିବ। କେବଳ ସେତିକି ନୁହେଁ, ଉକ୍ତ କୋଷ ମଧ୍ୟ କ୍ୟାନ୍‌ସରଗ୍ରସ୍ତ କୋଷର କାୟାବିସ୍ତାରକୁ ରୋକିବାର କ୍ଷମତା ରଖିଛି ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ବାୟୁ ପ୍ରଦୂଷଣର ଭୟଙ୍କର ରୂପ



ବାୟୁ ପ୍ରଦୂଷଣର ସ୍ୱାସ୍ଥ୍ୟ ଉପରେ ଏବଂ ସ୍ୱାସ୍ଥ୍ୟାବସ୍ଥାର ଆୟୁ ଉପରେ ପ୍ରଭାବ ପଡିଥାଏ। ଏ ସମସ୍ୟା ସମ୍ଭବତଃ ଆମ ଦେଶରେ ସର୍ବାଧିକ। କାରଣ, ଆମ ଦେଶରେ ରହିଛି ବିଶ୍ୱର ୨୦ଟି ସର୍ବାଧିକ ବାୟୁ ପ୍ରଦୂଷଣିତ ସହର ଓ ନଗରଗୁଡ଼ିକ ମଧ୍ୟରୁ ୧୫ଟି, ତନ୍ମଧ୍ୟରେ ସର୍ବାଗ୍ରେ ଅଛି ଆମ ଜାତୀୟ ରାଜଧାନୀ ଅଞ୍ଚଳ। ଅନେକ ସମୟରେ, ବିଶେଷକରି ଶୀତଋତୁରେ ଏଠାରେ ବାୟୁ ମାନ ସୂଚକ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ନିରାପଦ ମାତ୍ରାଠାରୁ ୪ଗୁଣରୁ ୧୦ ଗୁଣ ପର୍ଯ୍ୟନ୍ତ ଅଧିକ ରହିବାର ଦେଖାଯାଉଛି। ଗୋଟିଏ ସ୍ଥାନର ବାୟୁ ମାନ ସୂଚକ ଆକଳନ କରିବା ପାଇଁ କ୍ରମାଗତ ଭାବେ ସେଠାରେ ବାୟୁରେ ୮ଟି ପ୍ରମୁଖ ପ୍ରଦୂଷକର ପରିମାଣ ବିଚାରକୁ ନିଆଯାଏ। ସେହିଗୁଡିକ ହେଲା ବାୟୁରେ ଭାସମାନ ସୂକ୍ଷ୍ମ କଣିକା(ପିଏମ୍୨.୫ ଓ ପିଏମ୍ ୧୦), ସଲ୍‌ଫର ଅକ୍ସାଇଡ, ନାଇଟ୍ରସ ଆକ୍ସାଇଡ, ଓଜୋନ, ସୀସା, ଆମୋନିଆ ଏବଂ କାର୍ବନ ମନୋକ୍ସାଇଡ। ତେବେ, ପିଏମ୍ ୨.୫ ଏବଂ ଅନ୍ୟଗୁଡ଼ିକ ମଧ୍ୟରୁ ସର୍ବାଧିକ ଥିବା ଯେକୌଣସି ତିନୋଟି ପ୍ରଦୂଷକର ଘନତ୍ୱ ଗଣନାକରି ସ୍ଥିର କରାଯାଏ(ପିଏମ୍ ୨.୫ ଏବଂ ପିଏମ୍ ୧୦ ହେଲା ଯଥାକ୍ରମେ ୨.୫ ଏବଂ ୧୦ ନାନୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ କଣିକା)।

ଉପରୋକ୍ତ ପ୍ରତ୍ୟେକ ବାୟୁ ପ୍ରଦୂଷକ ବିଭିନ୍ନ ରୂପେ ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଉଦାହରଣ ସ୍ୱରୂପ, କାର୍ବନ ମନୋକ୍ସାଇଡ ରକ୍ତର ହିମୋଗ୍ଲୋବିନ୍ ସହ ଅନୁବନ୍ଧିତ ହୋଇ ତାହାର ଅମ୍ଳଜାନବାହୀ ଗୁଣ ନଷ୍ଟ କରିଦିଏ। ଫଳରେ ହୃତ୍‌ପିଣ୍ଡ, ମସ୍ତିଷ୍କ ଆଦି ବିବିଧ ଅଙ୍ଗ ସେଥିରୁ ବଞ୍ଚିତ ହୁଅନ୍ତି ଏବଂ ତାହା ମୁଣ୍ଡ ବୁଲାଇବା, ମାନସିକ ଭାରସାମ୍ୟ ହରାଇବା, ଚେତାଶୂନ୍ୟ ହେବା ଏବଂ ଅକାଳ ମୃତ୍ୟୁ ଘଟାଇପାରେ। ସେହିପରି ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରସ୍ ଅକ୍ସାଇଡ ଓଜୋନ୍ ଭଳି ବାଷ୍ପ ବିବିଧ ଶ୍ୱାସକ୍ରିୟା ଜନିତ ରୋଗର କାରଣ ଅଟନ୍ତି। ଅନ୍ୟପକ୍ଷରେ, ବାୟୁରେ ଭାସମାନ ସୂକ୍ଷ୍ମ କଣିକା, ବିଶେଷକରି ପିଏମ୍ ୨.୫ ଶ୍ୱାସକ୍ରିୟା ମାଧ୍ୟମରେ ଫୁସ୍‌ଫୁସ୍ ମଧ୍ୟକୁ ଯାଇ ସେଠାରେ ଜମାହେବାକୁ ଲାଗେ। ପୁନଶ୍ଚ ପ୍ରଦୂଷିତ ବାୟୁରେ ଥିବା ସୀସା, ଆମୋନିଆ, ବିବିଧ ଏରୋମେଟିକ୍ ରସାୟନ ଇତ୍ୟାଦି କର୍କଟ ରୋଗର ଆଶଙ୍କା ବୃଦ୍ଧି ତଥା ଶରୀର ଉପରେ ବିଷକ୍ରିୟା ପ୍ରକଟ କରନ୍ତି।



ପ୍ର. ରମେଶ ଚନ୍ଦ୍ର ପରିଡ଼ା

**ବାୟୁ ପ୍ରଦୂଷଣର ସ୍ୱାସ୍ଥ୍ୟ ଉପରେ ଏବଂ ସ୍ୱାସ୍ଥ୍ୟାବସ୍ଥାର ଆୟୁ ଉପରେ ପ୍ରଭାବ ପଡିଥାଏ । ଏ ସମସ୍ୟା ସମ୍ଭବତଃ ଆମ ଦେଶରେ ସର୍ବାଧିକ। କାରଣ, ଆମ ଦେଶରେ ରହିଛି ବିଶ୍ୱର ୨୦ଟି ସର୍ବାଧିକ ବାୟୁ ପ୍ରଦୂଷଣିତ ସହର ଓ ନଗରଗୁଡ଼ିକ ମଧ୍ୟରୁ ୧୫ଟି, ତନ୍ମଧ୍ୟରେ ସର୍ବାଗ୍ରେ ଅଛି ଆମ ଜାତୀୟ ରାଜଧାନୀ ଅଞ୍ଚଳ। ଅନେକ ସମୟରେ, ବିଶେଷକରି ଶୀତଋତୁରେ ଏଠାରେ ବାୟୁ ମାନ ସୂଚକ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ନିରାପଦ ମାତ୍ରାଠାରୁ ୪ ଗୁଣରୁ ୧୦ ଗୁଣ ପର୍ଯ୍ୟନ୍ତ ଅଧିକ ରହିବା ଦେଖାଯାଉଛି...**



'ଗ୍ଲୋବାଲ୍ ଏନ୍‌ଭାଇରନମେଣ୍ଟ ଆଉଟ୍‌ଲୁକ୍'ର ଆକଳନ ୨୦୧୩ ଅନୁସାରେ ବାୟୁ ପ୍ରଦୂଷଣ ବିଶ୍ୱର ଏକଚତୁର୍ଥାଂଶ ଅକାଳମୃତ୍ୟୁ ଓ ରୋଗ ବ୍ୟାଧିର କାରଣ। ଏ ମୃତ୍ୟୁ ସଂଖ୍ୟା ପ୍ରାୟ ୫.୫ ନିୟୁତ ହୋଇପାରେ ବୋଲି ଏଥିରେ କୁହାଯାଇଛି। ତେବେ ତାହା ୨୦୧୮ରେ ପ୍ରାୟ ୮.୮ ନିୟୁତ (ଭାରତରେ ୧.୪ ନିୟୁତ) ହୋଇଥିବାର ଏକ ପରବର୍ତ୍ତୀ ରିପୋର୍ଟରେ ସୂଚିତ କରିଛନ୍ତି। ବିଶ୍ୱ ବ୍ୟାଙ୍କ୍ ଏବଂ 'ଦ ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍‌ଥ ମାଟ୍ରିସେସ୍ ଇଭାଲ୍ୟୁସେନ୍ (ଆମେରିକା) ତହିଁରୁ ପ୍ରାୟ ୨.୨ ନିୟୁତ ସଂଘାତ, ୨ ନିୟୁତ ହୃଦ୍‌ରୋଗ, ୧.୮ ନିୟୁତ ଫୁସ୍‌ଫୁସ୍ ରୋଗ, ୧.୭ ନିୟୁତ କର୍କଟ ରୋଗରେ ମୃତ୍ୟୁବରଣ କରିଛନ୍ତି।

ସାଧାରଣତଃ ଶିଶୁ ଏବଂ ଘର ବାହାରେ କାର୍ଯ୍ୟରତ ଶ୍ରମିକମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ବାୟୁ ପ୍ରଦୂଷଣଜନିତ ରୋଗ ବ୍ୟାଧିରେ। କାରଣ ସେମାନଙ୍କ ଶ୍ୱାସକ୍ରିୟା ଦ୍ରୁତ ହୋଇଥିବାରୁ ସେମାନେ ଅଧିକ ମାତ୍ରାରେ ବାୟୁ ଗ୍ରହଣ କରନ୍ତି। ଅତଏବ ଅଧିକ ପରିମାଣରେ ପ୍ରଦୂଷଣ ତାଙ୍କ ଶରୀର ମଧ୍ୟକୁ ପ୍ରବେଶକରେ। ୟୁନିସେଫ୍‌ର ଅଧ୍ୟୟନ ଅନୁସାରେ ଅତି ମାତ୍ରାରେ ପିଏମ୍ ୨.୫ ଥିବା ବାୟୁ ସେବନ ଶିଶୁମାନଙ୍କ ମସ୍ତିଷ୍କର ତନ୍ତୁଗୁଡ଼ିକୁ କ୍ଷତିଗ୍ରସ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୋଧଶକ୍ତିର ବିକାଶକୁ ପ୍ରତିହିତ କରିଥାଏ। ସେମାନେ ଏହାର ପ୍ରଭାବ ସାରା ଜୀବନ ଭୋଗିଥାନ୍ତି। ଏହି ଗଣନାନୁସାରେ ବିଶ୍ୱର ୧ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରୁ ୯୩ ପ୍ରତିଶତ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ମାର୍ଗଦର୍ଶିକାରେ ସୂଚିତ ମାତ୍ରାଠାରୁ ଅଧିକ ପି.ଏମ୍ ୨.୫ ଥିବା ବାୟୁ ସେବନ କରିଥାନ୍ତି। ଏହା ସେମାନଙ୍କ ସ୍ନାୟୁବିକ ଏବଂ ବୋଧଶକ୍ତିର ବିକାଶକୁ ପ୍ରଭାବିତକରେ। ଏପରିକି ମାତ୍ରା କମ୍ ହେଲେ ବି ମାନସିକ ତଥା ବାହକ (ମଟର) ବିକାଶ, ଫୁସ୍‌ଫୁସ୍‌ର କାର୍ଯ୍ୟଦକ୍ଷତା ଇତ୍ୟାଦି ଉପରେ ତାହାର କୁପରିଣାମ ଉପଲବ୍ଧି ହୁଏ। ପୁନଶ୍ଚ ବାୟୁ ପ୍ରଦୂଷକମାନଙ୍କ ପ୍ରଭାବରେ ଜନ୍ମକାଳରେ ସମଗ୍ର ବିଶ୍ୱର ପ୍ରତ୍ୟେକ ଶିଶୁର ଜନ୍ମକାଳୀନ ଆୟୁ ହାରାହାରି ୨.୨.ବର୍ଷ କମ୍ ହେଉଛି।



ବାୟୁ ପ୍ରଦୂଷଣ ଯେ କେବଳ ଆମର ସ୍ୱାସ୍ଥ୍ୟହାନି ଏବଂ ଆୟୁ କ୍ଷୟ ଘଟାଉଛି ତା' ନୁହେଁ, ଆମ ଅର୍ଥନୀତି ଉପରେ ମଧ୍ୟ ତାହାର ଯଥେଷ୍ଟ କୁପ୍ରଭାବ ପଡୁଛି। ବିଶ୍ୱବ୍ୟାଙ୍କର ଏକ ଆକଳନ ଅନୁସାରେ ୨୦୧୩ ମସିହାରେ ବାୟୁ ପ୍ରଦୂଷଣ ହେତୁ ବିଶ୍ୱର ଆର୍ଥିକ କ୍ଷତି ଘଟିଥିଲା ୫.୧୧ ଟ୍ରିଲିୟନ୍ ଡଲାର। ଭାରତ କ୍ଷେତ୍ରରେ ୫୫.୪ ବିଲିୟନ୍ ଡଲାର ଶ୍ରମଶକ୍ତି ବ୍ୟତୀତ ଏହା ଥିଲା ପ୍ରାୟ ୫୦୫ ବିଲିୟନ୍ ଡଲାର। ଏହି କ୍ଷତି ୧୯୯୦ରୁ ୨୦୧୩ ମସିହା ମଧ୍ୟରେ ୮.୫ ଶତାଂଶରୁ ଅଧିକ ହାରରେ ବଢ଼ି ଚାଲିଥିଲା। ତାହା ଏବେ ମଧ୍ୟ ବଢ଼ି ଚାଲିଛି। ପ୍ରସିଦ୍ଧ ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ 'ଲାନ୍‌ସେଟ୍' ଦ୍ୱାରା ୨୦୧୭ ମସିହାରେ ଅନୁଷ୍ଠିତ ଅନ୍ୟ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ମୁଖ୍ୟତଃ ବାୟୁ ପ୍ରଦୂଷଣର କୃଷି ଉତ୍ପାଦନ ଉପରେ କ୍ଷୟକାରୀ ପ୍ରଭାବ ହେତୁ ବାର୍ଷିକ ବିଶ୍ୱର ସମୁଦାୟ ଘରୋଇ ଉତ୍ପାଦ( ଜିଡିପି) ୨ପ୍ରତିଶତ ହାରରେ ହ୍ରାସ ପାଇବ। ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହେବେ କୃଷି ପ୍ରଧାନ ବିକାଶଶୀଳ ଦେଶଗୁଡ଼ିକ। କେବଳ ବାୟୁମଣ୍ଡଳର ଭୂସ୍ତର( ଟ୍ରପୋସ୍ପିୟର) ଓଜୋନ୍ ମାତ୍ରା ବୃଦ୍ଧିଏସବୁ ଅଞ୍ଚଳରେ ବାର୍ଷିକ ୫୦ ନିୟୁତ ଟନ୍ କୃଷିର ଉତ୍ପାଦନ ହ୍ରାସ କରିବ। ଏହି ଜର୍ଣ୍ଣାଲର ଗଣନାନୁସାରେ୨୦୧୫ ମସିହାରେ ଭାରତ ପ୍ରଦୂଷଣଜନିତ ମୃତ୍ୟୁରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ବିଶ୍ୱରେ ଏହା ୯ ନିୟୁତ ହେଲାବେଳେ ଏଠାରେ ତାହା ଥିଲା ୨.୫ ନିୟୁତ।

ବାୟୁ ପ୍ରଦୂଷଣର ଅନ୍ୟ ସବୁ ଭିନ୍ନ ଭିନ୍ନ ପରିପ୍ରକାଶ ହେଲା ଜାଗତିକ ଉଷ୍ମତା ବୃଦ୍ଧି,ଓଜୋନ କ୍ଷୟ(ଟ୍ରପୋସ୍ପିୟର) ଏବଂ ଅମ୍ଳବୃଷ୍ଟି, ପୃଥିବୀର ଜଳବାୟୁ, ପରିସଂସ୍ଥା,କୃଷି, ସ୍ୱାସ୍ଥ୍ୟ, ଜଳସମ୍ପଦ ଇତ୍ୟାଦି ଉପର ଏଗୁଡ଼ିକର ବିବିଧ ଧ୍ୱଂସକାରୀ ପ୍ରଭାବ ରହିଛି। ବଡ଼ ସୁଖର କଥା ଯେ ନିକଟରେ ନାନାଦି ପଦକ୍ଷେପ ଯୋଗୁ 'କ୍ଲୋରୋଫ୍ଲୋରୋ କାର୍ବୋନ୍ସ' ଏବଂ ସଲ୍‌ଫର ଡାଇଅକ୍ସାଇଡ୍ ନିର୍ଗମନ ହ୍ରାସ ପାଇବା ଫଳରେ ଯଥାକ୍ରମେ ଓଜୋନ କ୍ଷୟ ଏବଂ ଅମ୍ଳବୃଷ୍ଟି କିଛି ମାତ୍ରାରେ ସଙ୍କୁଚିତ ହୋଇପାରିଛି। ତେବେ, ବଢ଼ି ବଢ଼ି ଚାଲିଛି ସବୁଜଗୃହ ବାଷ୍ପଗୁଡ଼ିକର ନିର୍ଗମନ ଏବଂ ସେଥିସହ ଜାଗିକ ଉଷ୍ମତା ଓ ଜଳବାୟୁ ପରିବର୍ତ୍ତନ। କୃଷି ଓ ଗୋପାଳନ, ଅରଣ୍ୟ ସମ୍ପଦ, ଜଳ ସମ୍ପଦ, ସ୍ୱାସ୍ଥ୍ୟ, ପରିସଂସ୍ଥା ଇତ୍ୟାଦି ଉପରେ ଏହାର କୁପ୍ରଭାବ ହେତୁ ପୃଥିବୀରେ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ୨୦୧୭ ମସିହାରେ ୩୦୬ ବିଲିୟନ୍ (ଭାରତରେ ୨୯.୫ ବିଲିୟନ) ଡଲାର କ୍ଷୟକ୍ଷତି ଘଟିଥିବା ଜାତିସଂଘର ୨୦୧୮ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼େ।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ:୯୯୩୭୯୮୫୭୬୭

**ଅମୃତଭଣ୍ଡା ଫଳ ଓ ପରିବାରେ ଗଣା। ଗଣ୍ଠିବାତ ଓ ବ୍ୟାୟାମଜନିତ ଯନ୍ତ୍ରଣା ଉପଶମକରେ। ବିନ୍ଧା ଓ ପ୍ରଦାହ କମାଇଦିଏ। ଏକ କପ୍ କଟା ଅମୃତଭଣ୍ଡା (୧୪୫ ଗ୍ରାମ୍)ରେ ୫୫ କ୍ୟାଲୋରି ଓ ୫ ଗ୍ରାମ୍‌ରୁ ଅଧିକ ତନ୍ତୁ ଥାଏ। ଏହାବ୍ୟତୀତ ପୋଟାସିଅମ ୩୬୮ ମିଲିଗ୍ରାମ୍, କ୍ୟାଲସିୟମ ୩୪ ମିଲିଗ୍ରାମ୍, ଭିଟାମିନ-ସି ୮୬ ମିଲିଗ୍ରାମ୍, ଫୋଲେଟ ୫୩ ମିଲିଗ୍ରାମ୍, ଭିଟାମିନ୍-ଏ ୧୫୦୦ ୟୁନିଟ୍, ବିଟାକାରେଟିନ୍ ୩୮୬ ମାଇକ୍ରୋଗ୍ରାମ୍ ଓ ୧୦୫ ମାଇକ୍ରୋଗ୍ରାମ୍ ଦୃଷ୍ଟିଶକ୍ତି ବୃଦ୍ଧିକାରକ କ୍ୟାରୋଟିନଏଡ୍ (ଲୁଟିନ ଓ ଜେକ୍ସାନଥିନ) ରହିଥାଏ। ଅମୃତଭଣ୍ଡା ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିକରେ। ହାଡ଼ମଜ୍ଜା ଓ ଲସିକା ଗ୍ରନ୍ଥିକୁ ପୁଷ୍ଟିସାର ଯୋଗାଏ...**

# ଅମୃତ ଫଳ ଅମୃତଭଣ୍ଡା

ଭାରତରେ କେବଳ ବିଶ୍ୱର ୪୫ ପ୍ରତିଶତ ଅମୃତଭଣ୍ଡା ଆମଦାନୀ ହୁଏ। ମେକ୍ସିକୋ ଓ ଦକ୍ଷିଣ ଆମେରିକାରେ ଏହାର ଜନ୍ମ। ଭୂତାଣୁ ଓ କବକ ସଂକ୍ରମଣକୁ ରୋକିବାକୁ ଯାଇ ପ୍ରାକୃତିକ ଜିନ୍‌କୁ ପରିବର୍ତ୍ତନ କରାଗଲା। ବର୍ତ୍ତମାନ ୮୦ ପ୍ରତିଶତ ଜିନ୍ ବିବର୍ତ୍ତିତ ଅମୃତଭଣ୍ଡା ବଜାରରେ ଉପଲବ୍ଧ। ଏକପ୍ରକାର ମାଛି ଅମୃତଭଣ୍ଡା ଭିତରେ ପଶି ଶହେରୁ ଅଧିକ ଅଣ୍ଡା ଦିଅନ୍ତି। ଭିତର ମଞ୍ଜି ଓ ଶସକୁ ଖାଇଦିଅନ୍ତି।

ମାଂସ ରାନ୍ଧିବା ସମୟରେ କଞ୍ଚା ଅମୃତଭଣ୍ଡା ଓ ଏହାର କ୍ଷୀରକୁ ପକାଇଲେ ଭଲ ସିଝେ ଓ ଏଥିରେ ଥିବା 'ପାପେନ' ଏଞ୍ଜାଇମ୍ ପ୍ରୋଟିନ୍‌କୁ ହଜମ କରିବାରେ ସାହାଯ୍ୟକରେ। ପରିବେଶବିତ୍‌ମାନେ ୧୫ଟି ନିର୍ମଳ ଖାଦ୍ୟ ମଧ୍ୟରୁ ଅମୃତଭଣ୍ଡାକୁ ୭ମ ସ୍ଥାନ ଦେଇଛନ୍ତି। ଅମୃତଭଣ୍ଡା ଫଳ ଓ ପରିବାରେ ଗଣା। ଗଣ୍ଠିବାତ ଓ ବ୍ୟାୟାମଜନିତ ଯନ୍ତ୍ରଣା ଉପଶମକରେ। ବିନ୍ଧା ଓ ପ୍ରଦାହ କମାଇଦିଏ। ଏକ କପ୍ କଟା ଅମୃତଭଣ୍ଡା(୧୪୫ ଗ୍ରାମ୍)ରେ ୫୫କ୍ୟାଲୋରି ଓ ୫ଗ୍ରାମ୍‌ରୁ ଅଧିକ ତନ୍ତୁ ଥାଏ। ଏହାବ୍ୟତୀତ ପୋଟାସିଅମ ୩୬୮ ମିଲିଗ୍ରାମ୍, କ୍ୟାଲସିୟମ୍ ୩୪ ମିଲିଗ୍ରାମ୍, ଭିଟାମିନ-ସି ୮୬ ମିଲିଗ୍ରାମ୍,



ଫୋଲେଟ ୫୩ ମିଲିଗ୍ରାମ୍, ଭିଟାମିନ୍-ଏ ୧୫୦୦ ୟୁନିଟ୍, ବିଟାକାରେଟିନ୍ ୩୮୬ ମାଇକ୍ରୋଗ୍ରାମ୍ ଓ ୧୦୫ ମାଇକ୍ରୋଗ୍ରାମ ଦୃଷ୍ଟିଶକ୍ତି ବୃଦ୍ଧିକାରକ କ୍ୟାରୋଟିନଏଡ୍ (ଲୁଟିନ ଓ ଜେକ୍ସାନଥିନ) ରହିଥାଏ। ଅମୃତଭଣ୍ଡା ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିକରେ। ହାଡ଼ମଜ୍ଜା ଓ ଲସିକା ଗ୍ରନ୍ଥିକୁ ପୁଷ୍ଟିସାର ଯୋଗାଏ।

ଅମୃତଭଣ୍ଡା ୩୦ପ୍ରତିଶତ ଫୁସ୍‌ଫୁସ୍ କ୍ୟାନ୍‌ସରକୁ ପ୍ରତିରୋଧକରେ। ଏଥିରେ ଥିବା ବିଟା କ୍ୟାରୋଟିନ ଓ ବିଟା କ୍ରିପ୍ଟୋଜାନ୍ଥିନ କ୍ୟାନ୍‌ସର କୋଷକୁ ବହୁଗୁଣିତ ହେବାକୁ ଦିଏନାହିଁ। ଗୋଟିଏ ମଧ୍ୟମ ଆକାର ଅମୃତଭଣ୍ଡାରେ ୨୩୧୩ ମାଇକ୍ରୋଗ୍ରାମ୍ ବିଟା କ୍ୟାରୋଟିନ ଓ ବହୁ ପ୍ରତିଜାରକ ଥାଏ। ଅମୃତଭଣ୍ଡା ପତ୍ର ରସରୁ ତିଆରି ଔଷଧ ବଜାରରେ ଉପଲବ୍ଧ। ଡେଙ୍ଗୁଜ୍ୱରର ଚିକିତ୍ସା ପାଇଁ ବ୍ୟବହାର ହେଉଛି। ଏହି ସମୟରେ



ଡା. ଦ୍ୱିଜେଶ କୁମାର ପଣ୍ଡା

ରୋଗୀର ପ୍ଲେଟ୍‌ଲେଟ୍ କମିଯାଏ। ଏହି ଔଷଧ ଖାଇଲେ ପ୍ଲେଟ୍‌ଲେଟ୍ ବଢ଼ିଥାଏ। ଏଥିରେ ଶ୍ୱେତସାର ଓ ଚର୍ବି କମ୍ ଥିବାରୁ ଡାଇବେଟିସ୍ ରୋଗୀ ଖାଇପାରିବେ।

*-ବରିଷ୍ଠ ବୈଜ୍ଞାନିକ*
*୧୨ ଆଚାର୍ଯ୍ୟବିହାର, ଭୁବନେଶ୍ୱର*
*ଫୋ : ୦୬୭୪-୨୫୪୨୯୩୪*

## ସ୍ୱା | ସ୍ଥ୍ୟ | ସୂ | ଚ | ନା

-ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ସୁସ୍ଥ ରଖିବାକୁ ହେଲେ ନିଜର ଜୀବନଶୈଳୀ ପ୍ରତି ନଜର ଦିଅନ୍ତୁ।

-ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ ସାମିଲ କରନ୍ତୁ।

-ପ୍ରତିଦିନ ସକାଳେ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ।

-ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ସତର୍କ ହେବା ଜରୁରୀ। ସବୁବେଳେ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପରବର୍ତ୍ତୀ ସମୟରେ ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବ ନାହିଁ କିମ୍ବା ଅଯଥା ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିବ ନାହିଁ।

-ବୟସ ବଢ଼ିବା ସହ ଆମକୁ କେତେକ ସ୍ୱାସ୍ଥ୍ୟଭିତ୍ତିକ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ଏହି ସମୟରେ ରକ୍ତରେ ସୁଗାର ପରିମାଣ, ବ୍ଲଡ୍ ପ୍ରେସର, କୋଲେଷ୍ଟରଲ ପରିମାଣ କେତେ ଅଛି ସେ ନେଇ ଅବଗତ ହୁଅନ୍ତୁ।

-କେତେକ ରୋଗରେ ପୀଡ଼ିତ ହେଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ପଡ଼ିଥାଏ। ଏଥିପ୍ରତି ଆଦୌ ଅବହେଳା କରନ୍ତୁ ନାହିଁ।

# କ୍ୟାନ୍‌ସର ସମ୍ପର୍କରେ ପୂର୍ବାନୁମାନ କରିହେବ



ଚିକିତ୍ସା ବିଜ୍ଞାନରେ ଅନ୍ୟତମ ପ୍ରମୁଖ ରୋଗ ଭାବରେ ଉଭା ହୋଇଛି କ୍ୟାନ୍‌ସର। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସର ରୋଗର ଚିକିତ୍ସା ସମ୍ଭବ ହୋଇପାରିଛି। ତଥାପି ବିଳମ୍ବରେ ଏହାକୁ ନିରୂପଣ କରାଯାଇଥିଲେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବାର ନଜିର ବହୁତ କମ୍। କ୍ୟାନ୍‌ସର ବିଷୟରେ କିପରି ପୂର୍ବାନୁମାନ କରିହେବ ସେ ନେଇ ଏକ ଗବେଷଣାରୁ ସଫଳତାର ସ୍ୱାଦ ମିଳିଛି। ଏପରି କ୍ଷେତ୍ରରେ ଆମେରିକାର ହାଭାର୍ଡ ଏବଂ ନର୍ଥ ୱେଷ୍ଟ ୟୁନିଭର୍ସିଟିର କ୍ୟାନ୍‌ସର ବିଶେଷଜ୍ଞମାନେ ସଫଳତା ହାସଲ କରିଛନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗବେଷଣା ସମୟରେ ସେମାନେ ଆମ ଶରୀରର କ୍ରୋମୋଜୋମ୍‌ରେ ଥିବା 'ଟେଲିମିୟର' ନାମକ ତତ୍ତ୍ୱକୁ ଠାବ କରିପାରିଥିଲେ। ଏହି ତତ୍ତ୍ୱ ଯେତେବେଳେ ଅସନ୍ତୁଳିତ ହୁଏ ସେତେବେଳେ ଡିଏନ୍‌ଏର କ୍ଷୟ ଘଟେ ଏବଂ କ୍ୟାନ୍‌ସର ଆଶଙ୍କା ବୃଦ୍ଧି ପାଇଥାଏ। ଏହି 'ଟେଲିମିୟର' ସ୍ତରକୁ ତନ୍ନ ତନ୍ନ ପରୀକ୍ଷାକରି ଜଣେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି କି ନାହିଁ ତାହା ପୂର୍ବରୁ ଜାଣିହେବ ବୋଲି ସେମାନେ ମତ ଦେଇଛନ୍ତି। ଏପରି ଉପାୟ ଦ୍ୱାରା କ୍ୟାନ୍‌ସର ମୃତ୍ୟୁହାରକୁ କେତେକାଂଶରେ ରୋକାଯାଇପାରିବ ବୋଲି ଏହି ଗବେଷଣାର ମୁଖ୍ୟ ଡ. ଲିଫେଙ୍ଗ ହୋଉ ପ୍ରକାଶ କରିଛନ୍ତି।

# ହାମିଲଟନ, ନାଡାଲ, ମେସିଙ୍କ ଚମକ

୨୦୧୯ ଏବେ ଶେଷ ପାହାଚରେ। ବିଶ୍ୱ କ୍ରୀଡ଼ା ପାଇଁ ଏହି ବର୍ଷ ବେଶ୍ ଗୁରୁତ୍ୱ ବହନ କରୁଛି। ବ୍ରିଟିଶ ଫର୍ମୁଲା-୧ ଡ୍ରାଇଭର ଲୁଇସ ହାମିଲଟନ ଷଷ୍ଠଥର ପାଇଁ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବା ଉଲ୍ଲେଖନୀୟ ଘଟଣାଥିଲା। ସେହିପରି ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ବ୍ୟକ୍ତିଗତ ଓ ଦଳଗତ ଭାବେ ଆଶାତୀତ ସଫଳତା ପାଇଛନ୍ତି। ସ୍ପେନ୍ ଟେନିସ ଲିଜେଣ୍ଡ ରାଫାଲ ନାଡ଼ାଲ ମଧ୍ୟ ପଛରେ ପଡିନାହାନ୍ତି। ଇଂଲଣ୍ଡ ପ୍ରଥମଥର ଦିନିକିଆ ବିଶ୍ୱକପ୍ ଜିତିବା ମଧ୍ୟ ବଦାୟୀ ବର୍ଷ ପାଇଁ ଏକ ବଡ଼ ଉପଲବ୍ଧି ଥିଲା।

## ନାଡାଲଙ୍କ ଫ୍ରେଞ୍ଚ୍ ରେକର୍ଡ



ରେକର୍ଡ ୧୨ଥର ପାଇଁ ରାଫାଲ ନାଡାଲ ଜିତିଲେ ଫ୍ରେଞ୍ଚ୍ ଓପନ ଟାଇଟଲ। କ୍ୟାରିୟରରେ ପଞ୍ଚମଥର ପାଇଁ ନାଡାଲ ବର୍ଷ ଶେଷରେ ଏଟିପି ର୍ୟାଙ୍କିଙ୍ଗ୍ ଶୀର୍ଷରେ ରହିଛନ୍ତି। ନୋଭାକ ଜୋକୋଭିଚ୍ ଜିତିଲେ ରେକର୍ଡ ସପ୍ତମ ଅଷ୍ଟ୍ରେଲିଆ ଓପନ୍ ଟାଇଟଲ। ୨୧ ବର୍ଷରେ ନାଓମି ଓସାକା ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ। ଛକା ମାରିବାରେ କ୍ରିସ୍ ଗେଲ (୪୭୭) ସୟିଦ ଆଫ୍ରିଦି(୪୭୬)ଙ୍କୁ ପଛରେ ପକାଇଛନ୍ତି। ନ୍ୟୁଜିଲାଣ୍ଡ ଏମ୍‌ସିସି ସ୍ପିରିଟ୍ ଅଫ୍ କ୍ରିକେଟ ପୁରସ୍କାର ଜିତିଲା। ରେକର୍ଡ ପଞ୍ଚମଥର ପାଇଁ ଜୋକୋଭିଚ୍ ଜିତିଲେ ପ୍ୟାରିସ୍ ମାଷ୍ଟର୍ସ ଟାଇଟଲ। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ମେକ୍ସିକୋକୁ ୨-୧ ଗୋଲରେ ହରାଇ ବ୍ରାଜିଲ ଚତୁର୍ଥଥର ପାଇଁ ଚାମ୍ପିୟନ। ୟୁରୋପିଆନ ଚାମ୍ପିୟନଶିପ୍‌ରେ କ୍ରିଷ୍ଟିଆନୋ ରୋନାଲ୍ଡୋ ୭୦୦ତମ ଗୋଲ ସ୍କୋର କଲେ। ଟି୨୦ରେ କ୍ରିସ୍ ଗେଲ ୧୦୦ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୧ ବର୍ଷରେ ବାର୍ସିଲୋନାକୁ ଅଷ୍ଟମ ଲା ଲିଗା ଟାଇଟଲ। କୋପା ଆମେରିକାରେ ପେରୁକୁ ହରାଇ ବ୍ରାଜିଲ ଚାମ୍ପିୟନ। ଫିଫା ମହିଳା ବିଶ୍ୱକପ୍‌ରେ ନେଦରଲାଣ୍ଡକୁ ହରାଇ ଆମେରିକା ଜିତିଲା ଚତୁର୍ଥ ଟାଇଟଲ। ୮୭୬ ଓଭର ବୋଲିଂ କରିବା ପରେ କ୍ରିସ୍ ୱୋକ୍ସ ପ୍ରଥମ ନୋ ବଲ ପକାଇ ରେକର୍ଡ କରିଛନ୍ତି।

## ସ୍ମିଥ୍‌ଙ୍କ ଦ୍ୱିତୀୟ ବିବାହ

ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍। ବାନ୍ଧବୀ ଶିକ୍ଷା ପେରେଲୋଙ୍କୁ ବିବାହ କଲେ ରାଫାଲ ନାଡ଼ାଲ। ଆମେରିକା ମହିଳା ଟେନିସ ତାରକା ସ୍ଲୋଆନେ ଷ୍ଟିଫେନ୍ସ ଓ ଫୁଟବଲର ଜୋଜି ଅଲଟିଡୋରଙ୍କ ନିର୍ବନ୍ଧ। ତୃତୀୟ ସନ୍ତାନର ପିତା ହେଲେ ଡେଭିଡ ୱାର୍ନର। କ୍ରୀଡ଼ା ଦମ୍ପତି ତଥା ରେସଲର ଗୀତା ଫୋଗତ ଓ ପବନ କୁମାର ପୁତ୍ର ସନ୍ତାନର ପିତା/ମାତା ହେବାର ଗୌରବ ଲାଭ କରିଛନ୍ତି।



## ବିଦାୟ ଭିଲା

୨ଥର ଅଲିମ୍ପିକ୍ ଚାମ୍ପିୟନ ନିକୋଲା ଆଡମ୍ସ ଅନ୍ତର୍ଜାତୀୟ ବକ୍ସିଂରୁ ଅବସର ନେଲେ। ସ୍ପେନ୍ ତାରକା ଫୁଟବଲର ଡେଭିଡ ଭିଲାଙ୍କ ଅବସର। ଇଂଲଣ୍ଡ ମହିଳା ଅଲରାଉଣ୍ଡର ଜେନି ଗନଙ୍କ ଅବସର ଘୋଷଣା। ବ୍ୟାଡମିଣ୍ଟନରୁ ଚାଇନାର ଲୁ ଜୁଇ ରୁଇଙ୍କ ଅବସର ଘୋଷଣା। ଡେଭିଡ ଫେରରଙ୍କ ଅବସର। ଡବଲ୍ ଅଲିମ୍ପିକ୍ ଚାମ୍ପିୟନ (ବାଇଆଥଲନ) ଲାଉରା ଡାହଲମେରଙ୍କ ଅବସର ଘୋଷଣା। ପୂର୍ବତନ ଅଲିମ୍ପିକ ସନ୍ତରଣ ଚାମ୍ପିୟନ ରୁଟା ମେଇଲୁରାଟଇ ଅବସର ଘୋଷଣା କରିଛନ୍ତି। ନେଦରଲାଣ୍ଡ ଫୁଟବଲର ଅର୍ଜେନ ରୋବେନଙ୍କ ଅବସର। ଅମ୍ପାୟର ଇଆନ ଗୋଲ୍ଡଙ୍କ ଅବସର। ପାକ ଚୟନକମିଟି ମୁଖ୍ୟ ପଦରୁ ଇଞ୍ଜାମାମଙ୍କ ଇସ୍ତଫା। ଟେଷ୍ଟ କ୍ରିକେଟରୁ ମହମ୍ମଦ ଆମୀରଙ୍କ ଅବସର। ଶ୍ରୀଲଙ୍କା ବିସ୍ମୟ ସ୍ପିନର ଅଜନ୍ତା ମେଣ୍ଡିସଙ୍କ ଅବସର।



ଭିଲା

## କନେରିଆଙ୍କୁ ଅବହେଳା



କନେରିଆ



ଅଖତର

ଆଇସିସି ଆଚରଣବିଧି ଉଲ୍ଲଂଘନ କରି ପୂର୍ବତନ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ ସନତ ଜୟସୁରିୟା ଦୁଇ ବର୍ଷ ବାସନ୍ଦ। ହିନ୍ଦୁ ହୋଇଥିବାରୁ ପାକିସ୍ତାନ ସ୍ପିନର ଡାନିସ କନେରିଆଙ୍କୁ ଖରାପ ବ୍ୟବହାର କରୁଥିଲେ ସାଥି ପାକିସ୍ତାନୀ ଖେଳାଳି। ଏ ନେଇ ସୋଏବ ଅଖତର ମୁହଁ ଖୋଲିଛନ୍ତି। ପୂର୍ବତନ ୟୁଇଏଫ୍‌ଏ ମୁଖ୍ୟ ମାଇକେଲ ପ୍ଲାଟିନି ଗିରଫ। ସାଥୀ ଖେଳାଳି ଆକ୍ରମଣ କରି ବାଂଲାଦେଶ ଦ୍ରୁତବୋଲର ଆରାଫତ ସନ୍ନୀ ବାସନ୍ଦ। ହଙ୍ଗେରୀ ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ଜୋଲ୍ଟ ବୋର୍କାଇଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ। ବିବାଦୀୟ ଢଙ୍ଗରେ ଟେଷ୍ଟ, ଟି୨୦ ପାକିସ୍ତାନ ଅଧିନାୟକ ପଦ ଛାଡିଲେ ସର୍ଫରାଜ ଅହମ୍ମଦ। ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ଗୁଲାମ ବୋଦୀ ଦୁର୍ନୀତି ଅଭିଯୋଗରେ ୫ ବର୍ଷ ବାସନ୍ଦ। ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ ହାସନ ଆଇସିସି ଦ୍ୱାରା ୨ ବର୍ଷ ବାସନ୍ଦ। ମଦ୍ୟପାନ କରି ଗାଡି ଚଳାଇ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଗିରଫ। ଆଫଗାନ କ୍ରିକେଟ ଅଧିନାୟକ ଅସଘର ଆଫଗାନ ବହିଷ୍କୃତ। ଲିନ୍ ଡାନ ଜିତିଲେ ମାଲେସିଆନ୍ ଓପନ୍। ଶୃଙ୍ଖଳା ଭଙ୍ଗ କରି ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଲେକ୍ସ ହେଲ୍ସ ବିଶ୍ୱକପ୍‌ରୁ ବାଦ୍ ପଡିଲେ। ଗାଡି ଚଳାଇବା ବେଳେ ମୋବାଇଲ୍‌ରେ କଥା ହେବା ଯୋଗୁ ଡେଭିଡ ବେକ୍‌ହାମ ୬ ମାସ ଗାଡିଚାଳନାରୁ ବାସନ୍ଦ। ଅନ୍ତର୍ଜାତୀୟ କ୍ରିକେଟରୁ ଜିମ୍ବାୱେ ସସ୍‌ପେଣ୍ଡ। ନାବାଳିକାଙ୍କୁ ନିର୍ଯାତନ ଦେଇ ପୂର୍ବତନ ଆର୍ଜେଣ୍ଟିନା ୱେଲଟରୱେଟ ବକ୍ସିଂ ଚାମ୍ପିୟନ କାର୍ଲୋସ ବାଲଟୋମିଙ୍କୁ ୧୮ ବର୍ଷ ଜେଲ ଦଣ୍ଡ।

## ମେଲାନିଙ୍କୁ ନୂଆ ଦାୟିତ୍ୱ

ଜିଆନି ଇନ୍‌ଫାଣ୍ଟିନୋ ଦ୍ୱିତୀୟଥର ପାଇଁ ଫିଫା ସଭାପତି ନିଯୁକ୍ତ ହୋଇଛନ୍ତି। ଜାତୀୟ କ୍ରିକେଟ ଏକାଡେମୀରେ ରାହୁଲ ଦ୍ରାଭିଡ୍ ହେଡ୍ ଅଫ୍ ଦି କ୍ରିକେଟ ନିଯୁକ୍ତ। ମେଲାନି ଜୋନ୍ସ କ୍ରିକେଟ ଅଷ୍ଟ୍ରେଲିଆ ନିର୍ଦ୍ଦେଶକ ନିଯୁକ୍ତ। ସେନ୍ ୱାଟସନ ଅଷ୍ଟ୍ରେଲିଆ କ୍ରିକେଟର୍ସ ଆସୋସିଏଶନ (ଏସିଏ) ସଭାପତି ନିଯୁକ୍ତ। ପ୍ରଥମ ଅଣ ବ୍ରିଟିଶ ଭାବେ କୁମାର ସାଙ୍ଗକରା ମେରିଲବୋର୍ନ କ୍ରିକେଟ କ୍ଲବ (ଏମ୍‌ସିସି) ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। କ୍ରିସ୍ ସିଲଭର ଉଡ ଇଂଲଣ୍ଡ କ୍ରିକେଟ ଦଳ କୋଚ୍ ନିଯୁକ୍ତ। ୱେଷ୍ଟଇଣ୍ଡିଜ୍ କ୍ରିକେଟ କୋଚ୍ ପଦକୁ ଫେରିଲେ ଫିଲ ସିମନ୍ସ। ଲିସା କେଟ୍ଲି ଇଂଲଣ୍ଡ ମହିଳା କ୍ରିକେଟ କୋଚ୍ ନିଯୁକ୍ତ। ଏହସାନ ମନି ଆଇସିସି କମିଟି ଅଧ୍ୟକ୍ଷ ନିଯୁକ୍ତ।



## ଫିଫା ପ୍ଲେୟାର ଅଫ୍ ଦି ଇୟର ଲିଓନେଲ ମେସି



ଲିଓ ନେଲ ମେସି ଫିଫା ପ୍ଲେୟାର ଅଫ୍ ଦି ଇୟର ବିବେଚିତ। ମେସି ଲା ଲିଗାରେ ୩୪ତମ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ମେସିଙ୍କୁ ଷଷ୍ଠ ବାଲୋନ ଡି ଓର ପୁରସ୍କାର। ମେସିଙ୍କୁ ୟୁରୋପର ତୃତୀୟ ଗୋଲ୍ଡେନ ବୁଟ୍ ପୁରସ୍କାର। ମେଲାନ ରାପିନୋ ଶ୍ରେଷ୍ଠ ମହିଳା ଫୁଟବଲର ବିବେଚିତ। ପ୍ୟାଟ୍ କୁମିନ୍ସଙ୍କୁ ଆଲନ ବର୍ଡର ମେଡାଲ। ନେଦରଲାଣ୍ଡର ଇଭା ଡି ଗେଡେ ଓ ବେଲଜିୟମର ଆର୍ଥର ଭାନ ଡୋରେନ ଏଫ୍‌ଆଇଏଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ। ଜୋକୋଭିଚ୍‌ଙ୍କୁ ଲୌରିୟସ କ୍ରୀଡ଼ା ସମ୍ମାନ। ବେନ୍ ଷ୍ଟୋକ୍ସ ବିବିସି ପର୍ସନାଲିଟି ଅଫ୍ ଦି ଇୟର। ଟାଇଗର ଉଡ୍ସଙ୍କୁ ଆମେରିକାର ସର୍ବୋଚ୍ଚ ବେସାମରିକ (ୟୁଏସ୍ ପ୍ରେସିଡେନ୍‌ସିଆଲ) ମେଡାଲ ଅଫ୍ ଫ୍ରିଡମ ସମ୍ମାନ। ବେନ୍ ଷ୍ଟୋକ୍ସଙ୍କୁ ମିଳିଲା ନାଇଟ ଉପାଧି। ଜେଫ୍ରି ବୟକଟ ଓ ଆଣ୍ଡ୍ର୍ୟୁ ଷ୍ଟ୍ରାସଙ୍କୁ ନାଇଟ ଉପାଧି।

## ବିଶ୍ୱ ବିଜୟୀ ଇଂଲଣ୍ଡ

ଆଇସିସି ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବା ସହ ଇତିହାସ ସୃଷ୍ଟି କରିଛି। ଜାପାନକୁ ୩-୧ ଗୋଲରେ ହରାଇ କାତାର ଜିତିଲା ଏସିଆ କପ୍ ଫୁଟବଲ ଟାଇଟଲ। ଇଂଲିଶ୍ ପ୍ରିମିୟର ଲିଗ୍‌ରେ ଲିଭର ପୁଲ ଷଷ୍ଠଥର ପାଇଁ ଟାଇଟଲ ଜିତିଛି। ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆଲେକ୍ସ ବାର୍ଟି ଜିତିଲେ ଫ୍ରେଞ୍ଚ୍ ଓପନ୍ ଟାଇଟଲ। ଅଷ୍ଟ୍ରେଲିଆକୁ ୩-୨ରେ ହରାଇ ଫ୍ରାନ୍ସ ଜିତିଲା ଫେଡ୍ କପ୍। ଟି୨୦ ସିରିଜରେ ୱେଷ୍ଟଇଣ୍ଡିଜକୁ ୨-୧ ଗୋଲରେ ହରାଇଲା ଆଫଗାନିସ୍ତାନ। ଡୋମିନିକ ଥିମଙ୍କୁ ହରାଇ ଷ୍ଟିଫାନୋସ ସିତ୍‌ସିପାସ ଏଟିପି ଫାଇନାଲ୍ସ ଟାଇଟଲ ଜିତିଲେ। ଏଲିଉଡ କିପଚୋଗେ ଓ ଡାଲିଆ ମହମ୍ମଦ ଏ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ଦୁଇ ଘଣ୍ଟାରୁ କମ୍ ସମୟରେ ମାରାଥନ ଦୌଡ଼ିଲେ କେନିୟା ଅଭିଜ୍ଞ ଧାବକ କିପ୍‌ଚୋଗେ। ସେରେନାଙ୍କୁ ହରାଇ ସିମୋନା ହାଲେପ ଜିତିଲେ ୱିମ୍ବେଲଡନ ଟାଇଟଲ। ମାନି ପାକ୍ୱିଓ ଜିତିଲେ ଡବ୍ଲ୍ୟୁବିଏ ସୁପର ୱେଟ୍ ଟାଇଟଲ। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ କ୍ରିଷ୍ଟିଆନ କୋଲମେନ ଜିତିଲେ ୧୦୦ ମି. ଟାଇଟଲ।





## ପରଲୋକରେ କାଦିର

ଆର୍ଜେଣ୍ଟିନା ଫୁଟବଲର ଏମେଲିଆନୋ ସାଲାଙ୍କ ମରଶରୀର ଏକ ଦୁର୍ଘଟଣାଗ୍ରସ୍ତ ବିମାନରୁ ଠାବ କରାଯାଇଛି। ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟକ ବବ୍ ୱିଲ୍ସଙ୍କ ପରଲୋକ। ୩ଥର ଅଲିମ୍ପିକ୍ ଚାମ୍ପିୟନ ପିଟର ସ୍ନେଲଙ୍କ ପରଲୋକ। ଫ୍ରେଞ୍ଚ୍ ସାଇକ୍ଲିଷ୍ଟ ତଥା ୧୯୪୮ ସ୍ୱର୍ଣ୍ଣ ପଦକ ବିଜେତା ଜ୍ୟାକ୍ସ ଡୁବୋଷ୍ଟୋଙ୍କ ପରଲୋକ। ମିଡଲୱେଟ ବକ୍ସର ଅଷ୍ଟ୍ରେଲିଆର ଡ୍ୱିଟ୍ ରିଚି ରିଙ୍ଗରେ ମୃତ୍ୟୁବରଣ କଲେ। ସ୍କଟଲାଣ୍ଡ କ୍ରିକେଟର କନ୍ ଡି ଲାଙ୍ଗ୍‌ଙ୍କ ପରଲୋକ। ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ସେମୋର ନର୍ସଙ୍କ ପରଲୋକ। ଫର୍ମୁଲା-୧ ଡ୍ରାଇଭର ନିକି ଲୌଡ଼ାଙ୍କ ପରଲୋକ। କିମ୍ବଦନ୍ତୀ ପାକିସ୍ତାନ ସ୍ପିନର ଅବଦୁଲ କାଦିରଙ୍କ ପରଲୋକ।



## ଅପ୍ରତିଦ୍ୱନ୍ଦ୍ୱୀ ଫର୍ମୁଲା-୧ ଡ୍ରାଇଭର

୨୦୧୯ରେ ମର୍ସିଡିଜ୍‌ର ବ୍ରିଟିଶ୍ ଡ୍ରାଇଭର ଲୁଇସ ହାମିଲଟନ ସଫଳତାର ଶୀର୍ଷରେ ପହଞ୍ଚିଥିଲେ । ଟାଇଟଲ୍‌ରେ ହ୍ୟାଟ୍ରିକ ସହ ହାମିଲଟନ ୬ ଥର ପାଇଁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮ ସିଜନରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ୨୦୧୯ ମୋଟର ରେସିଂ ସିଜନରେ ସେ ମୋଟ ୧୧ଟି ଗ୍ରାଁ ପ୍ରି ଜିତି ୪୧୩ ପଏଣ୍ଟ ହାସଲ କରିଛନ୍ତି। ହାମିଲଟନ ଏବେ ମାଇକେଲ ସୁମାକରଙ୍କ ରେକର୍ଡ ଭାଙ୍ଗିବା ସମ୍ଭାବନା ସୃଷ୍ଟି କରିଛନ୍ତି। ୨୦୧୯ରେ ଅନୁଷ୍ଠିତ ଶ୍ରେଷ୍ଠ ଗ୍ରାଁ ପ୍ରି ଗୁଡିକ ମଧ୍ୟରେ ରହିଥିଲା ଅଷ୍ଟ୍ରେଲିଆନ, ଫ୍ରେଞ୍ଚ, ଜର୍ମାନ, ଇଟାଲିଆନ୍, ରୁଷିଆ, ଜାପାନିଜ୍, ମେକ୍ସିକାନ୍, ୟୁଏସ୍, ବ୍ରିଟିଶ, ଅଷ୍ଟ୍ରିଆନ, ହଙ୍ଗେରିଆନ, ସିଙ୍ଗାପୁର ଏବଂ ସ୍ପାନିଶ୍ ଗ୍ରାଁ ପ୍ରି। ଏହି ବର୍ଷ ହାମିଲଟନଙ୍କୁ ମୁଖ୍ୟତଃ ଭାଲଟେରି ବୋଟ୍ଟାସ, ମ୍ୟାକ୍ସ ଭର୍ଷ୍ଟାପେନ, ଚାର୍ଲ୍ସ ଲେକ୍‌ରେକ୍, ସେବାଷ୍ଟିଆନ ଭେଟେଲ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଶେଷରେ ସେ ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଛନ୍ତି।

ସେହିପରି ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଫିଫା ଶ୍ରେଷ୍ଠ ପ୍ଲେୟାର ଅଫ ଦି ଇୟର ବିବେଚିତ ହେବା ସହ ଷଷ୍ଠଥର ପାଇଁ ବାଲୋନ ଡି ଅର ପୁରସ୍କାର ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲରେ ସେ ଏହି ବର୍ଷ ବ୍ୟକ୍ତିଗତ ଭାବେ ବାର୍ସିଲୋନା ଓ ଆର୍ଜେଣ୍ଟିନା ପାଇଁ ଏକାଧିକ ସଫଳତା ଅର୍ଜନ କରିଛନ୍ତି। ଟେନିସରେ ସ୍ପେନର ରାଫାଲ ନାଡ଼ାଲ ରେକର୍ଡ ଦ୍ୱାଦଶ ଥର ପାଇଁ ଫ୍ରେଞ୍ଚ୍ ଓପନ ଜିତି ରେକର୍ଡ କରିଛନ୍ତି। ସେ ମଧ୍ୟ ୟୁଏସ୍ ଓପନ ଜିତି କ୍ୟାରିୟର ୧୯ତମ ଗ୍ରାଣ୍ଡ ସ୍ଲାମ ଟାଇଟଲ ହାସଲ କରିଛନ୍ତି। ଫର୍ମ ଓ ଫିଟନେସ ବଜାୟ ରହିଲେ ହାମିଲଟନ, ମେସି ଓ ନାଡ଼ାଲ ଆଗକୁ ଆହୁରି ସଫଳତା ହାସଲ କରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଏହି ବର୍ଷ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ରୋମାଞ୍ଚକ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବା ସହ ଇତିହାସ ସୃଷ୍ଟି କରିଥିଲା।





# ଆନାକୋଣ୍ଡା ମଡ଼କ

ବାଘ, ହାତୀ ପରେ ବର୍ଷର ଶେଷ ଆଡକୁ ଆନାକୋଣ୍ଡା ମଡ଼କ ଦେଖାଦେଇଥିଲା। ନଭେମ୍ବର ୨୮ରେ ଓ ୩୦ରେ ଦୁଇଟି ହଳଦିଆ ଆନାକୋଣ୍ଡାର ମୃତ୍ୟୁ ଘଟିଥିଲା। ଅନ୍ତନଳୀ ସଂକ୍ରମିତ ହେବା ସହ ରକ୍ତଝାଡ଼ା ହେଉଥିଲେ ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଡାକ୍ତରଙ୍କ ରୋଗ ନିରୂପଣ କରିବାରେ ବିଫଳତାକୁ ଦାୟୀ କରାଯାଇଥିଲା। ଏହି ସମୟରେ ପ୍ରାଣୀ ଉଦ୍ୟାନରେ ଥିବା ଆଉ ୩ ଆନାକୋଣ୍ଡା ଅସୁସ୍ଥ ହୋଇପଡିବାରୁ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଥିଲା। ଫଳରେ ଅନ୍ୟ ସାପଗୁଡିକୁ ପର୍ଯ୍ୟଟକଙ୍କଠାରୁ ଦୂରେଇ ରଖାଯାଇଥିଲା।

## ଶାଗୁଣା ଅଣ୍ଡାରୁ ବାହାରିଲା ପ୍ରଥମ ଛୁଆ

ନନ୍ଦନକାନନରେ ରହିଛି ଶାଗୁଣା ପ୍ରଜନନ କେନ୍ଦ୍ର। ମାର୍ଚ୍ଚ ୧ରେ ଗୋଟିଏ ଶାଗୁଣା ଦେଇଥିବା ଅଣ୍ଡାରୁ ପ୍ରଥମ ଛୁଆ ବାହାରିଥିଲା। ୨୦୧୮ ନଭେମ୍ବର ୨୭ରେ ଗ୍ୱାଲିୟରରୁ ୧୨ ଲମ୍ବା ଥଣ୍ଟିଆ ଶାଗୁଣା ଉପହାରସ୍ୱରୂପ ନନ୍ଦନକାନନ ଆସିଥିଲା। ଏଥିମଧ୍ୟରୁ ଗୋଟିଏ ଶାଗୁଣା ଜାନୁୟାରୀ ୨ରେ ଅଣ୍ଡା ଦେଇଥିଲା। ୫୮ଦିନ ଉଷୁମାଇବା ପରେ ଛୁଆ ବାହାରିଥିଲା। ଅଣ୍ଡାଠାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ସିସିଟିଭି ଦ୍ୱାରା ନଜର ରଖାଯାଇଥିଲା।





# ହର୍ପିସ୍ ହରର୍

## ୨୬ ଦିନରେ ୪ ହାତୀ ମୃତ୍ୟୁ

ବାତ୍ୟା ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହର୍ପିସ୍ ଭାଇରସ୍ ଘାତକ ସାଜିଥିଲା। ୨୬ ଦିନରେ ୪ ହାତୀଙ୍କ ଜୀବନ ନେଇଥିଲା। ପ୍ରଥମେ ଅଗଷ୍ଟ ୨୫ରେ ହାତୀ 'ଜୁଲି' ହର୍ପିସ୍‌ରେ ଆକ୍ରାନ୍ତ ହୋଇ ଆଖି ବୁଜିଥିବାବେଳେ ସେପ୍ଟେମ୍ବର ୧୫ରେ ଏକମାତ୍ର ଦନ୍ତା 'ଚନ୍ଦନ', ୧୯ରେ ୭ବର୍ଷର ମାଈ ହାତୀ 'କମଳା' ଓ ୨୦ ତାରିଖରେ ଅନ୍ୟ ଏକ ମାଈ ହାତୀ 'ଗୌରୀ'ର ମୃତ୍ୟୁ ଘଟିଥିଲା। ଏହି ଭାଇରସ୍‌ରେ ହାତୀମାନେ ଆକ୍ରାନ୍ତ ହେବା ପରେ ପ୍ରଥମେ ଦୁର୍ବଳ ହୋଇପଡିଥିଲେ। ଦେହର ରଙ୍ଗ ବଦଳିବା ସହ ଜିଭ ରକ୍ତାକ୍ତ ଦିଶିଥିଲା। ଧୀରେ ଧୀରେ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ଘୁମାଇ ଘୁମାଇ ଶେଷରେ ସବୁଦିନ ପାଇଁ ଆଖିବୁଜି ଦେଇଥିଲେ ଏସବୁ ହାତୀ। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଇଥିଲା। ପରେ ଅନ୍ୟ ୪ ହାତୀ ପ୍ରେମା, ବାସନ୍ତୀ, ହୀରା ଓ ଶାବକ ମାମାକୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା। ତେବେ ହର୍ପିସର କୌଣସି ନିର୍ଦ୍ଦିଷ୍ଟ ପ୍ରତିଷେଧକ ନ ଥିବାରୁ ନନ୍ଦନକାନନରେ ହାତୀବଂଶ ପ୍ରତି ବିପଦ ମାଡ଼ି ଆସିଥିଲା। ପରେ କେନ୍ଦ୍ରୀୟ ଚିଡ଼ିଆଖାନା ଓ ଅନ୍ୟ ରାଜ୍ୟର ବିଶେଷଜ୍ଞ ଟିମ୍ ନନ୍ଦନକାନନ ଆସି ଅନୁଧ୍ୟାନ କରିଥିଲେ।

## ଡେଇଁଥିଲା ଭାଇରସ୍

ଜଙ୍ଗଲରୁ ନନ୍ଦନକାନନକୁ 'ହର୍ପିସ୍' ଭାଇରସ୍ ଡେଇଁଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି। ଜଙ୍ଗଲରେ ଛୁଆ ହେଉ କି ବଡ଼ ହାତୀ ଅସୁସ୍ଥ ହେବା ପରେ ଚିକିତ୍ସା ପାଇଁ ନନ୍ଦନକାନନ ଅଣାଯାଇଥାଏ। ସୁସ୍ଥ ହେବା ପରେ କେତେକ ହାତୀକୁ ହାତୀ ସଫାରିରେ ରଖାଯାଇଥାଏ। ଅନ୍ୟପକ୍ଷରେ ହାତୀ ସଫାରିରେ ଥିବା ହାତୀ ଅସୁସ୍ଥ ହେଲେ ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥାଏ। ଏହି ସମୟରେ ହର୍ପିସ୍ ଭାଇରସ୍ ଅନ୍ୟ ହାତୀ ଓ ଜୀବଜନ୍ତୁଙ୍କୁ ଡେଇଁଥାଇପାରେ ବୋଲି ଅନୁମାନ କରାଯାଉଛି। ଅକ୍ଟୋବର ୧ରେ ଚନ୍ଦକା-ଡମପଡ଼ା ହାତୀ ଅଭୟାରଣ୍ୟ ନିକଟ ବାଆଁରା ଗ୍ରାମଠାରେ ୧୦ବର୍ଷର ମାଈ ହାତୀର ମୃତ୍ୟୁ ଘଟିଥିଲା। ହାତୀ ଶରୀରରେ ହର୍ପିସ୍ ଭାଇରସ୍ ରହିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ସେହିପରି ଚନ୍ଦକା ସମେତ ଅନ୍ୟ ଜଙ୍ଗଲରେ ମରୁଥିବା ହାତୀ ହର୍ପିସ୍‌ରେ ଆକ୍ରାନ୍ତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।





# ସଂକଟରେ ବାଘ

## ରୋଶନ, ପ୍ରିୟଙ୍କା ପରେ ଶୁଭ୍ରାଂଶୁ ଆଖିବୁଜିଲା

ହାତୀ ମୃତ୍ୟୁ ପୂର୍ବରୁ ପ୍ରାଣୀ ଉଦ୍ୟାନରେ ଆରମ୍ଭ ହୋଇଯାଇଥିଲା ବାଘ ମଡ଼କ। ବର୍ଷ ଆରମ୍ଭରୁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିବା ବାଘମାମୁଁର ଜୀବନ ପ୍ରତି ବିପଦ ଘନେଇ ଆସିଥିଲା। ଗୋଟିକ ପରେ ଗୋଟିଏ ବାଘ ସଂକ୍ରମଣର ଶିକାର ହୋଇ ଆଖି ବୁଜିଥିଲେ। ପ୍ରଥମେ ଫେବୃୟାରୀ ୨୧ରେ ୧୭ବର୍ଷୀୟ ମହାବଳ 'ରୋଶନ'ର ମୃତ୍ୟୁ ଘଟିଥିଲା। ମୃତ୍ୟୁର ୧୭ଦିନ ପୂର୍ବରୁ ସେ ଅସୁସ୍ଥ ହୋଇପଡିଥିଲା। ପଛଗୋଡ଼କୁ ପାରାଲିସିସ୍ ହୋଇଥିଲା। ଟ୍ରାପାନୋସୋମିଆସିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ନନ୍ଦନକାନନରେ ଜନ୍ମ ନେଇଥିବା ରୋଶନ ଦେଢ଼ବର୍ଷର ହୋଇଥିବାବେଳେ ତା'ର ଦୁଇ ଆଖିକୁ ଦେଖାଯାଇ ନ ଥିଲା। ବିଭିନ୍ନ ବାଘୁଣୀଙ୍କ ସହ ମିଳନ ପରେ ୧୦ ବାଘଛୁଆ ପାଇଥିଲା ନନ୍ଦନକାନନ। ଅଗଷ୍ଟ ୧୨ରେ ନାଲି ବାଘୁଣୀ ପ୍ରିୟଙ୍କାର ମୃତ୍ୟୁ ଘଟିଥିଲା। ରାଗୀ ସ୍ୱଭାବର ପ୍ରିୟଙ୍କା ଲଢ଼େଇରେ ଲାଞ୍ଜ ହରାଇ ପର୍ଯ୍ୟଟକଙ୍କର ଅନ୍ୟତମ ଆକର୍ଷଣ ପାଲଟିଥିଲା। ଜୀବନକାଳରେ ୬ଟି ଛୁଆ ଜନ୍ମ ଦେଇଥିଲେ ମଧ୍ୟ ୫ଟିର ମୃତ୍ୟୁ ଘଟିଥିଲା। ସେହିପରି ଧଳା ମହାବଳ ବାଘ 'ଶୁଭ୍ରାଂଶୁ' ସଂକ୍ରମଣର ଶିକାର ହୋଇ କିଛିଦିନ ଧରି ଅସୁସ୍ଥ ରହିବା ପରେ ଅକ୍ଟୋବର ୧୫ରେ ଆଖିବୁଜିଥିଲା। ଫଳରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସପାଇ ୨୫ରେ ପହଞ୍ଚିଛି।



**୨୦୧୯ ଥିଲା ପ୍ରାଣୀଉଦ୍ୟାନ ନନ୍ଦନକାନନ ପାଇଁ ଦୁଃଖଦ ବର୍ଷ। ଭାଇରସ୍ ହର୍ପିସ୍ ଘାତକ ସାଜି ନେଇଥିଲା ଗୋଟିଏ ପରେ ଗୋଟିଏ ହାତୀର ଜୀବନ। ସେହିପରି ବାଘ ରୋଶନ, ପ୍ରିୟଙ୍କା ଓ ଶୁଭ୍ରାଂଶୁଙ୍କ ମୃତ୍ୟୁ ପ୍ରାଣୀପ୍ରେମୀଙ୍କୁ ଗଭୀର ଦୁଃଖ ଦେଇଥିଲା। ପ୍ରକୃତି ମଧ କୋପ ଦେଖାଇଥିଲା। ବାତ୍ୟା ଫନୀ ଏହାର ଅନ୍ତେବାସୀଙ୍କୁ ବିପଦମୁଖରେ ପକାଇବା ସହ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥିଲା। ବର୍ଷ ସାରା ବିଭିନ୍ନ ସମୟରେ ୬୦ ପ୍ରାଣୀଙ୍କ ମୃତ୍ୟୁ ଦୁଃଖ ଭରିଦେଇଥିଲାବେଳେ ୨୫୮ ଜୀବଜନ୍ତୁଙ୍କ ଜନ୍ମ ଖୁସି ଆଣିଦେଇଥିଲା।**

## ବାଘ ଏନ୍‌କ୍ଲୋଜର ଜଳାଶୟରେ କୁମ୍ଭୀର

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୩(ବି) ନଂ. ଏନ୍‌କ୍ଲୋଜର ଭିତରେ ଥିବା କୃତ୍ରିମ ଜଳାଶୟରେ ଜାନୁୟାରୀ ୮ ଅପରାହ୍ନରେ କେତେଜଣ ବଙ୍ଗୀୟ ପର୍ଯ୍ୟଟକ ଏକ ଛୋଟ କୁମ୍ଭୀର ଦେଖିବାକୁ ପାଇଥିଲେ। ସେମାନେ ଏନ୍‌କ୍ଲୋଜର ଆଗରେ ଛିଡ଼ା ହୋଇ ଧଳାବାଘ ସମ୍ରାଟକୁ ଦେଖୁଥିବା ବେଳେ ହଠାତ୍ ଜଳାଶୟରେ କୁମ୍ଭୀର ଦେଖି ହୋହଲ୍ଲା କରିଥିଲେ। ସଙ୍ଗେ ସଙ୍ଗେ ନନ୍ଦନକାନନ ପକ୍ଷରୁ ଏକ ଟିମ୍ ଆସି ପ୍ରଥମେ ବାଘ ସମ୍ରାଟକୁ ଫିଡିଂ ଚାମ୍ବର ଭିତରେ ପୂରାଇଥିଲା। ଏହାପରେ କୁମ୍ଭୀର ଧରିବା ଅଭିଯାନ ଆରମ୍ଭ ହୋଇଥିଲା।



## ମରିଗଲା ଆମେରିକା ଏଣ୍ଡୁଅ 'ଲାଲ ଇଗୁଆନା'

ନନ୍ଦନକାନନରେ ରହିଥିବା ଆମେରିକାର ମାଈ ଏଣ୍ଡୁଅ 'ଲାଲ ଇଗୁଆନା'ର ମାର୍ଚ୍ଚ ୫ରେ ମୃତ୍ୟୁ ଘଟିଥିଲା। ଏହାର ବୟସ ୪ବର୍ଷ ହୋଇଥିବା ବେଳେ ୪୪ନଂ. ଏନ୍‌କ୍ଲୋଜରରେ ରହି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥିଲା।

# ଖୁସି ଦେଇଥିଲେ ନୂଆ ସଦସ୍ୟ

## ଦୁଇ ଛୁଆ ଜନ୍ମ ଦେଲା ବଜ୍ରକାପ୍ତା

ଶିକାର ଓ ଚୋରା ଚାଲାଣ ଯୋଗୁ ଓଡ଼ିଶାରେ ବଜ୍ରକାପ୍ତା ବଂଶ ବିପଦ ମୁହଁକୁ ଠେଲି ହୋଇଯାଉଛି। ନନ୍ଦନକାନନ କର୍ତ୍ତୃପକ୍ଷ ଏହି ଦୁର୍ଲଭ ଜଙ୍ଗଲୀ ପ୍ରାଣୀର ସୁରକ୍ଷା ଓ ପ୍ରଜନନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫେବୃୟାରୀ ୧୬ରେ ପ୍ରଜନନ କେନ୍ଦ୍ରରେ ଦୁଇ ବଜ୍ରକାପ୍ତା ଛୁଆ ଜନ୍ମ ନେଇଥିଲେ। ଏହି ପ୍ରଜନନ କେନ୍ଦ୍ରଟି ବିଶ୍ୱର ପ୍ରଥମ ହୋଇଥିବାବେଳେ ଛୁଆ ଜନ୍ମ ମଧ୍ୟ ପ୍ରଥମ ଥିଲା।



ଜୁନ୍ ୧ରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏକାସଙ୍ଗେ ଦୁଇଟି ଜୀବଙ୍କ ଶାବକ ଜନ୍ମ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ନୀଳଗିରି ଲାଙ୍ଗୁର ବାନର ଏବଂ ଦ୍ୱିତୀୟଟି ଥିଲା ଜଳହସ୍ତୀ।



# ବିପଦରେ ବାନର ବଂଶ

## ଛାଡ଼ି ଚାଲିଗଲା ବିନି

ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ୪୧ ବର୍ଷୀୟ ଓରାଂଉଟାନ 'ବିନି'ର ମେ ୨୯ରେ ମୃତ୍ୟୁ ଘଟିଥିଲା। ମୃତ୍ୟୁର ବର୍ଷକ ପୂର୍ବରୁ ତା'ର ଖାଦ୍ୟଥଳିରେ ଘା' ହୋଇ ଧୀରେ ଧୀରେ ସଂକ୍ରମଣ ହୋଇଯାଇଥିଲା। ବାର୍ଦ୍ଧକ୍ୟ ଗ୍ରାସ ଓ ସାଥୀ ନ ଥିବା ସତ୍ତ୍ୱେ ସେ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନ କରିଆସୁଥିଲା। ତାକୁ ୨୫ବର୍ଷ ହୋଇଥିବାବେଳେ ୨୦୦୩ ନଭେମ୍ବର ୨୦ରେ ପୁଣେ ଚିଡ଼ିଆଖାନାରୁ ଅଣାଯାଇଥିଲା।

## ଅଣ୍ଡିରାକୁ ଝୁରି ମରିଗଲା ମାଈ ନୀଳଗିରି ଲାଙ୍ଗୁର

ମେ ୩୧ରେ ଅଣ୍ଡିରା ନୀଳଗିରି ଲାଙ୍ଗୁର ବାନରର ମୃତ୍ୟୁ ଘଟିଥିଲା। ଲାଙ୍ଗୁରଟି ଡାଇରିଆ ସହ ଜ୍ୱରରେ ଆକ୍ରାନ୍ତ ହୋଇଥିଲା। ତାକୁ ୧୭ବର୍ଷ ହୋଇଥିବାବେଳେ ୨୦୧୭ ସେପ୍ଟେମ୍ବର ୨୬ରେ ଚେନ୍ନାଇସ୍ଥିତ ଆରିଗିନାର ଆନ୍ନା ଜୁଲୋଜିକାଲ ପାର୍କରୁ ସାଥୀ ମାଈ ନୀଳଗିରି ଲାଙ୍ଗୁର ସହ ଏଠାକୁ ଅଣାଯାଇଥିଲା। କିନ୍ତୁ ଏକୁଟିଆ ହୋଇଯାଇଥିବା ମାଈ ନୀଳଗିରି ଲାଙ୍ଗୁର ଇତିମଧ୍ୟରେ ଏକ ଛୁଆ ଜନ୍ମ କରିଥିଲେ ମଧ୍ୟ ବେଶିଦିନ ରହିପାରି ନ ଥିଲା। ଅଣ୍ଡିରାକୁ ଝୁରି ଝୁରି ସେପ୍ଟେମ୍ବର ୨୩ରେ ଆଖିବୁଜିଥିଲା। ଅନ୍ୟପକ୍ଷରେ ମାଙ୍କଡ଼ ପ୍ରଜାତିର ସବୁଠୁ ଛୋଟ ମାଈ କଳା ମାର୍ମୋସେଟ୍‌ର ଜୁନ୍ ୧୫ରେ ମୃତ୍ୟୁ ହୋଇଥିଲା। ଏହାର ପୂର୍ବଦିନ ସାଥୀ ମାର୍ମୋସେଟ୍ ସହ ମାଡ଼ଗୋଳବେଳେ ତା'ର ଲାଞ୍ଜ ଭାଙ୍ଗିଯିବାରୁ ଚିକିତ୍ସିତ ହେଉଥିଲା।



ବିନି



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।

-ସତ୍ୟସାଇ ବାବା



## ସଂକ୍ଷେପରେ

### ଜମାଦାରପାଲିରେ ନୃତ୍ୟଗୀତ ପ୍ରତିଯୋଗିତା

ସମ୍ବଲପୁର,୨୯।୧୨(ବ୍ୟୁରୋ) ସମ୍ବଲପୁର ଜମାଦାର ପାଲିଠାରେ କୁଣହ ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ତଥା ଜିଲା ବହାରେ ରହୁଥିବା ସମାଜର ପୁରୁଷ ଓ ମହିଳାମାନେ ଯୋଗ ଦେଇଥିଲେ। ସଂଗଠନର ସଭାପତି ଶୋଭାରାମ ପ୍ରଧାନ ଅଧକ୍ଷତା କରିଥିଲେ। ପରେମେଶ୍ୱର କିଷାନ, ରମେଶ କଷାନ, ଧନଞ୍ଜୟ କିଷାନ, କୃଳବତୀ ମିର୍ଦ୍ଧା, ଅର୍ଜୁନ କିଷାନ, ଚନ୍ଦ୍ରମଣୀ ମିର୍ଦ୍ଧା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସଭା ଶେଷରେ ସଂଘର କୋଷାଧକ୍ଷ ଗୁଣନାଥ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କୁ ନେଇ ନୃତ୍ୟଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଝାରସୁଗୁଡା, ଦେବଗଡ, ବରଗଡ ଜିଲାରୁ ସମାଜର ଲୋକେ ଉପସ୍ଥିତ ଥିଲେ।

### ଯୁବକଙ୍କ ମୃତଦେହ ଜବତ

ସମ୍ବଲପୁର,୨୯।୧୨(ବ୍ୟୁରୋ) ସମ୍ବଲପୁର କ୍ଷେତରାଜପୁର ଥାନା କାନୀଜୁରୀ ଗ୍ରାମରୁ ଏକ ଗଛରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ମୃତକ ହେଲେ ତରଣୀ ମେହେର (୧୯) । ଏ ନେଇ ଥାନାରେ ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପାରବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରିଛି।

## ବୀର ସୁରେନ୍ଦ୍ର ସାଏ ୨୩ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

# ନାଁ ଅର୍ଜିଲା ନାଟକ 'ଭାର'




ରବିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଅତିଥି ଓ କଳାକାରମାନେ।



ହିନ୍ଦୀ ନାଟକ 'ସମ୍ବୋଧନ'ର ଏକ ଦୃଶ୍ୟ।

ସମ୍ବଲପୁର, ୨୯।୧୨(ବ୍ୟୁରୋ)

ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଚାଲିଥିବା ବୀର ସୁରେନ୍ଦ୍ର ସାଏ ୨୩ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା-୨୦୧୯ ରବିବାର ଉଦ୍‌ଯାପିତ ହୋଇଛି। ସମ୍ବଲପୁର ମଞ୍ଚ ନାୟକର ନାଟକ 'ଭାର' ୧୧ଟି ବର୍ଗରେ ପୁରସ୍କାର ହାସଲ କରି ବାଜିମାତ୍ କରିଛି। ଏହି ନାଟକ ଶ୍ରେଷ୍ଠ ପ୍ରାୟୋଜିତ ନାଟକ ଟ୍ରଫି ମଧ ହାସଲ କରିଛି। ମମତା ପଣ୍ଡାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଛି। ସେହିଭଳି ପ୍ରଦୀପ କୁମାର ପଣ୍ଡା ଶ୍ରେଷ୍ଠ ଅଭିନେତା ସହ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଆଲୋକ ସମ୍ପାତ, ଦଳଗତ ପୋଷାକ ପରିପାଟୀ ଲାଗି ପୁରସ୍କୃତ ହୋଇଛନ୍ତି। ପ୍ରଦୀପ ଭୋଳ ଶ୍ରେଷ୍ଠ ପାଣ୍ଡୁଲିପି, ସଞ୍ଜୀବ ପାଢ଼ୀ ଶ୍ରେଷ୍ଠ ହାସ୍ୟ ଅଭିନେତା, ସୁରେଶ ପଣ୍ଡା ଦ୍ୱିତୀୟ ଶ୍ରେଷ୍ଠ ସହ ଅଭିନେତା, ସସ୍ମିତା ସାହୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଦେବେନ ଅମାତ ଶ୍ରେଷ୍ଠ ମଞ୍ଚ ସଜ୍ଜା ପାଇଁ ପୁରସ୍କୃତ ହୋଇଛନ୍ତି। ସେହିପରି ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ଦ୍ୱିତୀୟ ଶ୍ରେଷ୍ଠ ପ୍ରାୟୋଜିତ ନାଟକ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ତୃତୀୟ ଶ୍ରେଷ୍ଠ ପ୍ରାୟୋଜିତ ନାଟକ ଭାବେ ପୁରସ୍କୃତ ହୋଇଛି। ଅତିଶ କୁମାର ଶତପଥୀ ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ତୃତୀୟ ଶ୍ରେଷ୍ଠ ନାଟ୍ୟକାର ଏବଂ ଶ୍ରେଷ୍ଠ ସହ ଅଭିନେତା ଟ୍ରଫି ହାସଲ କରିଛନ୍ତି। ନରେନ୍ଦ୍ର ବେହେରା ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଓ ଶୁଭେନ୍ଦ୍ର ନନ୍ଦ ତୃତୀୟ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଛନ୍ତି। ଆଶିଷ କୁମାର ବୈକାର ଶ୍ରେଷ୍ଠ ଖଳ ଅଭିନେତା, ବ୍ରହ୍ମାନନ୍ଦ ସାହୁ ଶ୍ରେଷ୍ଠ ଶିଶୁ କଳାକାର ଓ ଗିରିଜା ଶଙ୍କର ମିଶ୍ର ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ପୁରସ୍କୃତ ହୋଇଛନ୍ତି। ବରଗଡ଼ ଜିଲା ପଦ୍ମପୁରର 'ଲୁ' ଅନୁଷ୍ଠାନ ଦ୍ୱାରା ପରିବେଷିତ ଗାନ୍ଧିଛକ ନାଟକ ଶ୍ରେଷ୍ଠ ହାସ୍ୟରସାତ୍ମକ ଟ୍ରଫି ହାସଲ କରିଛି। ଆୟୋଜକ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ପତିଙ୍କୁ ଉଦୟନ ନାଟ୍ୟ ସମ୍ମାନ-୨୦୧୯ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ମନୋନୀତ ୧୫ଟି ସମ୍ବଲପୁରୀ ନାଟକ ଏଠାରେ ପରିବେଷିତ ହୋଇଥିଲା । ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଡ. ଶ୍ୟାମସୁନ୍ଦର ଧର ଓ ବିଜୟ କୁମାର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ।

- ଲକ୍ଷ୍ମୀପ୍ରିୟା ପତିଙ୍କୁ ଉଦୟନ ନାଟ୍ୟ ସମ୍ମାନ
- ପ୍ରଦୀପ ପଣ୍ଡା ଶ୍ରେଷ୍ଠ ଅଭିନେତା
- ମମତା ପଣ୍ଡା ଶ୍ରେଷ୍ଠ ଅଭିନେତ୍ରୀ

### କୁଞ୍ଜବନରେ ଭିଏଚ୍‌ପି ପକ୍ଷରୁ ବ୍ଲକ୍‌ସ୍ତରୀୟ ହିନ୍ଦୁ ସମ୍ମିଳନୀ

ନାକଟିଦେଉଳ,୨୯।୧୨ (ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର କତରାପାଲି ନିକଟସ୍ଥ କୁଞ୍ଜବନ ଆଶ୍ରମଠାରେ ରବିବାର ବିଶ୍ୱହିନ୍ଦୁ ପରିଷଦ ନାକଟିଦେଉଳ ଖଣ୍ଡ ପକ୍ଷରୁ ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମସ୍ୟା ବହୁଳ ହିନ୍ଦୁ ସମାଜ, ଅରାଷ୍ଟ୍ରୀୟ ଶକ୍ତିର ପ୍ରାଦୁର୍ଭାବ, ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କ ପରି ସାଧୁଙ୍କୁ ହତ୍ୟା, ଗୋ ହତ୍ୟା ଏବଂ ଭାରତ ମାତା ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦରେ ହିନ୍ଦୁମାନଙ୍କ ଅଜୟ ଶକ୍ତିକୁ ମନେ ପକାଇ ପ୍ରତି ହିନ୍ଦୁମାନଙ୍କ ମନରେ ହିନ୍ଦୁତ୍ୱ ଭାବନା ଜାଗରଣ ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ହରିଓଁ ଭାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ଜିଲା କାର୍ଯ୍ୟବାହ ରାମକୃଷ୍ଣ ନାଏକ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦର ବିଭାଗ ସଂପାଦକ ହରିଶଙ୍କର ହୋତା, ଆରଏସ୍‌ଏସ୍‌ର ଜଲା ବ୍ୟବସ୍ଥା ପ୍ରମୁଖ ଖଗେଶ୍ୱର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ହିନ୍ଦୁ ଏକତା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଏଥି ସହିତ ହିନ୍ଦୁ ସମାଜର ସୁରକ୍ଷା, ଗୋ ସୁରକ୍ଷା, ରାମ ମନ୍ଦିର ନିର୍ମାଣ ଏବଂ ଧର୍ମାନ୍ତରୀକରଣ ସମ୍ପର୍କରେ ଆଲୋକପାତ କରି ଏ ଦିଗରେ ଆଜିଠାରୁ ସମସ୍ତ ହିନ୍ଦୁ ଭାଇଭଉଣୀମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହାସହ ଭାରତ ମାତାର ଅଖଣ୍ଡତାକୁ ବଜାୟ ରଖିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମିଳନୀ ସ୍ଥଳରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ଏମ୍‌ସିଏଲ୍ ମହାପ୍ରବନ୍ଧକ ସମିତି ବୈଠକ



ଏମ୍‌ସିଏଲ୍ ମୁଖ୍ୟାଳୟଠାରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି ।

ସମ୍ବଲପୁର,୨୯।୧୨(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ମହାପ୍ରବନ୍ଧକ କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମହାପ୍ରବନ୍ଧକ ଡି.ପି. ପଟ୍ଟନାୟକ ସ୍ୱାଗତ ସହ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ କ୍ଷେତ୍ରୀୟ ମହାପ୍ରବନ୍ଧକ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## କମ୍ବଳ ବଣ୍ଟାଗଲା, ଆଶ୍ରୟସ୍ଥଳ ଖୋଲିଲା

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମଗ୍ର ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ରବିବାର ସମ୍ବଲପୁର ଜିଲାରେ ମଧ ପାରଦ ୭.୪ ଡିଗ୍ରୀ ରହିଥିଲା । ଏଣୁ ଜିଲାରେ ଅସହାୟମାନଙ୍କୁ ସୁରକ୍ଷା ଦେବାକୁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ରବିବାର ସକାଳେ ଜିଲାର ବିଭିନ୍ନ ବ୍ଲକର ଅଧିକାରୀମାନେ ନିଜ ଅଞ୍ଚଳର ଗାଁଗୁଡିକ ପରିଦର୍ଶନ କରି ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ସେହିପରି ଯାହର ଘର ନାହିଁ ସେମାନଙ୍କୁ ସ୍କୁଲ ଓ କ୍ଲବ ଘରେ ଆଶ୍ରୟ ଦିଆଯାଇଛି। ବୁର୍ଲା, ହୀରାକୁଦ ଓ କ୍ଷେତରାଜପୁରରେ ସ୍କୁଲ, କ୍ଲବ, କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲାଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନା, ଡିଏଫଓ ଡ. ସଞ୍ଜୀତ କୁମାର, ମହାନଗର ନିଗମ ଅତିରିକ୍ତ କମିଶନର ଦେବେନ୍ଦ୍ର ନନ୍ଦ, ଏନଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି ତଦାରଖ କରିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ: ରୋହିଦାସ କ୍ଲବ୍ ଚାମ୍ପିୟନ

ରେଢାଖୋଲ,୨୯।୧୨(ଡି.ଏନ.ଏ.)

ରେଢାଖୋଲ ଏନଏସିର ୯ ନଂ. ୱାର୍ଡ ଅନ୍ତର୍ଗତ ଆମ୍ବପାଳ ଆଦିବାସୀ କ୍ଲବ ଆନୁକୂଲ୍ୟରେ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଯୋଗ ଦେଇଥିଲେ। ଆୟୋଜକ ଆମ୍ବପାଳ ଆଦିବାସୀ କ୍ଲବ ଓ ସାଲେସିଂ ରୋହିଦାସ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଖେଳରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଗୋଲ କରି ପାରି ନ ଥିଲେ। ଶେଷରେ ପେନାଲଟି ସଟ୍‌ରେ ରୋହିଦାସ କ୍ଲବ ଆଦିବାସୀ କ୍ଲବ୍‌କୁ ୨-୦ ଗୋଲ୍ ହରାଇ ଚାମ୍ପିୟନ ହୋଇଥିଲା। ଆଦିବାସୀ କ୍ଲବର ସଭାପତି ତଥା କାଉନସିଲର ଲକ୍ଷ୍ମଣ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ସମାରୋହରେ ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ବିଜେଡି ଯୁବନେତା ଚିନ୍ମୟ ପଣ୍ଡା, ଥମାସ କୁଜୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଦଳର ମଣ୍ଟୁ ଗିଲୁଆ, ବନ ଷଣ୍ଢ, ସୁମିତ କୁଜୁର ପ୍ରମୁଖ ସହଯୋଗ କରିଥିଲେ।



ରେଢାଖୋଲ ଏନ୍‌ଏସିର ୯ ନଂ. ୱାର୍ଡ ଅନ୍ତର୍ଗତ ଆମ୍ବପାଳ ଆଦିବାସୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ଖେଳାଳିମାନେ।

## ସମାଲୋଚନାକୁ ଗ୍ରହଣ କରିବା ଉଚିତ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ 'ନାଟକ ଲାଗି ସମାଲୋଚନାକୁ ସାଦରେ ଗ୍ରହଣ କରିବା ଉଚିତ' ଶୀର୍ଷକ ଅଲୋଚନାଚକ୍ର ରବିବାର ବଡଦୁଆରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପସଭାପତି ଭବାନୀ ଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ନାଟ୍ୟବିତ ଡ.ଦିଲୀପ କୁମାର ପଣ୍ଡା ମୁଖ୍ୟ ଅଲୋଚକ ଭାବେ ଯୋଗ ଦେଇଥିଲେ। ୨୪ରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ଝାଡୁଆପଡା ଆରଣ୍ୟକ ମଞ୍ଚରେ ମଞ୍ଚସ୍ଥ ହୋଇଥିବା ୧୫ଟି ନାଟକ ଉପରେ ସମୀକ୍ଷା କରାଯାଇଛି। ନାଟକ ସହିତଜଡିତ ଥିବା ପ୍ରତ୍ୟେକ ବ୍ୟକ୍ତି ସାଂପ୍ରତିକ ସମାଜର ସ୍ଥିତି, ପରିସ୍ଥିତି ପ୍ରତି ସଚେତନ ହେବା ସଙ୍ଗେ ସଙ୍ଗେ ସମ୍ବେଦନଶୀଳ ହୋଇପାରିଲେ ଯୁଗ ଉପଯୋଗୀ ନାଟକ ସୃଷ୍ଟି ହୋଇପାରିବ ବୋଲି ପଣ୍ଡା କହିଥିଲେ। ଯୁଗ୍ମସଂପାଦକ ସତ୍ୟନାରାୟଣ ଠାକୁର ସୂଚନା ପ୍ରଦାନ କରିଥିବାବେଳେ ଉପଦେଷ୍ଟା ଶିବନାରାୟଣ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଶ କୁମାର ଶତପଥି, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ସତ୍ୟନାରାୟଣ ସାହୁ ଆଲୋଚନାରେ ଭାଗ ନେଇଥିଲେ।




ସମ୍ବଲପୁର ବଡଦୁଆରଠାରେ ଆୟୋଜିତ ଆଲୋଚନାଚକ୍ରରେ ଡ.ଦିଲୀପ ପଣ୍ଡା ବକ୍ତବ୍ୟ ଦେଉଛନ୍ତି।

# କିସ୍ ଅଭିଭାବକ ସମ୍ମିଳନୀ

ସମ୍ବଲପୁର/କୋଲାବିରା, ୨୯।୧୨(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର କାଇଁଶିରଠାରେ ଭୁବନେଶ୍ୱର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ର ଜିଲାସ୍ତରୀୟ ଅଭିଭାବକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଯୋଗ ଦେଇଥିଲେ। ଭୁବନେଶ୍ୱର କିସ୍‌ରୁ ଆସିଥିବା ପ୍ରତିନିଧି ତ୍ରୈଲୋକ୍ୟନାଥ ପରିଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଜିଲାର ସମସ୍ତ ବ୍ଲକର ୪୦୦ରୁ ଅଧିକ ଅଭିଭାବକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ ଭୋଇ, ସଭାପତି ଉସମାନ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର କିସ୍ ସଂଯୋଜକ ଆକାଶ ବିଶ୍ୱକର୍ମା ପରିଚାଳନା କରିଥିଲେ।

ସେହିଭଳି ଝାରସୁଗୁଡା ଜିଲା କୋଲାବିରା ମିନିଷ୍ଟାଡିୟମରେ ମଧ୍ୟ କିସ୍ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମନେନ୍ଦ୍ର ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କିସ୍‌ର ସହକାରୀ ଶିକ୍ଷକ ଜ୍ୟୋତିରଞ୍ଜନ ରାଉତ, ବିଶିଷ୍ଟ ଶିକ୍ଷାବିତ୍ ସଚ୍ଚିନ୍ଦ୍ର କୁମାର ପଟେଲ, ପରିବେଶବିତ ଶୋଭାଚନ୍ଦ୍ର ନାଏକ, କ୍ରୀଡାବିତ ମଙ୍ଗଳ ଓରାମ, ନେଲସନ ଜୋଜୋ ଏବଂ ବାସୁଦେବ ଭୋଇ ଯୋଗ ଦେଇଥିଲେ। ଜିଲା ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସମ୍ପାଦକ ପ୍ରଭାକର ଓରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିସ୍ ଅଭିଭାବକ ସଂଘର କର୍ମକର୍ତ୍ତା ଯଦୁମଣୀ ମାଝି, ମୁକ୍ତେଶ୍ୱର କିଷାନ, ହିମାଂଶୁ କିଷାନ, ବିକ୍ରମ ମାଝି, ଦୁଃଖି ପ୍ରଧାନ, ପରକ୍ଷିତ କିଷାନ, ପଟ୍ଟନାୟକ ମାଝି, ମଙ୍ଗଳ ଚାରଦିଆ, ମୋହନ ପିଙ୍ଗ, ନରେନ୍ଦ୍ର ବାଗ, ବରୁଣ ପ୍ରଧାନ, ପ୍ରଫୁଲ୍ଲ କିଷାନ, ଦିଲୀପ କିଷାନଙ୍କ ସମେତ ସମସ୍ତ ପୁରାତନ ଛାତ୍ର ସଂଘର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଚରଣ ପଧାନ, ସଞ୍ଜୀବ କିଷାନ, ପ୍ରକାଶ କିଷାନ, ଦୀପକ କୁମାର ମାଝି, ବାବଲୁ କିଷାନ, ଇତେଶ୍ୱରୀ କୁଜୁରା, ସ୍ୱର୍ଣ୍ଣଲତା ନାଏକ, ରାଜେଶ୍ୱର ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଝାରସୁଗୁଡା ଜିଲା କୋଲାବିରା ମିନିଷ୍ଟାଡିୟମରେ ଅନୁଷ୍ଠିତ କିସ୍ ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।




ସମ୍ବଲପୁର ଜମାଦାର ପାଲିରେ କିସ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅଧିକାରୀମାନେ ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



# ମାମଲା ରୁଜୁ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନୂଆଗାଁ, ୨୯।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ନୂଆଗାଁ ବ୍ଲକ ଅଞ୍ଚଳରେ ଚୋର, ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ତା ସହିତ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବି ବଢୁଛି। ହେଲେ ପୋଲିସ ନିଷ୍କ୍ରିୟ ରହୁଛି। ଏପରିକି ମାମଲା ରୁଜୁ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ନିଜ ସ୍ୱାର୍ଥ ସାଧନ ପାଇଁ ପୋଲିସ କାର୍ଯ୍ୟ କରୁଛି। ଏହି ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ୧୦ ପଞ୍ଚାୟତ ସୁନ୍ଦରଗଡ ପୋଲିସ ଜିଲା ଅନ୍ତର୍ଗତ ହାତୀବାରି ଥାନା ଅଧିନରେ ରହିଛି। ଅନ୍ୟ ୧୦ ପଞ୍ଚାୟତ ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିଶ୍ରା ଥାନା ଅଧିନରେ ରହିଛି। ହାତୀବାରି ଥାନା ଅଧିନରେ ରହିଥିବା ବ୍ଲକର କରଡେଗା ପୁରୁଣାପାଣି, ଜାହାଡିଟୋଲି, କୋକେରମା, ହାତୀବାରି, କର୍କଟନାସା, ନୂଆଗାଁ, ଲୁକୁମବେଡା ପଞ୍ଚାୟତର ଶତାଧିକ ଗାଁ ଝାଡଖଣ୍ଡ ସୀମାକୁ ଲାଗିଛି। ଏହି ପଞ୍ଚାୟତ ଦେଇ ଝାଡଖଣ୍ଡକୁ ଏକାଧିକ ଗଳା ରାସ୍ତା ରହିଛି । ଏମାନଙ୍କ ମଧ୍ୟରୁ ଜାହାଡିଟୋଲି ଦେଇ ଝାଡଖଣ୍ଡର ଓଡଗାଁ ଓ କରଡେଗା ପଞ୍ଚାୟତ ଦେଇ ଝାଡଖଣ୍ଡର ଜଲଡେଗାକୁ ସଂଯୋଗ କରୁଛି। ଏହି ପ୍ରମୁଖ ଦୁଇ ରାସ୍ତା ଦେଇ ଚାଲିଛି ଚୋରା ବ୍ୟବସାୟ। ଦେଶୀ, ବିଦେଶୀ ନକଲି ବିଦେଶୀ ମଦଠାରୁ ଆରମ୍ଭ କରି ବେଆଇନ ଭାବେ ଚୋରା କାଠ, ଇଟା, ଗୋ-ଚାଲାଣ ଭଳି ଅନେକ ବେଆଇନ ଜିନିଷ ଝାଡଖଣ୍ଡକୁ ଚାଲାଣ ହେଉଛି। ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ କର୍ମଚାରୀ ନୀରବ। ଏଥିପାଇଁ ହାତୀବାରି ଥାନା ଅଞ୍ଚଳ ଏବେ ଚୋର, ଲୁଟେରାଙ୍କ ଭୁସ୍ୱର୍ଗ ପାଲଟିଛି। ନାଁକୁ ମାତ୍ର ଆମ ପୋଲିସ ଭଳି କାର୍ଯ୍ୟକ୍ରମ କରାଯାଉଛି, ହେଲେ ଫଳଶୂନ। ସେହିଭଳି ବିଶ୍ରା ଥାନା ଅଧିନରେ ଥିବା ନୂଆଗାଁ ବ୍ଲକର ସୋରଡା, ବାରିଲେପ୍ଟା, ବାଗଡେଗା, ଉର୍ମେଇ, ଚିତାପେଡି, ବଡଯୋଜନା ଗାଁ ଝାଡଖଣ୍ଡ ଅପରାଧିଙ୍କ ଦ୍ୱାରା ଦେଶ ପ୍ରଭାବିତ। ହତ୍ୟା, ଲୁଟରେ ଝାଡଖଣ୍ଡ ଅପରାଧି ଏବଂ ପିଏଲ୍ଏଫ୍ଆଇ ସଙ୍ଗଠନର ହାତ ରହୁଛି। ଲୋଆରାମ ଅଞ୍ଚଳର ଗୁଲିକାଣ୍ଡ ଏବଂ ଗାଇଞ୍ଜର ଗାଁରେ ୨ଜଣ ଫେରିବାଲାଙ୍କୁ ନିର୍ମମ ହତ୍ୟା ପରେ ବି ସ୍ଥାନୀୟ ପୋଲିସ ଉକ୍ତ ଅଞ୍ଚଳକୁ ଉପଯୁକ୍ତ ସୁରକ୍ଷା ବା ପାଟ୍ରୋଲିଂ ବ୍ୟବସ୍ଥା କରିବା ଦିଗରେ ଟାଳଟୁଳନୀତି ଅବଲମ୍ବନ କରୁଛି।

- ନିଜ ସ୍ୱାର୍ଥରେ ହାତୀବାରି, ବିଶ୍ରା ଥାନାର ପୋଲିସ
- ନୂଆଗାଁ ବ୍ଲକର ଅଧା ହାତୀବାରି, ଅଧା ବିଶ୍ରା ଅଧୀନରେ
- ଝାଡ଼ଖଣ୍ଡକୁ ଲାଗି ଥିବାରୁ ବୃଦ୍ଧି ପାଉଛି ଚୋର, ଲୁଟେରାଙ୍କ ପ୍ରାଦୁର୍ଭାବ
- ବଢୁଛି ଅସାମାଜିକ କାର୍ଯ୍ୟକଳାପ

ଏଭଳି ଏକାଧିକ ଘଟଣା ଘଟିଲା ପରେ ତତ୍କାଳୀନ ଏସ୍ପି ସୋରଡା ଗାଁରେ ଏକ ବିଟ୍ ହାଉସ ବା ଫାଣ୍ଡି ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ହେଲେ ପରବର୍ତ୍ତି ସମୟରେ ବିଭାଗ ଏଦିଗରେ କୌଣସି ପଦକ୍ଷେପ ନେଲା ନାହିଁ। ଫଳସ୍ୱରୂପ ଏବେବି ଉକ୍ତ ଅଞ୍ଚଳରେ କେତେକ ଠିକାଦାରଙ୍କୁ ଦାଦାବଟି ପାଇଁ ଧମକ ଆସୁଛି। କେତେକ ଠିକାଦାର ବାଧହୋଇ ପିଏଲ୍ଏଫ୍ଆଇ ସଙ୍ଗଠନକୁ ଆବଶ୍ୟକ ମୁତାବକ ବଟି ଦେଇ କାମ କରୁଛନ୍ତି। ସେହିଭଳି ୧ମାସ ବ୍ୟବଧାନରେ ସୋରଡା, ଉର୍ମେଇ, କାତେପୁର ଗ୍ରାମରେ ଗୋଟିଏ ପରେ ଗୋଟିଏ ଡକାୟତି ହେବାର ନଜିର ରହିଛି। ଏନେଇ ବିଶ୍ରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରିଛି। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ଉର୍ମେଇ ଗ୍ରାମର ମହି ପଣ୍ଡା ଓ କାତେପୁର ଗାଁର ଜଗନ୍ନାଥ ସିଂଙ୍କ ଘରୁ ଲକ୍ଷାଧିକ ଟଙ୍କାର ଜିନିଷ, ସୁନା, ଗହଣା ଚୋରି ଘଟଣାରେ ଏପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହିଁ। ବିଗତ ଏକମାସ ହେବ ଉର୍ମେଇ ଗାଁର ଚୋରି ଘଟଣା ହେଲେ ପୋଲିସ କାହାକୁ ଗିରଫ କରିବା ତ ଦୂରର କଥା କାହାକୁ ସନ୍ଦେହ କରି ଥାନାକୁ ବି ଡକାଇ ନାହିଁ । ସେହିପରି କାତେପୁର ଜନସେବା କେନ୍ଦ୍ରରୁ ନଗଦ ୭୦ ହଜାର ଟଙ୍କା ଓ ଲାପ୍ଟପ୍ ଚୋରି ଘଟଣାରେ ମଧ୍ୟ ପୋଲିସ ହାତ ଖାଲି । ଉକ୍ତ ଅଞ୍ଚଳରେ କୌଣସି ଘଟଣା ବା ଅଘଟଣ ଘଟିଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଜର ପ୍ରାଥମିକ ତଦନ୍ତ ସାରି ଫେରିଯାଉଛି। ହେଲେ ପରବର୍ତ୍ତି ସମୟରେ ପୋଲିସର ଦେଖାନାହିଁ। ପୋଲିସର ଏଭଳି ନିଷ୍କ୍ରିୟତାକୁ ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାସ, ଯୁବ କଂଗ୍ରେସ ନେତା ଅନୀଲ ଏକ୍କା, ସାମାଜିକ କର୍ମୀ ଲିଟୁନ ସିଂ, ବିଜେଡ଼ି ନେତା ପ୍ରଦୀପ ସାହୁ ପ୍ରମୁଖ ନିନ୍ଦା କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଚନ୍ତି।

## ସଂକ୍ଷେପରେ

### ଗଏକନପାଲି କ୍ରିକେଟ ଟୁର୍ନାମେଣ୍ଟ ଝିଲିମାଲ ଚାମ୍ପିୟନ

**ବାଲିଶଙ୍କରା, ୨୯।୧୨ (ଡି.ଏନ୍.ଏ) :** ବାଲିଶଙ୍କରା ବ୍ଲକ କୁରେଇ ଗ୍ରାମପଞ୍ଚାୟତର ଗଏକନପାଲି ଖେଳପଡିଆ ଠାରେ ଜୟଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରାମପୁର ଓ ଝିଲିମାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ରାମପୁର ଦଳ ଟସ୍ ଜିଣି ଫିଲଡିଂ ପାଇଁ ନିଷ୍ପତ୍ତି ନେଇଥିଲେ । ହେଲେ ରାମପୁର ଦଳ ବ୍ୟାଟିଂରେ ବିଫଳତା ଯୋଗୁଁ ଝିଲିମାଲ ଦଳ ୫ଉଇକେଟ ବିନିମୟରେ ୧୭ ରନରେ ବିଜୟୀ ହୋଇଥିଲା । ଉଦଯାପନୀ ସମାରୋହରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ /ପୁରସ୍କାର ସ୍ୱରୂପ ଟ୍ରଫି ସହ ଖାସୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡାକୁ ପ୍ରୋତ୍ସାହନ ଯୋଗାଇ ଆସୁଥିବାରୁ କ୍ରୀଡାବିଦମାନେ ଏହାର ସୁଯୋଗ ନେଇ କ୍ରୀଡାକ୍ଷେତ୍ରରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ହୃଦାନନ୍ଦ ବାରିକ, ବରିଷ୍ଠ ବିଜେଡି ନେତା ତାପସ ପଣ୍ଡା, କେଶବ ରଣା, ରଂଜନ ସିଂ, କୃଷ୍ଣ ସିଂ, ଟଙ୍କଧର ସିଂ, ଦୁର୍ଗାଚରଣସିଂ, ପୁଟୁଲ ସିଂ, ପ୍ରସନ୍ନ କୁମାର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଜଗନ୍ନାଥ କ୍ଲବର ସଦସ୍ୟ ଲମ୍ବୋଦର ସିଂ, ନରେଶ ସିଂ, ପ୍ରହଲାଦ ସିଂ ,ଜଗମୋହନ ସିଂ, ରାକେଶ ସିଂ, ଶ୍ରୀନିବାସ ସିଂ, ବିକି ସିଂ, ବିଷ୍ଣୁଦେବ ସିଂ, ସମୀର ନାଏକ, ତୁଷାର ସିଂ ,ନୀତେଶ ସିଂ ଓ ଜିତେନ୍ ସିଂ ପ୍ରମୁଖ ଏହି ଟୁର୍ନାମେଣ୍ଟ ପରିଚାଳନାରେ ସହ ଯୋଗ କରିଥିଲେ।

### ପାଇକମାଲ ଅଞ୍ଚଳରେ ତୁଷାରପାତ

**ପାଇକମାଲ,୨୯।୧୨(ଡି.ଏନ୍.ଏ.):** ସମଗ୍ର ରାଜ୍ୟରେ ଶୀତ ଲହରୀ ଓ ସ୍ଥାନେ ସ୍ଥାନେ ତୁଷାରପାତ ଜାରି ରହିଥିବା ବେଳେ ବରଗଡ଼ ଜିଲା ମଧ ଏଥିରେ ବାଦ୍ ପଡ଼ିନାହିଁ। ଶନିବାର ଝାରବନ୍ଧ ବ୍ଲକରେ ତୁଷାରପାତ ହୋଇଥିବା ବେଳେ ରବିବାର ପାଇକମାଲ ବ୍ଲକ ଲଉଡ଼ମାଲ ଓ ମୁଣ୍ଡେଲା ଆଦି ଗ୍ରାମରେ ତୁଷାରପାତ ହୋଇଥିବାର ସୂଚନା ମିଳିଛି । ଏସବୁ ଅଞ୍ଚଳରେ ପାଖାପାଖି ୬ରୁ ୭ ଡିଗ୍ରୀ ତାପମାତ୍ରା ରହୁଥିବାରୁ ପ୍ରଚଣ୍ଡ ଶୀତଲହରୀ ସହିତ ସୁଲୁସୁଲିଆ ପବନ ବହିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହୋଇଗଲେ ରାସ୍ତାଘାଟ ଶୂନ୍ଶାନ ହୋଇପଡୁଛି । ଗାଁଗଣ୍ଡାରେ ଲୋକେ ୭ଟାରୁ ଶୋଇ ପଡୁଛନ୍ତି। ରାସ୍ତାଘାଟରେ ଲୋକମାନେ ନିଆଁ ପୋଉଁଥିବାର ଦେଖାଯାଉଛି ।

## ଗୋରୁ ବେପାରୀଙ୍କ ଠାରୁ ୪ଲକ୍ଷ ଟଙ୍କା ଲୁଟ୍

**ନୂଆଗାଁ, ୨୯।୧୨ (ଡି.ଏନ୍.ଏ)**

ବିଶ୍ରା ଥାନା ଅନ୍ତର୍ଗତ ସୋରଡା ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଜଣେ ଗୋରୁ ବେପାରୀଙ୍କ ଠାରୁ ୪ଲକ୍ଷ ଟଙ୍କା ଲୁଟ ହୋଇଛି । ଝାଡଖଣ୍ଡର ଆନନ୍ଦପୁର ଅଞ୍ଚଳର ବସିରୁଦ୍ଦିନ ମିଆଁ ନାମକ ଏହି ଗୋରୁବେପାରୀ ଜଣେ ବିଶ୍ରା ଗତ କିଛିବର୍ଷ ହେଲା ବିଶ୍ରା ଆସି ସ୍ଥାନୀୟ ଥାନା କଲୋନୀରେ ରହିଆସୁଛନ୍ତି। ରବିବାର ସୋରଡା ନିକଟସ୍ଥ ଗିର୍ଜା ଟୋଲି ପାହାଡ ନିକଟରେ ଗୋରୁମାନଙ୍କୁ ଆଣି ସେଠାରେ ସେମାନଙ୍କ କିଣାବିକା ଚାଲିଥିଲା । ଏହି ସମୟରେ ଏକ ବୋଲେରୋରେ ୫/୬ଜଣ ଯୁବକ ଆସି ବସିରୁଦ୍ଦିନଙ୍କୁ ଲାଠି ଓ ପଥରରେ ମାଡ ମାରି ତାଙ୍କ ଠାରୁ ୪ଲକ୍ଷ ଟଙ୍କା ଲୁଟି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଗୋରୁ ବେପାରୀ ବସିରୁଦ୍ଦିନଙ୍କ କହିବା ଅନୁସାରେ ତାଙ୍କ ଠାରୁ ଟଙ୍କା ଲୁଟ କରିଥିବା ଯୁବକମାନେ କୁତ୍ରା ଥାନା ଅନ୍ତର୍ଗତ ଖତକୁର ବାହାଲ ଅଂଚଳର। ୨/୩ଦିନ ପୂର୍ବରୁ କେତେଜଣ ବ୍ୟକ୍ତି ତାଙ୍କ ବ୍ୟବସାୟକୁ ନେଇ ବସିରୁଦ୍ଦିନଙ୍କ ସହ ଫୋନ୍ ରେ ଝଗଡା ହୋଇଥିଲେ । ଏହାକୁ ନେଇ ରବିବାର ଏହି ଟଙ୍କା ଲୁଟ ହୋଇଥିବା ସେ ଅଭିଯୋଗ କରିଛନ୍ତି।





ସ୍କାଉଟ ଗାଇଡ଼ ପିଲାଙ୍କ ଦ୍ୱାରା ବସିଥିବା ଗାଁ ହାଟ(ବାମ)। ଜିଲାପାଳ ଓ ଅନ୍ୟ ଅତିଥିମାନେ ସୁକନ୍ୟା କାର୍ଯ୍ୟକ୍ରମ ଉଦ୍ଘାଟନ କରୁଛନ୍ତି।

### ଆଇଟିସିସ୍ଥିତ ରାଜ୍ୟ ସ୍କାଉଟ, ଗାଇଡ ଟ୍ରେନିଂ କେନ୍ଦ୍ରରେ ରାଜ୍ୟସ୍ତରୀୟ ସୁକନ୍ୟା କାର୍ଯ୍ୟକ୍ରମ

## ସ୍କାଉଟଗାଇଡ୍ ପିଲାଙ୍କ ଗ୍ରାମ୍ୟବଜାର ମନ ମୋହିଲା

**ବଡଗାଁ, ୨୯।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ଆଇଟିସି ପରିସର ସ୍ଥିତ ରାଜ୍ୟ ସ୍କାଉଟ, ଗାଇଡ ଟ୍ରେନିଂ କେନ୍ଦ୍ରରେ ଶନିବାରଠାରୁ ରାଜ୍ୟସ୍ତରୀୟ ସୁକନ୍ୟା କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଛି। ଶନିବାର ଅପରାହ୍ନରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାପାଳ ନିଖିଳ ପୱନ କଲ୍ୟାଣ ମୁଖ୍ୟଅତିଥି ଓ ରାଜ୍ୟ ସ୍କାଉଟ ଗାଇଡ କମିଶନର କାଳୀ ପ୍ରସାଦ ମିଶ୍ର, ରାଜ୍ୟ ଆୟୋଜକ କମିଶନର ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ କମିଶନର ମିଶ୍ର, ସ୍କାଉଟ ଗାଇଡର ସମସ୍ତ ସେକସନ ଯଥା ବନି, କପ୍ ବୁଲବୁଲ, ଗାଇଡ ଓ ରେଞ୍ଜରଙ୍କୁ ନେଇ ବିଶ୍ୱରେ କେବେ କାର୍ଯ୍ୟକ୍ରମ ହୋଇନାହିଁ। ଏହା ପ୍ରଥମ କରି ଏଠାରେ ହେଉଛି । ନାରୀ ଶକ୍ତି ସ୍ୱରୂପା, ଭାରତରେ ନାରୀ ବା ଝିଅଙ୍କ ପ୍ରାଧାନ୍ୟ ରହିଛି । ପୁରୁଷଙ୍କୁ ନାରୀ ଗାଇଡ କରି ଆସିଛି। ନାରୀ ମାଆ ହେଲାପରେ ଦେବତାଠାରୁ ବଡ ହୋଇଯାଏ ବୋଲି କହିଥିଲେ। ଜିଲାପାଳ ପିଲାଙ୍କୁ ଉତ୍ସାହିତ କରି କହିଥିଲେ ଶିକ୍ଷାର ଅନ୍ତ ନାହିଁ, ଏଠାରେ ଶିକ୍ଷା ନେଇ ତାକୁ କାର୍ଯ୍ୟରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ରବିବାର ଅପରାହ୍ନରେ ସ୍କାଉଟ ଗାଇଡର କୁନି ପିଲାଙ୍କ ଦ୍ୱାରା ବସାଯାଇଥିବା ଗ୍ରାମ୍ୟ ବଜାର ବା ଗାଁ ହାଟ ସମସ୍ତଙ୍କ ମନମୋହି ନେଇଥିଲା। ରାଜ୍ୟର ସମସ୍ତ ଜିଲାରୁ ଆସିଥିବା ୫ ରୁ ୨୫ ବର୍ଷର ଝିଅମାନେ ସେମାନଙ୍କ ନିଜ ଜିଲାର ବେଶ ପୋଷାକ ପିନ୍ଧି ନିଜ ଅଞ୍ଚଳର ଖାଦ୍ୟ, ବିଭିନ୍ନ ସାମଗ୍ରୀ ବିକ୍ରି ପାଇଁ ହାଟରେ ବସାଇଥିଲେ। କୁନି ପିଲାଙ୍କ ନେ ବାବୁ ୫ଟଙ୍କା, ୫ଟଙ୍କା ଡାକ କୌତୁହଳପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୨ଶହ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ୧ ତାରିଖ କାର୍ଯ୍ୟକ୍ରମ ଉଦଯାପିତ ହେବ।

## ରୋହି ଦାସ ସେବା ସଂଘର ଜିଲାସ୍ତରୀୟ ବୈଠକ

### ସନ୍ଥ ଶିରୋମଣି ରବି ଦାସ ଜୟନ୍ତୀ ପାଳନ ନେଇ ଆଲୋଚନା

**ସବ୍ଡ଼େଗା, ୨୯।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରୋହିଦାସ ସେବା ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ସୁଦର୍ଶନପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ଶିରୋମଣି ରବି ଦାସ ଜୟନ୍ତୀ ପାଳନ ପାଇଁ ବୈଠକ ହୋଇଥିଲା। ଯୋଗେନ୍ଦ୍ର ରୋହିଦାସ ଏଥିରେ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ଼ ଜିଲା ସ୍ତରୀୟ ସନ୍ଥ ଶିରୋମଣି ରବି ଦାସ ଜୟନ୍ତୀ ସୁନ୍ଦରଗଡ଼ ଲୁହାରଢିପାଠାରେ ମାଘ ପୂର୍ଣ୍ଣମୀ ଫେବୃୟାରୀ ୯ ତାରିଖ ଅନୁଷ୍ଠିତ ହେବ। ଜିଲାର ସମସ୍ତ ରବିଦାସ ପ୍ରେମୀଙ୍କୁ ସଚେତନ କରାଯିବା ପାଇଁ ଜିଲାସ୍ତରୀୟ କର୍ମକର୍ତ୍ତାମାନେ ବିଭିନ୍ନ ବ୍ଲକ ତଥା ଗ୍ରାମକୁ ଯାଇ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ସଚେତନ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ସୁରେନ୍ଦ୍ର ରୋହିଦାସ, ଅଜିତ ରୋହିଦାସ, ଯୋଗେନ୍ଦ୍ର ରୋହିଦାସ, ସୁକାନ୍ତ ରୋହିଦାସ, ଯୋଗେଶ୍ୱର ରୋହିଦାସ, ନରସିଂହ ରୋହିଦାସ, ବୈକୁଣ୍ଠ ରୋହିଦାସ, ଅର୍ଜୁନ ରୋହିଦାସ, ଯୋଗେନ୍ଦ୍ର ମେହେର, ଦାତାରାମ ସତନାମୀ, ଡ଼ିଲେଶ୍ୱର ରୋହିଦାସ, ଦୁର୍ଯ୍ୟୋଧନ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା କର୍ମୀ ଦେବଜାନୀ ରୋହିଦାସ, ଅନୀତା ରୋହିଦାସ, ବୈଦେହୀ ରୋହିଦାସ, ସରୋଜିନି ରୋହିଦାସ, କୁମୁଦିନି ମିରିଗ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜନ୍ମେଜୟ ଗିରି ଧନ୍ୟବାଦ ଦେଇଥିଲେ।



ବୈଠକରେ ରୋହିଦାସ ସେବା ସଂଘର କର୍ମକର୍ତ୍ତା ଉପସ୍ଥିତ।

### ରାଜ୍ୟ ସରକାରଙ୍କ ସୁନେତ୍ର ଯୋଜନା ବାଟବଣା

## ବିଳମ୍ବରେ ରୋଗୀଙ୍କୁ ଚଷମା ପ୍ରଦାନ

**ଲେଫ୍ରିପଡା, ୨୯।୧୨(ଡି.ଏନ.ଏ)**

ସରକାର ଜନସାଧାରଣଙ୍କ ସକାଶେ ବିଭିନ୍ନ ଲୋକାଭିମୁଖୀ ଯୋଜନା କରିଚାଲିଛନ୍ତି। ତନ୍ମଧ୍ୟରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁନେତ୍ର ଯୋଜନା ଅନ୍ୟତମ। ଦୃଷ୍ଟିଶକ୍ତି ସମସ୍ୟାରୁ ସୁବିଧା ପାଇବା ସକାଶେ ଏହି ସୁନେତ୍ର ଯୋଜନାରେ ରାଜ୍ୟର ଅର୍ଥନୈତିକ ଅନଗ୍ରସର ପରିବାରର ଜନସାଧାରଣଙ୍କ ପାଇଁ ମାଗଣାରେ ଚକ୍ଷୁ ପରୀକ୍ଷା କରି ଚଷମା ବଣ୍ଟନ କରିବା ସକାଶେ ଗତ ୧୨ଅକ୍ଟୋବର ୨୦୧୭ରେ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ଆଗାମୀ ୨୦୨୨ ପର୍ଯ୍ୟନ୍ତ ରାଜ୍ୟରେ ଦୃଷ୍ଟିଶକ୍ତି ସମସ୍ୟା ଦୂର କରିବାକୁ ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ କରାଯାଇଥିବା ବେଳେ ସୁନେତ୍ର ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏହି ଯୋଜନାରେ ବିଦ୍ୟାଳୟମାନଙ୍କରେ ଦୃଷ୍ଟିଶକ୍ତି ସମସ୍ୟାରେ ଥିବା ଛାତ୍ରୀଛାତ୍ରଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଉଛି। ଜନସାଧାରଣଙ୍କ ପାଇଁ ମଧ୍ୟ ଏହି ଯୋଜନାରେ ମାଗଣାରେ ଚକ୍ଷୁପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଉଥିବା ବେଳେ ବିଳମ୍ବରେ ଦୁଇରୁ ତିନିମାସ ମଧ୍ୟରେ ଚଷମା ପ୍ରଦାନ କରାଯାଉଥିବାରୁ ଚଷମା କାଚର କ୍ଷମତାର ପରିବର୍ତ୍ତନକୁ ଏଡାଇ ଦିଆଯାଇ ନ ପାରେ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ସୁନେତ୍ର ଯୋଜନା ଜିଲା ସରକାରୀ ମୁଖ୍ୟଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଉପଲବ୍ଧ ରହିଥିବା ବେଳେ ଚଷମା ଯୋଗାଣ ଦିଗରେ ବିଳମ୍ବ ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ଅନ୍ୟ ପକ୍ଷରେ ଚଷମା ଯୋଗାଣ ଦିଗରେ ସାରା ରାଜ୍ୟକୁ ଭୁବନେଶ୍ୱରର କୌଣସି ଏକ କମ୍ପାନୀ ଟେଣ୍ଡର ଜରିଆରେ ଠିକା ନେଇ ଚଷମା ପ୍ରଦାନ କରୁଥିବାରୁ ବିଳମ୍ବ ହେଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। ଚଷମା ଯୋଗାଣର ବିଳମ୍ବ ଦିଗରେ ସୁନ୍ଦରଗଡ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡା.ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ ଏ ଦିଗରେ କୌଣସି ଅଭିଯୋଗ ଆସିନାହିଁ। ଯଦି ବିଳମ୍ବ ହେଉଛି ତା ହେଲେ ଏ ଦିଗରେ ଯତ୍ନବାନ୍ ହେବୁ ବୋଲି କହିଥିଲେ। ଅପରପକ୍ଷରେ ଏହି ଯୋଜନାର ଜିଲା ନୋଡାଲ ଅଧିକାରୀ ଭାବେ କାର୍ଯ୍ୟରତ ଡା.ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଆମ୍ଭେ ପ୍ରତି ସପ୍ତାହରେ ଭୁବନେଶ୍ୱରକୁ ରିପୋର୍ଟ ପ୍ରଦାନ କରୁଛୁ। ପୁଣି ସେଠାରେ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରିଥାନ୍ତି। ଆଗକୁ ଯେମିତି ଜନସାଧାରଣ ଶୀଘ୍ର ଚଷମା ପାଇ ପାରିବେ ସେ ଦିଗରେ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ହାତୀ ଉପଦ୍ରବ: ଧାନ ଖାଇଲେ, ଆଖୁ ଦଳି ନଷ୍ଟ କଲେ

**କୋଲାବିରା,୨୯।୧୨(ଡି.ଏନ.ଏ.)**

କୋଲାବିରା ଅଞ୍ଚଳର ବିଭିନ୍ନ ସ୍ଥାନରେ ୩ଟି ହାତୀ ବ୍ୟାପକ କ୍ଷୟକ୍ଷତି କରିଥିବାର ଅଭିଯୋଗ ହୋଇଛି। ଗୋଟିଏ ହାତୀ କୁଣ୍ଡରୁସିଂହା ଗ୍ରାମର ରଥ ନାୟକଙ୍କ ଘରଭାଙ୍ଗି ଧାନ ଖାଇଛି । ଅନ୍ୟ ୨ଟି ହାତୀ କୋଲାବିରା ନିକଟସ୍ଥ ତରେଇକେଲା ଗ୍ରାମର ସୁରେନ ବଗାର ଏବଂ ସନ୍ତୋଷ ବିଶିଙ୍କ ଆଖୁ କିଆରିରୁ ଆଖୁ ଖାଇବା ସହିତ ମାଡିଦଳି ନଷ୍ଟ କରି ଦେଇଛନ୍ତି ।

## କୁସୁନା ଗ୍ରାମରେ କଳାକାର ସମ୍ମିଳନୀ

**ବଡ଼ଗାଁ, ୨୯।୧୨(ଡି.ଏନ.ଏ.)**



ବିଧାୟକ ଭବାନୀଶଙ୍କର ଭୋଇ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ କୁସୁନା ଗ୍ରାମରେ ରବିବାର କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବଡ଼ଗାଁ ଜିଲା ପରିଷଦ ସଭ୍ୟା ସ୍ନେହଲତା ବେଜି, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜ, ବିଡିଓ କ୍ଷମାନିଧି ଭୋଇ, ବାଲିଶଙ୍କରା ବିଡିଓ ଚନ୍ଦନ ନିଖଣ୍ଡିଆ, ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ୍ କୁମାର ପ୍ରସାନ, ଶୁକ୍ରାମ କିଷାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଧାୟକ ଭୋଇ କହିଲେ, ବେକାର ସମୟକୁ ନଷ୍ଟ ନ କରି କୀର୍ତ୍ତନ, ଭଜନ, ସମ୍ପ୍ରଦା ଆଦି ଆଧ୍ୟାତ୍ମିକ ସହ ଯୋଡି ହୋଇଥିବା କଳାରେ ମନ ନିବେଶ କରାଯାଇପାରିବ। ସରକାର କଳାକାର ଭତ୍ତା ଦେବା ସହିତ ବାଦ୍ୟଯନ୍ତ୍ର, ପୋଷାକ ଆଦି ଦେଉଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ସାହାଯ୍ୟ ସହଯୋଗ କିପରି ହାସଲ କରିବେ ବୁଝାଇଥିଲେ। ବ୍ଲକ ଅଧ୍ୟକ୍ଷା ମିଞ୍ଜ ଏହିପରି କଳାକାର ସମ୍ମିଳନୀ ହେବା ଦ୍ୱାରା ଗାଁଗୁଡିକରୁ ଆସୁଥିବା କଳାକାରମାନଙ୍କ ମଧ୍ୟରେ ବନ୍ଧୁତ୍ୱ ବଢୁଛି କହିଥିଲେ। ବିଭିନ୍ନ ଭାଷା, ସଂସ୍କୃତି ଓ କଳା ଉପରେ ସମସ୍ତେ ଜାଣିପାରୁଛନ୍ତି। ଏହାଦ୍ୱାରା କଳା, ସଂସ୍କୃତି ଓ ବିକାଶରେ ସହାୟକ ହୋଇଛି ବୋଲି ସେ କହିଥିଲେ। ବିଡିଓ ଭୋଇ, କଳାକାରମାନେ ଭତ୍ତା ପାଇଁ ଦରଖାସ୍ତ କଲେ ସହଯୋଗ କରାଯିବ ବୋଲି କହିଥିଲେ। କୁସୁନା ଗ୍ରାମର ନିରାକାର ଚୈତନ୍ୟ ଠାକୁର ସଂକୀର୍ତ୍ତନ ମଣ୍ଡଳି ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ କୁତ୍ରା, ବଡଗାଁ, ବାଲିଶଙ୍କରା, ତଲସରା, ସଦର ବ୍ଲକର ୧୫ରୁ ଉର୍ଦ୍ଧ୍ୱ କଳାକାର ଦଳ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ କଳାକାର ଦଳଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଲୋକକଳା ତାଲିମ୍ ଓ ଗବେଷଣା କେନ୍ଦ୍ରର ଅଧିକାରୀ ସୁଦର୍ଶନ ତାଜନ ମଞ୍ଚ ପରିଚାଳନା କରିଥିଲେ।

## ଉପାନ୍ତ ଇଲାକାରେ ଅବହେଳିତ ରାସ୍ତା

**ଲେଫ୍ରିପଡା,୨୯।୧୨(ଡି.ଏନ.ଏ)**



ଗୁଣ୍ଡିଆଡିହି ଅଞ୍ଚଳର ଅବହେଳିତ ରାସ୍ତା।

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡିଆଡିହି ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ସ୍ଥାନୀୟ ଗୁଣ୍ଡିଆଡିହିଠାରେ ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର, ବ୍ୟାଙ୍କ୍ ଏବଂ ଗ୍ରାମପଞ୍ଚାୟତ ରହିଛି। ସପ୍ତାହକ ଥରେ ପ୍ରତି ସୋମବାର ଏଠାରେ ହାଟ ବସିଥାଏ। ଅଞ୍ଚଳର ଜନସାଧାରଣ ଗୁଣ୍ଡିଆଡିହିକୁ ବିଭିନ୍ନ କାମ ନେଇ ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ସ୍ୱାସ୍ଥ୍ୟ ସେବା କେନ୍ଦ୍ରକୁ ଆସୁଥିବା ବେଳେ ସଉଦା କରିବା ସକାଶେ ମଧ୍ୟ ନିୟମିତ ଆସିଥାନ୍ତି। ଏଥି ମଧ୍ୟରେ ଗୁଣ୍ଡିଆଡିହିଠାରୁ ଭୁର୍ଷିଦାଣ୍ଡ ଦେଇ ଛତିଶଗଡ ରାଜ୍ୟକୁ ସଂଯୋଗ କରିଥିବା ରାସ୍ତାର ଅବସ୍ଥା ଶୋଚନୀୟ ରହିଛି। ଯେଉଁଥି ପାଇଁ ଦୈନନ୍ଦିନ ଯାତାୟତ କ୍ଷେତ୍ରରେ ଅଞ୍ଚଳବାସୀଙ୍କ ପାଇଁ ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତିବନ୍ଧକ ସାଜିଛି। ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ବହୁତ ହଇରାଣର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ସରକାର ଗମନାଗମନ ସକାଶେ ପ୍ରାଥମିକତା ଦେଇ ରାସ୍ତାର ଉନ୍ନତିକରଣ ପାଇଁ ବହୁ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବା ବେଳେ ବାଦ୍ ପଡିରହିଛି ଏହି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳର ଗ୍ରାମ୍ୟରାସ୍ତା। ରାସ୍ତାର ଉନ୍ନତିକରଣ ଦିଗରେ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ବହୁ ଅଧିକାରୀ ଏବଂ ରାଜନୈତିକ ନେତୃବୃନ୍ଦଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ସ୍ଥାନୀୟ ଗୁଣ୍ଡିଆଡିହି ସରପଞ୍ଚ ନିକୋଲାସ୍ କୁଜୁରଙ୍କୁ ପଚାରିବାରୁ ରାସ୍ତାର ଉନ୍ନତିକରଣ ଦିଗରେ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଦାବି ଜଣାଉଥିଲେ ମଧ୍ୟ କିଛି ହୋଇପାରୁ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଲେଫ୍ରିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କୁ ପଚାରିବାରୁ ରାସ୍ତାର ସ୍ଥିତି ଅନୁଧ୍ୟାନ କରାଯାଇ ଉନ୍ନତିକରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



"ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



# ବ୍ଲକ୍ ଜମାଖାତାରୁ ଭତ୍ତା ଟଙ୍କା ଗାଏବ

**ସମ୍ବଲପୁର,୨୯।୧୨(ବ୍ୟୁରୋ)**



ପୋଲିସ ହେପାଜତରେ ଗିରଫ ବ୍ୟାଙ୍କ ମ୍ୟାନେଜର ଓ କ୍ୟାଶିୟର।

- ଆଇସିଆଇସିଆଇ ବ୍ୟାଙ୍କ ମ୍ୟାନେଜରଙ୍କ ସହ ୩ କର୍ମଚାରୀ ଗିରଫ
- ୧୨ ଲକ୍ଷ ୪୭ ହଜାର ଟଙ୍କା ଉଠିଛି
- ନୂଆ ବିଡିଓ ଯୋଗ ଦେବା ପରେ ଧରାପଡିଲା

ସମ୍ବଲପୁର ଜିଲା ବୋମଲୋଇ ଆଇସିଆଇସିଆଇ ବ୍ୟାଙ୍କ ଶାଖାରେ ଥିବା ରେଙ୍ଗାଲି ବ୍ଲକର ଜମା ଖାତାରୁ ଟଙ୍କା ଠକେଇ ହୋଇଛି। ଭତ୍ତା ବାବଦକୁ ଥିବା ପେନ୍‌ସନ୍ ଟଙ୍କାରୁ ୯ଟି ପର୍ଯ୍ୟାୟରେ ପ୍ରାୟ ୧୨ ଲକ୍ଷ ୪୭ ହଜାର ୭୦ ଟଙ୍କା ଠକେଇ ହୋଇଛି। ଶେଷ ଥର ଲାଗି ଗତ ନଭେମ୍ବରରେ ଟଙ୍କା ଉଠିଛି। ଏହି ଘଟଣାରେ ପୋଲିସ ତଦନ୍ତ କରିବାରୁ ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ପୂର୍ବତନ ବିଡିଓ ବେର୍ନାଦେତ ଲାକ୍ରାଙ୍କ ଜାଲ୍ ଦସ୍ତଖତ କରି ଏହି ଟଙ୍କା ଉଠା ଯାଇଛି। ଏଥିରେ ଖୋଦ୍ ବ୍ୟାଙ୍କ ମ୍ୟାନେଜର ଅନିରବାନ ଦେ, କ୍ୟାଶିୟର ସୁଧୀର କୁମାର ମେହେର, ପୂର୍ବତନ କ୍ୟାଶିୟର ତଥା ଏବେ କେନ୍ଦୁଝର ଜିଲାର ଏକ ଘରୋଇ ବ୍ୟାଙ୍କରେ କାମ କରୁଥିବା ପ୍ରବୀଣ ଭାରତି ସମ୍ପୃକ୍ତ ବୋଲି ସ୍ପଷ୍ଟ ହୋଇଛି। ରବିବାର ପୋଲିସ ଏମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତିନି ଅଭିଯୁକ୍ତଙ୍କୁ ପୋଲିସ ଜେଲ୍‌କୁ ପଠାଇ ଦେଇଛି। ଅନ୍ୟପକ୍ଷେ ଯେଉଁସବୁ ବ୍ୟାଙ୍କଗୁଡିକରେ ଏମାନଙ୍କର ଆକାଉଣ୍ଟ ରହିଛି ସେଗୁଡିକୁ ବ୍ଲକ୍ କରିଦେବା ପାଇଁ ପୋଲିସ ସମ୍ପୃକ୍ତ ବ୍ୟାଙ୍କଗୁଡିକୁ ସୁପାରିସ କରିଛି। ଏ ନେଇ ଠେଲକୋଲି ଥାନାରେ ପୋଲିସ ଏକ ମାମଲା (ନଂ-୧୯୫/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃୟାରୀରେ ଶଙ୍କର ପ୍ରସାଦ ସାହୁ ରେଙ୍ଗାଲି ବ୍ଲକ୍ ବିଡିଓ ଭାବେ ଯୋଗ ଦେବା ପରେ ଜମା ଖାତାଗୁଡିକ ଯାଞ୍ଚ କରିଥିଲେ। ହେଲେ ତାଳମେଳ ନ ରହିବାରୁ ତାଙ୍କର ସନ୍ଦେହ ହୋଇଥିଲା। ଏଣୁ ବାଧ୍ୟ ହୋଇ ଶେଷରେ ଡିସେମ୍ବର ୨୪ ତାରିଖରେ ସେ ଠେଲକୋଲି ଥାନାରେ ଏହା ଉପରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୂର୍ବତନ ବିଡିଓ ଲାକ୍ରାଙ୍କ ଜାଲ୍ ଦସ୍ତଖତରେ ଟଙ୍କା ଉଠିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହାସହ ଅଧିକ ପ୍ରମାଣ ସଂଗ୍ରହ ଲାଗି ପୋଲିସ ବ୍ୟାଙ୍କର ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲା। ଶେଷରେ ଏହି କାରବାରରେ ବ୍ୟାଙ୍କ ମ୍ୟାନେଜର, କ୍ୟାଶିୟର ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା।

# ବସ୍ ଧକ୍କାରେ ୨ ସ୍କୁଟି ଆରୋହୀ ମୃତ

**ପାଲଲହଡା,୨୯।୧୨ (ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ଥାନା ବଡିସୁଆଁ ପଞ୍ଚାୟତ ଭୀମକାଣ୍ଡ ଛକ ନିକଟରେ ରବିବାର ଏକ ବସ୍ ସ୍କୁଟିକୁ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଡିମିରିଆ ଗ୍ରାମର ପ୍ରେମାନନ୍ଦ ବିଶ୍ୱାଳ(୩୦) ଏବଂ ଚଷାଗୁରୁଜାଙ୍ଗ ଗ୍ରାମର ସୁରେଶଚନ୍ଦ୍ର ସାହୁ(୭୦)। ଦୁହେଁ ପାଲଲହଡ଼ାଠାରେ ଥିବା ଏକ ୱେଲ୍‌ଡିଂ ଦୋକାନର କର୍ମଚାରୀ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ପୋଲିସ କହିଛି, ପ୍ରେମାନନ୍ଦ ଓ ସୁରେଶ କୌଣସି ଏକ କାମରେ ସ୍କୁଟି (ନଂ.ଓଡି୩୫ଏ-୪୩୯୫) ଯୋଗେ ତାଳଚେର ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବିଜୟ ନାମକ ଏକ ଯାତ୍ରୀବାହୀ ବସ୍ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରେମାନନ୍ଦ ଓ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପାଲଲହଡା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇଥିବା ବସ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ବସ୍‌ଟିକୁ ଜବତ କରିଛି। ଏ ସଂକ୍ରାନ୍ତରେ ନଂ.୧୮୮/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି।

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

**କଣିହାଁ,୨୯।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ବନାଞ୍ଚଳ ବଜ୍ରକୋଟ ଗ୍ରାମରେ ଦନ୍ତା ହାତୀ ଜଣେ ମହିଳାଙ୍କ ଜୀବନ ନେଇଛି। ସମ୍ପୃକ୍ତା ମହିଳା ରବିବାର ଭୋର ୫ଟା ବେଳେ ଭୁବନେଶ୍ୱର ଯିବାକୁ ବସ୍ ନିକଟକୁ ଆସୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ସନ୍ଧ୍ୟାରେ ଉକ୍ତ ହାତୀ ଏକ ଗାଁରେ ପଶି ଜଣଙ୍କର ଜୀବନ ନେଇଥିବା ବେଳେ ଭୋର ସମୟରେ ମହିଳାଙ୍କୁ ମାରିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ପ୍ରତିବାଦରେ ସେମାନେ ବନ କର୍ମଚାରୀଙ୍କୁ ଅଟକ ରଖିବା ସହ ୧୦ ଲକ୍ଷ ଟଙ୍କା, ଚାକିରି ଆଦି ପାଇଁ ଦାବି କରିଥିଲେ। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଉକ୍ତ ହାତୀ କୁଲୁମା ପଞ୍ଚାୟତ ଓଳନ୍ଦା ଗ୍ରାମରେ ପଶି ନବକିଶୋର ସେଠୀଙ୍କୁ ଟାଣିଓଟାରି ଦଳିଦେଇଥିଲା। ବନବିଭାଗ ନବକିଶୋରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ନ ଥିବା ବେଳେ ରବିବାର ଭୋର ସମୟରେ ବଜ୍ରକୋଟ ଗାଁ ଡମଯୋଡି ସାହିର ନୟନୀ ସାହୁ(୫୨)ଙ୍କ ଜୀବନ ନେଇଥିଲା ହାତୀ। ବସ୍ ନିକଟକୁ ଆସୁଥିବା ବେଳେ ହାତୀ ନୟନୀଙ୍କୁ ଆକ୍ରମଣ କରି ମାରିଦେଇଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚିବାପରେ ଗ୍ରାମବାସୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣଙ୍କୁ ଚାକିରି, ହାତୀ ଯୋଗୁ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ଆଦି ଦାବିରେ ସେମାନଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ରେଙ୍ଗାଳି ପୋଲିସ ଓ କଣିହାଁ ରେଞ୍ଜର ପହଞ୍ଚି ବୁଝାଶୁଝା କରିଥିଲେ। ଉଚ୍ଚଅଧିକାରୀଙ୍କ ସହ ଆଲୋଚନା ପରେ ରେଞ୍ଜର ନୀଳମଣି ଦେହୁରୀ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା, ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି, ବିଦ୍ୟୁତ୍ କାଟ ବନ୍ଦ ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଯାଇଥିଲା। ସେହିପରି ଓଳନ୍ଦା ଗ୍ରାମର ନବକିଶୋରଙ୍କ ମୃତଦେହ ମଧ୍ୟ ସକାଳୁ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଯାଇଥିଲା। ଏ ନେଇ ରେଙ୍ଗାଳି ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ କହିଛନ୍ତି।

# ନିରାଶ୍ରୟ, ବାସହରାଙ୍କ ସମ୍ପର୍କିତ ତଥ୍ୟ ସରକାରଙ୍କ ପାଖରେ ନାହିଁ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

## କଂଗ୍ରେସର ଅଭିଯୋଗ

ରାଜ୍ୟ ସରକାର ଦୀର୍ଘଦିନର ଶାସନକାଳ ମଧ୍ୟରେ ବାସହରା ଓ ନିରାଶ୍ରୟମାନଙ୍କ ପ୍ରତି ଅବହେଳା କରିଆସିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ରବିବାର ଅପରାହ୍ନରେ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ର, କଂଗ୍ରେସ ନେତା ପ୍ରଶାନ୍ତ ଶତପଥୀ, ଜିନେଶ ଦାସ ଏବଂ ନରେଶ ମହାନ୍ତି ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହିଥିଲେ।

ଆଇନଜୀବୀ ନିଶିକାନ୍ତ କହିଥିଲେ ଯେ, ପ୍ରବଳ ଶୀତ ପ୍ରବାହକୁ ମୁକାବିଲା କରିବା ପାଇଁ ଏସ୍ଆର୍‌ସି ଗତ ୨୭ ତାରିଖରେ ସମସ୍ତ ଜିଲାପାଳଙ୍କୁ ଶୀତ ଲହରିର ମୁକାବିଲା ପାଇଁ ଏକ ଜରୁରିକାଳୀନ ବାର୍ତ୍ତା ଦେଇଛନ୍ତି। ପ୍ରବଳ ଶୀତ ରାତିରେ ବାସହରା ଓ ନିରାଶ୍ରୟମାନଙ୍କୁ ସରକାରୀ ସ୍କୁଲରେ ରାତ୍ରିଯାପନ ପାଇଁ ସ୍କୁଲ ଘର ଖୋଲା ରଖିବା ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ୨୦୧୨ ମସିହାରେ ସତ୍ୟପାଠ ଦାଖଲ କରି ୧୫ଟି ସ୍ଥାୟୀ ରାତ୍ର ଆଶ୍ରୟସ୍ଥଳର ଆବଶ୍ୟକ ଥିବା କହିଥିଲେ। ପରେ ୨୦୧୫ରେ ସରକାର ରାଜ୍ୟର ପ୍ରମୁଖ ସଦର ମହକୁମାର ରାତ୍ର ଆଶ୍ରୟସ୍ଥଳ ସମ୍ପର୍କରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ, ତାହା ସୁପ୍ରିମକୋର୍ଟଙ୍କ ନିକଟରେ ସତ୍ୟପାଠ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟଠାରୁ ଭିନ୍ନ ବୋଲି ନିଶିକାନ୍ତଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ସହିତ ଅତିରିକ୍ତ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗର ତଥ୍ୟ ଅମେଳ ହେବା ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରୀ ନିର୍ଦ୍ଦେଶ ପରସ୍ପର ବିରୋଧୀ ହେଲା କିଭଳି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ତେଣୁ ଭୋଟ ସମୟରେ ରାଜ୍ୟ ସରକାର ୨୨ ଲକ୍ଷ ବାସହୀନଙ୍କୁ ପକ୍କାଘର ଯୋଗାଇଦେବା ନେଇ ଯେଉଁ ଘୋଷଣା କରିଥିଲେ, ତାହା ମିଥ୍ୟା ଓ ବିଭ୍ରାନ୍ତିକର ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।


ବିଜ୍ଞାପନ ସଂଖ୍ୟା: ୨୩୨୯

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ଼, ଓଡ଼ିଶା**

ତାରିଖ: ୨୭।୧୨।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲିଶଙ୍କରା ପଞ୍ଚାୟତ ସମିତି ଅଧୀନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଅଛି। ଏଥିରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷରେ (ଏପ୍ରିଲ-୨୦୧୯ରୁ ସେପ୍ଟେମ୍ବର-୨୦୧୯) ମଧ୍ୟରେ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସତ୍ୟାସତ୍ୟ ତଦାରଖ ସହିତ ମଷ୍ଟରରୋଲ ଯାଞ୍ଚ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନସୂଚୀ ପ୍ରକାରେ ଅନୁଷ୍ଠିତ ହେବ। ଏଥିସହ ନାମ ପଞ୍ଜୀକରଣ, ଜବ୍‌କାର୍ଡ଼ ପ୍ରଦାନ କାର୍ଯ୍ୟ ପାଇଁ ଦରଖାସ୍ତ ଏବଂ କର୍ମଯୋଗାଣ ମଜୁରି ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ। ଏଣୁ ଏହି କାର୍ଯ୍ୟକ୍ରମରେ ସମସ୍ତ ଜବ୍‌କାର୍ଡ଼ଧାରୀ, ଶ୍ରମିକ, ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଭିଜିଲାନ୍ସ ମନିଟରିଂ କମିଟିର ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ସୁନିଶ୍ଚିତ ମତାମତ ଦେବା ନିମନ୍ତେ ଅନୁରୋଧ କରାଯାଉଅଛି।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତ | ତାରିଖ | ସମୟ |
|---|---|---|---|
| ୧ | ଶାଗବାହାଲ | ୦୩।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୨ | ରାମପୁର | ୦୬।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୩ | ତିଲଡେଗା | ୦୬।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୪ | ଧୁବେନଦାଣ୍ଡ | ୦୮।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୫ | ସଉନାମରା | ୦୮।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୬ | କୁସୁମୁରା | ୦୯।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୭ | ବନ୍ଧବାହାଲ | ୧୭।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୮ | ବେହେରାଡିହି | ୨୦।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୯ | କୁରେଇ | ୨୦।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୦ | କିଞ୍ଜିରକେଲା | ୨୧।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୧ | ବିରକାଲଡିହି | ୨୪।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୨ | ଡୁମୁଲିଆ | ୨୪।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୩ | ବନଡେଗା | ୦୩।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୪ | ତିଲେଇକାନୀ | ୦୬।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୫ | ଦେଓଭୁବନପୁର | ୦୭।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୬ | ତଲସରା | ୧୧।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୭ | ବି.କରୁଆବାହାଲ | ୧୩।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୮ | ଲୁଲୁକିଡିହି | ୧୩।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |
| ୧୯ | ବାଲିଶଙ୍କରା | ୨୫।୦୧।୨୦୨୦ | ପୂର୍ବାହ୍ନ ୧୦.୦୦ ଘଟିକା |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିଶଙ୍କରା


ଧାଙ୍ଗେର ହତ୍ୟା ମାମଲା

# ଅଭିଯୁକ୍ତ ସ୍ୱାମୀ ଜେଲଗଲେ

**ବରଗଡ଼ ଅଫିସ୍,୨୯।୧୨**



ଗିରଫ ହତ୍ୟା ଅଭିଯୁକ୍ତ।

ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଶିଶୁକନ୍ୟାଙ୍କୁ ଧରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀ କେନାଲୁ ଓରଫ ବୀରଧର ପରୁଆ(୪୩)ଙ୍କୁ ପୋଲିସ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ବୀରଧରଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବରପାଲି ଥାନା ମହୁଲପାଲି ଗ୍ରାମର ଶାନ୍ତି ବିଶ୍ୱାଳଙ୍କ ଝିଅ ଟିକେଶ୍ୱରୀ ଧାଙ୍ଗେର ଗ୍ରାମର ବଳିଷ୍ଠ ପରୁଆଙ୍କ ପୁଅ କେନାଲୁଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଶିଶୁକନ୍ୟା ଅଛି। ତେବେ ଗତ ୧୪ତାରିଖରେ ଶାନ୍ତି ତାଙ୍କ ଝିଅ, ନାତୁଣୀଙ୍କୁ ଦେଖା କରିବା ପାଇଁ ଧାଙ୍ଗେର ଆସିଥିବାବେଳେ ଜ୍ୱାଇଁଙ୍କ ଘରେ ତାଲା ପଡ଼ିଥିଲା। ଅନ୍ୟପଟେ ଗତ ୧୨ତାରିଖରେ କେନାଲୁ ଶାନ୍ତିଙ୍କୁ ଫୋନ କରି ଟିକେଶ୍ୱରୀଙ୍କ ମୁଣ୍ଡ ଫଟାଇ ଦେଇଥିବା କହିଥିଲେ। ଫଳରେ ଟିକେଶ୍ୱରୀଙ୍କୁ ହତ୍ୟା ପରେ କେନାଲୁ ଶିଶୁକନ୍ୟାଙ୍କୁ ଧରି କୁଆଡ଼େ ଖସି ଯାଇଥିବା ଶାନ୍ତି ସନ୍ଦେହ କରିଥିଲେ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଫିଟାଇଥିଲେ। ଏହାପରେ ସେହି ଘରେ ଟିକେଶ୍ୱରୀଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା ଏବଂ ଶାନ୍ତି ସଦର ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ସଦର ଥାନା ପୋଲିସ ଦଫା ୩୦୨ରେ ଏକ ମାମଲା(ନଂ.୨୪୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା ଏବଂ ତନାଘନା ପରେ ହତ୍ୟା ଅଭିଯୁକ୍ତ କେନାଲୁଙ୍କୁ ଗିରଫ କରିଥିଲା।

## ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

# ସମାଜର ମଙ୍ଗଳ ପାଇଁ ଏକାଠି ହେବାକୁ ଆହ୍ୱାନ



ସମ୍ମିଳନୀରେ ଉପସ୍ଥିତ ବିଧାୟକ ଓ ଓଡ଼ିଶା ଆଇନଜୀବୀ ସଂଘର କର୍ମକର୍ତ୍ତାମାନେ।

**ବନ୍ତଳା,୨୯।୧୨(ଡି.ଏନ.ଏ.)**

ଅନୁଗୋଳ ବାର୍ ଆସୋସିଏଶନ ନେତୃତ୍ୱରେ ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଗୋଳ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଆଇନଜୀବୀ ସଂଘ ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଗୋଳ ବାର୍ ଆସୋସିଏଶନ ସଭାପତି ଜିତେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଆଇନଜୀବୀ ସଂଘ ଉପଦେଷ୍ଟା ବିଭୁ ପ୍ରସାଦ ଦ୍ୱିବେଦୀ ଆଡଭୋକେଟ ପ୍ରୋଟେକ୍ସନ ଆକ୍ଟ ସହ ଓକିଲମାନଙ୍କ ପାଇଁ ଜୀବନବୀମା ଓ ହେଲଥ୍‌କାର୍ଡ ଆଦି ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଓକିଲମାନଙ୍କୁ ସମସ୍ତଙ୍କ ବନ୍ଧୁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ନୂଆ କରି ଯେଉଁମାନେ ଓକିଲ ହୋଇ ଯୋଗଦାନ କରୁଛନ୍ତି ସେମାନଙ୍କୁ ବରିଷ୍ଠ ଓକିଲମାନେ ଗାଇଡ୍ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢିଛି। ଏଠାରେ ବହୁ ଶିଳ୍ପ ଓ ଖଣି ଖାଦାନ ଥିଲେ ବି ଜିଲାକୁ ନ୍ୟାୟ ମିଳୁନି। ଏଥିପାଇଁ ସମସ୍ତେ ମିଳିମିଶି କାମ କଲେ ସମାଜର ମଙ୍ଗଳ ହେବ ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶା ଆଇନଜୀବୀ ସଂଘ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ଉପସଭାପତି ମିତ୍ରଭାନୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଗୋଳ ବାର୍ ଆସୋସିଏଶନ ସମ୍ପାଦକ ହିମାଂଶୁ ଭୂଷଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ଅତିଥିମାନେ 'ଦି ଲୟାର' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏଥିରେ ରାଜ୍ୟର ସବୁ ଜିଲାର ବରିଷ୍ଠ ଓକିଲମାନେ ଯୋଗ ଦେଇଥିଲେ। ଅନୁଗୋଳ ବାର୍ ଆସୋସିଏଶନ ଉପ ସଭାପତି ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ବାରିକ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ଜିଲା ବାର ଆସୋସିଏଶନର ସମସ୍ତ ଓକିଲ ସହଯୋଗ କରିଥିଲେ। ଅପରାହ୍ନରେ 'ସମ୍ବିଧାନର ଭବିଷ୍ୟତରେ ଓକିଲଙ୍କ ଭୂମିକା ଓ କର୍ତ୍ତବ୍ୟ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଆଇନଜୀବୀ ସଂଘ ଉପସଭାପତି ଭୂପେଶ ପ୍ରଧାନ, ତାଳଚେରର ବରିଷ୍ଠ ଓକିଲ ଦେବୀ ପ୍ରସାଦ ରଥ, ଅନୁଗୋଳ କୋର୍ଟର ବରିଷ୍ଠ ଓକିଲ ପରମାନନ୍ଦ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।


**MUNICIPAL OFFICE, DHENKANAL**

No. 5046 / Dt. 27.12.2019

**TENDER CALL NOTICE**

1. The Executive Officer, Dhenkanal Municipality, Dhenkanal invites Item rate tenders in sealed covers in confirmity with detailed tender call notice to be eventually drawn up in prescribed Municipal form, from registered contractors Dhenkanal Municipality for execution of the under mentioned works. The Contractors may submit tenders for any or all of the works separately.

| Sl. No. | Name of the work | Approximate value of the work (In Rs.) | Class of Contractors eligible to apply | EMD required (in Rs.) | Non-refundable cost of tender document with GST (in Rs.) | Stipulated period of completion |
|---|---|---|---|---|---|---|
| 1 | Completion of MCC at Kathagada in ward no. 01 | 2,00,000.00 | Municipal Contractor | Rs. 2000.00 | Rs. 600.00 | 15 days |
| 2 | Completion of MCC at Kunjakanta in ward no. 03 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 3 | Completion of MCC at Banamalipasad in ward no. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 4 | Completion of MCC at Alasua Hata in ward no. 22 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 5 | Completion of MCC at Mahisapat in ward no. 08 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 6 | Open Space development at Kutunia Sahi in ward No. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 7 | Open Space development at Kathagada Juanga Sahi in ward no. 01 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 8 | Open Space development at Korian Juanga Sahi in ward no. 23 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 9 | R/M to road from Suresh Barik res. towards Basant Nayak res. and Managobinda Dalei res. in ward no. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 10 | Construction of Cement concrete road by the side of Saraswarti Nayak house in ward no. 13 | 1,99,000.00 | -do- | Rs. 1990.00 | Rs. 600.00 | -do- |
| 11 | Completion of incomplete drain from Shani Restaurant towards Tarini Mandir in ward no. 12 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 12 | Construction of CC Drain from Muslim Basti to Arif Khan house in ward no. 12 | 1,98,000.00 | -do- | Rs. 1980.00 | Rs. 600.00 | -do- |
| 13 | Construction of CC drain from Baji Chowk Muasi Maa Mandir towards Jay Gopal Mathha in ward no. 17 | 1,97,000.00 | -do- | Rs. 1970.00 | Rs. 600.00 | -do- |
| 14 | R/M to pipe line cutting at Bhagabanpur Sabar Sahi in ward no. 18 | 1,99,000.00 | -do- | Rs. 1990.00 | Rs. 600.00 | -do- |
| 15 | Constn. of boundary wall at Muktadeipur Sasan School in ward no. 15 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 16 | Constn. of CC road by the side of Subhadra Medicine Store Gali in ward no. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 17 | Constn. of CC road from Sabar Sahi road towards Bhuban Padhan res. in ward no. 19 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 18 | R/M to road from Dipu Samanta res. towards Ranjan Sahoo res. in ward no. 08 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 19. | Constn. of culvert & drain near Mishra Babu res. at Ragadi Sahi in ward no. 15 | 1,00,000.00 | -do- | Rs. 1000.00 | Rs. 400.00 | -do- |
| 20 | R/M to Toilet at Mini Stadium | 2,00,000.00 | -do- | Rs. 2000.00 | Rs. 600.00 | -do- |
| 21 | Construction of CC road at Jagannath Bihar in ward No. 10 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 22 | R/M to road from Nanhi Sahoo res towards Muna Khan res. in ward no. 17 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 23 | Constn. of Public Toilet at Sadar RI Office in ward no. 02 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 24 | R/M to road at Gopinath Garden by the side of Dr. Dambarudhar babu res. in ward no. 11 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 25 | Construction of drain at Bhramarbar Behera house to main road in ward no. 16 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 26 | Constn. of culvert at Tata Pattanaik res. in ward no. 12 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 27 | Constn. of approach road from Bhagirathi Sagar embankment towards Natabar Debata Lane in ward no. 04 & 13 | 1,70,000.00 | -do- | Rs. 1700.00 | Rs. 400.00 | -do- |
| 28 | Constn. of road near Dr. Ram res. in ward no. 10 | 2,00,000.00 | -do- | Rs. 2000.00 | Rs. 600.00 | -do- |

1. Tender documents consisting of plan, specification, the schedule of quantities and the set of terms and conditions of contracts and other necessary documents can be seen in the office of the undersigned during office hours on all working days.
2. Tenders must accompany by EMD of the amount specified for the work in the table above in shape of cash receipt in Municipal form, attested copies of valid ITCC/PAN card, GST clearance Certificate and contractor registration certificate failling which the tenders will be rejected.
3. The sale of tender documents shall be start from Dt. 30.12.2019 and close on dt. 13.01.2020 at 1.00 P.M. (including holidays). Tenders shall be delivered in the tender box only during Office hours upto 13.01.2020 on dt. 1.00 P.M. The tendes will be opened on Dt. 13.01.2020 at 3.30 PM in the office of the undersigned in presence of the Contractors who wish to attend. If the office happens to be closed on the date of receipt and opening of the tenders as specified, the tenders will be received and opened on the next working day at the same time and venue respectively.
4. The Contractors are instructed not to write their name on the out cover containing the tender document. They are only required to write the name of the work and authority that is to receive the tender. Tender for each work shall be submitted in separate covers.
5. Any other details can be seen in the tendering documents or can be had from the office of the undersigned during working hours on all working days.
6. The undersigned reserves the right to reject any or all the tenders without assigning any reason thereof.

**Sd./- Executive Officer, Dhenkanal Municipality**

# ସ୍ମୃତିରେ ୨୦୧୯













## ଚର୍ଚ୍ଚିତ ବ୍ୟଙ୍ଗ ଚିତ୍ର

ବର୍ଷ ୨୦୧୯ ଥିଲା ଘଟଣା ବହୁଳ । ଏହି ସମୟରେ ସାମାଜିକ, ରାଜନୈତିକ, ପ୍ରଶାସନିକ, ପରିବେଶଗତ ଆଦି ବିବିଧ ପ୍ରସଙ୍ଗକୁ ଧରିତ୍ରୀ ବ୍ୟଙ୍ଗଚିତ୍ର (କାର୍ଟୁନ)ରେ ସ୍ଥାନ ଦେଇଥିଲା । ବିଦାୟୀବର୍ଷର ଏଭଳି କିଛି ଚର୍ଚ୍ଚିତ ଚିତ୍ରକୁ ସ୍ମରଣୀୟ କରିବା ଲାଗି ଏଇ ପୃଷ୍ଠାର ପରିକଳ୍ପନା।

କାର୍ଟୁନିଷ୍ଟ: ଉତ୍କଳ ଗୌରବ





























“ଚଳିତ ଆର୍ଥିକ ବର୍ଷରେ ଇ-କମର୍ସ ଏବଂ ନୂଆ ଶିଳ୍ପ ନୀତି ଆସିବା ନେଇ ଆଶାବାଦୀ।
– ଗୁରୁ ପ୍ରସାଦ ମହାପାତ୍ର, ଡିପିଆଇଆଇଟି ସଚିବ



“ଚଳିତ ବର୍ଷ ଇଣ୍ଡିଆ ଇଙ୍କର ପୁଞ୍ଜି ଉଠାଣ ବଜାର ସ୍ଥିତି, ଅର୍ଥନୈତିକ ଅଭିବୃଦ୍ଧି, ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଏବଂ କେନ୍ଦ୍ର ବଜେଟକୁ ବିଚାର କରି ହୋଇଛି।
– ଭି.କେ. ବିଜୟ କୁମାର, ଇନଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ

## ସଂକ୍ଷେପରେ

### ୨୬୧୩ କୋଟି ନିବେଶ କଲେ ଏଫ୍‌ପିଆଇ



**ନୂଆଦିଲ୍ଲୀ,୨୯-୧୨:** ଦେଶର ପୁଞ୍ଜି ବଜାରରେ ଫରେନ ପୋର୍ଟଫୋଲିଓ ଇନଭେଷ୍ଟର୍ସ(ଏଫ୍‌ପିଆଇ) ମାନେ ଡିସେମ୍ବରରେ ୨୬୧୩ କୋଟି ଟଙ୍କାର ନିବେଶ କରିଛନ୍ତି। କର୍ପୋରେଟଗୁଡିକର ଲାଭ ଆଶା ଭଳି ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ନିବେଶକମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଷ୍ଟକ ବଜାର ଡିପୋଜିଟୋରୀ ଡାଟା ମୁତାବକ ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୬,୩୦୧.୯୬ କୋଟି ଟଙ୍କାର ନେଟ୍ ନିବେଶ କରିଛନ୍ତି। ସେହିଭଳି ଡେଟ୍ ସେଗ୍‌ମେଣ୍ଟରେ ଏମାନେ ୩,୬୮୮ କୋଟି ଟଙ୍କା କାଢି ନେଇଛନ୍ତି। ଏହାକୁ ବିଚାର କଲେ ମୋଟ ନେଟ୍ ନିବେଶ ୩୬୧୩ କୋଟି ଟଙ୍କା ରହିଛି। ଦେଶରେ ମାନ୍ଦାବସ୍ଥା ଲାଗି ରହିବା ସତ୍ତ୍ୱେ ବିଦେଶୀ ନିବେଶକମାନେ ପୁଞ୍ଜି ବଜାର ଉପରେ ଭରସା ଦେଖାଉଥିବା ଜଣାପଡିଛି। ଜାନୁୟାରୀ,ଜୁଲାଇ ଏବଂ ଅଗଷ୍ଟକୁ ବାଦ୍‌ଦେଲେ ଏଫପିଆଇ ଶେୟାର ବଜାରରେ ନିବେଶ ଜାରି ରଖିଛନ୍ତି। ଏହି ସମୟରେ ବିଦେଶୀ ନିବେଶକମାନେ ଇକ୍ୱିଟି ଏବଂ ଡେଟ୍ ସେଗ୍‌ମେଣ୍ଟରେ ମୋଟ ୭୩,୨୭୬ କୋଟି ଟଙ୍କା ନିବେଶ କରିଛନ୍ତି।

### ଶକ୍ତି ବିତରଣ କମ୍ପାନୀଙ୍କ ୨୭ ହଜାର କୋଟି ଟଙ୍କାର କ୍ଷତି

**ନୂଆଦିଲ୍ଲୀ,୨୯-୧୨:** ଦେଶର ବିଦ୍ୟୁତ୍ ବିତରଣ କରୁଥିବା କମ୍ପାନୀଗୁଡିକ ୨୦୧୮-୧୯ ଆର୍ଥିକ ବର୍ଷରେ ୨୭,୦୦୦ କୋଟି ଟଙ୍କାର କ୍ଷତି ସହିଥିବା ଶକ୍ତି ମନ୍ତ୍ରୀ ଆର୍.କେ. ସିହ୍ନା କହିଛନ୍ତି। ବିଦ୍ୟୁତ ଶକ୍ତି ବିତରଣ ଏବଂ ବଣ୍ଟନ ବ୍ୟବସ୍ଥାରେ କମ୍ପାନୀଗୁଡିକ ସହୁଥିବା କ୍ଷତିକୁ କମାଇବା ୧୫%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଯୋଜନା ଧାର୍ଯ୍ୟ କରିଥିବା ସିହ୍ନା ମତ ଦେଇଛନ୍ତି। କମ୍ପାନୀଗୁଡିକ ଲଗାତାର ଭାବେ କ୍ଷତି ସହୁଥିବାରୁ ଏହା ସେମାନଙ୍କ ଚିନ୍ତାକୁ ବଢାଉଛି। କମ୍ପାନୀଗୁଡିକର କ୍ଷତିକୁ କମ୍ କରିବା ସହ ସେମାନଙ୍କ କାର୍ଯ୍ୟକ୍ଷମତାକୁ ବଢାଇବା ଦିଗରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ମତ ଦେଇଛନ୍ତି। କମ୍ପାନୀଗୁଡିକ ମିଟରିଂ, ବିଲିଂ ଏବଂ ବିଲ୍ ସଂଗ୍ରହ କ୍ଷେତ୍ରରେ ମଧ କ୍ଷତି ସହୁଛନ୍ତି। ପୂର୍ବରୁ ଦେଶରେ ବିଦ୍ୟୁତ ଶକ୍ତି ନିଅଣ୍ଟ ରହୁଥିଲା। ହେଲେ ସରକାର ଗତ କିଛି ବର୍ଷରେ ବିଭିନ୍ନ ପଦକ୍ଷେପ ନେବା ଯୋଗୁ ଏହି ସମସ୍ୟା ଦୂର କରାଯାଇଥିବା ସେ ମତ ଦେଇଛନ୍ତି।

## ଫ୍ରାନ୍ସ ଅର୍ଥନୀତିଜ୍ଞ ଗାଏ ସୋରମାନଙ୍କ ମତ

# ଭାରତ ପ୍ରତି ମୁହଁ ମୋଡୁଛନ୍ତି ନିବେଶକ

**ନୂଆଦିଲ୍ଲୀ,୨୯-୧୨**

### ଅଧାରେ ଅଟକିଛି ମୋଦିଙ୍କ ଆର୍ଥିକ ସଂସ୍କାର

ଭାରତୀୟ ଉଦ୍ୟୋଗୀଙ୍କୁ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ହଠାତ ସରକାରଙ୍କ ସଂସ୍କାରଧାରା ଏବେ ଅଧାରେ ଅଟକିଛି। ସରକାରଙ୍କ ଫୋକସ ଏବେ ରାଜନୈତିକ ପ୍ରସଙ୍ଗ ଉପରକୁ ଚାଲିଯିବାରୁ ଏହା ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଥି ଲାଗି ଉଭୟ ଘରୋଇ ଏବଂ ବିଦେଶର ନିବେଶକମାନେ ଭୟଭୀତ ହୋଇ ଭାରତରେ ନିବେଶ ଲାଗି ମୁହଁ ମୋଡୁଥିବା ଫ୍ରାନ୍ସ ଅର୍ଥନୀତିଜ୍ଞ ଗାଏ ସୋରମାନ ମତ ଦେଇଛନ୍ତି।

ସୋରମାନ ଅର୍ଥନୀତି ସହ ବିଭିନ୍ନ ପୁସ୍ତକ ଲେଖିଛନ୍ତି। ଇକୋନୋମିକ୍ସ ଡଜ୍ ନଟ୍ ଲାଏ, ଏ ଡିଫେନ୍ସ ଅଫ୍ ଫ୍ରି ମାର୍କେଟ ଇନ୍ ଏ ଟାଇମ ଅଫ୍ କ୍ରାଇସିସ ଭଳି ପୁସ୍ତକ ସାମିଲ ରହିଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଭାରତରେ ସଂରକ୍ଷଣବାଦ ଦୃଢ ହେଉଛି। ମୋଦି ପ୍ରଥମେ ଉଦ୍ୟୋଗୀଙ୍କୁ ପ୍ରାଥମିକତା ଦେବା ସ୍ୱରୂପ ଏକ ଭାରତକୁ ଏକକ ବଜାର, ଲାଇସେନ୍ସ ରାଜ ବନ୍ଦ କରିବା, ଦୁର୍ନୀତି ବିରୋଧି ପଦକ୍ଷେପ ଏବଂ ମେକ୍ ଇନ ଇଣ୍ଡିଆ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ମାତ୍ର ହଠାତ ଏହା ଅଧାରେ ରହି ଯାଇଛି। ସରକାର ଏବେ ନିଜେ ଅର୍ଥନୈତିକ ଏଜେଣ୍ଡାରୁ ଧ୍ୟାନ ହଟାଇ



ଗାଏ ସୋରମାନ

ଦେଇଛନ୍ତି। ସରକାର ରାଜନୈତିକ ପ୍ରସଙ୍ଗ ଉପରେ ଏବେ ଅଧିକ ଫୋକସ କରୁଥିବାରୁ ଭାରତ ଏବଂ ମୋଦି ସରକାରଙ୍କ ଲାଗି ଏହା ଏକ ପ୍ରତିଛବି ସୃଷ୍ଟି ହୋଇଛି ବୋଲି ସେ ମତ ଦେଇଛନ୍ତି।

ବର୍ତ୍ତମାନ ସ୍ଥିତିରେ ହିନ୍ଦୁତ୍ୱ ଏବଂ ନାଗରିକତ୍ୱ ଆଇନ ନେଇ ସେ କିଛି ମତ ଦେବାକୁ ଚାହୁଁ ନ ଥିବା କହିଛନ୍ତି। ଏହା ତାଙ୍କର ପରିସର ବାହାରେ ଥିବା ସେ ପ୍ରକାଶ କରିଛନ୍ତି। ବିଶ୍ୱ ମାନ୍ଦାବସ୍ଥା ଚାଲୁଥିବା ବେଳେ ଭାରତର ଅର୍ଥନୀତିକୁ ନେଇ ଚିନ୍ତିତ ଥିବା ସେ ମତ ଦେଇଛନ୍ତି। ନିବେଶ ଏବଂ ଅନୁଷ୍ଠାନଗୁଡିକର ବିଶ୍ୱାସ ପ୍ରସଙ୍ଗ ଦୃଢ ଭାବେ ଜଡିତ ରହିଥିବା ପ୍ରାୟ ଅଧିକାଂଶ ବିଶ୍ୱାସ କରି ନ ଥାନ୍ତି। ସେହିଭଳି ପରିସଂଖ୍ୟାନ ଉନ୍ନତ ଡାଟାର ଅଭାବ, ଜିଡିପି ମାପିବା ଲାଗି ଭାରତରେ ଠିକ୍ ପଦ୍ଧତିକୁ ନେଇ ସୋରମାନ ପ୍ରଶ୍ନ ଉଠାଇଛନ୍ତି। ଦେଶର ଅଭିବୃଦ୍ଧି ହାର ବର୍ତ୍ତମାନ ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସେପ୍ଟେମ୍ବର ତ୍ରୈମାସରେ ଏହା ୪.୫%କୁ ଖସିଛି। ମାନ୍ଦାବସ୍ଥା ଯୋଗୁ ଭାରତରେ ନିବେଶ, ଚାହିଦା ଏବଂ ନିଯୁକ୍ତି ମଧ କମିଛି।

## ଭୁବନେଶ୍ୱର-କଲିକତା ରୁଟ୍‌ରେ ଗଡ଼ିବ ପ୍ରାଇଭେଟ ଟ୍ରେନ

**ନୂଆଦିଲ୍ଲୀ,୨୯-୧୨**

- ୧୦୦ ରୁଟ୍ ଲାଗି ଆସନ୍ତା ମାସରେ ବିଡ୍ ଆହ୍ୱାନ
- ମୋଟ ୧୫୦ ଟ୍ରେନ୍ ସାମିଲ



ଦେଶର ୧୦୦ ରୁଟ୍‌ରେ ୧୫୦ ଘରୋଇ ଟ୍ରେନ ଗଡିବ। ଏଥି ଲାଗି ଆସନ୍ତା ମାସରେ ବିଡ୍ ଆହ୍ୱାନ କରାଯିବ ବୋଲି ରେଲୱେର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ରୁଟ୍‌ଗୁଡିକ ମଧ୍ୟରେ ଭୁବନେଶ୍ୱର ଏବଂ କଲିକତା ରୁଟ୍ ମଧ ସାମିଲ ରହିଛି। ଚଳିତ ବର୍ଷ ଡିସେମ୍ବରରେ ଅର୍ଥ ମନ୍ତ୍ରଣାଳୟର ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ ଆପ୍ରାଇଜାଲ କମିଟି (ପିପିପିଏସି) ଏହି ପ୍ରସ୍ତାବକୁ ନୀତିଗତ ମଞ୍ଜୁରୀ ପ୍ରଦାନ କରିଛି। ରେଲୱେରେ ସଂସ୍କାର ସହ ଘରୋଇ ଅପରେଟରଙ୍କୁ ପାସେଞ୍ଜର ଟ୍ରେନ ଚଳାଇବା ଲାଗି ଏହା ପଥ ପରିଷ୍କାର କରିଛି। ବିଡିଂ ମଧ୍ୟରେ ରହିଥିବା ରୁଟ୍‌ଗୁଡିକ ମଧ୍ୟରେ ମୁମ୍ବାଇ-କୋଲକାତା, ମୁମ୍ବାଇ-ଚେନ୍ନାଇ, ମୁମ୍ବାଇ-ଗୌହାଟି, ନୂଆଦିଲ୍ଲୀ-ମୁମ୍ବାଇ, ଥିରୁଭାନନ୍ତପୁରମ୍-ଗୁଆହାଟୀ, ନୂଆଦିଲ୍ଲୀ-କୋଲକାତା, ନୂଆଦିଲ୍ଲୀ-ବାଙ୍ଗାଲୋର, ନୂଆଦିଲ୍ଲୀ-ଚେନ୍ନାଇ, କୋଲକାତା-ଚେନ୍ନାଇ ଏବଂ ଚେନ୍ନାଇ-ଯୋଧପୁର ରହିଛି।

ଅନ୍ୟ ପ୍ରମୁଖ ରୁଟ୍‌ଗୁଡିକ ମଧ୍ୟରେ ମୁମ୍ବାଇ-ବାରାଣସୀ, ମୁମ୍ବାଇ-ପୁଣେ, ମୁମ୍ବାଇ-ନାଗପୁର, ନାଗପୁର-ପୁଣେ, ସିକନ୍ଦରାବାଦ-ବିଶାଖାପାଟଣା, ପାଟଣା-ବାଙ୍ଗାଲୋର, ପୁଣେ-ପାଟଣା, ଚେନ୍ନାଇ-କୋଏମ୍ବାଟୁର, ଚେନ୍ନାଇ-ସିକନ୍ଦରାବାଦ, ସୁରତ-ବାରାଣସୀ, ଭୁବନେଶ୍ୱର-କଲିକତା ବାଦ ନୂଆଦିଲ୍ଲୀ-ପାଟଣା, ଆହ୍ଲାହାବାଦ, ଅମୃତସର, କତ୍ରା, ଚଣ୍ଡିଗଡ, ଗୋରଖପୁର, ଭାଗଲପୁର, ଛପ୍ରା ଭଳି ସ୍ଥାନ ଏହା ମଧ୍ୟରେ ସାମିଲ ରହିଛି। ରୁଟ୍‌ଗୁଡିକୁ ଚୟନ କରିବାରେ ବାଣିଜ୍ୟିକ ସମ୍ଭାବନା ଏକ ପ୍ରମୁଖ ଦିଗ ବୋଲି ବିଚାର କରାଯାଉଛି। ୧୦୦ ରୁଟ୍ ମଧ୍ୟରେ ୩୫ ଦିଲ୍ଲୀକୁ ସଂଯୋଗ କରୁଥିବା ବେଳେ ୨୬ଟି ରୁଟ୍ ମୁମ୍ବାଇ, ୧୨ କୋଲକାତା, ୧୧ ଚେନ୍ନାଇ ଏବଂ ୮ ବାଙ୍ଗାଲୋରକୁ ସଂଯୋଗ କରିବ। ତାଲିକାରେ ଅଣମେଟ୍ରୋ ସହର ମଧ୍ୟରେ ଗୋରଖପୁର-ଲକ୍ଷ୍ନୌ, କୋଟା-ଜୟପୁର, ଚଣ୍ଡିଗଡ-ଲକ୍ଷ୍ନୌ, ବିଶାଖାପାଟଣା-ତିରୁପତି ଏବଂ ନାଗପୁର-ପୁନେ ଭଳି ସ୍ଥାନ ରହିଛି।

# ୨୦୨୬ ସୁଦ୍ଧା ଭାରତ ୪ର୍ଥ ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ,୨୯-୧୨**

- ଜର୍ମାନୀକୁ ଟପିବା ସମ୍ଭାବନା
- ସିଇବିଆର୍‌ର ଆକଳନ
- ୨୦୨୬ରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବ



୨୦୨୬ ସୁଦ୍ଧା ଭାରତ ଜର୍ମାନୀକୁ ଟପି ବିଶ୍ୱର ୪ର୍ଥ ଅର୍ଥ ବ୍ୟବସ୍ଥା ହୋଇପାରେ। ସେହିଭଳି ୨୦୩୪ ସୁଦ୍ଧା ଏହା ଜାପାନକୁ ଟପି ଭାରତ ବିଶ୍ୱର ୩ ବୃହତ୍ ଅର୍ଥ ବ୍ୟବସ୍ଥା ହେବାର ସମ୍ଭାବନା ରହିଥିବା ଇଂଲଣ୍ଡ ଭିତ୍ତିକ ସେଣ୍ଟର ଫର ଇକୋନୋମିକ ଆଣ୍ଡ ବିଜନେସ ରିସର୍ଚ୍ଚ (ସିଇବିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୪ରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ ହେବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ମାତ୍ର ଏହି ଲକ୍ଷ୍ୟକୁ ହାସଲ କରିବାକୁ ଭାରତକୁ ୨୦୨୬ ଯାଏ ଅପେକ୍ଷା କରିବାକୁ ପଡିବ ବୋଲି ସିଇବିଆର ରିପୋର୍ଟରେ କୁହାଯାଇଛି। ୨୦୧୯ରେ ଭାରତ ଫ୍ରାନ୍ସ ଏବଂ ୟୁକେକୁ ଟପିବା ସହ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ସକ୍ଷମ ହୋଇଥିଲା। ୨୦୨୬ରେ ଜର୍ମାନୀ ଏବଂ ୨୦୩୪ରେ ଜାପାନକୁ ଭାରତ ଟପିବ ବୋଲି ସିଇଆର୍‌ବି ଏହାର ୱାର୍ଲ୍ଡ ଇକୋନୋମିକ ଲିଗ୍ ଟେବଲ-୨୦୨୦ ରିପୋର୍ଟରେ ପ୍ରକାଶ କରିଛି। ବିଶ୍ୱର ୩ୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବା ଲାଗି ଆଗାମୀ ୧୫ ବର୍ଷରେ ଜାପାନ, ଜର୍ମାନୀ ଏବଂ ଭାରତ ମଧ୍ୟରେ କଡା ପ୍ରତିଯୋଗିତା ହେବା ନେଇ ରିପୋର୍ଟରେ କୁହାଯାଇଛି।

୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ଲାଗି ଭାରତ ସରକାର ଧାର୍ଯ୍ୟ କରିବାକୁ ସମୟକୁ ନେଇ ସିଇଆର୍‌ବି ଆଶଙ୍କା ପ୍ରକଟ କରିଛି। ଏହି ଲକ୍ଷ୍ୟକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ ମଧ ପ୍ରଶ୍ନ ଉଠାଇଥିଲେ। ଭାରତ ଯେଉଁ ହାରରେ ବର୍ତ୍ତମାନ ବିକାଶ କରୁଛି ୨୦୨୪-୨୫ ବେଳକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ସନ୍ଦିହାନ ଥିବା ରଙ୍ଗରାଜନ ନିକଟରେ କହିଥିଲେ। ମନ୍ଥର ଅଭିବୃଦ୍ଧି ଭାରତର ଅର୍ଥନୈତିକ ସଂସ୍କାର ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଭାରତ ଏବଂ ଇଣ୍ଡୋନେସିଆ ଭଳି ଦେଶ ଏବେ ଅଗ୍ରଗତି କରୁଥିବା ବେଳେ ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥା କୁହାଯାଉଥିବା ଆମେରିକା ଏବଂ ଚାଇନା ଭଳି ଦେଶଗୁଡିକ ସାମ୍ନାରେ କିଭଳି ନିଜକୁ ଉପସ୍ଥାପନ କରିବେ ତାହା ଦେଖିବାକୁ ହେବ ବୋଲି ସିଇବିଆର୍‌ର ବରିଷ୍ଠ ଅର୍ଥନୀତିଜ୍ଞ ପାବଲୋ ଶାହା କହିଛନ୍ତି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ସାମିଲ ରହିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଏହାର ବିକାଶ ହାର ୪.୫%କୁ ଖସି ଆସିଛି।

## ୨୦୨୦ରେ ଅର୍ଥ ବ୍ୟବସ୍ଥାରେ ଆସିପାରେ ସୁଧାର: ସିଆଇଆଇ

**ନୂଆଦିଲ୍ଲୀ,୨୯-୧୨**

୨୦୨୦ରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିପାରେ। ସରକାର ଏବଂ ରିଜର୍ଭ ବ୍ୟାଙ୍କ ଗ୍ରହଣ କରିଥିବା ପଦକ୍ଷେପ ସହ ବିଶ୍ୱ ସ୍ତରର ବାଣିଜ୍ୟ ସମସ୍ୟା ସମାଧାନ ହେବାର ଆଶା ରହିଥିବାରୁ ଦେଶର ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆସିବାର ସମ୍ଭାବନା ରହିଛି ବୋଲି ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ଶନିବାର କୁହାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ବିତ୍ତୀୟ ନୀତି ଅର୍ଥ ବ୍ୟବସ୍ଥା ଉପରେ ଭଲ ପ୍ରଭାବ ପକାଇବ ବୋଲି ଏହା ପ୍ରକାଶ କରିଛି। ଚଳିତ ବର୍ଷ ଶେଷ ହେବା ସହ ଏକ ନୂଆ ବର୍ଷର ଆରମ୍ଭ ହେଉଛି। ବଜାରରେ ରହିଥିବା ମାନ୍ଦାବସ୍ଥାର ପ୍ରଭାବ କମ୍ ହେବାରେ ଲାଗିଛି। ଭାରତ ନିରନ୍ତର ଭାବେ ଏହି ଅବସ୍ଥାରୁ ବାହାରିବାକୁ ଲାଗି ପ୍ରୟାସ ଜାରି ରଖିବା ସହ ଉନ୍ନତ ସ୍ଥିତି ଆଡକୁ ଗତି କରୁଥିବା ଶିଳ୍ପ ସଂଘ ମତ ରହିଛି। ମାନୁଫାକଚରିଂ ଏବଂ ସର୍ଭିସ କ୍ଷେତ୍ର ଧୀରେ ଧୀରେ ମାନ୍ଦାବସ୍ଥା କବଳରୁ ମୁକ୍ତ ହେଉଛି ବୋଲି ସିଆଇଆଇ ସଭାପତି ବିକ୍ରମ କିର୍ଲୋସ୍କାର ମତ ଦେଇଛନ୍ତି। ତୃତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧି କମିଲେ ମଧ ତା ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିବାର ସମ୍ଭାବନା ଦେଖାଯାଉଥିବା ସେ ମତ ଦେଇଛନ୍ତି। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବଂ ଇନସଲଭେନ୍ସି ଆଇନ ଦ୍ୱାରା ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ଶିଳ୍ପ ଜଗତ ଆଶାବାଦୀ ରହିଛି। ୨୦୧୯ ବର୍ଷକୁ ବିତ୍ତ କ୍ଷେତ୍ରର ସିଷ୍ଟମ ସ୍ୱଚ୍ଛତା ଭବେ ବିଚାର କରାଯାଇ ପାରିବ ବୋଲି ଶିଳ୍ପସଂଘ କହିଛି।

# ଖୋଲିବ ୭୦୦ ନୂଆ ଆଧାର ସେବା କେନ୍ଦ୍ର

**ନୂଆଦିଲ୍ଲୀ,୨୯-୧୨**

ଆଧାର ସେବା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ସାରା ଦେଶରେ କମନ ସର୍ଭିସ ସେଣ୍ଟର (ସିଏସ୍‌ସି) ପକ୍ଷରୁ ୭୦୦ ନୂଆ ଆଧାର କେନ୍ଦ୍ର ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସେଣ୍ଟରଗୁଡିକ ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ଖୋଲିବ। ଆଧାର ସମ୍ପର୍କିତ ବିଭିନ୍ନ ସେବା ଯୋଗାଣ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଉଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସେଣ୍ଟରଗୁଡିକ ଖୋଲିବା ଲାଗି ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ସବୁଜ ସଙ୍କେତ ଦେଇଥିବା ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସର ସିଇଓ ଦିନେଶ ତ୍ୟାଗୀ କହିଛନ୍ତି। ବର୍ତ୍ତମାନ ସିଏସ୍‌ସି ନେଟୱାର୍କରେ ୩.୬ ଲକ୍ଷ ସେଣ୍ଟର ରହିଛି। ଆଧାର ସେବାକୁ ସିଏସ୍‌ସିର ଅଧିକୃତ କାର୍ଯ୍ୟାଳୟଗୁଡିକରେ ପ୍ରଦାନ କରିବା ଲାଗି ଯୋଜନା ରହିଛି। ନିରାପତ୍ତା ଦୃଷ୍ଟିକୋଣରୁ ସବୁ ସେଣ୍ଟରରେ ଏହି ସେବା ନ ଯୋଗାଇବାକୁ କୁହାଯାଇଛି। ପ୍ରତି ରାଜ୍ୟରେ ସିଏସ୍‌ସି କାର୍ଯ୍ୟାଳୟ ଥିବା ବେଳେ ଜିଲା ସ୍ତରରେ ଏହାକୁ ଖୋଲାଯାଉଛି। ସର୍ବୋଚ୍ଚ ନିରାପତ୍ତା ଦୃଷ୍ଟିକୋଣରୁ ନୂଆ ସେଣ୍ଟରଗୁଡିକ କାମ କରିବ। ସୂଚନାଯୋଗ୍ୟ ଗ୍ରାମାଞ୍ଚଳରେ ଥିବା କିଓସ୍କଗୁଡିକରେ ଆଧାର ସେବା ବନ୍ଦ ହେବା ଯୋଗୁ ଏହା ଦ୍ୱାରା ଲୋକମାନେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ଏହି ସେବା ଚାଲୁ ରଖିବା ଲାଗି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରଶାଦଙ୍କୁ ଚିଠି ଲେଖିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ | ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ପ୍ରପର୍ଟି ଋଣ
ମାର୍କଶିଟ୍ ଋଣ
ଆଧାରକାର୍ଡ ଋଣ | ପର୍ସନାଲ ଋଣ
ବ୍ୟବସାୟ ଋଣ | ଆଦି ସବୁ ଋଣ
*T&C Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
089303-80336
090537-13407

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

ASTROLOGY ASTROLOGY

BUSINESS BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଆମକୁ ଶତକ ହାସଲକାରୀ ଟମ୍ ବ୍ଲଣ୍ଡେଲଙ୍କ ଭଳି ଲଢୁଆ ପ୍ରଦର୍ଶନ କରିବାକୁ ପଡ଼ିବା—କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ

"ମୁଁ କେବେ ଫିଟ୍ ହୋଇ ପ୍ରତିଯୋଗିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବି ସେ ସମ୍ପର୍କରେ ପୂର୍ବାନୁମାନ କରିପାରିବି ନାହିଁ—ଭୁବନେଶ୍ୱର କୁମାର, ଭାରତୀୟ ସିମ୍ ବୋଲର



## ସଂକ୍ଷେପରେ

■ ଜାତୀୟ ସିନିୟର ଖୋ ଖୋ

### ପ୍ରଥମଥର ଲାଗି ସେମିରେ ଓଡ଼ିଶା ମହିଳା

**ଭୁବନେଶ୍ୱର, ୨୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିୟର ଖୋ ଖୋ ପ୍ରତିଯୋଗିତାର ୫୩ତମ ସଂସ୍କରଣରେ ଓଡ଼ିଶା ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ମହିଳା ଦଳ ୧୧-୯ ପଏଣ୍ଟରେ ଗତ ବର୍ଷ ବ୍ରୋଞ୍ଜ ପଦକ ଜିତିଥିବା କେରଳକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ମହିଳା ଦଳ ପ୍ରଥମଥର ଲାଗି ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛି। ସେମିଫାଇନାଲରେ ଓଡ଼ିଶାର ମୁକାବିଲା ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ସହ ହେବ। ଓଡ଼ିଶାର ସସ୍ମିତା ନାଥ ଶର୍ମା ୨ ମିନିଟ୍ ୨୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ ହାସଲ କରିଥିବାବେଳେ ସାବିଲ ଖାତୁନ (୧ ମିନିଟ୍ ୪୦ ସେକେଣ୍ଡ ରନିଂ ଓ ୧ ପଏଣ୍ଟ), ମନ୍ଦାକିନୀ ମାଝି (୨ ମିନିଟ୍ ରନିଂ ଓ ୩ ପଏଣ୍ଟ), ପ୍ରିୟଙ୍କା ସିଂ (୧ ମିନିଟ୍ ରନିଂ ଓ ୩ ପଏଣ୍ଟ), ମଧୁସ୍ମିତା ଓଝା (୨ ମିନିଟ୍ ୨୦ ସେକେଣ୍ଡ), ଅର୍ଚ୍ଚନା ମାଝି (୧ ମିନିଟ ୨୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ) ଭଲ ପ୍ରଦର୍ଶନ କରିଥିଲେ। ପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୯-୬ ପଏଣ୍ଟରେ ପଞ୍ଜାବକୁ ହରାଇ ଅନ୍ତିମ-୮ରେ ପ୍ରବେଶ କରିଥିଲା। ସେହିଭଳି ଲିଗ୍ ସ୍ତରରେ ଓଡ଼ିଶା ୧୨-୭ରେ ଛତିଶଗଡ଼ ଓ ୧୭-୭ରେ ପଶ୍ଚିମବଙ୍ଗକୁ ମାତ୍ ଦେଇଥିଲା ବୋଲି ଓଡ଼ିଶା ଖୋ ଖୋ ଆସୋସିଏଶନର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଓଡ଼ିଶା ମହିଳା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଆଶା ମାରାଣ୍ଡି, ମାଗାଇ ମାଝି, ସବନମ ଖାତୁନ, ଶିବାନୀ ଗମାଙ୍ଗୋ ଓ ରଞ୍ଜିତା ବାରିକ।

■ ଓସ୍କାର କପ୍

### ସହିଦ-ପ୍ରଗତି ଫାଇନାଲ

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ସହିଦ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧରେ ମଙ୍ଗଳବାର ଅନୁଷ୍ଠିତ ହେବ। ପୂର୍ବରୁ ପ୍ରଗତି ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ସହିଦ ସ୍ପୋର୍ଟିଂ ୯ ଉଇକେଟରେ ପାରାମାଉଣ୍ଟକୁ ପରାସ୍ତ କରିଛି। ୫୯ ବଲ୍‌ରୁ ୭୧ ରନ କରିବା ସହ ୩ ଉଇକେଟ ନେଇଥିବା ବିଜୟୀ ଦଳର ଶାଶ୍ୱତ ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ସମ୍ପାଦକ ଚଣ୍ଡି ପ୍ରସାଦ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ତୃତୀୟ କ୍ୱାର୍ଟର ଫାଇନାଲରେ ଅଭିଲାଷ କ୍ରିକେଟ ଏକାଡେମୀକୁ ସହିଦ ସ୍ପୋର୍ଟିଂ ଏବଂ ୪ର୍ଥ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂକୁ ପାରାମାଉଣ୍ଟ ପରାସ୍ତ କରିଥିଲା।

# ଦ୍ୱିତୀୟ ଦିବସରେ ୫ ମିଟ୍ ରେକର୍ଡ

**ରାଜ୍ୟ ଆଥଲେଟିକ୍ ମିଟ୍**

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୬୭ତମ ରାଜ୍ୟ ଆଥଲେଟିକ୍ ମିଟ୍‌ର ଦ୍ୱିତୀୟ ଦିବସରେ ୫ଟି ମିଟ୍ ରେକର୍ଡ ସ୍ଥାପନ ହୋଇଛି। ମହିଳା ୨୦ କିଲୋମିଟର ଚାଲିରେ କଟକର ପ୍ରିୟଙ୍କା ମହାଳିକ ୧ ଘଣ୍ଟା ୫୫.୩୨ ସେକେଣ୍ଡ ସମୟ ନେଇ ଏହି ରେକର୍ଡର ଅଧିକାରିଣୀ ହୋଇଛନ୍ତି। ପୂର୍ବରୁ ମିଟ୍ ରେକର୍ଡ ଟାଇମିଂ ଥିଲା ୧ ଘଣ୍ଟା ୫୮:୪୬.୫ ସେକେଣ୍ଡ। ସେହିପରି ୧୪ ବର୍ଷରୁ କମ୍ ବାଳକ ହାଇଜମ୍ପରେ କଳାହାଣ୍ଡିର ଜାନକୀ କାନ୍ତ ନାୟକ ୧.୬୭ ମିଟର କ୍ଲିୟର କରି ପୂର୍ବ ରେକର୍ଡ(୧.୫୯)କୁ ପଛରେ ପକାଇ ଦେଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ୧୦ କିଲୋମିଟର ଚାଲିରେ ଅନୁଗୋଳର ଗୋବିନ୍ଦ ପାଣ୍ଡିଆ ୪୯:୨୭.୧ (ପୂର୍ବ ରେକର୍ଡ ୫୪:୦୫.୭) ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ୩ କିଲୋମିଟର ଚାଲିରେ ଦେବଗଡ଼ର ନିଶା ବାରିକ ୧୬:୧୪.୪ ସେକେଣ୍ଡ ସମୟ ନେଇ ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ଥିଲା ୧୬:୩୭.୬ ସେକେଣ୍ଡ। ୧୬ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲ୍ସରେ ଭୁବନେଶ୍ୱରର ସବିତା ଟପ୍ପୋ ୧୫.୦ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ଥିଲା ୧୫.୮ ସେକେଣ୍ଡ। ପ୍ରତିଯୋଗିତାର ପ୍ରଥମ ଦିବସରେ ଶନିବାର ୩ଟି ମିଟ୍ ରେକର୍ଡ ହୋଇଥିଲା। ସମସାଦ ଆରା ବେଗମ, ଆଂଶିକା ରାଉତରାୟ ଓ ମନୀଶା ମେରାଲ ଏହି ରେକର୍ଡ କରିଥିଲେ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ୪୦୦ ମିଟରରେ ଓଡ଼ିଶା ପୋଲିସର ବିଘ୍ନରାଜ ମିରିଡିଆ, ୧୫୦୦ ମିଟର ରେସ୍‌ରେ କଟକର ଭୀମସେନ ଜନକା, ୧୧୦ ମିଟର ହର୍ଡଲ୍ସରେ ଓଡ଼ିଶା ପୋଲିସର ଅମିତ କୁମାର ମହନ୍ତ, ୨୦୦୦୦ ମିଟର ଚାଲିରେ ଗଞ୍ଜାମର କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ, ହାଇଜମ୍ପରେ କଟକର ସ୍ୱାଧୀନ କୁମାର ମାଝି, ଟ୍ରିପଲ ଜମ୍ପରେ କଟକର ସୁକଦେବ ମହାନ୍ତି, ଶଟ୍‌ପୁଟରେ କଟକର ରଞ୍ଜନ କୁମାର ସାହୁ, ଜାଭେଲିନରେ ଖୋର୍ଦ୍ଧାର ଦୀପଙ୍କର ବେହେରା, ଡେକାଥଲନରେ ଓଡ଼ିଶା ପୋଲିସର ପ୍ରବୀଣ ଛେତ୍ରୀ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ମହିଳା ବିଭାଗ ୪୦୦ ମିଟର ରେସ୍‌ରେ କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜଉନା ମୁର୍ମୁ, ୧୫୦୦ ମିଟରରେ ବରଗଡ଼ର ନମିତା ପ୍ରଧାନ, ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶା ପୋଲିସର ଜସମିନ କିସ୍କୁ, ୨୦୦୦୦ ମିଟର ଚାଲିରେ କଟକର ପ୍ରିୟଙ୍କା ମହାଳିକ ଓ ଡିସ୍‌କସ୍ ଥ୍ରୋରେ ଇଷ୍ଟକୋଷ୍ଟ ରେଲୱେର ପାର୍ବତୀ ସେଠୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



ପୋଲଭଲ୍ଟ ଅବସରରେ ଜଣେ ପ୍ରତିଯୋଗୀ ।



ପ୍ରିୟଙ୍କା ମହାଳିକ ।

# ଓଡ଼ିଶା ପୁରୁଷ ଦଳର ଚତୁର୍ଥ ବିଜୟ

**ଜାତୀୟ ସିନିୟର ଭଲିବଲ**



ଓଡ଼ିଶା–ଜମ୍ମୁ ଓ କଶ୍ମୀର ମଧରେ ଅନୁଷ୍ଠିତ ମ୍ୟାଚ ।

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ପୁରୁଷ ବିଭାଗରେ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଛତିଶଗଡ଼ଠାରୁ ୦-୩ରେ ହାରିଥିବା ହାରିଥିବା ଓଡ଼ିଶା ରବିବାର ଜମ୍ମୁ କଶ୍ମୀର ଦଳକୁ ସମାନ ବ୍ୟବଧାନରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧରେ ପଣ୍ଡିଚେରୀ ୩-୦ରେ ତ୍ରିପୁରା, ଆସାମ ୩-୦ରେ ପଶ୍ଚିମବଙ୍ଗ, ମଧ ପ୍ରଦେଶ ୩-୨ରେ ବିହାର, ହିମାଚଳ ପ୍ରଦେଶ ୩-୦ରେ ମଣିପୁର, ଛତିଶଗଡ଼ ୩-୦ରେ ଚଣ୍ଡିଗଡ଼, ଗୁଜରାଟ ୩-୧ରେ ମହାରାଷ୍ଟ୍ର ଓ ଉତ୍ତରାଞ୍ଚଳ ୩-୦ ସେଟ୍‌ରେ ଝାଡ଼ଖଣ୍ଡକୁ ହରାଇ ଦେଇଛି। ମହିଳା ବିଭାଗରେ ଉତ୍ତର ପ୍ରଦେଶ ୩-୦ରେ ପଣ୍ଡିଚେରୀ, ହିମାଚଳ ପ୍ରଦେଶ ୩-୦ରେ ଚଣ୍ଡିଗଡ଼, ମଧ ପ୍ରଦେଶ ୩-୦ରେ ଆସାମ, ଉତ୍ତରାଞ୍ଚଳ ୩-୦ରେ ବିହାର, ଗୁଜରାଟ ୩-୧ରେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ୩-୦ରେ ପଞ୍ଜାବକୁ ପରାସ୍ତ କରିଛି।





ଜାତୀୟ ସିନିୟର ଥ୍ରୋ ବଲ୍: ଓଡ଼ିଶା ମହିଳା ଓ ପୁରୁଷ ଦଳର ଖେଳାଳିମାନେ।

# ଓଡ଼ିଶା ମହିଳା, ପୁରୁଷ ଦଳ କ୍ୱାର୍ଟରରେ

**ଜାତୀୟ ସିନିୟର ଥ୍ରୋ ବଲ୍**

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)**

ବର୍ଦ୍ଧମାନଠାରେ ଚାଲିଥିବା ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମହିଳା ବିଭାଗର ପ୍ରଥମ ମ୍ୟାଚରେ ଓଡ଼ିଶା ୧୫-୪, ୧୫-୬ରେ ବିହାରକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶଠାରୁ ୧୨-୧୫, ୧୩-୧୫ରେ ହାରି ଯାଇଥିଲା। ତୃତୀୟ ମ୍ୟାଚରେ ଦଳ ୧୫-୮, ୧୫-୯ ପଏଣ୍ଟରେ ଛତିଶଗଡ଼କୁ ହରାଇବାରୁ ନିଜ ପୁଲ୍‌ର ରନର୍ସଅପ୍ ଭାବେ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ପୁରୁଷ ଦଳ ପ୍ରଥମ ମ୍ୟାଚରେ ୧୫-୮, ୧୫-୧୧ରେ ମଧପ୍ରଦେଶ, ଦ୍ୱିତୀୟ ମ୍ୟାଚରେ କର୍ଣ୍ଣାଟକକୁ ୧୫-୯, ୧୫-୧୦ ଏବଂ ତୃତୀୟ ମ୍ୟାଚରେ ୧୫-୨, ୧୫-୪ରେ ଗୋଆକୁ ପରାସ୍ତ କରିଛି।

# ଜଷ୍ଟିସ ଦୀପକ ବର୍ମା ଡିଡିସିଏର ନୂଆ ଓମ୍ବୁଡସମ୍ୟାନ

**ନୂଆଦିଲ୍ଲୀ, ୨୯।୧୨(ପି.ଟି.)**

ଅବସରପ୍ରାପ୍ତ ଜଷ୍ଟିସ ଦୀପକ ବର୍ମାଙ୍କୁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ) ରବିବାର ନୂଆ ଓମ୍ବୁଡସମ୍ୟାନ ଭାବେ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିଯୁକ୍ତ କରିଛି। ଡିଡିସିଏ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ସର୍ବସମ୍ମତିକ୍ରମେ ସମସ୍ତ ପ୍ରସ୍ତାବ ଓ ଏଜେଣ୍ଡା ପାରିତ ହୋଇଯାଇଛି। ଅବସରପ୍ରାପ୍ତ ଜଷ୍ଟିସ ଦୀପକ ବର୍ମାଙ୍କୁ ନୂଆ ଓମ୍ବୁଡସମ୍ୟାନ ଭାବେ ନିଯୁକ୍ତ କରାଯାଇଛି।

# ଦିଲୀପଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୯।୧୨(କ୍ରୀଡ଼ା ପ୍ରତିନିଧି)**

ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ସେଲ୍ ଆଇଟିଏଫ ସିନିୟର ଗ୍ରେଡ୍-୩ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦିଲୀପ ମହାନ୍ତି ଡବଲ ଟାଇଟଲ ହାସଲ କରିଛନ୍ତି। ଏହା ଛଡ଼ା ସେ ଗୋଟିଏ ବିଭାଗରେ ରନର୍ସଅପ୍ ମଧ ହୋଇ ମୋଟ ୩ଟି ଟ୍ରଫି ହାସଲ କରିଛନ୍ତି। ୪୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦିଲୀପ ୬-୨, ୬-୧ ସେଟ୍‌ରେ କୋହିନୁର ଗୋବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ। ସେହିପରି ୩୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଡବଲ୍ସରେ ସେ କନ୍ନନ ସେଥୁଙ୍କୁ ସାଥୀକରି ୭-୫, ୬-୪ ସେଟ୍‌ରେ ଦୀପକ ମାରୱାହା ଓ ସଚିନ ପାଟିଲ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ୪୦ ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସ ଫାଇନାଲରେ ସେ ଶରଣଦୀପ ସିଂ ସୋଧୀଙ୍କୁ ସାଥୀକରି ରୋହିତ ରାୱତ ଓ ଜଗଦୀଶ ତନୱାର ଯୋଡ଼ିଙ୍କଠାରୁ ୬-୨, ୩-୬, ୪-୧୦ରେ ହାରି ଯାଇଥିଲେ। ପୂର୍ବରୁ ବିଭିନ୍ନ ବୟସ ବର୍ଗରେ ଚାମ୍ପିୟନ ହୋଇଥିବା ଦିଲୀପଙ୍କ ପାଇଁ ୪୦ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସରେ ଏହା ପ୍ରଥମ ଟାଇଟଲ।



ଟ୍ରଫି ସହ ଦିଲୀପ ମହାନ୍ତି।

# ରାଜ୍ୟ ଓପନ ରାପିଡ୍ ଚେସ୍: ଜିତେନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓପନ ର୍ୟାପିଡ୍ ଚେସ୍ ଚାମ୍ପିୟନଶିପ୍ ଗଞ୍ଜାମର ସୋରଡ଼ାଠାରେ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ନୟାଗଡ଼ର ଜିତେନ୍ଦ୍ର କୁମାର ଦାସ ୬.୫ ପଏଣ୍ଟ ପାଇ ଚାମ୍ପିୟନ ଓ ବ୍ରହ୍ମପୁରର ସଞ୍ଜୀବ କୁମାର ଚର୍ଚ୍ଚୀ ୬ ପଏଣ୍ଟ ସହିତ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧରେ ବସନ୍ତ କୁମାର ବିଷୋୟୀ, ଶିବ ପ୍ରସାଦ ପଣ୍ଡା, ଲରେନ୍ସ ପ୍ରଧାନ, ସନ୍ତୋଷ କୁମାର ନାୟକ, ଅମରେନ୍ଦ୍ର ଖମାରି, ସନ୍ତୋଷ କୁମାର ମିଶ୍ର, ବଂଶୀଧର ଭୋଇ, ଗଙ୍ଗାଧର ଦାସ, ପ୍ରଜ୍ଞାଦୀପ୍ତ ପଣ୍ଡା, ରଶ୍ମିତା ପାତ୍ର, ସବିତା ତ୍ରିପାଠୀ, ଜଗନ୍ନାଥ ବଳବନ୍ତରାୟ ଓ ଧୀରେନ୍ଦ୍ର କୁମାର ଦାସ ପ୍ରଥମ ୧୫ ଜଣଙ୍କ ମଧରେ ସ୍ଥାନ ପାଇଥିଲେ। ଏମାନଙ୍କ ବ୍ୟତୀତ ୯ ଜଣ ସ୍କୁଲ ଛାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରଶ୍ମିତା ପାତ୍ର ଶ୍ରେଷ୍ଠ ମହିଳା ଓ ଶ୍ୟାମ ସୁନ୍ଦର ଖାଡଙ୍ଗା ଶ୍ରେଷ୍ଠ ଭେଟେରାନ ବିବେଚିତ ହୋଇଥିଲେ।

**ପୂର୍ଣ୍ଣଚନ୍ଦ୍ର ଆଲୋକ ମେମୋରିଆଲ କ୍ରିକେଟ**

# ସତ୍ୟବିହାରକୁ ଟାଇଟଲ



ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**କଣ୍ଟାପଡା,୨୯।୧୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷ୍ଟୁମା ଖେଳପଡିଆରେ ନିୟୁଷ୍ଟାର ୟୁଥକ୍ଲବ ପକ୍ଷରୁ ଆୟୋଜିତ ପୂର୍ଣ୍ଣଚନ୍ଦ୍ର ଆଲୋକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ନଖରା ଦଳକୁ ୪୦ରନରେ ହରାଇ ଭୁବନେଶ୍ୱରର ସତ୍ୟବିହାର ଚାମ୍ପିୟନ ହୋଇଛି। ସତ୍ୟବିହାର ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ କରିଥିଲା। ବିଜୟ ପାଇଁ ଆବଶ୍ୟକ ୧୧୩ ରନର ପିଛାକରି ନଖରାଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଟୁନା ବ୍ୟକ୍ତିଗତ ୨୬ ରନ କରିବା ସହ ୩ ଉଇକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉଷ୍ଟୁମା ଗ୍ରାମପଞ୍ଚାୟତ ସରପଞ୍ଚ ଜୀତେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି, ଉଷ୍ଟୁମା ଗ୍ରାମ ଅଧିକାରୀ ଦିବାକର ପରିଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ୧୧୦୦୦ ଓ ରନର୍ସଅପ ଦଳକୁ ୭୦୦୦ ଟଙ୍କାସହ ଟ୍ରଫି ପ୍ରଦାନ କରିଥିଲେ। ଭାଜପା ଯୁବନେତା ପ୍ରଣୟ ସାମନ୍ତରାୟ, କ୍ଲବ ସଭାପତି ପ୍ରମୋଦ ବୈଠାଲୁ, ମନୋଜ ସାହୁ, ସୁକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିସାନ ସାମନ୍ତରା ଓ ଅଭିନାଷ ପ୍ରଧାନ ଖେଳ ପରିଚାଳନା କରିଥିଲେ।

■ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

# ୟୁନିୟନ ସ୍ପୋର୍ଟିଂ କଟକ ଚାମ୍ପିୟନ

**ଦେବଗଡ,୨୯।୧୨(ଡି.ଏନ.ଏ.)**

ଦେବଗଡ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୩୦ତମ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ୭୨ରନରେ ପରାସ୍ତ କରି କଟକର ୟୁନିଅନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ୟୁନିୟନ ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ କାନୋଜିଆ ସର୍ବାଧିକ ୭୭ ଓ ନୌତମ ଭଞ୍ଜ ୪୨ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ରାକେଶ ଶର୍ମା ଓ ତୋଫାନ ଗୌଡ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ୨୬.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୬୨ ରନ ସଂଗ୍ରହ କରି ୭୨ରନରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ମାନିତେଜ ମହାନ୍ତି ସର୍ବାଧିକ ୪୧ ଓ ବିଶ୍ୱଜିତ ଭୂୟାଁ ୩୧ରନ ସଂଗ୍ରହ କରିଥିଲେ। ୟୁନିୟନ ସ୍ପୋର୍ଟିଂର ନୌତମ ଭଞ୍ଜ ସର୍ବାଧିକ ୩ଟି ଓ ସର୍ବେଶ୍ୱର ମହାନ୍ତି ୨ଟି ଉଇକେଟ ହାସଲ କରିଥିଲେ । ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୟୁନୟନ ସ୍ପୋର୍ଟିଂର ନୌତମ ଭଞ୍ଜ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଅପରାହ୍ନରେ ବାମଣ୍ଡା କ୍ରିକେଟ କ୍ଲବ ଉପ ସଭାପତି ଅଶୋକ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥିଭାବେ କ୍ଲବ ସଭାପତି ତଥା ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି କ୍ଲବର ପୂର୍ବତନ ସଭାପତି ନବୀନ କୁମାର ପାଣି, ମାର୍କଣ୍ଡେଶ୍ୱର ଶତପଥୀ ଯୋଗଦେଇ ଚାମ୍ପିୟନ କଟକର ୟୁନିଅନ ସ୍ପୋର୍ଟିଂକୁ ରନିଙ୍ଗ ଟ୍ରଫି ସହ ନଗଦ ୪୦ହଜାର ଟଙ୍କା ଓ ରନର୍ସ ଅପ୍ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ଟ୍ରଫିସହ ନଗଦ ୨୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବୋଲର ଭାବେ ୟୁନିୟନ ସ୍ପୋର୍ଟିଂର ଅନୁରାଗ କାନୋଜିଆ,ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ୟୁନିୟନ ସ୍ପୋର୍ଟିଂର ଭେଙ୍କଟେଶ ଭାଣ୍ଡେ, ଶ୍ରେଷ୍ଠ ଫିଲ୍ଡର ଭାବେ ରାମେଶ୍ୱର ସ୍ପୋର୍ଟିଂର କୁନାଲ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସଭାକୁ ବାମଣ୍ଡା କ୍ଲବର ଉପ ସଭାପତି ଅଶୋକ କୁମାର ନନ୍ଦ ପରିଚାଳନା କରିଥିବାବେଳେ ସମ୍ପାଦକ ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚକୁ ଓଡିଶା କ୍ରିକେଟ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ପରାଶର ବିଶ୍ୱାଳ ଓ ସତ୍ୟ ପ୍ରକାଶ ରଥ ପରିଚାଳନା କରିଥିଲେ। ବେଣୁଧର ଗଡନାୟକ, ରମାକାନ୍ତ ପ୍ରଧାନ ଓ ଚେତନ ସିହ୍ନା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ମନୋଜ ସେଠୀ ଓ ଅନୀଲ ପଟ୍ଟନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବାମଣ୍ଡା କ୍ରିକେଟ କ୍ଲବର ସହ ସମ୍ପାଦକ ବିଦ୍ୟାଧର ମହାପାତ୍ର , କୋଷାଧ୍ୟକ୍ଷ ମୋତିଲାଲ ଶର୍ମା, ସଦସ୍ୟ ପ୍ରଶାନ୍ତ କୁମାର ଦେବତା, ଅଭୟ କୁମାର ନନ୍ଦ , ସନ୍ତୋଷ କୁମାର ଦେବତା, ବିଶେଶ୍ୱର ଦ୍ୱିବେଦୀ,ସୁବାସ କୁମାର ପୃଷ୍ଟି ଓ କ୍ଷୀରୋଦ ବିହାରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅନ୍ୟତମ ଉପ ସଭାପତି ସତ୍ୟ ନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।





ଚାମ୍ପିୟନ କଟକର ୟୁନିୟନ ସ୍ପୋର୍ଟିଂର ଖେଳାଳିଙ୍କ ସହ ଅତିଥିମାନେ ।

# ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

## ବକ୍ସିଂ ଡେ ଟେଷ୍ଟ : ନ୍ୟୁଜିଲାଣ୍ଡ ୨୪୭ ରନରେ ପରାସ୍ତ

ମେଲବୋର୍ନ, ୨୯।୧୨ (ଏଏଫ୍‌ପି)

ନାଥନ ଲିୟନ ଓ ଜେମ୍ସ ପାଟିନସନଙ୍କ ମିଳିତ ବୋଲିଂ ସଫଳତା ବଳରେ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୨୪୭ ରନର ବୃହତ୍ ରନ୍ ବ୍ୟବଧାନରେ ପରାସ୍ତ କରିଛି। ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୮୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ଓପନର୍ ଟମ୍ ବଣ୍ଡେଲଙ୍କ ଶତକ ସତ୍ତ୍ୱେ ମ୍ୟାଚ୍‌ର ୪ର୍ଥ ଦିବସରେ ରବିବାର ୨୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଅଷ୍ଟ୍ରେଲିଆ ୨୯୬ ରନରେ ଜିତିଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଜାନୁୟାରୀ ୩ରୁ ସିଡ୍‌ନୀରେ ଖେଳାଯିବ।


ଶତକ ହାସଲକାରୀ ଟମ୍ ବଣ୍ଡେଲ

ବକ୍ସିଂ ଡେ ଅବସରରେ ଖେଳାଯାଇଥିବା ଏହି ଟେଷ୍ଟରେ ୪୮୮ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରି ରବିବାର ନ୍ୟୁଜିଲାଣ୍ଡ ପ୍ରାରମ୍ଭରୁ ୩୫ ରନରେ ଟମ୍ ଲଥାମ୍ (୮), ଅଧିନାୟକ କେନ୍ ୱିଲିୟମ୍ସ (୦) ଓ ରସ୍ ଟେଲର (୨)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ମଧ୍ୟକ୍ରମରେ ହେନରୀ ନିକୋଲାସ (୩୩ ରନ), ବିଜେ ୱାଟ୍‌ଲିଂ (୨୨) ଓ ମିଚେଲ ସାଣ୍ଟନର (୨୭) କିଛିଟା ସଂଘର୍ଷ କରିଥିଲେ ମଧ୍ୟ କିୱି ଦଳ ୭୧ ଓଭରରେ ୨୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ଟମ୍ ବଣ୍ଡେଲ ୧୨୧ ରନ (୨୧୦ ବଲ୍, ୧୫ ଚୌକା)ର ସଂଘର୍ଷପୂର୍ଣ୍ଣ ଶତକୀୟ ଇନିଂସ ଖେଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ବଣ୍ଡେଲଙ୍କୁ ଆଉଟ୍ କରି ମାର୍ନସ ଲାବୁସେନ ଅଷ୍ଟ୍ରେଲିଆକୁ ବିଜୟ ଭେଟି ଦେଇଥିଲେ। ଅନ୍ୟ ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଅଫ୍‌ସ୍ପିନର ଲିୟନ ୪, ପାଟିନସନ ୩ଟି ଉଇକେଟ୍ ନେଇଥିଲେ। ଆଘାତ ଲାଗି ଟ୍ରେଣ୍ଟ ବୋଲ୍ଟ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ପୂର୍ବରୁ ଟ୍ରାଭିସ ହେଡ୍ (୧୧୪)ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୬୭ ରନ କରିଥିଲା। ଜବାବରେ ପ୍ୟାଟ୍ କୁମିନ୍ସ (୫ ଉଇକେଟ୍)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ୧୪୮ ରନରେ ସୀମିତ ରହିଥିଲା। ୩୧୯ ରନର ଅଗ୍ରଣୀ ଥାଇ ଅଷ୍ଟ୍ରେଲିଆ ୨ୟ ଇନିଂସରେ ୫ ଉଇକେଟ୍‌ରେ ୧୬୮ ରନ କରିବା ସହ ଇନିଂସ ଘୋଷଣା କରିଥିଲା। ଟ୍ରାଭିସ ହେଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୪୬୭/୧୦

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୪୮/୧୦

ଅଷ୍ଟ୍ରେଲିଆ ୨ୟ ଇନିଂସ- ୧୬୮/୫ ଘୋଷଣା

ନ୍ୟୁଜିଲାଣ୍ଡ ୨ୟ ଇନିଂସ- ୨୪୦/୧୦ (କଲିନ ଡି ଗ୍ରାଣ୍ଡହୋମ ୯, ଟିମ୍ ସୌଦୀ ୨, ବଣ୍ଡେଲ ୧୨୧, ଲିୟନ ୪/୮୧)।

## ସିଡ୍‌ଲେଙ୍କ ଅବସର

ମେଲବୋର୍ନ, ୨୯।୧୨

ଭେଟେରାନ ଅଷ୍ଟ୍ରେଲିଆନ ପେସର ପିଟର ସିଡ୍‌ଲେ ରବିବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହ ଦୀର୍ଘ ୧୧ ବର୍ଷର କ୍ୟାରିୟରର ଶେଷ ହୋଇଛି। ସେ ୬୭ ଟେଷ୍ଟ ଖେଳି ୩୦.୬୬ ହାରରେ ୨୨୧ ଉଇକେଟ ହାତେଇଛନ୍ତି। ଅନ୍ତିମ ଥର ଅଷ୍ଟ୍ରେଲିଆ ପାଇଁ ଆଶେସ ସିରିଜ୍‌ର ୫ମ ଟେଷ୍ଟ ଖେଳିଥିଲେ। ଏ ସମ୍ପର୍କରେ ଆଶେସ ସିରିଜ୍‌ବେଳେ ଆଲୋଚନା କରିଥିଲି। ଇଂଲଣ୍ଡରେ ଅବସର ଘୋଷଣା କରିବାର ସମ୍ଭାବନା ଥିଲା। କିନ୍ତୁ ଘରେ, ପରିବାର ଓ ବନ୍ଧୁଙ୍କ ଆଗରେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲି ବୋଲି ସିଡ୍‌ଲେ କହିଛନ୍ତି। ସର୍ବାଧିକ ଟେଷ୍ଟ ଉଇକେଟ ହାତେଇଥିବା ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ସେ ୧୩ତମ ସ୍ଥାନରେ ରହିଛନ୍ତି। ଅନ୍ତର୍ଜାତୀୟ



କ୍ରିକେଟରେ ତାଙ୍କ ପ୍ରଥମ ଶିକାର ପାଲଟିଥିଲେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ୨୦୧୦ ଇଂଲଣ୍ଡ ବିପକ୍ଷରେ ନିଜ ଜନ୍ମଦିନରେ ସେ ହ୍ୟାଟ୍ରିକ ନେଇଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ଘଟଣା। ସେ ୨୦୦୮ ଅକ୍ଟୋବରରେ ମୋହାଲିଠାରେ ଭାରତ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଟେଷ୍ଟ କ୍ୟାରିୟରରେ ୮ ଥର ୫ ଉଇକେଟ ସଫଳତା ପାଇଥିଲେ। ୫୪ ରନ୍ ଦେଇ ୬ ଉଇକେଟ ଅକ୍ତିଆର କରିବା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ପେଲ ଥିଲା। ଆହତ ସମସ୍ୟା ଯୋଗୁ ଦୀର୍ଘଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଥିଲେ। ୨୦୧୮ ପାକିସ୍ତାନ ବିପକ୍ଷ ଦୁଇ ଟେଷ୍ଟରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ଟେଷ୍ଟ ବ୍ୟତୀତ ୨୦ ଦିନିକିଆ ଓ ଦୁଇଟି ଟି୨୦ରେ ମୋଟ ୩୪ ଉଇକେଟ ହାତେଇଥିଲେ।

ଜନ୍ମଦିନ ଶୁଭେଚ୍ଛା
ଆଦ୍ୟାଶା ବିଶ୍ୱାଳ(ଗୁଡୁଲୁ)
At: Solpat, Dist: Jajpur
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛାସହ:
ବାପା: ଜତେନ୍ଦ୍ର ବିଶ୍ୱାଳ, ମାମା: ଅମିତା ବିଶ୍ୱାଳ, କାହ୍ନା ମାମୁ, ସାନୁ ମାମୁ, ନନ୍ଦିନୀ ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୯୮୪

୧୩ତମ ଜନ୍ମଦିନ ଶୁଭେଚ୍ଛା
ଖୁସି
ଅରୋଲିପ୍‌ସା ପ୍ରିୟଦର୍ଶିନୀ ଗୁରୁ
ବୋତଲମା ମେଡିକାଲ ପାର୍ଶ୍ୱ, ପାଟଣାହାଟ, ଖୋର୍ଦ୍ଧା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି, ପ୍ରତିଟି ମୁହୂର୍ତ୍ତ ତୋ' ପାଇଁ ଶୁଭମୟ ହେଉ।
ଶୁଭେଚ୍ଛା ସହ:
ବାପା, ବୋଉ, କିସୁଦାଦା, ଖୁଡୀ, ପପୁ ଭାଇ, ବୁବୁ, ଗୁନୁ, ମଉସା, ମାଉସୀ ଓ ପୁପୁଲ୍।
ଧ-୧୫୯୪୭

Happy Birthday
Kim Taehyung
I hope i could personally tell you what a great angel you are. You deserve everything in this world.
From: Supriya
D-15933

## ଚର୍ଚ୍ଚାରେ ଅମ୍ପାୟର ଡେଭିଡ୍‌ସନ

ମେଲବୋର୍ନ, ୨୯।୧୨

ଅଷ୍ଟ୍ରେଲିଆ ଘରୋଇ ଟି୨୦ କ୍ରିକେଟ୍ ପ୍ରତିଯୋଗିତା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ରବିବାର ଏକ କୌତୁହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଥିଲା। ମେଲବୋର୍ନ ରେନଗାଡେସ ଓ ଆଡିଲେଡ୍ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅବସରରେ ଅମ୍ପାୟର ଜର୍ଜ ଡେଭିଡ୍‌ସନ ଜଣେ ବ୍ୟାଟ୍ସମ୍ୟାନଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେବା ପାଇଁ ଆଙ୍ଗୁଠି ଉପରକୁ ଉଠାଇଥିଲେ। କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନ କରି ନାକ କୁଣ୍ଡାଇଥିଲେ। ଫିଲ୍ଡରେ ଅମ୍ପାୟରଙ୍କ ଏହି ଡ୍ରାମା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହୋଇଛି। ରେନ୍‌ଗାଡେସ ଇନିଂସର ୧୭ତମ ଓଭରରେ ଏହି ଘଟଣା ଘଟିଥିଲା। ଆଡିଲେଡ୍ ବୋଲର ରଶିଦ ଖାଁଙ୍କ ବଲ୍ ସିଧାଯାଇ ରେନଗାଡେସ ବ୍ୟାଟ୍ସମ୍ୟାନ ବିଉ ୱେବଷ୍ଟରଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହାପରେ





ରଶିଦଙ୍କ ସମେତ ପୁରା ଦଳ ଆଉଟ୍ ପାଇଁ ଅପିଲ୍ କରିଥିଲେ। ଅମ୍ପାୟର ଜର୍ଜ ଡେଭିଡ୍‌ସନ ଆଉଟ୍ ପାଇଁ ଆଙ୍ଗୁଠି ଉପରକୁ ଉଠାଇଥିଲେ। ଏହାପରେ ରଶିଦ ଖାଁ ସେଲିବ୍ରେସନ ଆରମ୍ଭ କରିଦେଇଥିବାବେଳେ ବ୍ୟାଟ୍ସମ୍ୟାନ ୱେବଷ୍ଟର ମଧ୍ୟ ପ୍ୟାଭିଲିୟନ ଆଡ଼କୁ ଯିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଅମ୍ପାୟର ଡେଭିଡ୍‌ସନ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇ ଆଙ୍ଗୁଠି ନେଇ ନାକ କୁଣ୍ଡାଇଥିଲେ। ଅମ୍ପାୟରଙ୍କ ଏହି ନିଷ୍ପତ୍ତିରେ ଉଭୟ ବ୍ୟାଟ୍ସମ୍ୟାନ ଓ ବୋଲିଂ ଦଳ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ। ରିପ୍ଲେରୁ ବଲ୍ ସିଧାଯାଇ ଷ୍ଟମ୍ପରେ ଥିବାର ସ୍ପଷ୍ଟ ଦେଖିବାକୁ ମିଳିଥିଲା। କିନ୍ତୁ ଅମ୍ପାୟର ବଲ୍ ବ୍ୟାଟ୍‌ରୁ ଏଜ୍ ଲାଗିଥିବା ସନ୍ଦେହ କରି ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇ ଦେଇଥିଲେ। ତେବେ ଏହି ମ୍ୟାଚ୍‌ରେ ଆଡିଲେଡ୍ ୧୮ ରନରେ ବିଜୟୀ ହୋଇଥିଲା। ସ୍ମରଣଯୋଗ୍ୟ, ୧୯୯୭ରେ ଘରୋଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହିଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଅଜୟ ଜାଡେଜାଙ୍କୁ ଆଉଟ୍ ଦେବାକୁ ଯାଇ ଅମ୍ପାୟର ରମନ ଶର୍ମା ଆଙ୍ଗୁଠି ଉପରକୁ ଉଠାଇଥିଲେ। କିନ୍ତୁ ଶେଷରେ ନିଷ୍ପତ୍ତି ବଦଳାଇ ତାଙ୍କ ଟୋପିକୁ ସଜାଡ଼ିଥିଲେ। ଏହାପରେ ରମନଙ୍କୁ ଆଉ କୌଣସି ମ୍ୟାଚ୍ ପରିଚାଳନାର ସୁଯୋଗ ମିଳି ନ ଥିଲା।

# ଇଂଲଣ୍ଡକୁ ହରାଇଲା ଦକ୍ଷିଣ ଆଫ୍ରିକା

ସେଞ୍ଚୁରିଅନ୍, ୨୯।୧୨ (ଏଏଫ୍‌ପି)

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସିରିଜରେ ଦକ୍ଷିଣ ଆଫ୍ରିକା ଏହାର ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କଠାରେ ଦଳ ୧୦୭ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ୪ ଦିନରେ ଶେଷ ହୋଇଥିବା ଏହି ମ୍ୟାଚରେ ଇଂଲଣ୍ଡ ବିଜୟ ପାଇଁ ୩୭୬ ରନ ଆବଶ୍ୟକ କରୁଥିଲା। କିଛି ଭଲ ବ୍ୟାଟିଂ ସତ୍ତ୍ୱେ ଦଳ ଏହାର ଦ୍ୱିତୀୟ ଇନିଂସରେ ୨୬୮ରନ କରି ଅଲଆଉଟ ହୋଇଯାଇଥିଲା। ଏହି ରୋମାଞ୍ଚକ ମ୍ୟାଚରେ ଦ୍ୱିତୀୟ ନୂଆ ବଲ୍ ଆସିବା ପୂର୍ବରୁ ବେନ୍ ଷ୍ଟୋକ୍ସ ଏବଂ ଅଧିନାୟକ ଜୋ ରୁଟ୍ ଦ୍ରୁତ ରନ ସଂଗ୍ରହ କରି ଦଳର ସ୍କୋରକୁ ଆଗେଇ ନେବାକୁ ଚେଷ୍ଟା କରୁଥିବାବେଳେ ବାମହାତୀ ସ୍ପିନର କେଶବ ମହାରାଜ ଅନ୍ତରାୟ ସୃଷ୍ଟି କରିଥିଲେ। ସେ ଷ୍ଟୋକ୍ସଙ୍କୁ ବୋଲ୍ଡ କରିଦେଇଥିଲେ। ନୂଆ ବଲ୍ ଆସିବାପରେ ତାହାର ପ୍ରଭାବ ଦେଖିବାକୁ ମିଳିଥିଲା। କାଗିସୋ ରାବାଡା ଗଲି ଅଞ୍ଚଳରେ ଜନି ବେୟାରଷ୍ଟୋଙ୍କୁ ଆଉଟ୍ କରିଦେଇଥିଲେ। ପରେ ଏନ୍‌ରିଚ୍ ନୋର୍ଜେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ଙ୍କ ଉଇକେଟ ଅକ୍ତିଆର କରିଥିଲେ। କଟ୍ ବିହାଇଣ୍ଡ ହୋଇଥିବା ରୁଟ୍ ଲଢୁଆ ୪୮ରନ କରିଥିଲେ। ନୋର୍ଜେ ନୂଆବଲ୍‌ରେ ବୋଲିଂବେଳେ ତାଙ୍କ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଦ୍ୱିତୀୟ ଥର ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବାରେ ସଫଳ ରହିଥିଲେ। ରବିବାର ୪ର୍ଥ ଦିବସ ଖେଳରେ ସେ ଟପ୍ ସ୍କୋରର ରୋରି ବର୍ନ (୮୪ରନ)ଙ୍କୁ ଆଉଟ କରି ପ୍ରଥମ ବ୍ରେକ୍‌ଥ୍ରୁ ଆଣିଦେଇଥିଲେ। ଅବଶିଷ୍ଟ ଉଇକେଟଗୁଡ଼ିକର ଶୀଘ୍ର ପତନ ଘଟିଥିଲା। ଦକ୍ଷିଣ ଆଫ୍ରିକା ତରଫରୁ ସବୁଠାରୁ ସଫଳ ବୋଲର ରହିଥିଲେ ରାବାଡା ସେ ୧୦୩ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସାଥୀ ଫାଷ୍ଟ ବୋଲର ଏନରିଚ୍ ନୋର୍ଜେ ୫୬ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨୧/୧ରୁ ଖେଳ ଆରମ୍ଭ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୨୮୪।

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୮୧।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ:** ୨୭୨।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୨୬୮ (ବର୍ନ୍ସ- ୮୪, ରୁଟ୍-୪୮, ଜୋ ଡେନ୍‌ଲି-୩୧ ; ରାବାଡା- ୪/୧୦୩, ନୋର୍ଜେ-୩/୫୬, ମହାରାଜ- ୨/୩୭)।


ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ସୁଇଜରଲାଣ୍ଡରେ ଛୁଟି ମନାଉଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି।

## ହମ୍ପି ୱାର୍ଲ୍ଡ ରାପିଡ୍ ଚାମ୍ପିୟନ

ମସ୍କୋ, ୨୯।୧୨ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ମହିଳା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ଏଠାରେ ଚାଇନାର ଲି' ଟିଙ୍ଗ୍‌ଜୀ ବିପକ୍ଷ ଆର୍ମାଗେଡନ ଗେମ୍ ଡ୍ର ରଖିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ଭାରତର ଏହି ୩୨ ବର୍ଷୀୟା ଖେଳାଳି ୧୨ତମ ତଥା ଫାଇନାଲ ରାଉଣ୍ଡରେ ଚାଇନାର ଅନ୍ୟ ଜଣେ ଖେଳାଳି ଟାଙ୍ଗ୍ ଝୋଙ୍ଗ୍‌ୟିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିବା ଦ୍ୱାରା ଟିଙ୍ଗ୍‌ଜୀଙ୍କ ସହିତ ବ୍ରେକର ଖେଳିବାକୁ ବାଧ୍ୟ ହୋଇଥିଲେ। ୧୩ତମ ସିଡ୍‌ରୁ ଆରମ୍ଭ କରି ହମ୍ପି ତୁର୍କୀର ଏକାଟରିନା ଆଟାଲିକ୍ ଏବଂ ଟିଙ୍ଗ୍‌ଜୀଙ୍କ ସହିତ ସମାନ ୯ ପଏଣ୍ଟ ଅର୍ଜନ କରିଥିଲେ। ଇଭେଣ୍ଟରେ ହମ୍ପିଙ୍କ ଆରମ୍ଭ ଭଲ ଥିଲା। ପ୍ରଥମ ୫ ରାଉଣ୍ଡରୁ ସେ ୪.୫ ପଏଣ୍ଟ ସ୍କୋର କରିଥିଲେ। ମାତ୍ର ପରେ ସେ ରୁଷିଆର ଇରିନା ବୁଲ୍‌ମାଗାଙ୍କଠାରୁ ହାରି ଅଳ୍ପକେ ପଛରେ ପଡ଼ିଯାଇଥିଲେ। କିନ୍ତୁ ସେ ପରବର୍ତ୍ତୀ ଦୁଇ ରାଉଣ୍ଡରେ ବିଜୟ ଲାଭ କରିଥିଲେ। ଏହା ସତ୍ତ୍ୱେ ଭାରତୀୟ ଖେଳାଳିଙ୍କୁ ଭାଗ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥିଲା। ଆଟାଲିକ୍‌ଙ୍କଠାରୁ ଟିଙ୍ଗଜୀ ପରାସ୍ତ ହେବା ଦରକାର ପଡୁଥିଲା। ତାହା ମଧ୍ୟ ଘଟିଥିଲା। ମାତ୍ର ଏତିକିରେ କାର୍ଯ୍ୟ ଶେଷ ହୋଇ ନ ଥିଲା। ହମ୍ପି ଟାଇବ୍ରେକ୍‌ର ପ୍ରଥମ ଗେମ୍‌ରେ ପରାଜିତ ହୋଇଥିଲେ। ମାତ୍ର ପରବର୍ତ୍ତୀ ଗେମ୍ ଜିତି ଆର୍ମାଗେଡନ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ସ୍ୱର୍ଣ୍ଣ ପଦକ ପାଇଁ ଏହି ଗେମ୍‌ରେ ଅତିକମ୍‌ରେ ଡ୍ର ଯଥେଷ୍ଟ ଥିଲା। ଟିଙ୍ଗ୍‌ଜୀଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଆଟାଲିକ୍ ବ୍ରୋଞ୍ଜ ପାଇଥିଲେ। ୨୦୧୭ରେ ବିଶ୍ୱନାଥନ ଆନନ୍ଦ ଓପନ ବିଭାଗରେ ଏହି ଟାଇଟଲ ଜିତିଥିବାବେଳେ ବର୍ତ୍ତମାନ ଫର୍ମାଟରେ ହମ୍ପି ଦ୍ୱିତୀୟ ଭାରତୀୟ ଭାବେ ରାପିଡ୍ ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପକ୍ଷରେ ନରୱେର ମାଗ୍ନସ କାର୍ଲସେନ ୧୧.୫ ପଏଣ୍ଟ ସ୍କୋର କରି ଓପନ୍ ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ଫିଡେ ଫ୍ଲାଗ୍ ଅଧୀନରେ ଖେଳୁଥିବା ଇରାନର ଫିରୋଜା ଅଲିରିଜା ଆମେରିକାର ହିକାରୁ ନାକାମୁରାଙ୍କୁ ପଛରେ ପକାଇ ରୌପ୍ୟ ଜିତିଥିଲେ।

# ଅଂଶୁମାନ, ସ୍ୱସ୍ତିକ ଚାମ୍ପିୟନ



ଟ୍ରଫି ଓ ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

### କଟକ ଜିଲା ଚେସ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୧୨(କ୍ରୀଡ଼ା ପ୍ରତିନିଧି)

କଟକସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ କଟକ ଜିଲା ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବିଭାଗରେ ଅଂଶୁମାନ ସାମଲ ଓ ଜୁନିୟରରେ ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି। ସିନିୟରରେ ଅଂଶୁମାନ ଓ ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ ୬ ପଏଣ୍ଟ ଲେଖାଏ ରଖିଥିଲେ ହେଁ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇ ଟ୍ରଫି ସହ ୫୦୦୦ ଓ ୩୫୦୦ଟଙ୍କାର ପୁରସ୍କାର ରାଶି ଲାଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀୟଂଶ ଦାସ, ନୀଲ୍‌ସୁ ପଟ୍ଟନାୟକ, ରବୀନ୍ଦ୍ର କୁମାର ଓଝା, ବିଶାଲ ପଟ୍ଟନାୟକ, ଶଙ୍କର ପ୍ରସାଦ ରାଓ, ସଞ୍ଜୀବନ ନାୟକ, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଓ ପ୍ରୀୟଂଶ ଦାସ ଟପ୍-୧୦ ଫିନିଶ୍ କରିଛନ୍ତି। ସେହିପରି ଜୁନିୟରରେ ସ୍ୱସ୍ତିକ, ନିଖିଲ ସାହୁ, ଦେବୀ ପ୍ରସାଦ ନାୟକ ଓ ବିକାଶ କୁମାର ଲେଙ୍କା ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ପ୍ରଥମରୁ ୪ର୍ଥ ସ୍ଥାନରେ ରହିଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ଟ୍ରଫି ସହ ୨୫୦୦ ଓ ୧୫୦୦ ଟଙ୍କା ପୁରସ୍କାରଭାବେ ପାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସାଇ ସୌରଭ ଦାସ, ସ୍ମିତିପ୍ରଜ୍ଞ ସାହୁ, ସାଇ ସ୍ୱରୂପ ମିଶ୍ର, ପି. ସାଇରୂପା, ସୌରଭ କର, ରାଜଭୀର ବି. ପାଲ୍ ପ୍ରମୁଖ ଶୀର୍ଷ ୧୦ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ୬, ୭, ୮, ୯, ୧୦ ଓ ୧୧ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ୪ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେ. କେ. ବିଶୋଇ ଶ୍ରେଷ୍ଠ ଭେଟେରାନ, ସୋଭନା ସୋନାଲି ଜେନା ଶ୍ରେଷ୍ଠ ମହିଳା ଓ ଭିନ୍ନକ୍ଷମ ଖେଳାଳି ନିପୁନ ଆଦିତ୍ୟ ମହାନ୍ତିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ଇନ୍‌କମ୍ ଟ୍ୟାକ୍ସ(ସର୍କଲ-୧, କଟକ) ଡେପୁଟି କମିଶନର ଡ. ଉମାକାନ୍ତ ଧୂପତି ମୁଖ୍ୟ ଅତିଥି, ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜନ ମହାନ୍ତି, ବିବେକ ତିବରୱାଲ, ଆସିତ ମୁଖାର୍ଜୀ, ଶ୍ରୀମନ୍ତ କୁମାର ପଣ୍ଡା, ତାପସ ମହାନ୍ତି, ସନ୍ତୋଷ ପୃଷ୍ଟି, ଫନିନ୍ଦ୍ରନାଥ ମହାନତି, ସୂର୍ଯ୍ୟକାନ୍ତ ବିଷୋଇ, ଜ୍ୟୋତି ପ୍ରକାଶ ମହାପାତ୍ର, ଜୀବନ ବଲ୍ଲଭ ସାମଲ, ଏନ. ସରିଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏସ.କେ. ମନସୁର ଅଲୀ ଓ ରାଜେନ୍ଦ୍ର କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତା କାଞ୍ଚନ ପ୍ରଭା କର
ସ୍ୱାମୀ ସ୍ୱର୍ଗତ ଡା. ଫକୀର ଚରଣ କର
ରାମଚନ୍ଦ୍ରପୁର, ଭିଙ୍ଗାରପୁର, ବାଲିଅନ୍ତା
ଆବିର୍ଭାବ: ୦୮।୦୫।୧୯୩୨
ତିରୋଧାନ: ୧୯।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ପବିତ୍ର, ବିରଞ୍ଚି, କନ୍ୟା: କଳ୍ପନା, ରଞ୍ଜନା, ନୟନା, ସ୍ୱପ୍ନା, ଜ୍ୟୋସ୍ନା, ଜ୍ୱାଇଁ: ନୃସିଂହ, ଗୋପାଳ, ଚିତ୍ତରଞ୍ଜନ, ସଞ୍ଜୀବ, ଶାନ୍ତନୁ ଓ ନାତି-ନାତୁଣୀ, ଭଣଜା, ଭାଣିଜୀ ଓ ପରିବାରବର୍ଗ।
ଧ-୪୬୨୭୫

ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ସୋମ୍ୟ ସନ୍ଦିପନ ମହାରଣା
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୨।୧୦।୨୦୦୧
ତିରୋଧାନ: ୩୦।୧୨।୨୦୧୫
ଧନରେ, ତୁ ସିନା ଚାଲିଗଲୁ ଆମ ସମସ୍ତଙ୍କୁ ପର କରିଦେଇ, ହେଲେ ଆମେ ସମସ୍ତେ ସବୁଦିନ ପାଇଁ ତତେ ମନେ ରଖିଛୁ। ତୋ' ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ବାପା, ମମି, କୁନୁ, ଗୁଡୁ, ଟୁକୁନୁ, ମହେନ୍ଦ୍ର, ବଡ଼ବାପା, ମା, ନାନୀ, ବୁଢ଼ାବାପା, ମା ଓ ପରିବାରବର୍ଗ।
ଧ-୧୫୯୮୩

ଏକାଦଶାହ ଉପଲକ୍ଷେ
ସ୍ୱର୍ଗତ କସ୍ତୁରୀ ଚରଣ ସାହୁ
ରାଏସରପୁର, ବାଙ୍କେଶ୍ୱର, ଆଳି, କେନ୍ଦ୍ରାପଡା
ଭୂସ୍ପର୍ଶ: ୦୧।୦୧।୧୯୪୪
ଭୂତ୍ୟାଗ: ୨୦।୧୨।୨୦୧୯
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶୀର୍ବାଦ ଆମମାନଙ୍କ ଉପରେ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ଲାଗି ଶ୍ରୀଶ୍ରୀଠାକୁରଙ୍କ ରାତୁଳଚରଣ ତଳେ ଆମର ବିନମ୍ର ପ୍ରାର୍ଥନା।
ଦିଲ୍ଲୀପ, ପ୍ରଦୀପ, ଗୋଲକ, ବାବୁରଞ୍ଜନ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୯୮୧

ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ ବାନ୍ଧବୀ-ବନ୍ଧୁମାନେ
ଧ-୬୮୭୪୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୩୦/୨୦୧୯ Sambalpur, Monday, December 30 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଶ୍ରେୟା


ବିକ୍ରମ


ରାକେଶ


ଶ୍ରୀନିବାସ


ରବି


ଆଶିଷ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ■ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ତୃତୀୟ ଦିବସରେ ଆଲୁମ୍‌ନି ମିଟ୍

# ପୁରୁଣା ସ୍ମୃତିରେ ରୋମାଞ୍ଚିତ ହେଲେ

ବଲାଙ୍ଗୀର ଅଫିସ, ୨୯।୧୨

ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ ରାଜେନ୍ଦ୍ରାୟନର ତୃତୀୟ ଦିବସରେ ଆଲୁମ୍‌ନି ମିଟ୍ ଅନୁଷ୍ଠିତ ହୋଇଥିଲା। ପୁରୁଣା ସ୍ମୃତିକୁ ରୋମନ୍ଥନ କରି ପୁରାତନ ଛାତ୍ରମାନେ ଭାବାବେଗରେ ରୋମାଞ୍ଚିତ ହୋଇଥିଲେ। ହଜିଲା ଅତୀତକୁ ମନେ ପକାଇ ଓ ପୁରୁଣା ଦିନର ବନ୍ଧୁଙ୍କୁ ଭେଟି ଭାବର ଆଦାନ ପ୍ରଦାନ କରିଥିଲେ। ଏହି ସମାରୋହଟି ଅନେକ ଦିଗରୁ ଭାବ ବିନିମୟର ସମାରୋହ ପାଲିଟି ଯାଇଥିଲା। ଆଲୁମ୍‌ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୁମ୍‌ନି ମିଟ୍‌ରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ତଥା କଲେଜର ପୁରାତନ ଛାତ୍ର ସୁଶାନ୍ତ ସିଂ ଯୋଗଦାନ କରି ନିଜ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇ ଭାବପ୍ରବଣ ହୋଇଥିଲେ। ରାଜେନ୍ଦ୍ର କଲେଜରେ ପାଠ ପଢ଼ିଲା ବେଳର ସ୍ମୃତି ଚାରଣ କରି ସେ ନିଜ ଛାତ୍ର ଜୀବନକୁ ସବୁଠୁ ମଧୁରତମ ମୁହୂର୍ତ୍ତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଆଲୁମ୍‌ନି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମପି ଧନେଶ୍ୱର ମାଝି, ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ପ୍ରମେୟ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ଦିଲ୍ଲୀ ଚାପ୍ଟର ଆଲୁମ୍‌ନି ଅଧ୍ୟକ୍ଷ ଅଜିତ୍ ପାଲ, ମୁମ୍ବାଇ ଚାପ୍ଟର ଅଧ୍ୟକ୍ଷ ଘଣ୍ଟେଶ୍ୱର ଗୁରୁ, କଟକ ଚାପ୍ଟର ଆଲୁମ୍‌ନି ଅଧ୍ୟକ୍ଷ ପ୍ରଫେସର ଡା ଜୟନ୍ତ କୁମାର ପଣ୍ଡା, ସମ୍ବଲପୁର ଚାପ୍ଟର ଅଧ୍ୟକ୍ଷ ଡ ବିଷ୍ଣୁପ୍ରିୟା ହୋତା ଓ ରାଜେନ୍ଦ୍ର କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ପ୍ରଫେସର ଜେନା ସ୍ୱାଗତ ବକ୍ତବ୍ୟ ଦେଇଥିଲେ।


ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବିଲି ଆଲୁମ୍‌ନି ମିଟ୍‌ରେ ମଞ୍ଚାସୀନ ଅତିଥି।

**ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ କରିବାର ସଂକଳ୍ପ ନେଲେ**

ଆଲୁମ୍‌ନି ଆସୋସିଏଶନ୍ ସମ୍ପାଦକ ଅରବିନ୍ଦ ଦାସଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ଆଲୁମ୍‌ନି ତଥା ଗୋଲାବାରୁଦ୍ କାରଖାନା ଜିଏମ୍ ସୁରଜିତ୍ ଦାସ, କର୍ଣ୍ଣେଲ ବିଶ୍ୱଜିତ୍ ଦାସ, ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ, ନଚିକେତା ଖମାରୀ ଶର୍ମା, ଜୟକୃଷ୍ଣ ସାହୁ, ଜୟଦେବ ପାଣିଗ୍ରାହୀ, ଜୟନ୍ତ ମହାନ୍ତି, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ସନ୍ତୋଷ ପାଢ଼ୀ, ରାଜେନ୍ଦ୍ର ଶର୍ମା, ଅଭିନେତା ରତନ ମେହେର, ଶଶୀଭୂଷଣ ପୁରୋହିତ, ଜୟରାମ ମିଶ୍ର, ଡା ବଳରାମ ପାଣିଗ୍ରାହୀ, ଡା ଶଙ୍କର ପ୍ରସାଦ ମେହେର, ଡ ମହେଶ ପଟ୍ଟନାୟକ, ସନ୍ଦୀପ କୁମାର କୁଅଁର ଓ ଅନ୍ୟ ସହସ୍ରାଧିକ ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଆଗାମୀ ଦିନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତ ଆଲୁମ୍‌ନି ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଦୀର୍ଘ ସମୟ ଧରି ଆଲୁମ୍ନିମାନେ ଆଲୋଚନା କରିଥିଲେ। ଦୀର୍ଘଦିନ ପରେ ବିଭିନ୍ନ ବ୍ୟାଚ୍‌ର ସାଙ୍ଗସାଥୀମାନେ ସାକ୍ଷାତ ହୋଇଥିବାରୁ ମନଭରି ସୁଖଦୁଃଖ ହୋଇଥିଲେ। କଲେଜ ପରିସରରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ମଧ୍ୟ ବହୁ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। କଲେଜ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସନ୍ଧ୍ୟାରେ ପ୍ଲାଟିନମ୍ ଜୁବିଲି ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସଙ୍କ ନେତୃତ୍ୱରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ଓ ଗୀତର ଆସର ଜମିଥିଲା।

## ଏଣିକି ସୋମବାର ବି ଚାଲିବ ହୀରାକୁଦ ରୋପ୍‌ୱେ

**ସମ୍ବଲପୁର,୨୯।୧୨(ବ୍ୟୁରୋ):** ସମ୍ବଲପୁର ହୀରାକୁଦରେ ଥିବା ରୋପ୍‌ୱେ ଏଣିକି ସୋମବାର ବି ଚାଲିବ। ଏବେ ପର୍ଯ୍ୟଟନ ଋତୁ ହେତୁ ଏଠାରେ ପର୍ଯ୍ୟଟକଙ୍କ ଭିଡ ରହୁଛି। ଏଣୁ ସୋମବାର ରୋପ୍‌ୱେ ବନ୍ଦ ରହିବା ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ଏହାସହ ଡିସେମ୍ବର ୩୦ ତାରିଖଠାରୁ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ରୋପୱେ ଚଳାଚଳ ସମୟରେ ପରିବର୍ତ୍ତନ ହେବ। ଅପରାହ୍ନ ୩ଟା ୪୦ରେ ଟିକେଟ କାଉଣ୍ଟର ବନ୍ଦ ହେବ। ହେଲେ ପୂର୍ବ ଭଳି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରୋପ୍‌ୱେ ଚାଲିବ। ମହାନଗର ନିଗମ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

**ରେଢାଖୋଲ,୨୯।୧୨(ଡି.ଏନ.ଏ.):** ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ରେଢାଖୋଲ-ବୌଦ୍ଧ ରାସ୍ତାର ହାତୀବାହାଳ ଛକ ନିକଟରେ ରବିବାର ପୂର୍ବାହ୍ନ ୧୦ଟା ବେଳେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୨ ଜଣ ଯୁବକ ଆହତ ହୋଇଛନ୍ତି। ଆହତମାନେ ହେଲେ ରେଢାଖୋଲ ଥାନା ଖଣ୍ଡହତା ଗ୍ରାମର ଆଶିଷ ସେଠୀ (୧୮) ଓ ସମ୍ବଲପୁର ଧନୁପାଲି ଥାନା ଅଧୀନ ସୁନାପାଲିର ଶେଖ ସାମୁଦିନ (୪୦)। ଉଭୟେ ବାଇକ୍ (ନଂ.ଓଡି୧୫ଏନ ୫୧୪୯) ଯୋଗେ ରେଢାଖୋଲ ସହରକୁ ଆସୁଥିବା ବେଳେ ହାତୀବାହାଳଛକ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉଭୟଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ■ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବଲାଙ୍ଗୀର ୟୁଥ୍ କ୍ଲବ ଚାମ୍ପିୟନ

**ସୋନପୁର,୨୯।୧୨(ନି.ପ୍ର.):** ସୋନପୁର ରୟାଲ ପଡିଆଠାରେ ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ୟୁଥ୍ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଗତବର୍ଷର ଚାମ୍ପିୟନ ବଲାଙ୍ଗୀର ୟୁଥ୍ କ୍ଲବ ଓ ଝାରସୁଗୁଡା ୟୁବି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ୨-୦ ଗୋଲରେ ବିଜୟୀ ହୋଇଛି। ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଜନମୁରା ସରପଞ୍ଚ ଅରବିନ୍ଦ ବାରିକ୍, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ ଓ ରାଜକୁମାର ସୁନା ଯୋଗଦେଇ ରନର୍ସ ଅପ ଝାରସୁଗୁଡା ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ଏବଂ ଅର୍ଥରାଶି ପ୍ରଦାନ କରିଥିଲେ। ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ରାଜେଶ ଥନାପତି, ସବ୍ୟସାଚୀ ମିଶ୍ର ଓ ପ୍ରଶାନ୍ତ ସେଠୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ରାକେଶ ନାଗ ସଭାରେ ଅଧ୍ୟକ୍ଷତା କରିଥିଲେ। ବେଷ୍ଟ ଡିଫେନ୍ସ ଭାବେ ବଲାଙ୍ଗୀରର ପ୍ରହଲ୍ଲାଦ ଭୋଇ, ବେଷ୍ଟ ମିଡଫିଲଡର ଭାବେ ଝାରସୁଗୁଡାର ସୁମିତ ମୁଣ୍ଡା, ବେଷ୍ଟ ଗୋଲକିପର ବଲାଙ୍ଗୀରର ମୁରଲି ଭୋଇ, ବେଷ୍ଟ ସ୍କୋରର ବଲାଙ୍ଗୀରର କପିଳେଶ୍ୱର ନାଏକ, ହିରୋ ଅଫ ଦି ମ୍ୟାଚ୍ ବଲାଙ୍ଗୀରର ଟିକି କାଣ୍ଡା ଓ ହିରୋ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ତ୍ରିଲୋଚନ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା।


ଚାମ୍ପିୟନ ଦଳକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଟ୍ରଫି ପ୍ରଦାନ କରୁଛନ୍ତି।

### ■ ଗଞ୍ଜେଇ ବୋଝେଇ କାର୍ ଯାଞ୍ଚବେଳେ ଗୁମର ଫିଟିଲା

# ଅପହରଣ ମାମଲାରେ ୩ ଗିରଫ

**ବରଗଡ଼ ଅଫିସ୍,୨୯।୧୨:** ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ରବିବାର ଗଞ୍ଜେଇ ଚାଲାଣ ସନ୍ଦେହରେ ଏକ କାର୍ (ନଂ.ଓଡି୧୫ଏର୍/୫୫୬୧) ଯାଞ୍ଚ କରିବା ବେଳେ ଅନ୍ୟ ଏକ ଅପହରଣ ମାମଲାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଧନୁପାଲି ଥାନା ଗୋବିନ୍ଦଟୋଲାର ବର୍ଣ୍ଣି ବଡ଼ପଣ୍ଡା(୨୯), ଅଇଁଠାପାଲି ଥାନା ବୁଢ଼ାରଜା ଶକ୍ତିନଗରର ଶେଖର ଓରଫ ଚନ୍ଦ୍ରଶେଖର

**■ ୨୧କିଗ୍ରା ଗଞ୍ଜେଇ ବୋଝେଇ କାର୍ ଜବତ**
**■ କାର୍ ଭିତରୁ ମିଳିଲା ଦେଶୀ ପିସ୍ତଲ, ଗୁଳି**
**■ ଲୁଟ୍‌ପାଟ୍ ପରେ କରିଥିଲେ ଅପହରଣ**
**■ ୫୦ହଜାର ଟଙ୍କାର ମୁଣ୍ଡଜାମିନ ରଖିଥିଲେ**

ଚାନ୍ଦ(୩୨) ଏବଂ ସୋନପୁର ଜିଲା ଉଲୁଣ୍ଡା ଥାନା କପାଶିରା ଗ୍ରାମର ଟିଙ୍କୁ ଓରଫ ରଘୁନାଥ ବାଗ(୨୩)। ସେମାନଙ୍କ ବିରୋଧରେ ଅମ୍ବାଭୋନା ଥାନାରେ ପୃଥକ ଭାବେ ୨ଟି ମାମଲା (ନଂ.୧୪୪/୧୯ ଓ ନଂ.୧୪୬/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଛି। ସେହିପରି ଯାଞ୍ଚ ବେଳେ ଉକ୍ତ କାର୍‌ରୁ ୨୧କି.ଗ୍ରା ଗଞ୍ଜେଇ, ୨ଟି ଦେଶୀ ପିସ୍ତଲ, ୫ଟି ଅଫୁଟା ଗୁଳି, ଏକ ଛୁରୀ, ୫ଟି ମୋବାଇଲ ଏବଂ ନଗଦ ୧୦ହଜାର ଟଙ୍କା ଜବତ କରାଯାଇଛି। ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ଉକ୍ତ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ରବିବାର ଭୋର୍ ପ୍ରାୟ ସାଢ଼େ ୪ଟାରେ ଅମ୍ବାଭୋନା ନିକଟରେ ପୋଲିସ ସେହି କାର୍‌କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରୁ ଉକ୍ତ ସାମଗ୍ରୀ ଜବତ ହେବା ସହିତ ୩ ଅଭିଯୁକ୍ତ ଗିରଫ ହୋଇଥିଲେ। ଗିରଫ ୩ ଅଭିଯୁକ୍ତଙ୍କୁ ଜେରା କରିବା ସମୟରେ ସେମାନେ ଗତ


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ, ଜବତ ସାମଗ୍ରୀ।

୧୨ତାରିଖ ବିଳମ୍ବିତ ରାତ୍ରିରେ ଅମ୍ବାଭୋନା ଥାନ ଟିଖିଲି ନିକଟରେ ସଂଘଟିତ ଅପହରଣ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେତେବେଳେ ଅଭିଯୁକ୍ତମାନେ ଛତିଶଗଡ଼ ରାଜ୍ୟ ବରମକେଲାର ଦୁଲାଲ ସାହୁଙ୍କୁ ପିସ୍ତଲ ଦେଖାଇ ୧୦ହଜାର ଟଙ୍କା ଲୁଟି ନେବା ସହିତ ତାଙ୍କୁ ସୋନପୁର ଜିଲା ଉଲୁଣ୍ଡା ଥାନା ଅଞ୍ଚଳକୁ ଅପହରଣ କରି ନେଇଥିଲେ। ପରେ ୫୦ହଜାର ଟଙ୍କା ମୁଣ୍ଡଜାମିନ ରଖି ଦୁଲାଲଙ୍କୁ ତାଙ୍କ ଭାଇଙ୍କ ପାଖକୁ ଫୋନ କରିବାକୁ କହିଥିଲେ ଏବଂ ୫୦ହଜାର ଟଙ୍କା ନେବା ପରେ ଅଭିଯୁକ୍ତମାନେ ଦୁଲାଲଙ୍କୁ ଛାଡ଼ିଥିଲେ। ଏଥିରେ ଆହୁରି ଅଭିଯୁକ୍ତ ସମ୍ପୃକ୍ତ ଥିବାରୁ ତାଙ୍କୁ ମଧ୍ୟ ଧରିବା ପାଇଁ ତନାଘନା ଚାଲିଛି ବୋଲି ଏସ୍‌ପି ସାହୁ କହିଥିଲେ। ଏସ୍‌ଡିପିଓ ସୁଧାକର ସାହୁ, ଭଟଲି ଥାନା ଅଧିକାରୀ ରଞ୍ଜିତ ନାଏକ, ଅମ୍ବାଭୋନା ଥାନାଧିକାରୀ ଆଲୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଭେଡ଼େନ, ୨୯।୧୨(ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ କଟାପାଲିଠାରେ ଦୁଇଦିନ ଧରି ଚାଲିଥିବା ତୃତୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। କଟାପାଲି ଆର୍ଯ୍ୟ ସମାଜ ତରଫରୁ ଆୟୋଜିତ ଏହି ସ୍ୱସ୍ତି ମହାଯଜ୍ଞ ଓ ଦିବ୍ୟ ସତସଙ୍ଗ ସମାରୋହରେ ବ୍ରହ୍ମଚାରୀ କୈଳାଶ ବାବା ବ୍ରହ୍ମା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମୋହନ ମହାକୁର ଓ ମୋନାଲିସା ମହାକୁର, ନିରଞ୍ଜନ ପଧାନ ଓ ଜୁବୁଲି ପଧାନ, ସତ୍ୟ ପଧାନ ଓ ରିନା ପ୍ରଧାନ ଏବଂ ଭୁବନେଶ୍ୱର ପଧାନ ଓ ପିଙ୍କି ପଧାନ ପ୍ରମୁଖ ଯଜ୍ଞ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। କୈଳାଶ ବାବା, ବ୍ୟାସଦେବ, ଆରତୀ ଦେବୀ, ବିରୋଚନ ଶାସ୍ତ୍ରୀ ପ୍ରମୁଖ ଭଜନୋପଦେଶ ପ୍ରଦାନ କରିଥିଲେ। ସ୍ୱାମୀ ପ୍ରେମାନନ୍ଦ ବାବା ଉପଦେଷ୍ଟା ଥିବା ବେଳେ ଜୀବର୍ଦ୍ଧନ ବାରିକ, ଦୟାନନ୍ଦ ମହାକୁର, ବ୍ରହ୍ମାନନ୍ଦ ମହାକୁର, ନିରଞ୍ଜନ ପ୍ରଧାନ, ମୋହନ ମହାକୁରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### କଂଗ୍ରେସ ଦଳର ପ୍ରତିଷ୍ଠା ଦିବସ ପାଳିତ

ଭେଡ଼େନ, ୨୯।୧୨(ଡ଼ି.ଏନ.ଏ): ଭେଡ଼େନ କଲ୍ୟାଣ ମଣ୍ଡପରେ ବ୍ଲକ କଂଗ୍ରେସ କମିଟି ତରଫରୁ ଦଳର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଜିଲା କଂଗ୍ରେସ କମିଟି ଉପସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱ ତଥା ବ୍ଲକ ସଭାପତି ଗଣେଷ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମଧୁସୂଦନ ତ୍ରିପାଠୀ, ଚମାର ମେହେର, ଦଶରଥ ମେହେର, ଯୁବନେତା ବିଶ୍ୱଜିତ ହୋତା, ପ୍ରସନ୍ନ ବେହେରା, କିଶୋର ସାହୁ, ସୁରୁବାବୁ ବାଗଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଅଗାମୀ ଦିନରେ ଦଳକୁ ସୁଦୃଢ଼ କରିବା, ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବା, ବରଗଡ଼ ଭେଡ଼େନ ରାସ୍ତା କାମ ରାତିଅଧିଆ କାମ କରୁଥିବା ସହ ନିମ୍ନମାନର କାମ ହେଉଥିବା ନେଇ ଉଦବେଗ ପ୍ରକାଶ ପାଇବା ସହ ଆଗାମୀ ଦିନରେ ଏ ନେଇ ରାସ୍ତାରୋକୋ ତଥା ପୂର୍ତ୍ତ ବିଭାଗ ଅଫିସ ଘେରାଉ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ଭେଡ଼େନରେ ସଂସ୍କୃତ ଶିକ୍ଷକଙ୍କ ବୈଠକ

ଭେଡ଼େନ, ୨୯।୧୨(ଡ଼ି.ଏନ.ଏ): ଭେଡ଼େନ ସିଦ୍ଧେଶ୍ୱର ମନ୍ଦିର ପରିସରରେ ଶନିବାର ବ୍ଲକର ସମସ୍ତ ହାଇସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଏକ ବୈଠକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଂସ୍କୃତ ଭାଷାର ସୁରକ୍ଷା, ପ୍ରଚାର ପ୍ରସାର ବିଷୟ ସମେତ ସଂସ୍କୃତ ଶିକ୍ଷକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ନବଘନ ସାହୁ ସଭାପତି, ଚନ୍ଦ୍ରମଣି ଦାଶ ଉପସଭାପତି, ନିରଞ୍ଜନ ପଧାନ ସମ୍ପାଦକ, ଟିକେଲାଲ ସେଠ ସହ ସମ୍ପାଦକ, ସନ୍ତୋଷ କୁମାର ସାହୁ କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ । କିରନ ବିଶ୍ୱାଳ ଓ ଲଳିତ ରଥଙ୍କୁ ସଂଯୋଜମ ଭାବେ ମନୋନିତ କରାଯାଇଥିଲା। ଶେଷରେ ନୀଳମଣି ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଭେଡ଼େନରେ ଏମଜିଏନଆରଇଜିଏ ଜନଶୁଣାଣି କାର୍ଯ୍ୟକ୍ରମ

# ୮୪ ପରିବାରକୁ ଶହେ ଦିନର କାମ

ଭେଡ଼େନ, ୨୯।୧୨(ଡ଼ି.ଏନ.ଏ)




ଜନଶୁଣାଣିରେ ମଞ୍ଚାସୀନ ଅତିଥି ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ପରିସରରେ ଶନିବାର ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ତଥା ଜାତୀୟ ସାମାଜିକ ସହାୟତା ଯୋଜନାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ବରଗଡ ଉପଜିଲାପାଳ ପ୍ରଭାସ କୁମାର ଡ଼ନସନାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ବିଡ଼ିଓ ମୁରଲିଧର ନାୟକ, ଜନଶୁଣାଣି କମିଟି ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା, ଗଇଧର ରଣା, କୈଳାଶ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଏପିଓ ଶୁଭଶ୍ରୀ ଧର ୨୦୧୮ –୧୯ ଆର୍ଥିକ ବର୍ଷର ବିବରଣୀ ପ୍ରଦାନ କରିଥିଲେ। ଏହି ବର୍ଷରେ ମୋଟ ୨୦୦୨ ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେମଧ୍ୟରୁ ୧୪୮୩ ଟି ସମ୍ପୂର୍ଣ୍ଣ ହୋଇଛି। ମୋଟ ୨୯୮ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ କାମ ପାଇଁ ଆବେଦନ କରିଥିବା ୪୪୯୬ ପରିବାର ମଧ୍ୟରୁ ୪୩୧୯ ପରିବାରକୁ କାମ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୮୪ଟି ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଏହାସହ ସାମାଜିକ ସହାୟତା ଯୋଜନାରେ ବ୍ଲକର ୪୫୬୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୦୦୫ ଜଣଙ୍କୁ ବିଧବା ଭତ୍ତା ଏବଂ ୩୫୧ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ତଥା ୮୧ ଜଣଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ସହାୟତା ପ୍ରଦାନ କରାଯାଇଥିବା ଏପିଓ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଡ଼ିଓ ନାୟକ ସ୍ୱାଗତ ଭାଷଣ ଏବଂ ଜିପିଓ ଗିରିନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହ ଦିପିକା ବିଶ୍ୱାଳ କ୍ୟାନସର ରୋଗର ସଚେତନତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଶ୍ରମିକଙ୍କ ସହ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଗୌରାଙ୍ଗ ମଠରେ ବକୁଳ ଯାତ୍ରା ସମ୍ପନ୍ନ

ଗଣ୍ଡତୁରୁମ, ୨୯।୧୨ (ଡି.ଏନ.ଏ)

ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶରୀପାଲି ସ୍ଥିତ ଗୌରାଙ୍ଗ ମଠରେ ୯ଦିନ ଧରି ଚାଲିଥିବା ବକୁଳ ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି। ମଠ ମହନ୍ତ ଗଙ୍ଗାଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଯାତ୍ରାରେ ପ୍ରତ୍ୟହ ବ୍ୟାସ ରୋଶନ ପୁରୋହିତ ରାମାୟଣ ପାରାୟଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞରେ ସଂକୀର୍ତ୍ତନ ଦଳ ଯୋଗଦେଇ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ଚନ୍ଦ୍ରଶେଖର ଦାଶ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ବୁଦ୍ଧଦେବ ପଣ୍ଡା ପୌରୋହିତ୍ୟ କରିଥିଲେ। ଦୁତିଆ ସେଟ, ମନବୋଧ ସାହୁ, ଆନନ୍ଦ ଦାଶ, ଦାଶରଥି ପରିଡା, ଜିତେନ୍ଦ୍ର ଦାଶ, ସୁରେଶ ସାହୁ, ଘନଶ୍ୟାମ ବଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମାନପୁର ପଞ୍ଚାୟତ ଫଟାଟିକ୍ରାରେ ରାଧାକୃଷ୍ଣଙ୍କ ବକୁଳ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଲଳିତ ବାଗ ଓ ତାଙ୍କ ସ୍ତ୍ରୀ କନକ ବାଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ସୁଖପାଲି ଏବଂ ମହଲାକଣ୍ଟା ଗ୍ରାମର ମହିଳା ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । ରାତିରେ ଅପେରା, ପାଲା ପରିବେଷଣ ହୋଇଥିଲା। ଡିଙ୍ଗର ବାଗ, ଭୁବନେଶ୍ୱର ବାଗ, ସୁନୀଲ ବାଗ, ଗୋପାଳ ବାଗ, କମଳାକାନ୍ତ ଭୁଏ ଓ ଭଗବାନ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭଟଲି ହାଇସ୍କୁଲ ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁ ମିଳନରେ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ଲୋକେ ।

ଭଟଲି,୨୯।୧୨(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କନକବିରା ହାଇସ୍କୁଲ ପରିସରରେ ହାଇସ୍କୁଲର ୧୯୮୧ ବ୍ୟାଚର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଛି । ମୁନ୍‌ସି ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ମିନକେତନ ସାହୁ, ଶଶିଭୂଷଣ ସରାଫ, କ୍ଷିତିପତି ସାହୁ, ଭଗବାନ ବେହେରା ଏବଂ ସୂର୍ଯ୍ୟ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ଗୁରୁବନ୍ଦନା କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ ଛାତ୍ରୀଛାତ୍ରଙ୍କ ଗୁରୁମାନଙ୍କ ପ୍ରତି ରହିଥିବା ସୁସମ୍ପର୍କ ଓ ସଦିଚ୍ଛା ଆଜି ଏଭଳି ଏକ ପର୍ବର ଆୟୋଜନ କରିପାରିଛି। ଏହି ଉଦ୍ୟମ କେବଳ ଛାତ୍ରୀଛାତ୍ରଙ୍କ ପାଇଁ ନୁହେଁ, ଆମ ଶିକ୍ଷକ ସମାଜ ପାଇଁ ମଧ୍ୟ ଅଧିକରୁ ଅଧିକ ପ୍ରେରଣାଦାୟୀ ହୋଇରହିବ ବୋଲି ଉପସ୍ଥିତ ଶିକ୍ଷକମାନେ ମତ ପ୍ରକାଶ କରିଥିଲେ। ପରେ ବନ୍ଧୁମିଳନ ପର୍ବ ହେବା ସହିତ ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାକୁ ପ୍ରାକ୍ତନ ଶିକ୍ଷକ ସୂର୍ଯ୍ୟ ମହାପାତ୍ର ପରିଚାଳନା କରିଥିଲେ । ଏହି ଅବସରରେ ସମସ୍ତ ବନ୍ଧୁମାନଙ୍କୁ ସପରିବାର ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପ୍ରାକ୍ତନ ଛାତ୍ର ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସନ୍ଦେହ ମୋଚନ ଶିବିରରେ ଯୋଗ ଦେଇଥିବା ଛାତ୍ରୀ ଓ ସାଧନ କର୍ମୀ ।

## ସାଇନିଂ ଷ୍ଟାର ସନ୍ଦେହ ମୋଚନ ଶିବିର

ଭଟଲି,୨୯।୧୨(ଡି.ଏନ.ଏ)

ବରଗଡ଼ ଶିକ୍ଷା ଜିଲା ବିଭାଗ ଆନୁକୂଲ୍ୟରେ ମେଧାବୀ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଦିବସୀୟ ସନ୍ଦେହ ମୋଚନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନେ ଦଶମ ଶ୍ରେଣୀର ବିଭିନ୍ନ ବିଷୟରେ ନିଜର କଠିନ ପ୍ରସଙ୍ଗ ଉପରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ପରାମର୍ଶ ନେଇଥିଲେ। ଏହି ଶିବିରରେ ସୁଶୀଲ କୁମାର ସାହୁ, ମକରଧ୍ୱଜ ସାହୁ, ପ୍ରମୋଦ ପ୍ରଧାନ, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଜିଲାସ୍ତରୀୟ ସାଧନକର୍ମୀ ଯୋଗ ଦେଇଥିଲେ। ଏହାସହିତ ଜିଲା ବିଜ୍ଞାନ ପରିଦର୍ଶକ ଡ. ମନୋଜ କୁମାର ସାହୁ, ଭାର୍ଗବ ନାଏକ, ନାରାୟଣ ବିଶ୍ୱାଳ ଏବଂ ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ସଂଯୋଜକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମତାମତ ସଂଗ୍ରହ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ଭୋଇ, ଅଶୋକ ଡନସନା, ସୁଶାନ୍ତ ବାରିକ ଏବଂ ଦିବାକର ପଟେଲ ସହଯୋଗ କରିଥିଲେ। ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଜିଲାର ବିଭିନ୍ନ ବିଦ୍ୟାଳୟରେ ଏହି ଶିବିର କରାଯିବ ଏବଂ ଛାତ୍ରୀଛାତ୍ର ଏହାର ଫାଇଦା ନେଇପାରିବେ ବୋଲି ପରିଦର୍ଶକ ସାହୁ ପ୍ରକାଶ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ପାଇକମାଲ,୨୯।୧୨(ଡି.ଏନ୍.ଏ.)

ପାଇକମାଲ ବ୍ଲକସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୫ତମ ବୈଠକ ନୃସିଂହନାଥ ଗାୟତ୍ରୀ ଭବନ ପରିସରରେ ଅନୀଲ କୁମାର କାଲିଆଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରୁ ଭଗବାନ ନୃସିଂହନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ଅର୍ପଣ କରିଥିଲେ। ପରେ ଚଳିତ ବର୍ଷ ମୃତ୍ୟୁବରଣ କରିଥିବା ସଂଘର କର୍ମଚାରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅତିଥି ଭାବେ ପୀତାମ୍ବର ସାହୁ, ପ୍ରଫୁଲ୍ଲ ପଟ୍ଟନାୟକ, ପାରେଶ୍ୱର ସାହୁ, ଖଟଚନ ପଟେଲ ମହେନ୍ଦ୍ର ସାହୁ, ଟଙ୍କଧର ସାହୁ, ବଡ଼ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଗିରିଶ ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶଙ୍କର ଦାସ ଆୟବ୍ୟୟର ହିସାବ ପଠନ କରିଥିଲେ। ଏଥିରେ ଟେମରୀ, ମାଣ୍ଡୋସିଲ ଓ ପାଇକମାଲ ଜୋନ୍‌ରୁ ଶତାଧିକ ସଭ୍ୟ ଯୋଗଦାନ କରିଥିଲେ। ଶେଷରେ ବିପିନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଷ୍ଠୀକେନ୍ଦ୍ର, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ପାଇକମାଲ, ୨୯।୧୨ (ଡି.ଏନ.ଏ)

ପାଇକମାଲ ବ୍ଲକ ଭେଙ୍ଗରଜପୁର ପଞ୍ଚାୟତ ନାଗଡିହି ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ଶନିବାର ଗୋଷ୍ଠୀ କେନ୍ଦ୍ର ଓ ଗ୍ରାମକୁ ପାନୀୟ ଜଳ ଯୋଗାଣର ଶୁଭ ଉଦଘାଟନ ହୋଇଯାଇଛି । ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ବିନୋଦ ବିହାରୀ ବିଶ୍ୱାଳ, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ଧବଳେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସରପଞ୍ଚ ଭୀଷ୍ମଦେବ ସାହୁଙ୍କ ସଭାପତିତ୍ୱ କରିଥିବା ବେଳେ ହୁତାସନ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ପଞ୍ଚାୟତର ୧୫୦ଜଣଙ୍କୁ ଲେବର କାର୍ଡ ବଣ୍ଟନ କରିଥିଲେ । ରାଜେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫାଇନାଲରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ

ପାଇକମାଲ,୨୯।୧୨(ଡି.ଏନ୍.ଏ.)

ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚ୍‌ରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଜାମସେଦପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଜାମସେଦପୁର ଟସ୍ ଜିଣି ନିର୍ଦ୍ଧାରିତ ୩୦ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମ ବ୍ୟାଟିଂ କରି ୧୧୭ ରନ୍‌ରେ ଅଲଆଉଟ ହୋଇଥିଲେ। ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଆବଶ୍ୟକ ରନ୍ ସଂଗ୍ରହ କରି ୮ ଉଇକେଟରେ ବିଜୟୀ ହୋଇଥିଲେ। ଅମ୍ପାୟାର ମହେଶ ମୁନସୀ ଓ ସଚ୍ଚିଦାନନ୍ଦ ପଣ୍ଡା ଖେଳ ପରିଚାଳନା କରିଥିଲେ। ପ୍ରମୋଦ ଦାସ ଓ ଆକାଶ ସାହୁ ସ୍କୋରର ଥିବା ବେଳେ ରମେଶ ସାହୁ ଓ କାର୍ତ୍ତିକ ନିଆଲ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ସେମିଫାଇନାଲରେ ମୁଖ୍ୟ ଅତିଥି ଭାବେ ଛିନ୍ଦେଇକେଲା ସରପଞ୍ଚ ରାମଚନ୍ଦ୍ର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଭୀମସେନ ସାହୁ ଓ ନାରାୟଣ ସାହୁ ଯୋଗଦେଇ ଖୋର୍ଦ୍ଧା ଦଳର ମଳୟ ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ପତିତପାବନ ସାହୁ କାର୍ଯ୍ୟକ୍ରମ ପରିଚାଳିନା କରିଥିବା ବେଳେ ଅଶ୍ୱିନୀ ସାହୁ, ସଚିନ ମାଝୀ, ପିଣ୍ଟୁ ସାହୁ, ବବଲୁ ସାହୁ, ଦୀପକ ସାହୁ, କବି ସାହୁ, ପୁରୁଷୋତ୍ତମ ହଂସ, ସିପୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ କମିଟି ସଭାପତି ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି।




କୃତୀ ଦଳକୁ ପୁରସ୍କୃତ କରାଯାଉଛି।

## ଝାରବନ୍ଧରେ ବ୍ଲକସ୍ତରୀୟ ଜନଶୁଣାଣି

ଝାରବନ୍ଧ, ୨୯।୧୨ (ଡି.ଏନ.ଏ)

ଝାରବନ୍ଧ ବ୍ଲକ ଅଫିସ୍ ସଭାଗୃହରେ ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନ ଯୋଗଦେଇ ବ୍ଲକର ୧୪ଟି ଗ୍ରାମପଞ୍ଚାୟତର ଏମଜିଏନଆରଇଜିଏର କାର୍ଯ୍ୟକୁ ସମୀକ୍ଷା କରିବା ସହିତ ଦାଦନ ରୋକିବାକୁ ପଦକ୍ଷେପ ନେବା ପାଇଁ ସମସ୍ତ ସରପଞ୍ଚଙ୍କୁ ଆହ୍ୱାନ କରିଥିଲେ । ବିଡିଓ ରୁନୁ ଲାକ୍ରା, ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ ମଞ୍ଚାସୀନ ଥିଲେ । ସମସ୍ତ ସରପଞ୍ଚ, ସମିତି ସଭ୍ୟ, ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ ।

## ଘାଁଏ ଦେଖତ କଳାପଟାର ବାର୍ଷିକ ଉତ୍ସବ ପାଳିତ

ଗାଇସିଲେଟ,୨୯।୧୨(ଡି.ଏନ.ଏ)

ଗାଇସିଲେଟ ଶହୀଦ ଛକରେ ସ୍ଥାପିତ ଘାଏ ଦେଖତ କଳାପଟାର ୫ତମ ବାର୍ଷିକ ଉତ୍ସବ କଲଙ୍ଗାପାଲି ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଆଦିତ୍ୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋଶଲୀ କବି ଅମୃତ ଲାଲ ସାହୁ ମୁଖ୍ୟଅତିଥି, ନିରଞ୍ଜନ ପଣ୍ଡା, ଦେବେନ୍ଦ୍ର ନାଏକ, ଅମ୍ବିକା ପ୍ରସାଦ ତ୍ରିବେଦୀ, ବୈରାଗୀ ସାହୁ ସମ୍ମାନିତ ଅତିଥି ଏବଂ ଡ. ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା ଭବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ୬୩ ଜଣ କବି ଅଂଶଗ୍ରହଣ କରିଥିବାବେଳେ ଘାଏ ଦେଖତ, ଅମୃତଲାଲ ସାହୁଙ୍କ ଅଧୁରା ସପନ, ଅନନ୍ତ ମେହେରଙ୍କ ଶ୍ରବଣ କୁମାର, ପଦ୍ମପୁରର ବାଟ କଡୁଆଲ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ତରଫରୁ କବିୟତ୍ରୀ ଅହଲ୍ୟା ପଧାନ, ସଙ୍ଗୀତା ପୁଟେଲ ଓ କବି ହରିଲାଲ ସାହୁ, ଉମେଶ ଚନ୍ଦ୍ର ପଧାନ, ବିନୋଦ ବୈଗାର, ଧରମ ଭୋଇ ଓ ଅର୍ଜ୍ଜୁନ କମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ମନୋରଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ ଚାମ୍ପିୟନ

ଭଟଲି,୨୯।୧୨(ଡି.ଏନ.ଏ)

**ଆନ୍ତଃ ରାଜ୍ୟ କ୍ରିକେଟ ପ୍ରତିଯୋଗିତା**

ବରଗଡ଼ ଜିଲା ଭଟଲି ବ୍ଲକ ନୂଆଗଡ଼ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଥ ରାଜା ବଳରାମ ଦେଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ନୂଆଗଡ଼ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଛତିଶଗଡ଼ ରାଜ୍ୟର ରାୟପୁର ରିଆଜ ଏକାଡେମିକୁ ୫ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି । ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏବଂ ରାୟପୁର ରିଆଜ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଝାରସୁଗୁଡ଼ା ଟସ୍ ଜିଣି ରାୟପୁର ଏକାଦେଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରାୟପୁର ଏକାଦଶ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆୟୁଷ ଯାଦବ ୫୧ ବଲ୍‌ରୁ ୬ଟି ଚୌକା ଓ ୩ଟି ଛକ୍କା ସହାୟତାରେ ୬୧ ରନ୍ ସଂଗ୍ରହ କରିଥିବାବେଳେ ପ୍ରଭାସ ଶୁକ୍ଲା ୨୯ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକ୍କା ସହାୟତାରେ ୩୪ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଝାରସୁଗଡ଼ା ପ୍ରୋଗ୍ରେସିଭ ଏକାଦଶର କ୍ରୀଷ୍ଣା ପଲାଇ ୫ ଓଭରରେ ୩୩ ରନ୍ ବ୍ୟୟ କରି ୩ଟି ଉଇକେଟ ସଂଗ୍ରହ କରିଥିଲେ। ପରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ ୧୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୩.୧ ଓଭରରେ ୫ ଉଇକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ପୁଷ୍କର ରାଜ ନଟ୍‌ଆଉଟ୍ ରହି ୨୫ ଟି ବଲ୍‌ରୁ ୬ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୪୮ ରନ୍ ଏବଂ କେଶବ ସିଂହ ୧୭ ଟି ବଲ୍‌ରୁ ୪ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୩୯ ରନ୍‌ର ଲଢ଼ୁଆ ଇନିଂସ୍ ଖେଳି ଦଳକୁ ଚାମ୍ପିୟନ କରାଇଥିଲେ। ଏହି ପ୍ରତିଯୋଗିତାରେ ରାୟପୁର ଏକାଦଶର ଆୟୁଷଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ, ମ୍ୟାନ ଅଫ ଦି ସିରିଜ୍ ଏବଂ ଶ୍ରେଷ୍ଠ ଉଇକେଟ ରକ୍ଷକ ପୁରସ୍କାର ପ୍ରଦାନ କରଯାଇଥିଲା। ସେହିପରି ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶର କ୍ରୀଷ୍ଣା ପଲାଇଙ୍କୁ ଶ୍ରେଷ୍ଠ ବୋଲର ଓ ପ୍ରତୀକ ଯାଦବଙ୍କୁ ଶ୍ରେଷ୍ଠ ଫିଲ୍‌ଡର ଭାବେ ପୁରସ୍କୃତ କରାଯାଇଥିଲା। ପରେ ମୁନ୍‌ସି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ମେହେତାବ ଖାଁ, ବ୍ଲକ ଉପାଧ୍ୟକ୍ଷ ମଦନ ସାହୁ, ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ, ବରଗଡ଼ ଜିଲା କ୍ରିକେଟ ସଙ୍ଗଠନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବିନାରାୟଣ ପଣ୍ଡା, ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ସଞ୍ଜୟ ପ୍ରଧାନ, ସତ୍ୟନାରାୟଣ ପଧାନ, ଗୋବିନ୍ଦ ପ୍ରଧାନ, ରାଧେଶ୍ୟାମ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହମ୍ମଦ ଇସାକ୍ ଏବଂ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିବାବେଳେ ଅଶୋକ କୁମାର ସାହୁ ଏବଂ ସନ୍ଦିପ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସେହିପରି ପବିତ୍ର ସା, ଅଶୋକ ବଘେଲ, ରାଜକୁମାର ସାହୁ ଏବଂ ନକୁଳ କୁମାର ନାଏକ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ସତ୍ୟରାମ ଖମାରୀ, ରୋମାଞ୍ଚଳ ଖମାରୀ, ଚଞ୍ଚଳ ଖମାରୀ, ସୁରଞ୍ଜନ ସାହୁ ଓ ବିଜୟ କୁମାର ସାହୁ ସହଯୋଗ କରିଥିଲେ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ

## ସଂକ୍ଷେପରେ



### ବିନିକା-ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ସମ୍ପନ୍ନ

ବିନିକା, ୨୯।୧୨(ଡି.ଏନ୍.ଏ.)

ସୁବର୍ଣପୁର ଜିଲା ବିନିକା ବ୍ଲକ ଅରିଗାଁରେ ଚାଲିଥିବା ବିନିକା-ଅରିଗାଁ ଆଞ୍ଚଳିକ ୧୪ବର୍ଷତମ ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ପରିସମାପ୍ତି ହୋଇଛି । ଉଦ୍‌ଯାପନୀ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଶିଳ୍ପପତି ମୁନତାଜ ପଣ୍ଡା ଓ ଅବିନାଶ ବାବୁ ମଞ୍ଚାସୀନ ଥିଲେ । ଧନୁଯାତ୍ର କମିଟି ସଭାପତି ବିଶ୍ୱମ୍ଭର ମିଶ୍ର ଉପସ୍ଥିତ ଥିଲେ। ନାଟ୍ୟାଭିନୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ଦର୍ଶକ। ଶେଷ ସନ୍ଧ୍ୟାରେ ପ୍ରବଳ ଜନଗହଳି ହୋଇଥିଲା।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କଠାରୁ ଲାଞ୍ଚ ଘଟଣା

# ଷ୍ଟାଫନର୍ସ, ସୁଇପର ନିଲମ୍ବିତ

ସୋନପୁର,୨୯।୧୨(ନି.ପ୍ର.)

ପ୍ରସୂତିଙ୍କ ସ୍ୱାମୀଙ୍କଠାରୁ ଲାଞ୍ଚ ନେବା ସୁବର୍ଣ୍ଣପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସୁଇପର ଓ ଷ୍ଟାଫ ନର୍ସଙ୍କୁ ମହଙ୍ଗା ପଡିଛି । ପ୍ରସୂତି ବିଭାଗରେ କାର୍ଯ୍ୟରତ ଷ୍ଟାଫନର୍ସ ଭାଗ୍ୟବତୀ ସା ଓ ସୁଇପର କୌଶଲ୍ୟା ବାଘଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମପିଏଚଓ) ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ନିଲମ୍ବନ କରିଛନ୍ତି । ସେହିପରି ଠିକା ସଂସ୍ଥା ଏଲ ଏଣ୍ଡ କେ ଦ୍ୱାରା ନିଯୁକ୍ତ ସୁଇପର ସସ୍ମିତା ମହାରଣାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ସିଡିଏମପିଏଚଓ ଡାକ୍ତର ପଣ୍ଡା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପ୍ରସୂତି ବିଭାଗରେ ଖୁଲମଖୋଲା ଲାଞ୍ଚ ନିଆ ଯାଉଥିବା ପ୍ରସୂତିଙ୍କ ପରିବାର ବର୍ଗ ଶନିବାର ଲିଖିତ ଅଭିଯୋଗ କରିଥିଲେ। କେତେକ ଯୁବ ସାମାଜିକକର୍ମୀ ଘଟଣାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ପ୍ରସୂତିଙ୍କର ପ୍ରସବ ହୋଇଥିଲା। ବୌଦ୍ଧ ଜିଲା ପଲସାଗୋରା ନିକଟସ୍ଥ ସୁଲିଆ ଗାଁର ସୁନିତା ବାଘଙ୍କର ଘରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସୁନିତାଙ୍କୁ ଶନିବାର ସକାଳେ ପରିବାର ଲୋକେ ସ୍ୱାସ୍ଥ୍ୟକନ୍ଦ୍ରକୁ ଅଣିଥିଲେ। ତେବେ ପ୍ରସୂତି ବିଭାଗରେ କାର୍ଯ୍ୟରତ ସୁଇପର ସସ୍ମିତା ମହାରଣା ୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ବାଧ୍ୟ ହୋଇ ପ୍ରସୂତିଙ୍କ ସ୍ୱାମୀ ରମେଶ ୫୦୦ ଟଙ୍କା ଦେଇଥିଲେ। ସେହିପରି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗୁରୁପଙ୍ଗା ଗ୍ରାମର ଧରଣୀ ଡାଙ୍ଗଙ୍କ ସ୍ୱାମୀ ଗୋପାଳଙ୍କଠାରୁ ୩୦୦ଟଙ୍କା ଲାଞ୍ଚ ନିଆଯାଇଥିଲା। ବୀରମହାରାଜପୁର ବ୍ଲକ କୁମରସିଂହାର ପ୍ରସୂତି ବାବି କୁଅଁରଙ୍କ ସ୍ୱାମୀ ପ୍ରମୋଦଙ୍କଠାରୁ ମଧ୍ୟ ୫୦୦ଟଙ୍କା ନେଇଥିଲେ। ଏଭଳି ଅଭିଯୋଗ ପରେ ସିଡିଏମପିଏଚଓ ଡାକ୍ତର ପଣ୍ଡା, ଏଡିଏମଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟନାରାୟଣ ପାଢୀ ଓ ଏଡିଏମଓ ମେଡିକାଲ ଡାକ୍ତର ପ୍ରମୋଦ ବିଶ୍ୱାଳ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ସୁଇପର ସସ୍ମିତା ପ୍ରସୂତିଙ୍କ ସ୍ୱାମୀ ରମେଶଙ୍କ ନିକଟରୁ ଲାଞ୍ଚ ଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। ଶନିବାର ରାତିରେ ତଦନ୍ତ ଟିମ୍ ସମ୍ମୁଖରେ ସୁଇପର ସସ୍ମିତା ଲାଞ୍ଚ ନେଇଥିବା ଟଙ୍କା ରମେଶଙ୍କୁ ଫେରସ୍ତ କରିଥିଲେ। ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା । ରବିବାର ଅପରାହ୍ନରେ ଜିଲାପାଳ ମୋନିଷା ବାନାର୍ଜୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ପ୍ରସୂତି, ପରିବାରବର୍ଗ ଓ ଶୁକ୍ରବାର ରାତିରେ ପ୍ରସୂତି ବିଭାଗରେ କାର୍ଯ୍ୟରତ ଷ୍ଟାଫ ନର୍ସ, ଆଟେଣ୍ଡାଣ୍ଟ ଓ ସୁଇପରଙ୍କ ସହିତ କଥା ହୋଇ ସେମାନଙ୍କ ବୟାନ ରେକର୍ଡ କରିଥିଲେ। ଲାଞ୍ଚ ନିଆଯାଇଥିବା ସମ୍ପର୍କରେ ସ୍ପଷ୍ଟ ପ୍ରମାଣ ପାଇବା ପରେ ସିଡିଏମପିଏଚଓଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ବାନାର୍ଜୀ କଡା ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ମୋନିଷା ବାନାର୍ଜୀ ପ୍ରସୂତି ମହିଳା ଓ ସମ୍ପର୍କୀୟଙ୍କ ସହିତ କଥା ହେଉଛନ୍ତି ।

### ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ ସୁଇପର ବହିଷ୍କୃତ

## ସବୁଜ ବଳୟ ନିର୍ମାଣ ନେଇ ଅଭିଭାବକ ସମ୍ମିଳନୀ

ବିନିକା, ୨୯।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମରେ ଜିଲା କିସ ଅଭିଭାବକ ସଂଘ ତରଫରୁ ଏକ ଅଭିଭାବକ ସମ୍ମିଳନୀ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର କିସ୍‌ରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କୁ ନେଇ ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଥିଲା । କିସ୍ ଓ କିଟ୍ ବିଶ୍ୱ ବିଦ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ମାନସ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ସଂଯୋଜକ ପ୍ରଭନ ପୂଝାରୀ ଯୋଗ ଦେଇଥିଲେ । ଜିଲା ଅଭିଭାବକ ସଂଘ ସଭାପତି ବୈଦ୍ୟନାଥ ଭୂଏ ସଭା ପରିଚାଳନା କରିଥିଲେ । ଅତିଥିମାନେ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ କରି ସବୁଜ ବଳୟ ନିର୍ମାଣ ପାଇଁ ସମସ୍ତେ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪ଶହରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ । ସଭାପରେ ଅଭିଭାବକମାନେ ଆଖିଦାଦର ସ୍କୁଲ ପରିସର ଏବଂ ଗାଁ ରାସ୍ତାକଡରେ ୨ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ସୁଶାନ୍ତ ଭୋଇ, ରୋହିତ ଧରୁଆ, ଲିଙ୍ଗରାଜ ରାଏ ଓ ପ୍ରକାଶ ଜଗତ ସହଯୋଗ କରିଥିଲେ । ଶେଷରେ ଦୈତାରୀ ଭୂଏ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭା

# ପଞ୍ଜିକା ଲୋକାର୍ପିତ, ୧୨ଜ୍ୟୋତିର୍ବିଦ୍ ସମ୍ବର୍ଦ୍ଧିତ

ସୋନପୁର,୨୯।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜଗନ୍ନାଥ ମନ୍ଦିର ପରିସରରେ କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭାର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଜ୍ୟୋର୍ତିବିଦ୍ ମେଡେନ କୁମାର ବିଶି ସଭାରେ ଅଧ୍ୟକ୍ଷତା କରିଥିଲେ। ଟିକେଶ୍ୱର ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ତୃତୀୟ ଥର ପାଇଁ ପଣ୍ଡିତ ମହାସଭା, ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀ, ପ୍ରତିଭା ସମ୍ମାନ ଓ ରାଜ୍ୟସ୍ତରୀୟ ପଞ୍ଜିକା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଜ୍ୟୋର୍ତିବିଜ୍ଞାନୀ ଓ ଧର୍ମଶାସ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟବକ୍ତାଭାବେ ଯୋଗେନ୍ଦ୍ର ହୋତା, ସମ୍ମାନୀତ ଅତିଥି ପ୍ରଭାକର ତ୍ରିପାଠୀ, ପ୍ରକାଶକ ରଞ୍ଜନ କୁମାର ସେନାପତି ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ଭାଗ୍ୟଜ୍ୟୋତି ପରମେଶ୍ୱର ପଞ୍ଜିକା ୨୦୨୦-୨୧କୁ ଲୋକାର୍ପିତ କରିଥିଲେ। ଶ୍ୟାମାଓଁ ପ୍ରସାଦ ମିଶ୍ର ଓ ଗୁରୁ ପ୍ରସାଦ ରଥ ମଞ୍ଚ ପରିଚାଳନା କରିଥିଲେ। ବେଦ ପଠନ ଓ ପଣ୍ଡିତ ମହାସଭା ପରେ ଭାଗ୍ୟଜ୍ୟୋତି ଜ୍ୟୋର୍ତି ଗବେଷଣା କେନ୍ଦ୍ର କଟକ ପକ୍ଷରୁ ଜ୍ୟୋର୍ତିବିଦ୍ ବୃନ୍ଦାବନ ପୁରୋହିତ, ସୁରେନ୍ଦ୍ର ମୋହନ ଓତା, ଭାସ୍କର ପୁରୋହିତ, ମେଘନାଦ ପାଣିଗ୍ରାହୀ, ଦେବବ୍ରତ କର, ଶତ୍ରୁଘ୍ନ ହୋତା, ରଘୁନାଥ ଦାଶ, ମନବୋଧ ମିଶ୍ର, ଲକି ବୁକ୍ ଷ୍ଟୋର ସୋନପୁରର ପ୍ରୋପ୍ରାଇଟର ଆଶୁତୋଷ ମିଶ୍ର, ପ୍ରତ୍ୟପ୍ରଜ୍ଞ ସୋନପୁର ତରଫରୁ ଜ୍ୟୋର୍ତିବିଦ୍ ହେମନ୍ତ କୁମାର ଚୌଧୁରୀ, ଲମ୍ବୋଦର ସେନାପତି ଓ ସାମାଜିକ କର୍ମର ଅଶୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ପୂଜାରୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଓ ଜିଲା ବାହାରୁ ଜ୍ୟୋର୍ତିର୍ବିଦ୍ ଏବଂ କର୍ମକାଣ୍ଡୀ ଯୋଗ ଦେଇଥିଲେ। ପ୍ରତ୍ୟପ୍ରଜ୍ଞ ଅନୁଷ୍ଠାନର ସମ୍ପାଦକ ବ୍ରଜେନ୍ଦ୍ର କୁମାର ବିଶି, ଶ୍ରଦ୍ଧାକର ଦାଶ, ପ୍ରଫୁଲ୍ଲ ମେହେର, ରାଜେନ୍ଦ୍ର କୁମାର ମହାପାତ୍ର ଓ ସଚ୍ଚିଦାନନ୍ଦ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଅତିଥି ବୃନ୍ଦ ପଞ୍ଜିକାକୁ ଉନ୍ମୋଚନ କରୁଛନ୍ତି ।

# ଡମ୍ଫର ତଳେ ଚାପିହୋଇ ହେଲପରଙ୍କ ମୃତ୍ୟୁ

ଯୋଡ଼ା, ୨୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କାଳିଆପାହାଡ ଛକ ନିକଟରେ ଏକ ଡମ୍ଫର ଭାରସାମ୍ୟପପ ହରାଇ ଓଲଟି ପଡିବାରୁ ହେଲପରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ହେଲପର ହେଲେ ଫୁଲଝର ଗ୍ରାମର ରଞ୍ଜିତ ପ୍ରଧାନ(୧୯)। ପୋଲିସର ସୂଚନାନୁଯାୟୀ, ଡମ୍ଫର ନଂ ଓଆର୧୪ ଏ ୩୦୮୮ ଅଁରାସ୍ଥିତ ଶ୍ରୀମେଟାଲିକସ୍ କାରଖାନାରୁ ପିଲେଟ ପରିବହନ କରି ପର୍ଜନପୁର ଅଭିମୁଖେ ଯାଉଥିବା ବେଳେ କାଳିଆପାହାଡ ଛକଠାରେ ଭାରସାମ୍ୟ ହରାଇ ରାସ୍ତାର ତଳପାର୍ଶ୍ୱକୁ ଓଲଟିପଡିଥିଲା। ଫଳରେ ଡମ୍ଫରର ବାମ ପାର୍ଶ୍ୱରେ ବସିଥିବା ହେଲପର ରଞ୍ଜିତ ଡମ୍ଫର ତଳେ ଚାପି ହୋଇଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାମେବାରୀ ପୋଲିସ ପହଞ୍ଚି ଡମ୍ଫରଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ଏନେଇ ଏକ ମାମଲା (ନଂ.୧୮୧/୨୦୧୯) ରୁଜୁ କରିଛି।

# ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ଖେଳକୁଦ

ସୋନପୁର,୨୯।୧୨(ନି.ପ୍ର.)

ସୋନପୁର ବ୍ଲକ ପିପିଲିପାଲି ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ଖେଳକୁଦ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନେ ଖୁଙ୍କୁଡା ମହାଦେବଙ୍କଠାରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକଭାବେ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷକ ଦେବେନ୍ଦ୍ର ଗହୀରଙ୍କ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପ୍ରଧାନଶିକ୍ଷକ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତରଭା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶମ୍ଭୁଭୂଷଣ ପଣ୍ଡା ଓ ମୁଖ୍ୟବକ୍ତାଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲିର ଅଧ୍ୟକ୍ଷ ଅରୁଣ ମହାକୁର ଯୋଗଦେଇଥିଲେ। ଜିତିବା କିମ୍ବା ହାରିବାକୁ ଗୁରୁତ୍ୱ ନଦେଇ ଭବିଷ୍ୟତରେ ଜଣେ ସଫଳ କ୍ରୀଡାବିତ୍ ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବୃଦ୍ଧି ପାଇଁ କ୍ରୀଡାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ସଭା ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୨୫୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ବିଭାଗର ଛାତ୍ର ସୋନୁ ସାହୁ ଓ ଛାତ୍ରୀ ସଙ୍ଗୀତା କ୍ଷେତି ଏବଂ କନିଷ୍ଠ ବିଭାଗରେ ଛାତ୍ର ଦେବାଶିଷ କହଁର ଓ ଛାତ୍ରୀ ଆଲିସା ପ୍ରଦର୍ଶିକା ପାଣ୍ଡିଆ ସର୍ବୋତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ବାସୁଦେବ ବିଶି, ପଦ୍ମନାଭ ନନ୍ଦ, କ୍ଷିରନ୍ଦ୍ର ନନ୍ଦ, ରିଙ୍କୁ ରଞ୍ଜନ ଭୁଏ, ଲୋକନାଥ ଠେଲା, ସୁଶାନ୍ତ ମଲ୍ଲିକ, ପ୍ରମୋଦ ମଲ୍ଲିକ, ବିଶ୍ୱରଞ୍ଜନ ଡାଙ୍ଗ, ଦିବ୍ୟରଞ୍ଜନ ପ୍ରଧାନ, ଶେଷଦେବ ଝାଙ୍କର, ରାଜୀବ ଭୋଇ ଓ ଦୁଖୀଶ୍ୟାମ ମିଶ୍ର ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ଶିକ୍ଷକ ସୁନୀଲ କୁମାର ଗାଇଗରିଆ ଧନ୍ୟବାଦ ପ୍ରଦାନ କରିଥିଲେ।



କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥି ବୃନ୍ଦ।

## କନଷ୍ଟେବଲ-ହାବିଲଦାର ସଂଘ ଜିଲା ଶାଖା ନିର୍ବାଚନ

# କୁମୁଦ ସଭାପତି, ଦୀନେଶ ସମ୍ପାଦକ



କୁମୁଦ ରଞ୍ଜନ ମେହେର ।



ଦୀନେଶ ମିଶ୍ର ।

ସୋନପୁର,୨୯।୧୨(ନି.ପ୍ର.)

ଓଡିଶା ପୋଲିସ କନଷ୍ଟେବଲ-ହାବିଲଦାର ସଂଘ ସୁବର୍ଣ୍ଣପୁର ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ଏହି ନିର୍ବାଚନ ପାଇଁ ଗତ ୨୦ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ୨୭ ତାରିଖ ଦିନ ମତଦାନ ହୋଇଥିଲା। ନିର୍ବାଚନ ଫଳାଫଳ ଅନୁଯାୟୀ ସଭାପତି କୁମୁଦ ରଞ୍ଜନ ମେହେର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସନତ ହୋତାଙ୍କୁ ୮୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମେହେର କ୍ରମାଗତ ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଦୀନେଶ ମିଶ୍ର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଧାଂଶୁ ଶେଖର ମେଣ୍ଡିଲିଙ୍କୁ ୧୧୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମିଶ୍ର କ୍ରମାଗତ ପଞ୍ଚମ ଥର ପାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରକାଶ ବଢେଇ ଉପସଭାପତି, କୋଷାଧ୍ୟକ୍ଷ ସୁଶାନ୍ତ ମିଶ୍ର, ସହସମ୍ପାଦକ ଦୟାନିଧି ବେହେରା, ରାମଜୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭ୍ୟ ଆକାଶ ସାହୁ, ଶଙ୍କର୍ଷଣ ପଟ୍ଟନାୟକ, କରୁଣାକର ମାଝି, ମଧୁ କୁମ୍ଭାର ଓ ଜିତେନ୍ଦ୍ର ସାହୁ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଡିଏସପି ହେମସାଗର ଭୋଇ ରିଟର୍ନିଂ ଅଫିସର ଭାବେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

## ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ୍ କପ୍

# ସୋଲାର-କରିମ ଏକାଡେମୀ ଫାଇନାଲ ଆଜି

ଅମରପାଲି, ୨୯।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଜୟଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁତୁରପଙ୍କ କ୍ରିକେଟ୍ କପ୍‌ର ଦ୍ୱିତୀୟ ସେମିଫାଇନାଲରେ ନିମପୁର ସ୍ପୋର୍ଟିଂ କଟକକୁ ହରାଇ କରିମ ଏକାଡେମୀ ନାଗପୁର ଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍ ଟି-୨୦ ଓ ଟି -୧୦ ଫର୍ମାଟରେ ହୋଇଥିଲା । ନାଗପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ୧୬.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୦୩ ରନ କରିଥିଲା। ଦଳର ଅଶ୍ୱିନୀ ସିଂ ୫୩ ବଲରୁ ୧୪ ଛକା ଓ ୮ଟି ଚୌକା ସହାୟତାରେ ୧୩୮ ରନ ଓ ସନ୍ଦିପ ଭାରତୀ ୨୬ ରନ କରିଥିଲେ। ବିପକ୍ଷ କଟକର ଅଭିଶେଷ ଗିରି ୪ଟି ଓ ଅଭିଶେକ ନାଏକ ୨ଟି ଉଇକେଟ ନେଇଥିଲେ । ଜବାବରେ କଟକ ଦଳ ୧୭.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୯ରନ କରିଥିଲା । ଦଳର ଦିବ୍ୟଜ୍ୟୋତି ସାମଲ ୩୩ ଓ ଅଭିଶେକ ଗିରି ୨୪ ରନ କରିଥିଲେ। ନାଗପୁରର ସନ୍ଦିପ ଭାରତୀ ୪ଟି ଓ ଅତୁଲ ଶ୍ରୀବାସ୍ତବ ୨ଟି ଉଇକଟ ନେଇଥିଲେ ।

ପରେ ଖେଳାଯାଇଥିବା ଟି-୧୦ ମ୍ୟାଚରେ ନାଗପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ସନ୍ଦିପ ଭାରତୀ ୩୯ ଓ ଅଶ୍ୱିନୀ ସିଂଙ୍କ ୨୮ ରନ ସହାୟତାରେ ୭ ଉଇକେଟ୍ ହରାଇ ୯୮ ରନ କରିଥିଲା । ବିପକ୍ଷ ଏମଡି ଦାନିସ ଓ ଅଭିଶେକ ନାଏକ ୨ଟି ଲେଖାଏ ଉଇକେଟ ନେଇଥିଲେ । ଜାବବରେ ନିମପୁର ସ୍ପୋର୍ଟିଂ କଟକ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୩ ରନ କରି ପରାସ୍ତ ହୋଇଥିଲା । ଦଳର ଅଭିଶେକ ନାଏକ ୨୮ ଓ ବିକ୍ରମ କିଶୋର ୨୭ ରନ କରିଥିଲେ । ବିପକ୍ଷ ଭାନୁପ୍ରତାପ ଓ ଏମଡି ଉମର ୨ଟି ଲେଖାଏ ଉଇକେଟ୍ ନେଇଥିଲେ । ଉଭୟ ଫର୍ମାଟରେ ବିଜୟୀ ହୋଇ ନାଗପୁର ଦଳ ୨-୦ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଏସ୍ଏନ୍ଏଲ ସମ୍ବଲପୁର କନିଷ୍ଠ ଯନ୍ତ୍ରୀ ବବରୁବାହାନ ପଧାନ, ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର, କମିରା ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ବହଳପଦର ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ପ୍ରମୁଖ ଅତିଥିଭାବେ ଯୋଗଦେଇ ନାଗପୁରର ଅଶ୍ୱିନୀ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ । ଖେଳକୁ ଓସିଏ ପ୍ୟାନେଲ ଅମ୍ପେୟାର ଚୂଡାମଣୀ ପାଢୀ ଓ ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ସୁନୀଲ ପଧାନ ମ୍ୟାଚ ରେଫରୀ, ବାଙ୍କାବିହାରୀ ମହାକୁର ସ୍କୋରର, ଚମାରୁ ମହାକୁର ଅନଲାଇନ ସ୍କୋରର ଏବଂ ମ୍ୟାକମିଲନ, ଆଶିଷ ଦେଓ ଏବଂ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କରିମ ଏକାଡେମୀ ନାଗପୁର ଓ ସୋଲାର କ୍ରିକେଟ୍ କ୍ଲବ କଟକ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସଭାପତି ସୁଧୀର ପ୍ରଧାନ ପ୍ରକାଶ କରିଛନ୍ତି ।



ନାଗପୁରର ଅଶ୍ୱିନୀ ସିଂଙ୍କୁ ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଭାବେ ପୁରସ୍କୃତ କରୁଛନ୍ତି ।

### ସେମିରେ ଅଶ୍ୱିନୀ ସିଂଙ୍କ ବିସ୍ଫୋରକ ଶତକ



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ରାମନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଘଣ୍ଟାପଡା, ୨୯।୧୨ (ଡି.ଏନ.ଏ): ମହନ୍ତ ରାମାନନ୍ଦ ଗିରିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଶନିବାର କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗୀତା ଆଶ୍ରମରେ ଅନୁଷ୍ଠିତ ହୋଇଛି । ଘଣ୍ଟାପଡା ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଚନ୍ଦ୍ରଶେଖର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ରାମାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମଣ ବାବା, ନକୁଳ ମହଲା, କଳାକାହ୍ନୁ ମଲିକ, ଧଗବତ ଦେହୁରୀ, ଗଜପତି ସାହୁ, ଦିଲୀପ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ ।

### ପାଇକମାଳ ଅଞ୍ଚଳରେ ତୁଷାରପାତ

ପାଇକମାଳ,୨୯।୧୨(ଡି.ଏନ୍.ଏ.)- ସମଗ୍ର ରାଜ୍ୟରେ ଶୀତ ଲହରୀ ଓ ସ୍ଥାନେ ସ୍ଥାନେ ତୁଷାରପାତ ଜାରି ରହିଥିବା ବେଳେ ବରଗଡ଼ ଜିଲା ମଧ ଏଥିରେ ବାଦ୍ ପଡ଼ିନାହିଁ। ଶନିବାର ଝାରବନ୍ଧ ବ୍ଲକରେ ତୁଷାରପାତ ହୋଇଥିବା ବେଳେ ରବିବାର ପାଇକମାଳ ବ୍ଲକ ଲଉଡ଼ମାଲ ଓ ମୁଣ୍ଡେଲା ଆଦି ଗ୍ରାମରେ ତୁଷାରପାତ ହୋଇଥିବାର ସୂଚନା ମିଳିଛି । ଏସବୁ ଅଞ୍ଚଳରେ ପାଖାପାଖି ୬ରୁ ୭ ଡିଗ୍ରୀ ତାପମାତ୍ରା ରହୁଥିବାରୁ ପ୍ରଚଣ୍ଡ ଶୀତଲହରୀ ସହିତ ସୁଲୁସୁଲିଆ ପବନ ବହିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହୋଇଗଲେ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି । ଗାଁଗଣ୍ଡାରେ ଲୋକେ ୭ଟାରୁ ଶୋଇ ପଡୁଛନ୍ତି। ରାସ୍ତାଘାଟରେ ଲୋକମାନେ ନିଆଁ ପୋଉଁଥିବାର ଦେଖାଯାଉଛି ।

### ବୌଦ୍ଧରେ ହାଡଭଙ୍ଗା ଶୀତ

ବୌଦ୍ଧ,୨୯।୧୨(ସ୍ୱ.ପ୍ର): ବୌଦ୍ଧ ଜିଲାରେ ଦୁଇଦିନ ହେଲା ଶୀତର ପ୍ରକୋପ ବଢ଼ିଛି । ଜିଲା ସାରା ହାଡଭଙ୍ଗା ଶୀତ ଅନୁଭୂତ ହେଉଥିବାରୁ ସକାଳ ୯ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟାରେ ରାସ୍ତାଘାଟ ସବୁ ଶୂନଶାନ ହୋଇଯାଉଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗାଁ ଗୁଡିକରେ ଲୋକମାନେ ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ଜିଲାର ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ଶୀତର ପ୍ରକୋପ ଦିନସାରା ଅନୁଭୂତ ହେଉଥିବାବେଳେ ଗରିବ ଓ ଦିନ ମଜୁରିଆ ଲୋକମାନେ କାମ ଧନ୍ଦା କରିପାରୁ ନାହାନ୍ତି। ବୌଦ୍ଧର ଉତ୍ସର୍ଗ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ବିଭିନ୍ନ ସ୍ଥାନରେ ପଡି ରହିଥିବା ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି ।



ଅମ୍ବାପାଲିରେ ଚାଲିଥିବା ଗୋପପୁର କଳାକାରଙ୍କ ରିହର୍ସଲ ।



ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ଚାଲିଥିବା ମଥୁରା କଳାକାରଙ୍କ ରିହର୍ସଲ ।

# ସରିଲା ରିହର୍ସଲ, ଦିନକ ପରେ ଧନୁଯାତ୍ରା

**ବରଗଡ଼ ଧନୁଯାତ୍ରା**

ବରଗଡ଼ ଅଫିସ୍,୨୯।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାକୁ ଆଉ ମାତ୍ର ଦିନଟିଏ ବାକି ରହିଲା। ଆସନ୍ତା ୩୧ତାରିଖରୁ ଏହା ଆରମ୍ଭ ହେବ । ୧୧ଦିନ ବ୍ୟାପୀ ୨୦୨୦ ମସିହା ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥିପାଇଁ କଳାକାରଙ୍କ ରିହର୍ସଲ ସରିଯାଇଛି । ମଞ୍ଚ, ତୋରଣ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧନୁଯାତ୍ରା ପାଇଁ ବରଗଡ଼ ସହର (ମଥୁରାନଗରୀ) ଏବଂ ଗୋପପୁର (ଅମ୍ବାପାଲି) ଚଳଚଞ୍ଚଳ ହୋଇଛି ।

ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ମଥୁରାନଗରୀ କଳାକାରଙ୍କ ରିହର୍ସାଲ ଚାଲିଥିଲା। କଳାକାର ଉପଦେଷ୍ଟା ସମନ୍ୱୟ ସମିତି ସହ ଆବାହକ ଅଶୋକ ବେହେରା, ନକୁଳ ବାଦୀ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଦିଗଦର୍ଶନ ଦେଇଥିଲେ। କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟ କଳାକାରମାନେ ଅଭିନୟର ପୂର୍ବାଭ୍ୟାସ କରିଥିଲେ। ସେହିପରି ଅମ୍ବାପାଲି ପାର୍ବତୀ ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋପପୁର କଳାକାରଙ୍କ ପୂର୍ବାଭ୍ୟାସ ଚାଲିଥିଲା । କାର୍ତ୍ତିକ ବୁଡ଼େକ, ଅଗ୍ନି ଥପା, ଦିଲୀପ ପ୍ରଧାନ, ଦୟା ପ୍ରଦାନ, ପଞ୍ଚାନନ ବିରିଆ ପ୍ରମୁଖ କଳାକାରଙ୍କୁ ଦିଗ୍‌ଦର୍ଶନ କରିଥିଲେ । ଏହାସହିତ ଅମ୍ବାପାଲିର ଘରକାନ୍ଥ ଉପରେ କୃଷ୍ଣଲୀଳା ଉପରେ ଚିତ୍ର ଆଙ୍କିବା ସରିଥିବାବେଳେ ବୃନ୍ଦାବନ ପଡ଼ିଆରେ ନନ୍ଦ ମଣ୍ଡପ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ରବିବାର ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବିଭିନ୍ନ ମଞ୍ଚ ବୁଲି ଦେଖିଛନ୍ତି ।

### ଜିଲା ମହୋତ୍ସବ ଲାଗି ସଜେଇ ହେଉଛି ବୌଦ୍ଧ

ବୌଦ୍ଧ,୨୯।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲାକୁ ୨୬ ବର୍ଷ ପୂରୁଛି। ଏଥିପାଇଁ ଆସନ୍ତା ଜାନୁୟାରୀ ୨ ତାରିଖରେ ବୌଦ୍ଧ ଜିଲା ପାଳନ କରିବ ତାର ୨୬ ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବ ପ୍ରସ୍ତୁତି ଆଗେଇ ଚାଲିଛି । ମହୋତ୍ସବ ପଡିଆକୁ ସଜା ଯାଉଛି। ମହୋତ୍ସବ ପଡିଆରେ ଥିବା ବୁଦ୍ଧ ମଣ୍ଡପକୁ ଆବଶ୍ୟକତା ଦୃଷ୍ଟିରୁ ସମ୍ପ୍ରସାରଣ କରାଯାଇଛି । ଚଳିତ ବର୍ଷ ଏକା ସଙ୍ଗରେ କୃଷି ମହୋତ୍ସବ, ପର୍ଯ୍ୟଟନ ପରବ, ପୁସ୍ତକ ମେଳା ଓ କ୍ରୀଡା ମହୋତ୍ସବ ପାଳନ ହେବ। ଏଥିପାଇଁ ବ୍ଲକ ଓ ଏନଏସି ସ୍ତରରେ ଫୁଟବଲ ପ୍ରତିଯୋଗିତା ଶେଷ ହୋଇଛି। ଏହି ଫୁଟବଲ ଜିଲା ସ୍ତରରେ ରବିବାର ଠାରୁ ଆରମ୍ଭ ହେବ। ମହୋତ୍ସବ ପଡିଆର ପ୍ରାଚୀରରେ ଅଙ୍କିତ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ବିକାଶର ବାର୍ତ୍ତା । ଏହାସହ ସହରର ସରକାରୀ କାର୍ଯ୍ୟାଳୟ ଗୁଡିକର ପାଚେରୀରେ ମଧ୍ୟ ସଂସ୍କୃତି ପରମ୍ପରା ଚିତ୍ର ଅଙ୍କା ଯାଉଛି । ମହୋତ୍ସବ ପାଇଁ ଦୀର୍ଘ ୫ ଦିନ ଧରି ସହରଟି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ। ଏହି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ପଡିଆରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ ନିର୍ମାଣ ଚାଲିଥିବା ବେଳେ ପୁସ୍ତକ ମେଳା, ପଲ୍ଲିଶ୍ରୀ ମେଳା ଓ ଖାଦ୍ୟ ସାମଗ୍ରୀ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।



ବୌଦ୍ଧରେ ଲୋକମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳୁଛନ୍ତି ।

## ଫୁଟବଲ: ଖୋର୍ଦ୍ଧା ଦଳ ଚାମ୍ପିୟନ

ଗାଇସିଲେଟ,୨୯।୧୨(ଡି.ଏନ.ଏ)

ଗାଇସିଲେଟ ବ୍ଲକ ବୁରୋମୁଣ୍ଡାଠାରେ ଚାଲିଥିବା ଭୂତପୂର୍ବ ବିଧାୟକ ବିରେନ୍ଦ୍ର କୁମାର ସାହୁ ସ୍ମାରକୀ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଦଳ ଚାମ୍ପିୟନ ହୋଇଛି । ଗୌନ୍ତିଆ ଭୂବନ୍ଦେ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ବିଜେତା ଦଳକୁ ଏବଂ ପୂର୍ବତନ ଭଲିବଲ କୋଚ୍ ବରପାଲି ରବିନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ତ୍ରିବେଦୀ, ଗାଇସିଲେଟ ସରପଞ୍ଚ ଭାରତ ଦାଶ, ବରଗଡ ଜିଲା ବିଜେଡି ସମ୍ପାଦକ ମହେନ୍ଦ୍ର ମେହେର ବେଷ୍ଟ ଖେଳାଳି କୁଚିଣ୍ଡା ଦଳର ପ୍ରଦୀପ ଧରୁଆ ଓ ବେଷ୍ଟ ଗୋଲକିପର ଝାଡ଼ଖଣ୍ଡ ଦଳର ସୋରେନ କିଶାନ ଏବଂ ରେଫରିମାନଙ୍କୁ ସମ୍ମାନିତ କରିଥିଲେ । ପଲ୍ଲିଶ୍ରୀ ଯୁବକ ସଂଘ କର୍ମକର୍ତ୍ତା, ସରପଞ୍ଚ ସରୋଜ ଭୂଷଣ ସାହୁ, ରବିରତନ ସାହୁ, ଦିନ ଦାଶ, ଅଶ୍ୱିନୀ ପାଣ୍ଡେ, ଶେଷଦେବ ଦୀପ ପ୍ରମୁଖ ସହଯୋଗ କରିଥିଲେ ।



କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

## ଜମି କାରବାର ଘଟଣା: ୪ ଅଭିଯୁକ୍ତ ଜେଲ ଗଲେ

ଭଟଲି, ୨୯।୧୨(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ତହସିଲ ଅଞ୍ଚଳରେ ନକଲି ଇସି ଓ ପଟ୍ଟା ବଳରେ ଚାଲିଥିବା ଜମି କାରବାର ଘଟଣାରେ ପୋଲିସ ରବିବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଭ୍ୟାଗତ ଡନସନା(୫୦), ମଗଶିର ଡନସନା(୨୪), କୃଷ୍ଣଚନ୍ଦ୍ର ବନଛୋର(୪୬) ଏବଂ ରେବତୀ ରମଣ ବନଛୋର(୪୦) । ଶନିବାର ଘଟଣା ସମ୍ପର୍କରେ ଭଟଲି ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର ଭଟଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶୁକ୍ରବାର ଅଫିସରେ ଜମି ରେଜିଷ୍ଟ୍ରି ଚାଲିଥିବା ବେଳେ ଦସ୍ତଖତରେ ଟାମ୍ପରିଂ ହୋଇଥିବା ମାଜିଷ୍ଟ୍ରେଟଙ୍କ ନଜରକୁ ଆସିଥିଲା । ତେବେ ସେହି କାଗଜାତ ଗୁଡ଼ିକ ପରେ ପୂର୍ବ ଜମିଜମା କାଗଜ ସହ ନ ମିଶିବାରୁ ତହସିଲଦାର ଏ ନେଇ କ୍ରେତା ଓ ବିକ୍ରେତାଙ୍କୁ ଡାକି ପଚାରାଉଚୁରା କରିବା ସହିତ ଭଟଲି ପୋଲିସରେ ଏତଲା ଦେଇଥିଲେ । ଏ ନେଇ ଭଟଲି ଥାନାରେ ଏକ ମାମଲା ରୁଜୁ ହୋଇଛି ।

**ଜାନୁୟାରୀ ୨ରେ ବୌଦ୍ଧ ଜିଲାର ୨୬ ତମ ସ୍ୱନକ୍ଷତ୍ର ଦିବସ**

## ଜିଲା ମହୋତ୍ସବ ଲାଗି କ୍ରୀଡ଼ା ପ୍ରତିଯୋଗିତା




କ୍ରୀଡା ପ୍ରତିଯୋଗିତା ପାଇଁ ମଶାଲକୁ ଶୋଭାଯାତ୍ରାରେ ନିଆଯାଉଛି ।

ବୌଦ୍ଧ,୨୯।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଆସନ୍ତା ଜାନୁୟାରୀ ୨ରେ ୨୬ ତମ ସ୍ୱନକ୍ଷତ୍ର ଦିବସ ପାଳନ କରିବ। ଏହି ଅବସରରେ ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସହିତ ଏକ ସଙ୍ଗରେ ପୁସ୍ତକ, କୃଷି, କ୍ରୀଡା, ପର୍ଯ୍ୟଟନ ଉତ୍ସବ ପାଳନ କରାଯିବ । ଏଥିପାଇଁ ଜିଲାବ୍ୟାପୀ ଚାଲିଥିବା କ୍ରୀଡା ମହୋତ୍ସବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକ ଓ ଏନଏସି ସ୍ତରରେ ଆୟୋଜିତ କ୍ରୀଡା ମହୋତ୍ସବ ଅବସରରେ ବିଭିନ୍ନ ଗ୍ରାମପଞ୍ଚାୟତ ଦଳ ଗୁଡିକୁ ନେଇ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ଜିଲାସ୍ତରରେ ଏହି ମହୋତ୍ସବ ରବିବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ବୌଦ୍ଧ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରାରେ ଅତିଥି ଭାବେ ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଏସପି ଭି. ରଘୁନାଥ ରାଓ, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ ଓ କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ସହରର ବୁଦ୍ଧିଜୀବୀ, ବରିଷ୍ଠ କ୍ରୀଡାବିତ୍ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ଜିଲା ଷ୍ଟାଡିୟମ ପଡିଆରେ ପହଞ୍ଚିବା ପରେ ଫୁଟବଲ ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରଥମେ ବୌଦ୍ଧ ଏନଏସି ଓ ବ୍ଲକ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବୌଦ୍ଧ ବ୍ଲକ ୨-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କଣ୍ଟାମାଳ ବ୍ଲକ ଓ ଏନଏସି ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ତୃତୀୟ ମ୍ୟାଚ ହରଭଙ୍ଗା ବ୍ଲକ ଓ ବୌଦ୍ଧ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ହରଭଙ୍ଗା ବ୍ଲକ ୩ଟି ଗୋଲ ଦେଇ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତା ଲିଗ ପର୍ଯ୍ୟାୟରେ ତିନିଦିନ ଧରି ଖେଳ ହେବା ପରେ ଶ୍ରେଷ୍ଠ ଦଳଙ୍କୁ ମହୋତ୍ସବ ଅବସରରେ ପୁରସ୍କୃତ କରାଯିବ। ଏହି ମ୍ୟାଚଗୁଡିକୁ ରେଫରୀ ଭାବେ ସଲିଳ ବେହେରା, ବିଭୂତି ବେହେରା, ପ୍ରବୀଣ ବେହେରା, ଶଶୀକାନ୍ତ ଦାସିଆ, ସୁରେନ୍ଦ୍ର ବେହେରା, ସାଗର ବେହେରା ପ୍ରମୁଖ ପରିଚାଳନା କରିଥିଲେ । ମ୍ୟାଚ କମିଶନର ଭାବେ ସଞ୍ଜୟ ଜେନା ଓ ଶ୍ରୀକାନ୍ତ ବହିଦାର ଦାୟିତ୍ୱ ତୁଲାଇଥିଲେ ।

## ଫୁଟବଲ: ଫାଇନାଲରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କ୍ଲବ

ପୁରୁଣାକଟକ,୨୯।୧୨(ଡି.ଏନ.ଏ)

ହରଭଙ୍ଗା ବ୍ଲକ ତିଲେଶ୍ୱରଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗ୍ରୁପ ବି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କ୍ଲବ ନୂଆପଡା ସହିତ ଫୁଲବାଣୀ ଫୁଟବଲ ଆସୋସିଏଶନ ମଧ୍ୟରେ ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ସମୟ ଭିତରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ୧୩ ମିନିଟରେ ଫୁଲବାଣୀ ଦଳର ୧୦ ନମ୍ବର ଖେଳାଳି ଗୋଟିଏ ଗୋଲ ସ୍କୋର କରି ଦଳକୁ ଆଗେଇ ନେଉଥିବା ବେଳେ ଖେଳ ପରିସମାପ୍ତିର ୮ ମିନିଟ୍ ପୂର୍ବରୁ ମହିନ୍ଦ୍ରା ଦଳର ୧୧ ନମ୍ବର ଖେଳାଳି ଏକ ଗୋଲ ସ୍କୋର କରିବା ପରେ ସମାନ ସ୍ଥିତିକୁ ଆସିଥିଲା। ଏହାପରେ ଆଉ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଦଳ ୬-୫ ଗୋଲରେ ଫୁଲବାଣୀକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି, ହରଭଙ୍ଗା ତହସିଲଦାର ବବିତାରାଣୀ ଦଳବେହେରା, ସାମ୍ପୋଚ ସେବା ସମବାୟ ସମିତି ସମ୍ପାଦକ ବ୍ରଜେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟ ରେଫରି ଭାବେ ଶ୍ୟାମସୁନ୍ଦର ଶାହା ଖେଳ ପରିଚାଳନା କରିଥିଲେ। ସୁନୀଲ କୁମାର ବେହେରା, ସରୋଜ କୁମାର ମୁନି, ସତ୍ୟନାରାୟଣ ମୁଖି, ରଞ୍ଜନ ଯୋଷି ଲାଇନ୍ସମ୍ୟାନ କାର୍ଯ୍ୟ ତୁଲାଇଥିଲେ । ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ଶୁଭ୍ରଜିତ ପ୍ରଧାନ, ଶିମୁନ ନାଏକ, ପିତାମ୍ବର ବେହେରା, ବିଜ୍ଞାନ କର୍ଣ୍ଣ, ନାରାୟଣ ମହାନ୍ତି, କୈଳାସ ଚନ୍ଦ୍ର ରଥ, କାଳିଆ ବେହେରା ସହଯୋଗ କରିଥିଲେ । ସୋମବାର ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଓ ବରଗଡ ୟୁନାଇଟେଡ ସ୍ପୋର୍ଟସ ମଧରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

## କ୍ରିକେଟ: କଣ୍ଟାମାଳ ଚାମ୍ପିୟନ

କଣ୍ଟାମାଳ,୨୯।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଲିଆପାଲି ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ମାଁ ଭଗବତୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଉଦଯାପନୀ ଦିବସରେ ଭୁଡାର ଓ କଣ୍ଟାମାଳ ଦଳ ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭୁଡାର ଦଳକୁ ହରାଇ କଣ୍ଟାମାଳ ଦଳ ଚାମ୍ପିୟନ ହୋଇଥିଲା। ୧୨ଓଭର ବିଶିଷ୍ଟ ଦୁଇଟି ଫର୍ମାଟ୍‌ରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ମଧ୍ୟରୁ ପ୍ରଥମ ଫର୍ମାଟ୍‌ରେ କଣ୍ଟାମାଳ ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ୧୧୨ରନ ସଂଗ୍ରହ କରିଥିଲେ। ଜବାବରେ ଭୁଡାର ଦଳ ନିର୍ଦ୍ଧାରିତ ୧୨ଓଭରରେ ସମସ୍ତ ଉଇକେଟ ହରାଇ ୯୩ରନ୍ କରିଥିଲେ। ଦ୍ୱିତୀୟ ଫର୍ମାଟରେ କଣ୍ଟାମାଳ ଦଳ ପ୍ରଥମେ ବ୍ୟାଟିଂ କରି ୭୩ରନ ସଂଗ୍ରହ କରିଥିବା ବେଳେ ଜିତିବା ପାଇଁ ୭୪ରନର ପିଛା କରି ଭୁଡାର ଦଳ ୪୬ରନ୍‌ରେ ଅଲ୍ ଆଉଟ୍ ହୋଇ କଣ୍ଟାମାଳ ଠାରୁ ପରାଜିତ ହୋଇଥିଲା। ଉଦଯାପନୀ ଦିବସରେ ରୁଣ୍ଡିମହୁଲ ସେବା ସମବାୟ ସମିତି ସଭାପତି ତଥା ସରକାରୀ ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ ମୁଖ୍ୟଅତିଥି, ସମାଜସେବୀ ସୁଧିର ଗୁରୁ, ନିର୍ମଳ ବହିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଖଲିଆପାଲି ସରପଞ୍ଚ ପ୍ରତିନିଧି ସୁଶୀଲ ମହାଲିଙ୍ଗ ଉପସ୍ଥିତ ଥିଲେ। ଏଥିରେ ଚାମ୍ପିୟନ କଣ୍ଟାମାଳ ଓ ରନର୍ସ ଅପ୍ ଭୁଡାର ଦଳକୁ ପୁରସ୍କୃତ କରାଯାଇଥିଲା । କୁନାଲ ବୁଡେକ ମ୍ୟାନ୍ ଅଫ୍ ଦି ମ୍ୟାଚ, ବିଶ୍ୱନାଥ ଖଟୁଆ ମ୍ୟାନ ଅଫ ଦ ସିରିଜ ଓ ପ୍ରଶାନ୍ତ ମହାଲିଙ୍ଗଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା । ଟିମ୍ପା ଚରଣ ଭୋଇ ଓ ତୁସମନ୍ ନାୟକ ଅମ୍ପାୟାର ଓ ଅଜିତ୍ କର୍ମୀ ସ୍କୋରର ଏବଂ ଜିତେନ୍ଦ୍ର ଗୁରୁ ଓ ନେପାଳ କର୍ମୀ ଖେଳର ଧାରା ବିବରଣୀ ଦାୟିତ୍ୱ ତୁଲାଇଥିଲେ । ରୋହିତ ନାୟକ, ଶରତ କର୍ମୀ, ଋଷଭ, ବଳଦେବ ଖେଳ ପରିଚାଳନା କରିଥିଲେ ।



ପଡିଆରେ ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### କେନ୍ଦୁଉଡାର ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ଚୁଡାପାଲି

**ଟିକ୍ରାପଡ଼ା,୨୯।୧୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ କେନ୍ଦୁଉଡାରଠାରେ ଲାନ୍ଥେଶ୍ୱର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଷଷ୍ଠ ଦିବସ। ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ଟିକ୍ରାପଡ଼ା ଦଳକୁ ୪-୩ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଚୁଡାପାଲି ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲା। ଚିତ୍ତରଞ୍ଜନ ପାଣ୍ଡେ ଖେଳ ପରିଚାଳନା କରିଥିବା ବେଳେ ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଆକାଶ ପ୍ରଧାନ ସହାୟତା କରିଥିଲେ। ଚୁଡାମଣି ବଗର୍ତ୍ତି, ସୁରଦାଶ ବାଗ ଧାରାବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ସଞ୍ଜୟ ପଧାନ, ଗୁଣନିଧି ପଧାନ, ହରିଶ୍ଚନ୍ଦ୍ର ବଗର୍ତ୍ତି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ମୁରିବାହାଲ ଏବଂ ଚୁଡ଼ାପାଲି ମଧ୍ୟରେ ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଟିକ୍ରାପଡ଼ା,୨୯।୧୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସାମାଜିକ କର୍ମୀ କାଲିଆ ଭାଟିଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଭାଟି ସଇଁତଲା ବ୍ଲକ ଯାମପଦର ଗ୍ରାମରେ ୧୯୫୧ ମାର୍ଚ୍ଚ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ମୃତ୍ୟୁବେଳକୁ ୭୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଭାଟି ଯାଦବ ସମାଜର ବ୍ଲକ ଉପ ସଭାପତି, କୃଷି ବୈଷୟିକ ପରିଚାଳନା ସଂସ୍ଥାର ପୂର୍ବତନ ସଭାପତି, ପ୍ରଗତି କୃଷକ କ୍ଲବର ପୂର୍ବତନ ସଭାପତି ଥିଲେ। ବଡ ପୁଅ ଭାନୁ ଉଦୟ ମୁଖାଗ୍ନୀ ଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ଗୁଣ ସାଗର ମାଝି, ଯାଦବ ସମାଜ ବ୍ଲକ ସଭାପତି ମନୋହର ବାଗଙ୍କ ସମେତ ଅଞ୍ଚଳର ବହୁ ଗଣମାନ୍ୟ ବ୍ୟକ୍ତି ସ୍ୱର୍ଗତ ଭାଟିଙ୍କ ଶେଷ ଦର୍ଶନ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ହରିଶଙ୍କର ସେଲାପଥରରେ ଗାଧୋଇବାର ମଜା ନେଉଛନ୍ତି ପର୍ଯ୍ୟଟକଙ୍କ ।

# ହରିଶଙ୍କରରେ ପର୍ଯ୍ୟଟକଙ୍କ ଭିଡ଼

**ଖପ୍ରାଖୋଲ, ୨୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର। ପ୍ରାକୃତିକ ସୌନ୍ଦର୍ଯ୍ୟ, ଚିରସ୍ରୋତା ଝରଣା, ପୁରାତନ ମନ୍ଦିର, ଡିଅର ପାର୍କ, ଔଷଧୀୟ ଗୁଳ୍ମଲତା ଏଠାକାର ମୁଖ୍ୟ ଆକର୍ଷଣ । ବର୍ଷକ ବାର ମାସ ଏଠାରେ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥାଏ। ହେଲେ ନଭେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ପିକନିକ ପାଇଁ ଏଠାରେ ପର୍ଯ୍ୟଟକଙ୍କ ଅଧିକ ଭିଡ ହୋଇଥାଏ। ଅନ୍ୟ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହରିଶଙ୍କରରେ ପିକନିକ ଭିଡ ଜମୁଛି । ବର୍ଷ ସରି ଆସୁଥିବାବେଳେ ନୂଆବର୍ଷ ଆସୁଛି। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଗହଳ ଚହଳ ଲାଗି ରହିଛି। ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି ଖସଡା ପଥର(ସେଲାପଥର)। ପ୍ରବଳ ଶୀତ ସତ୍ତ୍ୱେ ଏଠାରେ ପର୍ଯ୍ୟଟକମାନେ ଗାଧୋଇବାର ମଜା ଉଠାଉଛନ୍ତି। ଏତଦ୍‌ବ୍ୟତୀତ କିଏ ପାହାଡ ଚଢୁଛି ତ, ପୁଣି କିଏ ଡିଅର ପାର୍କକୁ ଯାଇ ହରିଣଙ୍କୁ ଦେଖୁଛି । ସର୍ବୋପରି ଗନ୍ଧମାର୍ଦ୍ଦନ ପାଦଦେଶରେ ବଣଭୋଜି କରି ଝରଣା କୂଳରେ ଖାଇବାର ନିଆରା ଅନୁଭୂତି ପର୍ଯ୍ୟଟକଙ୍କୁ ଦେଉଛି ।

### କନଷ୍ଟେବଲ-ହାବିଲଦାର ସଂଘ ଜିଲା ଶାଖା ନିର୍ବାଚନ
## କୁମୁଦ ସଭାପତି, ଦୀନେଶ ସମ୍ପାଦକ

**ସୋନପୁର,୨୯।୧୨(ନି.ପ୍ର.)**

ଓଡିଶା ପୋଲିସ କନଷ୍ଟେବଲ-ହାବିଲଦାର ସଂଘ ସୁବର୍ଣ୍ଣପୁର ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ଏହି ନିର୍ବାଚନ ପାଇଁ ଗତ ୨୦ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ୨୭ ତାରିଖ ଦିନ ମତଦାନ ହୋଇଥିଲା। ନିର୍ବାଚନ ଫଳାଫଳ ଅନୁଯାୟୀ ସଭାପତି କୁମୁଦ ରଞ୍ଜନ ମେହେର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସନତ ହୋତାଙ୍କୁ ୮୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମେହେର କ୍ରମାଗତ ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଦୀନେଶ ମିଶ୍ର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଧାଂଶୁ ଶେଖର ମେଣ୍ଡିଲିଙ୍କୁ ୧୧୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମିଶ୍ର କ୍ରମାଗତ ପଞ୍ଚମ ଥର ପାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରକାଶ ବଡେଇ ଉପସଭାପତି, କୋଷାଧ୍ୟକ୍ଷ ସୁଶାନ୍ତ ମିଶ୍ର, ସହସମ୍ପାଦକ ଦୟାନିଧି ବେହେରା, ରାମଜୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭ୍ୟ ଆକାଶ ସାହୁ, ଶଙ୍କର୍ଷଣ ପଟ୍ଟନାୟକ, କରୁଣାକର ମାଝି, ମଧୁ କୁମ୍ଭାର ଓ ଜିତେନ୍ଦ୍ର ସାହୁ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା, ସୁନ୍ଦରାକାଣ୍ଡ ପାରାୟଣ

**ଦେଓଗାଁ,୨୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲିରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ଏକଦିବସୀୟ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ନୂଆଁପାଲି ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଧବଳେଶ୍ୱର ନାଏକ ଓ ପ୍ରମୋଦିନୀ ନାଏକ ଦାୟିତ୍ୱ ନିର୍ବାହ କରିଥିବାବେଳେ ପୂଜକ ଭାବେ ଭଗବାନ ଶତପଥୀ, ସୁଧାଂଶୁ ଶେଖର ଥନାପତି ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଗାୟିକା ଭାବେ ବନ୍ଦିତା ନାୟକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଦୁଃଶାସନ ଦୋରା, କବି ଦୋରା, ଜୟ ନାୟକ, ପ୍ରେମାନନ୍ଦ ବାରିକ ତଥା ନୂଆଁପାଲି ଗ୍ରାମବାସୀ ସହଯୋଗ କରିଥିଲେ।



ନୂଆଁପାଲି ଗ୍ରାମରେ ସୁନ୍ଦରାକାଣ୍ଡ ପାରାୟଣ ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ।

### ଫୁଟବଲ ଟୁର୍ନାମେଣ୍ଟ: ରୋହିଦାସ କ୍ଲବ୍ ଚାମ୍ପିୟନ

**ରେଢାଖୋଲ,୨୯।୧୨(ଡି.ଏନ.ଏ.)**

ରେଢାଖୋଲ ଏନଏସିର ୯ ନଂ. ୱାର୍ଡ ଅନ୍ତର୍ଗତ ଆମ୍ରପାଳ ଆଦିବାସୀ କ୍ଲବ ଆନୁକୂଲ୍ୟରେ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଯୋଗ ଦେଇଥିଲେ। ଆୟୋଜକ ଆମ୍ରପାଳ ଆଦିବାସୀ କ୍ଲବ ଓ ସାଲେସିଂ ରୋହିଦାସ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଖେଳରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଗୋଲ କରି ପାରି ନ ଥିଲେ। ଶେଷରେ ପେନାଲଟି ସଟ୍‌ରେ ରୋହିଦାସ କ୍ଲବ ଆଦିବାସୀ କ୍ଲବ୍‌କୁ ୨-୦ ଗୋଲ୍ ହରାଇ ଚାମ୍ପିୟନ ହୋଇଥିଲା। ଆଦିବାସୀ କ୍ଲବର ସଭାପତି ତଥା କାଉନସିଲର ଲକ୍ଷ୍ମଣ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ସମାରୋହରେ ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ବିଜେଡି ଯୁବନେତା ଚିନ୍ମୟ ପଣ୍ଡା, ଥମାସ କୁଜୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ଅବହେଳିତ ଲୋଇସିଂହା କଲ୍ୟାଣ ମଣ୍ଡପ
## ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଲା ବିଶ୍ୱ କଲ୍ୟାଣ ନାଗରିକ କମିଟି

**ଲୋଇସିଂହା,୨୯।୧୨(ଡି.ଏନ.ଏ.)**



ବିଶ୍ୱ କଲ୍ୟାଣ ନାଗରିକ କମିଟି ପକ୍ଷରୁ କଲ୍ୟାଣ ମଣ୍ଡପର ଅନୁଧ୍ୟାନ କରାଯାଉଛି।

ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଲୋଇସିଂହା ଗ୍ରାମବାସୀଙ୍କ ଆବଶ୍ୟକତା ଜରୁରୀ ମନେ କରି ସରକାରୀ ଅନୁଦାନରେ ଲୋଇସିଂହା ସାପ୍ତାହିକ ବଜାର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବରୁ କଲ୍ୟାଣ ମଣ୍ଡପ ବର୍ତ୍ତମାନ ଅଳିଆ ଗଦାରେ ପରିଣତ ହୋଇଛି। ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଲୋକେ ପଞ୍ଚାୟତରୁ ମଣ୍ଡପକୁ ଦୈନିକ ଭଡାରେ ନେଉଥିଲେ। ପଞ୍ଚାୟତ ଏହାର ସମ୍ପୂର୍ଣ୍ଣ ତଦାରଖ କରୁଥିଲା। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ ବର୍ତ୍ତମାନ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ନିମ୍ନମାନର କାମ ଯୋଗୁ କଲ୍ୟାଣ ମଣ୍ଡପର ଗାଧୁଆ ଘର ଝରକା, କବାଟ ଭାଙ୍ଗି ନଷ୍ଟ ହୋଇଯାଇଛି। ଏପରିକି ମଣ୍ଡପରେ ଲାଗିଥିବା ବିଦ୍ୟୁତ୍ ତାର ଛିଣ୍ଡି ଗଲାଣି। ଲାଗିଥିବା ଫ୍ୟାନଗୁଡିକ ଅଚଳ ହୋଇପଡିଛି। ସଫେଇ କାର୍ଯ୍ୟ ହେଉ ନ ଥିବାରୁ ମଣ୍ଡପ ଅଳିଆ ଆବର୍ଜନା ହୋଇ ପଡିରହିଛି। ଅନ୍ୟପକ୍ଷେ ଲୋଇସିଂହାରେ ଅନ୍ୟ ଏକ କଲ୍ୟାଣ ମଣ୍ଡପ ରହିଛି । ଉକ୍ତ କଲ୍ୟାଣ ମଣ୍ଡପ ଭଡା ପାଇଁ ମୋଟା ଅଙ୍କ ଦେବାକୁ ପଡୁଛି। ଫଳରେ ସମାଜର ଗରିବ ସାଧାରଣ ଲୋକେ କମ୍ ସମୟ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ନେବାକୁ ସକ୍ଷମ ମଣୁ ନାହାନ୍ତି। ତେଣୁ ସପ୍ତାହିକ ହାଟ ନିକଟରେ ଥିବା କଲ୍ୟାଣ ମଣ୍ଡପରେ ଏବେ ବିଭିନ୍ନ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମମାନ କରାଯାଉଛି । କଲ୍ୟାଣ ମଣ୍ଡପ ନିକଟରେ ରହିଛି ଅଙ୍ଗନୱାଡି କେନ୍ଦ୍ର। ଏଠାକାର ଅବସ୍ଥା ମଧ୍ୟ ତଦ୍ରୂପ। ବିଭିନ୍ନ ସମୟରେ ଲୋଇସିଂହା ବିଧାୟକ ମଧ୍ୟ ଏଠାକାର କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ବାଜପେୟୀଙ୍କ ୯୫ତମ ଜୟନ୍ତୀ ଉତ୍ସବ ବେଳେ ବିଶ୍ୱକଲ୍ୟାଣ ନାଗରିକ କମିଟିକୁ କଲ୍ୟାଣ ମଣ୍ଡପର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଧାୟକ ଦେଇଥିବା ସମ୍ପାଦକ ପ୍ରଶାନ୍ତ ବେହେରା ସୂଚନା ଦେଇଥିଲେ। ତୁରନ୍ତ ଆବର୍ଜନା ହଟାଇ ଓ କଲ୍ୟାଣ ମଣ୍ଡପକୁ ବ୍ୟବହାର ଉପଯୋଗୀ କରିବାକୁ ସାଧାରଣରେ ଦାବି ହୋଇଛି। ଖୁବ୍ ଶୀଘ୍ର ବିଶ୍ୱ କଲ୍ୟାଣ ନାଗରିକ କମିଟି ଏ ଦିଗରେ ପଦକ୍ଷେପ ନେବ ବୋଲି ସମ୍ପାଦକ ବେହେରା କହିଛନ୍ତି।

### ସିନ୍ଧେକେଲାରେ ବଳି ସନ୍ଦେହରେ ଉତ୍ତେଜନା ଘଟଣା
# ତଦନ୍ତ ପରେ ବି ପୋଲିସର ହାତ ଖାଲି

**ବଲାଙ୍ଗୀର ଅଫିସ/ବଙ୍ଗୋମୁଣ୍ଡା, ୨୯।୧୨(ଡି.ଏନ୍.ଏ.)**

ସିନ୍ଧେକେଲା ଥାନା ଅନ୍ତର୍ଗତ ସାଲେବରଟ ଗାଁର ନାବାଳିକା ଜନନୀ ରଣା(୧୨) ନିଖୋଜ ପଛରେ ବଳି ସନ୍ଦେହ ଘନୀଭୂତ ହେବା ପରେ ଶନିବାର ଶତାଧିକ ମହିଳା ଓ ପୁରୁଷ ସିନ୍ଧେକେଲା ଥାନା ଘେରାଉ କରିଥିଲେ। ନିଖୋଜ ନାବାଳିକଙ୍କ ବଡଭାଇ ଶୋଭାବନ ରଣା ପୂର୍ବରୁ ଏକ ବଳି ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ । ପ୍ରାୟ ଦୁଇ ମାସ ତଳେ ହାଇକୋର୍ଟ ଜାମିନ୍‌ରେ ଅଭିଯୁକ୍ତ ଶୋଭାବନ ଘରକୁ ଫେରିଥିଲେ। ଗତ ୨୪ ତାରିଖରେ ଶୋଭାବନଙ୍କ ନାବାଳିକା ଭଉଣୀ ଜନନୀ ରଣା କୁଆଡେ ନିଖୋଜ ହୋଇଯିବା ପରେ ଅଞ୍ଚଳରେ ବଳି ଚର୍ଚ୍ଚା ଜୋର ଧରିଥିଲା। ଖୋଦ ଅଭିଯୁକ୍ତ ଶୋଭାବନ ନିଜ ସାନ ଭଉଣୀ ଜନନୀଙ୍କୁ ବଳି ଦେଇଥାଇପାରେ ବୋଲି ଲୋକେ ସନ୍ଦେହ କରିଥିଲେ। ଏନେଇ ପୋଲିସ ତଦନ୍ତ ତ୍ୱରାନ୍ୱିତ କରି ଶୋଭାବନଙ୍କୁ ଗ୍ରାମବାସୀ ଗିରଫ ଦାବି କରିଥିଲେ। ଶନିବାର ଶତାଧିକ ମହିଳା ଓ ପୁରୁଷ ଥାନା ଘେରାଉ କରି ଏହି ଘଟଣାର ତଦନ୍ତ ଦିଗରେ ପୋଲିସ ଅବହେଳା କରୁଥିବା ଅଭିଯୋଗ କରିଥିଲେ। ତେବେ ପୋଲିସ ନିଖୋଜ ନାବାଳିକଙ୍କ ଭାଇ ଶୋଭାବନଙ୍କୁ ଅଟକ ରଖି ପଚରାଉଚରା କରୁଛି ବୋଲି କହିବା ସହ ଘଟଣା ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡିଥିଲା। ତେବେ ରବିବାର ସକାଳୁ ପୋଲିସ ଟିମ୍ ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ପୋଲିସ ନିଖୋଜ ନାବାଳିକାଙ୍କ ସମ୍ପର୍କରେ କୌଣସି ତଥ୍ୟ ସଂଗ୍ରହ କରିପାରି ନ ଥିବା ଜଣାପଡିଛି। ଗତ ୨୪ ତାରିଖରୁ ନାବାଳିକା ଜନନୀ କୁଆଡେ ଗଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏନେଇ ସିନ୍ଧେକେଲା ଥାନା ଅଧିକାରୀ ଅନନ୍ତ ପଧାନଙ୍କୁ ପଚରାଯିବାରୁ ପୋଲିସ ନାବାଳିକା ନିଖୋଜ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି ବୋଲି କହିଥିଲେ। ଦୀର୍ଘ ୬ ଦିନ ହେଲା ନାବାଳିକା ଜଣକ କେଉଁଠି ଅଛନ୍ତି ତାହା ସ୍ପଷ୍ଟ ନ ହେବା ଏବଂ ନାବାଳିକାଙ୍କୁ ଖୋଦ୍ ତା' ଭାଇ ବଳି ଦେଇଥାଇପାରେ ବୋଲି ଲୋକେ ସନ୍ଦେହ କରୁଥିବାରୁ ଏହି ଘଟଣାଟି ସମ୍ବେଦନଶୀଳ ହୋଇପଡିଛି। ଗତବର୍ଷ ଅକ୍ଟୋବର ମାସରେ ୯ ବର୍ଷର ନାବାଳକ ଶିଶୁ ବଳି ଘଟଣାରେ ଶୋଭାବନ ରଣା ଗିରଫ ହୋଇ ଜେଲ ଯାଇଥିଲେ । କିଛି ମାସ ତଳେ ଶୋଭାବନ ରଣା ହାଇକୋର୍ଟରୁ ଜାମିନ୍‌ରେ ଆସି ଘରେ ରହିଥିଲେ।

## ସବୁଜ ବଳୟ ନିର୍ମାଣ ନେଇ ଅଭିଭାବକ ସମ୍ମିଳନୀ

**ବିନିକା, ୨୯।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମରେ ଜିଲା କିସ ଅଭିଭାବକ ସଂଘ ତରଫରୁ ଏକ ଅଭିଭାବକ ସମ୍ମିଳନୀ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର କିସ୍‌ରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କୁ ନେଇ ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଥିଲା । କିସ୍ ଓ କିଟ୍ ବିଶ୍ୱ ବିଦ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ମାନସ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ସଂଯୋଜକ ପ୍ରଭନ ପୂଝାରୀ ଯୋଗ ଦେଇଥିଲେ। ଜିଲା ଅଭିଭାବକ ସଂଘ ସଭାପତି ବୈଦ୍ୟନାଥ ଭୂଏ ସଭା ପରିଚାଳନା କରିଥିଲେ । ଅତିଥିମାନେ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ କରି ସବୁଜ ବଳୟ ନିର୍ମାଣ ପାଇଁ ସମସ୍ତେ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ । ସଭାପରେ ଅଭିଭାବକମାନେ ଆଖିଦାଦର ସ୍କୁଲ ପରିସର ଏବଂ ଗାଁ ରାସ୍ତାକଡରେ ୨ଶହରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ସୁଶାନ୍ତ ଭୋଇ, ରୋହିତ ଧରୁଆ, ଲିଙ୍ଗରାଜ ରାଏ ଓ ପ୍ରକାଶ ଜଗତ ସହଯୋଗ କରିଥିଲେ। ଦୈତାରୀ ଭୂଏ ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ରେଳୱେ ଷ୍ଟେସନ୍ ରାସ୍ତା କଡରେ ରହୁଥିବା ବାସହୀନ ପରିବାରର ଲୋକେ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଛନ୍ତି। (ଫଟୋ-ସୁନୀଲ)

# ଫୁଟବଲ ଟୁର୍ନାମେଣ୍ଟ: ମାକରଚୂଆଁ ଚାମ୍ପିୟନ

**ଦେଓଗାଁ,୨୯।୧୨(ଡି.ଏନ୍.ଏ.)**

ଦେଓଗାଁ ବ୍ଲକ ରାଏପାଲିରେ ତ୍ରିନାଥ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ହାତୀସରା ଏବଂ ମାକରଚୁଆଁ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ମାକରଚୁଆଁ ଦଳ ୧-୦ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରଥମେ ହାତୀସରା ଓ ରାଏପାଲି ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ହାତିସରା ଦଳ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମାକରଚୁଆଁ ଓ ମହୀପୁର ମଧ୍ୟରେ ହୋଇଥିଲା। ଏଥିରେ ମାକରଚୁଆଁ ଦଳ ୧-୦ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ସାନୁର୍ଜ କରନ, ବିଶ୍ୱନାଥ ପଧାନ, ଈଶ୍ୱର କରନ ପ୍ରମୁଖ ପରିଚାଳନା କରିଥିଲେ।



ତ୍ରିନାଥ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ସନ୍ତୋଷ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ସମ୍ମାନିତ ଅତିଥି ଭାବେ ବନରକ୍ଷୀ ଚିନ୍ମୟ ପଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମ୍ୟାନ ଅଫ୍ ଦି ମ୍ୟାଚ ହାତୀସରାର ସତ୍ୟ ଦଣ୍ଡସେନା, ମ୍ୟାନ ଅଫ୍ ଦି ସିରିଜ ଭାବେ ରାଏପାଲିର ଲକ୍ଷ୍ମଣ ଭୋଇ ,ବେଷ୍ଟ ଡିଫେଣ୍ଡର ଭାବେ ଭୁବନେ ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା । ଟୁର୍ନାମେଣ୍ଟକୁ ସଞ୍ଜୟ ମିଶ୍ର, ରାମଚନ୍ଦ୍ର କରନ, ପ୍ରଦୀପ କରନ, ମଣ୍ଟୁ କରନ, ଭୁବନେଶ୍ୱର ମାଝି, ମନୋଜ କରନ, ପ୍ରମୋଦ ଘିଭେଲା, ଧ୍ରୁବା ମଟାରି, ବିବେକ କରନ, କୃତାର୍ଥ ଘିଭେଲା, ଆନନ୍ଦ ମଟାରି ପ୍ରମୁଖ ସହଯୋଗ କରିଥିଲେ।



"ମନୁଷ୍ୟ ନିଜର ପ୍ରଗାଢ଼ ଅଧବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ




### ମାସେ ହେବ କୋମନାରେ ଏଟିଏମ ସେବା ବନ୍ଦ

କୋମନା,୨୯।୧୨(ଡି.ଏନ.ଏ.)
ନୂଆପଡା ଜିଲା କୋମନାସ୍ଥିତ ଏସବିଆଇ ଏଟିଏମ ସେବା ଦୀର୍ଘଦିନ ହେବ ବନ୍ଦ ଥିବାରୁ ସ୍ଥାନୀୟ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୋମନା ଜିଲାର ସବୁଠାରୁ ବଡ ବ୍ଲକ ହୋଇଥିଲେ ମଧ୍ୟ ବ୍ୟାଙ୍କ ପକ୍ଷରୁ ମାତ୍ର ୨ଟି ଏସବିଆଇ ଏଟିଏମ ରହିଛି। ଗୋଟିଏ କୋମନା ବ୍ୟାଙ୍କ ସମ୍ମୁଖରେ ଥିବା ବେଳେ ଅନ୍ୟଟି ବ୍ୟବସାୟୀକ କେନ୍ଦ୍ର କୁରେଶ୍ୱରରେ ରହିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ କୋମନା ବ୍ଲକ ଛକ ନିକଟରେ ଏକ୍ସିସ ବ୍ୟାଙ୍କ ପକ୍ଷରୁ ଏକ ଏଟିଏମ ସ୍ଥାପନ ହୋଇଥିଲା। ତାହା ଅନ୍ୟୂନ ଗୋଟିଏ ବର୍ଷ ଚାଲିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣରୁ ବନ୍ଦ କରି ଦେଇଥିଲେ। ଏହା ପରେ ଲୋକେ ଟଙ୍କା ଉଠାଣ ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏଟିଏମ ଅଚଳ ହେବା ପୂର୍ବରୁ ଗ୍ରାହକମାନେ ଦୀର୍ଘ ସମୟ ଧରି ଲାଇନରେ ଛିଡା ହୋଇ ଏଟିଏମରୁ ଟଙ୍କା ବାହାର କରୁଥିଲେ। ବର୍ତ୍ତମାନ କୋମନାରେ ଥିବା ଏଟିଏମ ମାସେ ହେଲା ବନ୍ଦ ରହିଛି। ନୂଆବର୍ଷ ପାଳନ ନିମନ୍ତେ ତିଖାଲୀ ଡ୍ୟାମକୁ ଜିଲା ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଲୋକେ ଟଙ୍କା ଉଠାଣ କରି ନ ପାରି ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବଲାଙ୍ଗୀର ଆର.ଏମ.ଙ୍କୁ ପଚାରିବାରୁ ଏଟିଏମ ବନ୍ଦ ବିଷୟରେ ମୋ ପାଖକୁ କୌଣସି ଅଭିଯୋଗ ଆସି ନାହିଁ ବୋଲି କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏଟିଏମ ସେବାକୁ ୨୪ଘଣ୍ଟା ଚାଲୁ ରଖିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

### କରାଟେ ସ୍କୁଲରେ ବେଲ୍ଟ ପ୍ରଦାନ ଉତ୍ସବ

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)
କଳାହାଣ୍ଡି ଜିଲା ଥୁଆମୂଳ ରାମପୁରଠାରେ କୋଶଲ କରାଟେ ସ୍କୁଲରେ ବେଲ୍ଟ ପ୍ରଦାନ ଉତ୍ସବ ପାଳିତ ହୋଇଛି। ସମସ୍ତ ଛାତ୍ରୀଛାତ୍ର ମୁଖ୍ୟ ପ୍ରଶିକ୍ଷକ ହିତେଶ ନାଏକ ନେତୃତ୍ୱରେ ପ୍ରଶିକ୍ଷଣ ନେଇଥିଲେ। ଓଡିଶା କୋଶଲ କରାଟେ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଅମର ସିଂ ମାଝି ମୁଖ୍ୟଅତିଥି, ଓଡିଶା ସଭାପତି ଇନ୍ଦ୍ରକୁମାର ସାହୁ, ଉପଦେଷ୍ଟା ଆନନ୍ଦ କୁମାର ସିଂ, ଓଡିଶା ଗୁରଜିଓ କରାଟେ ଏକାଡେମୀ ପରୀକ୍ଷକ ଅଶୋକ ନାଗ, ରାଜ୍ୟ ସଂଯୋଜକ ସୁଶାନ୍ତ ବାଗ, ଗୁଜିଓ କରାଟେ ଆସୋସିଏଶନ ମୁଖ୍ୟ ଦର୍ଦ୍ଦେଶକ ସୁମିତ ପଟ୍ଟନାୟକ, କୈଳାଶ ଛତ୍ରିଆ, ପ୍ରଦରପ୍ତ ପଣ୍ଡା, ସମିତିସଭ୍ୟ ମନରଞ୍ଜନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରୀକ୍ଷାରେ ୫୦ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୩୦ ଜଣଙ୍କୁ ବେଲଟ ପ୍ରଦାନ କରାଯାଇଥିଲା। ଗଣେଶ୍ୱର ନାଏକ ସହଯୋଗ କରିଥିଲେ।

## ଧାନ ବିକି ପାରୁନାହାନ୍ତି ୪୭୧ ଚାଷୀ

# ଧାନ ନ ଉଠିଲେ ଆନ୍ଦୋଳନ

ନୂଆପଡା ଅଫିସ,୨୯।୧୨

ସରକାର ଚାଷୀଙ୍କୁ ଧାନର ଉଚିତ ଦର ତାହା ପୁଣି ଠିକ ସମୟରେ ଦିଆଯିବ ବୋଲି କହୁଛନ୍ତି। ହେଲେ ଜିଲା ପ୍ରଶାସନର ନାକତଳେ ଧାନକିଣା ଆରମ୍ଭ ହେବାର ଦେଢ ମାସ ବିତିଯାଇଥିଲେ ମଧ୍ୟ ଗୋଟିଏ ପଞ୍ଚାୟତ ୪୭୧ଜଣ ଚାଷୀ କାଣିଚାଏ ଧାନ ବିକି ପାରି ନ ଥିବା ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାକୁ ନେଇ ଚାଷୀମାନେ ବାରମ୍ବାର ଜିଲାପାଳଙ୍କୁ ଭେଟୁଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରୁ ନ ଥିବାରୁ ରବିବାର ଅପରାହ୍ଣରେ ସ୍ଥାନୀୟ ମାର୍କେଟ ପରିସରରେ ଚାଷୀମାନେ ଆନ୍ଦୋଳନ ପାଇଁ ମେଳି କରିଛନ୍ତି । ଆଗାମୀ ୪୮ଘଣ୍ଟା ମଧରେ ଧାନ ନ ଉଠିଲେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ସୋମବାର ପୁଣି ଥରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ । ତାପରେ ମଧ୍ୟ ଆଗାମୀ ୪୮ ଘଣ୍ଟାରେ ଧାନ କିଣା ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସିଦ୍ଧାନ୍ତ ନେଇଛନ୍ତି।

ସୂଚନାଯୋଗ୍ୟ ଯେ, ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ଧାନ ଚାଷରେ ଏକ ଅଗ୍ରଣୀ ଗ୍ରାମପଞ୍ଚାୟତ । ଏଠି ଶତ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରିଚଳିଥାନ୍ତି।



ଉଦ୍ୟାନବନ୍ଧ ମାର୍କେଟ ପରିସରରେ ଚାଷୀମାନେ ମେଳି କରିଛନ୍ତି ।

- ରବି ଚାଷ ଚିନ୍ତା ଘାରିଲାଣି
- କୁରେଶ୍ୱର ପଞ୍ଚାୟତର ୪ ଖଣ୍ଡ ଗାଁ

ଗତ ଖରିଫ ଋତୁରେ ଧାନ ଚାଷ କରିଥିବା କୁରେଶ୍ୱର, ଖଇରଭାଡି, ଘୋଟସର ଏବଂ ରେଙ୍ଗ ଆଦି ୪ ଖଣ୍ଡ ଗାଁର ୪୭୧ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛ। ହେଲେ ଏମାନଙ୍କ ବସ୍ତାଏ ଧାନକୁ ମଧ୍ୟ ଯୋଗାଣ ବିଭାଗ ଉଠାଇନାହାନ୍ତି । ଆଗକୁ ରବି ଚାଷ ପାଇଁ ପାଣି ଛଡା ହେଲାଣି। ଏହି ଧାନ ବିକ୍ରି ପରେ ହିଁ ରବି ଚାଷ କରିବାକୁ ସକ୍ଷମ ହେବେ ଚାଷୀ । ଜିଲାବ୍ୟାପି ଅର୍ଦ୍ଧାଧିକ ଧାନକିଣା ସରିଲାଣି। ଏଠିକାର ଚାଷୀମାନେ ଏହି ଦେଢମାସ ମଧ୍ୟରେ ଦୁଇ ଥର ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟିସାରିଲେଣି। ହେଲେ ସବୁବେଳେ ପ୍ରତିଶ୍ରୁତି ଦିଆଯାଉଛି, ହେଲେ ଧାନକିଣା ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ରବିବାର ଅପରାହ୍ଣରେ ସ୍ଥାନୀୟ ମାର୍କେଟ ପରିସରରେ ଚାଷୀମାନଙ୍କ ଏକ ମେଳି ହୋଇଥିଲା। ସ୍ଥାନୀୟ ସରପଞ୍ଚ ଅନନ୍ତ ଚରଣ ସାହୁ, ରୁପସିଂ ବାଗ, ଚିତରଞ୍ଜନ ସୁନାନୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଠୁଳ ହୋଇଥିଲେ। ଚାଷୀମାନେ ସମସ୍ତଙ୍କ ସମସ୍ୟା ଉପରେ ଅବଗତ କରିଥିଲେ। ଏଭଳି ସମସ୍ୟା କେବେ ଉପୁଜି ନ ଥିଲା। ଏଥିପାଇଁ ଜିଲା ପ୍ରଶାସନ ଦାୟୀ । ଉଦ୍ୟାନବନ୍ଧରେ ମଣ୍ଡି ବସିଛି। ଅନ୍ୟାନ୍ୟ ଗାଁର ଚାଷୀମାନେ ଧାନ ବିକ୍ରି କରୁଛନ୍ତି, ଅଥଚ କୁରେଶ୍ୱର ଗ୍ରାମପଞ୍ଚାୟତରେ ଧାନ ବିକ୍ରି କରିପାରୁ ନ ଥିବାରୁ ଚାଷୀମାନେ କାରଣ ଖୋଜୁଛନ୍ତି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୀତାମ୍ବର ମାଝି, ଛବି ନାଏକ, କ୍ଷୀରୋଦ ମହାନ୍ତି, ଯୋଗେଶ୍ୱର ରଣା, ଜଗମୋହନ ପୂଜାରୀ, ଅନୁପ ସିଂ ମାଝି, ତୁଳସେ ରଣା, ବ୍ୟାସଦେବ ଘିଭେଲା, କ୍ଷମା ସାଗର ଘିଭେଲା, ଦାମୋଦର ଭୋଇ, ପୂର୍ଣ୍ଣ ହଂସ, ହୃଷିକେଶ ପୂଜାରୀ, ନିରାକାର ମହାଲିକ ପ୍ରମୁଖ ଯୋଗଦେଇଥିଲେ ।

## ହରିପୁର ଗୁରୁକୁଳର ଦଶମ ବାର୍ଷିକ ଉତ୍ସବ

# ଯୋଗ ଦେଲେ ବହୁ ସାଧୁ ସନ୍ଥ

ନୂଆପଡା ଅଫିସ,୨୯।୧୨

ସ୍ଥାନୀୟ ହରିପୁରସ୍ଥିତ ଗୁରୁକୁଳ ଆଶ୍ରମର ଦଶମ ବାର୍ଷିକ ଉତ୍ସବ ଦୀଶା ପର୍ବ ଉଦ୍‌ଘାଟିତ ହୋଇଯାଇଛି। ଏହା ତିନି ଦିନ ଧରି ଚାଲିବାକୁ ଥିବାବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁ ସନ୍ଥ ଆସି ଯୋଗ ଦେଇଛନ୍ତି । ଆଶ୍ରମ ମୁଖ୍ୟ ସୁଦର୍ଶନ ଦେବ ଆର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଦିଲ୍ଲୀରୁ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ସ୍ୱତନ୍ତ୍ରା ନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଶ୍ରମରେ ଦଶମ ଚତୁର୍ବେଦ ପାରାୟଣ ଯଜ୍ଞ, ଦଶକୁଣ୍ଡୀୟ ଯଜ୍ଞ, ବ୍ରହ୍ମଚାରୀମାନଙ୍କ ଯୋଗାଭ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ବୈଠକର ଗୃହର ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦିଲୀପ କୁମାର ଆର୍ଯ୍ୟ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ । ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



ବାର୍ଷିକ ଉତ୍ସବ ଉଦ୍‌ଘଟନୀ କାର୍ଯ୍ୟକ୍ରମରେ ବୈଠକ ଗୃହକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

## ହାତୀବନ୍ଧା ଗାୟତ୍ରୀ ପ୍ରଜ୍ଞାପୀଠର ବାର୍ଷିକୋତ୍ସବ

ସିନାପାଲ,୨୯।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତୀବନ୍ଧା ଗାୟତ୍ରୀ ପ୍ରଜ୍ଞାପୀଠର ବାର୍ଷିକୋତ୍ସବ ଓ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସ୍ଥାନୀୟ ପୋଖରୀରୁ ଜଳ ଆଣି ଯଜ୍ଞଶାଳାରେ ସ୍ଥାପନ କରିଥିଲେ। ରବିବାର ପୂର୍ବାହ୍ଣରୁ ପାରମ୍ପରିକ ପୂଜାବିଧି ଅନୁସାରେ ଯଜ୍ଞ କାର୍ଯ୍ୟ କରାଯାଇଥିଲା। ଦେବ ସଂସ୍କୃତିକ ବିଶ୍ୱ ବିଦ୍ୟାଳୟ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ତିନିଜନ ଦେବକନ୍ୟା ମେଧା ପାଟିଧର, ସମୀକ୍ଷା ନେହେରା, ଜୁହି କୁମାୱତଙ୍କ ସମେତ ସିନାପାଲି ଓ ହାତୀବନ୍ଧା ଗାୟତ୍ରୀ ପୀଠର କର୍ମକର୍ତ୍ତା ତରୁଣ କୁମାର ମେହେର, ତ୍ରିନାଥ ମେହେର, ସନ୍ତୋଷ ନାଏକ, କେଶବ ମେହେର ପ୍ରମୁଖଙ୍କ ନେତୃତ୍ୱରେ ଯଜ୍ଞ ସଞ୍ଚାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଭକ୍ତ ପରିଜନ ଯୋଗଦେଇଥିଲେ। ଭଜନ ପ୍ରବଚନ ସହ କୁମାରୀବ୍ରତ, ପୁଂସବନ, ମୁଣ୍ଡନ, ବିଦ୍ୟାରମ୍ଭ, ଅନ୍ନପ୍ରାସନ ଆଦି ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରିଚାଳନାରେ ହାତୀବନ୍ଧା ଓ ସିନାପାଲି ଗାୟତ୍ରୀ ଶକ୍ତିପୀଠ ଯୁବାମଣ୍ଡଳ ଓ ମହିଳା ମଣ୍ଡଳ କର୍ମକର୍ତ୍ତା ସହଯୋଗ କରିଥିଲେ।



ଗାୟତ୍ରୀ ପ୍ରଜ୍ଞାପୀଠର ବାର୍ଷିକୋତ୍ସବ ଓ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ।

## ହିଲଟାଉନ୍ ସିଭିଲ ସୋସାଇଟି ପକ୍ଷରୁ ଗଣଦୌଡ଼

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)

ପରିବେଶ ସୁରକ୍ଷା-ଜୀବନ ସୁରକ୍ଷାକୁ ନେଇ ସ୍ଥାନୀୟ ହିଲଟାଉନ୍ ସିଭିଲ ସୋସାଇଟିର ଷଷ୍ଠ ବାର୍ଷିକ ମହୋତ୍ସବ ଅବସରରେ ରବିବାର ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିଲଟାଉନ୍ ସିଭିଲ ସୋସାଇଟି ପକ୍ଷରୁ ହିଲଟାନ୍ ଲେନ୍ ନଂ.୩ରୁ ଦକ୍ଷିଣ ବନଖଣ୍ଡ ଡିଏଫ୍ଓ ଅଶୋକ କୁମାର ପତାକା ଦେଖାଇ ଗଣଦୌଡ ଉଦ୍‌ଘାଟନ କରିଥିଲେ। ଏହି ଗଣଦୌଡ ଥୁଆମୂଳ ରାମପୁର ରାସ୍ତାର ସିଆରପିଏଫ୍ କ୍ୟାମ୍ପ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋସାଇଟି ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ରଜନୀକାନ୍ତ ବେହେରା, ଏଡିଏମ୍ଓ ଡା. ନରେନ୍ଦ୍ର ପଣ୍ଡା, ପ୍ରଫେସର ଏସ୍ଏନ୍ ପୁରୋହିତ୍, ଜିଲା କ୍ରୀଡା ନିରିକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ କ୍ରୀଡା ଶିକ୍ଷକ ସୁବାଶ ପ୍ରଧାନ, ସଞ୍ଜୀୟ ମିଶ୍ର ପରିଚାଳନା କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ।

## ସୁନାବେଡା ଉପତ୍ୟକା ବୁଲି ଦେଖିଲା କଂଗ୍ରେସ ଟିମ

# ପର୍ଯ୍ୟଟନର ବିକାଶ ହେଲେ ଜିଲାର ପ୍ରଗତି ହେବ

ନୂଆପଡା ଅଫିସ,୨୯।୧୨

ନୂଆପଡା ଜିଲା ପ୍ରକୃତିର ଗର୍ଭ । ଏହାର ଅର୍ଦ୍ଧାଧିକ ଅଞ୍ଚଳ ବନପାହାଡରେ ପରିପୂର୍ଣ୍ଣ ହୋଇ ରହିଛି। ଏଥିରେ ପୁଣି ଏକାଧିକ ସୁଉଚ୍ଚ ଜଳ ପ୍ରପାତ, ପ୍ରାଚୀନ ଐତିହାସିକ କୀର୍ତିରାଜି ଭର ପୁର ହୋଇ ରହିଛି। ଅନ୍ୟପଟେ ଜିଲାର ଆର୍ଥିକ ସ୍ଥିତି ବହୁ ଦୁର୍ବଳ । କେବଳ ସରକାରୀ ଯୋଜନା ଉପରେ ଆମେ ଭରସା କରି ଚଳୁଛନ୍ତି । ପ୍ରକୃତି ଆମକୁ କ'ଣ ନଦେଇଛି । କେବଳ ଏହାକୁ ବ୍ୟବସାୟ କରିବାକୁ ବାକି ରହିଛି । ପର୍ଯ୍ୟଟନ ଶୀଳ୍ପର ବିକାଶ ପ୍ରତି ଜିଲା ତଥା ରାଜ୍ୟ ସରକାର ଧ୍ୟାନ ଦେବାଜରୁରୀ ହୋଇପଡିଛି ବୋଲି ଜିଲା କଂଗ୍ରେସ କହିଛନ୍ତି । ଜିଲାବ୍ୟାପି ନୂତନ ବର୍ଷ ଆଗମନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ସହସ୍ରାଧିକ ସଂଖ୍ୟାରେ ପର୍ଯ୍ୟଟକ ଜିଲା ଘୁରି ବୁଲୁଥିବାବେଳେ କଂଗ୍ରେସର ଏକ ଟିମ ସୁନାବେଡା ଉପତ୍ୟାକା ଅନଚଳ ବୁଲିବା ଅବସରରେ ଗଣମାଧ୍ୟମକୁ ଏହି ବିବୃତି ଦେଇଛନ୍ତି ।

ନୂତନ ବର୍ଷ ପାଇଁ ୩/୪ ଦିନ ବାକି ଥିବାବେଳେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହାଲ୍ଲା ସିଂ, ଦେବଦତ ଦିକ୍ଷୀତ ପ୍ରମୁଖ ଏକ ଟିମ ପୂର୍ବାହ୍ନ ୧୦ଟାରୁ ବାହାରି ସୁନାବେଡା ଅଭୟାରଣ୍ୟସ୍ଥିତ ଗୌଧସ, ବେନିଆ ଧସ, କେରମେଲି ଜଙ୍ଗଲ, ମାରାଗୁଡା ଉପତ୍ୟକା ବୁଲି ଦେଖିଥିଲେ। ସ୍ଥାନୀୟ ଗ୍ରାମବାସୀମାନଙ୍କ ସହ ବିଚାର ଆଲୋଚନା କରିଥିଲେ। ଲୋକମାନଙ୍କ ଜୀବନ ଜିବିକା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ବଣ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପେଟ ପୋଷୁଛନ୍ତି । ଅନ୍ୟପକ୍ଷେ ସରକାରୀ ସହାୟତା ଏମାନଙ୍କୁ ଅପହଞ୍ଚ ହେଉଛି । ତେଣୁ ଏଠାରେ ପର୍ଯ୍ୟଟନ ସ୍ଥଳଗୁଡିକର ବିକାଶର ଆବଶ୍ୟକତା ରହିଥିବା ଟିମ ଅନୁଭବ କରିଥିଲା। ପେଠିଆପାଲି ଜଙ୍ଗଲରେ ଗଣମାଧ୍ୟମର ଏକ ଟିମକୁ ଭେଟି ପ୍ରେସ ବିବୃତି ରଖିଥିଲେ। ଜିଲାର ପର୍ଯ୍ୟଟନର ବିକାଶ ଆମର ମୂଳ୍ୟ ଲକ୍ଷ୍ୟ। ଏହା ଦ୍ୱାରା ବେରୋଜଗାର ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି ଜିଲା ସଭାପତି ମାଝି କହିଥିଲେ। କଂଗ୍ରେସର ଏହି ଟିମ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ସାମିଲ ହୋଇ ନୂତନ ବର୍ଷକୁ ସ୍ୱାଗତ କରିଥିଲେ।



ପେଠିଆପାଲି ଗାଁରେ ଗଣମାଧ୍ୟମ ଟିମକୁ ଭେଟିବା ଅବସରରେ କଂଗ୍ରେସର କର୍ମକର୍ତ୍ତାଗଣ।

## କୃଷକଙ୍କ ବିଭିନ୍ନ ସମସ୍ୟାକୁ ଅଣଦେଖା

# କୃଷକ ସଚେତନ ମଞ୍ଚର ଥାନା ସମ୍ମୁଖରେ ପ୍ରତିବାଦ ସଭା

କୋକସରା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଲାଗି ରହିଥିବା ଚାଷୀମାନଙ୍କ ସମସ୍ୟାକୁ ଅଣଦେଖା କରାଯାଉଛି। ଏହାକୁ ନେଇ କୋକସରା କୃଷକ ସଚେତନ ମଞ୍ଚ ପକ୍ଷରୁ ଆମପାଣି ଥାନା ସମ୍ମୁଖରେ ଶନିବାର ପ୍ରତିବାଦ ସଭା କରାଯାଇଛି। ଚାଷୀ ନେତା ଶିବ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକତ୍ରିତ ହୋଇ ଆମପାଣି ବୁଢାରଜା ମନ୍ଦିରରୁ ଶୋଭାଯାତ୍ରାରେ ବାହରି ଆମପାଣି ଥାନା ନିକଟରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ସେଠାରେ ରାଜ୍ୟ ସରକାରଙ୍କ କୃଷକ ମାରଣା ନୀତି ବିରୋଧରେ ନାରାବାଜି କରିବା ସହ ସରକାରଙ୍କ ବିରୋଧରେ ଥାନାରେ ଏତଲା ପ୍ରଦାନ କରିଥିଲେ ।

ରାଜ୍ୟ ସରକାର କୃଷକମାନଙ୍କୁ ଅଣଦେଖା କରିବା ସହ ଗତବର୍ଷର ଶଷ୍ୟବୀମା ଦାବି, ଧାନ ମଣ୍ଡିରେ କଟନି ଛଟନି ଆଳରେ ଚାଷୀଙ୍କୁ ଶୋଷଣ, ଏଲଏନଷ୍ଟି କମ୍ପାନୀ ଦ୍ୱାରା କୋକସରା ବ୍ଲକରେ ଚାଲିଥିବା ଉଠା ଜଳସେଚନ କେନାଲ ଖନନରେ ଅନିୟମିତା ବିରୋଧରେ ବର୍ଷିଥିଲେ। ଗଭିର ନଳକୂପ ଖନନ ପାଇଁ ଚାଷୀମାନେ ଜମାନତ ରାଶି ପୈଠ କରିବା ସତ୍ତ୍ୱେ ଦୀର୍ଘ ଦିନ ହେଲା କାର୍ଯ୍ୟକ୍ଷମ ନ ହେବା କୋକସରା କୃଷିରଣ ବିମା ରାଶି ଅବଧି ସେପ୍ଟେମ୍ବର ୩୦ରୁ କୋହଳ କରିବା, କାଳିଆ ଯୋଜନା କେବଳ ନିର୍ବାଚନ ଲଡୁ ବୋଲି ପ୍ରତିବାଦ କରିବା ସହ ଅନ୍ୟାନ୍ୟ ଦାବିକୁ ନେଇ ଚାଷୀମାନେ ନିନ୍ଦା କରି ଆନ୍ଦୋଳନକୁ ଓହ୍ଲାଇଥିଲେ।

ଚାଷୀନେତା ପ୍ରଧାନୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗରୁଡଧ୍ୱଜ ମାଝି ସଭାପତିତ୍ୱ କରିଥିବା ବେଳେ ଦିଗାମ୍ବର ଦୁରୀଆ, ଘନଶ୍ୟାମ ନାଏକ, ମିନିକେତନ ପ୍ରଧାନୀ, ଘାସିରାମ ପାଟଯୋଷୀ, ଜଗବନ୍ଧୁ ମାଝୀ, ମନିଜର ପୋଢ, ଜିତୁ ପଣ୍ଡା, ରୁକ୍ମିଣି ମାଝି, ଲଚ୍ଛମନ ମାଝି, ମଧୁବନ ପାତ୍ର, କୁମୁଦ ପୁଝାରୀ, ଚକାଡୋଲା ପାତ୍ରଙ୍କ ସମେତ ବ୍ଲକର ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଶେଷରେ ଚାଷୀଙ୍କ ସମସ୍ୟାକୁ ନେଇ ଏକ ଏତଲା ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳି ନୀଗିଙ୍କୁ ପ୍ରଦାନ କରାଯାଇଥିଲା।

# ହାଡ଼ଭଙ୍ଗା ଥଣ୍ଡାରେ ଥରୁଛି କଳାହାଣ୍ଡି ଜିଲା

## ଅତ୍ୟଧିକ ଥଣ୍ଡା ସମ୍ଭାଳି ନ ପାରି ପାହାଡ଼ିଆ ଅଞ୍ଚଳରେ ଜୀବଜନ୍ତୁ ମୃତ୍ୟୁ

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବ୍ୟାପୀ ଶୀତ ପ୍ରକୋପ ଯୋଗୁ ଏବେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ଚଳିତବର୍ଷ ସର୍ବନିମ୍ନ ତାପମାତ୍ର ୧୦ ଡିଗ୍ରୀ ଥିବା ବେଳେ ଶନିବାର ପ୍ରଥମ ଥର ପାଇଁ ୬ ଡିଗ୍ରୀ ତଳକୁ ଖସିଛି ପାରଦ। ବିଶେଷ କରି ଜିଲାର ଭବାନୀପାଟଣା ସମେତ ଥୁଆମୂଳ ରାମପୁର, କର୍ଲାମୁଣ୍ଡା, ମଦନପୁର ରାମପୁର, ଗୋଲାମୁଣ୍ଡା, କୋକସରା ଅଞ୍ଚଳରେ ସାଧାରଣ ଲୋକ କୌଣସି କାର୍ଯ୍ୟ ପାଇଁ ଘରୁ ବାହାରିବାକୁ ଭୟ କରୁଛନ୍ତି। ହାଡଭଙ୍ଗା ଶୀତ ପ୍ରକୋପରୁ ନିଜକୁ ରକ୍ଷା ପାଇଁ ଆଦିବାସୀ ଅଧିବାସୀମାନେ ଉହ୍ଲେଇ (କାଠଗଣ୍ଡି ଜାଳି) ଆଶ୍ରୟ ନେଉଥିବା ଜଣାପଡିଛି। ଜିଲାରେ ଗତ ୩ ଦିନ ହେଲା ପ୍ରବଳ ଶୀତ ଲହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଶେଷ କରି ବେଘର, ବଞ୍ଜାରା, ଜରିଗୋଟାଳି, ଭିକାରୀମାନଙ୍କ ପାଇଁ କୌଣସି ଆଶ୍ରୟସ୍ଥଳ ନ ଥିବାରୁ ରାତ୍ରୀରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଭବାନୀପାଟଣା ସହରରେ ନୂତନ ଭାବେ ତିଆରି ହୋଇଥିବା ରାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଉଦ୍‌ଘାଟନ ହୋଇ ନ ଥିବାରୁ ତାହା ବ୍ୟବହାର ହୋଇପାରୁନାହିଁ। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଜରୁରି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଥୁ.ରାମପୁର ବ୍ଲକ ବିଭିନ୍ନ ଅଞ୍ଚଳରେ ଗତ ୧ ସପ୍ତାହରୁ ଉର୍ଦ୍ଧ୍ୱ ହେଲା ବହୁଳ ଭାବେ ତୁଷାରପାତ ଓ ପାରଦ ଅଧିକ କମିଛି। ଏଥି ଯୋଗୁ ଏହି ବ୍ଲକର ବହୁ ଅଞ୍ଚଳରେ ଶହଶହ କୁକୁଡା, ପାରା ଆଦି ମରିପଡିଥିବା ଦେଖିବାକୁ ମିଳିଛି। ହାଡଭଙ୍ଗା ଶୀତରୁ ରକ୍ଷା କରିବା ପାଇଁ ଲୋକମାନେ ରାତିରେ ଘର ଭିତରେ ନିଆଁ ଜାଳି ରାତ୍ରୀଯାପନ କରୁଥିବା ଦେଖିବାକୁ ମିଳିଛି ।

ଅତ୍ୟଧିକ ଶୀତ ଯୋଗୁ ବିଶେଷ କରି ବୁଢାବୁଢୀ, ଆଶ୍ରମର ସ୍କୁଲରେ ରହୁଥିବା ଛାତ୍ରୀଛାତ୍ର, ଅସହାୟମାନଙ୍କ ଅବସ୍ଥା ଆହୁରି ଦୟାନିୟ ହୋଇପଡିଛି। ପୂର୍ବାହ୍ନ ୧୦ଟା ନ ହେଲେ ମଧ ଲୋକମାନେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ବିଶେଷ କରି ରାତ୍ରିରେ ଥୁ.ରାମପୁର ବ୍ଲକ ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଅଧିକ ଖସି ଆସିଥିବା ପ୍ରକାଶ । ଫଳରେ ଉକ୍ତ ବ୍ଲକର ଡୁମେରପଦର ଗ୍ରାମପଞ୍ଚାୟତର ବରମଲଗୁଡା, ଡମମୁଣ୍ଡା, ଡୁମେରପଦର, କରକାଉଡି, ସନଦେର୍ଲା, ବଡଦେର୍ଲା, ତଲଝାପି ପଞ୍ଚାୟତର ବିଶମଗିରି, ତଲଝାପି, ଉପରଝାପି, ରାଣୀପଦର, ମସ୍କାଗୁଡା, ଲାଞ୍ଜିଗଡ, ନିକେସଜୋର, ଅର୍ଡି ଗ୍ରାମପଞ୍ଚାୟ କାକେଲପଦର, ବିରିବାଡ, ଆର୍ଡି, ପେଙ୍ଗଡୁସି, ଦାଲଗୁଡା, ଟାଙ୍ଗିରି, ଚିର୍କା, ଗୋପୀନାଥପୁର ଗ୍ରାମଞ୍ଚାୟତର ଧୁରମିସି, କନାରପାସ୍, ସୂର୍ଯ୍ୟଗଡ, କେନ୍ଦୁମୁଣ୍ଡି, ସିକ୍ତିଜି, କାମଲଗୁଡା, ପୋଡାପଦର ଗ୍ରାମପଞ୍ଚାୟତ ତେନ୍ତୁଲିପଦର, ଭିତର ଡୁଙ୍ଗା, ଘୁଟୃଖାଲ, ଝିରି, ତଲଟେର୍ମା, ତଲଗୁଞ୍ଜମାଲ, ପୋଡାପଦର, ଲିଟିମସ୍କା, ସରପାସ୍, କରବାଡି, କୁଟୃପାଟ କମଳାବାଡ, ଗ୍ରାମ ସହିତ ଥୁ.ରାମପୁର, କାଣିଗୁମା, ତାରା ଗାଁ, ତେଲୁଆ, ସିନ୍ଧିପଦର, ମାଲିଗାଁ, ତଲାଙ୍ଗପଦର, କର୍ଲାପାଟ ପଞ୍ଚାୟତ ପ୍ରାୟ ବହୁ କୁକୁଡା ଓ ପାରା ମରି ପଡିଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଏହି ବ୍ଲକର ବହୁ ଆଭ୍ୟନ୍ତରିଣ ଅଞ୍ଚଳରେ ଅତ୍ୟଧିକ ଥଣ୍ଡା ଓ ତୁଷାରପାତ ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲାର ଭବାନୀପାଟଣା, ଲାଞ୍ଜିଗଡ, ମଦନପୁର ରାମପୁର, ନର୍ଲା, କଲମପୁର, କୋକସରା, ଗୋଲାମୁଣ୍ଡା ଆଦି ବ୍ଲକର ବିଭିନ୍ନ ପାହାଡିଆ ଓ ଦୁର୍ଗମ ଅଞ୍ଚଳରେ ତାପମାତ୍ରା ୫ ଡିଗ୍ରୀ ମଧରେ ରହୁଛି । ଯଦି ଏହିପରି ଥଣ୍ଡା ଲାଗି ରହେ ବିଶେଷ କରି ବୁଢାବୁଢୀମାନଙ୍କ ଅବସ୍ଥା ଆହୁରି ଦୟନିୟ ହୋଇପଡିବା ସମ୍ଭାବନା ଦେଖାଦେଇଛି । ତୁରନ୍ତ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଥୁ.ରାମପୁର, ଲାଞ୍ଜିଗଡ, ମ.ରାମପୁର ବ୍ଲକ ସମେତ ବିଭିନ୍ନ ପାହାଡିଆ ଅଞ୍ଚଳରେ ଶୀତରେ ଥରୁଥିବା ଲୋକମାନଙ୍କୁ ଶୀତ ବସ୍ତ୍ର ଯୋଗାଇ ଦେବା ପାଇଁ ଥୁ.ରାମପୁର ଜିଲା ପରିଷଦ ସଦସ୍ୟ ମୁରଲୀଧର ନାଏକ ଦାବି କରିଛନ୍ତି।



ଶୀତରୁ ରକ୍ଷା ପାଇଁ ଲୋକେ ନିଆଁ ଜଳି ପୋଉଁଛନ୍ତି ।



“ ମନୁଷ୍ୟ ନିଜର ପ୍ରଗାଢ଼ ଅଧବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ



### ରାତି ଯାପନ ପାଇଁ ଏନ୍‌ଏସିର ନିଆରା ପ୍ରୟାସ

ଜୁନାଗଡ,୨୯।୧୨(ଡି.ଏନ.ଏ.)
ଗତ କିଛି ଦିନ ହେଲା କଳାହାଣ୍ଡି ଜିଲାରେ ହାଡଭଙ୍ଗା ଶୀତ ଅନୁଭୁତ ହେଉଛି। ଏହାର ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପଥପ୍ରାନ୍ତ ବ୍ୟକ୍ତିଙ୍କ ରାତ୍ରି ଯାପନ ପାଇଁ ଜୁନାଗଡ ଏନ୍‌ଏସି ପକ୍ଷରୁ ଏକ ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ସହରକୁ ଆସୁଥିବା ପଥପ୍ରାନ୍ତ ବ୍ୟକ୍ତିମାନଙ୍କ ପାଇଁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ରାତି ଆଶ୍ରୟ ସ୍ଥଳି କରାଯାଇଛି। ଏହି ଆଶ୍ରୟ ସ୍ଥଳରେ ସେମାନଙ୍କୁ ଶୋଇବା ପାଇଁ ଶୀତବସ୍ତ୍ର ଯୋଗାଇ ଦିଆଯାଉଛି। ଯଦ୍ୱାରା ସେମାନେ ଆରାମରେ ଓ ସୁବିଧାରେ ଶୋଇପାରିବେ ବୋଲି ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଲୁହା ପ୍ରକାଶ କରିଛନ୍ତି।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଭବାନୀପାଟଣା,୨୯।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କଲମପୁର ବ୍ଲକ କେନ୍ଦୁଗୁଡା ଗ୍ରାମର ବୀରେନ୍ଦ୍ର ନାଗ (୩୮) ଶନିବାର ସନ୍ଧ୍ୟା ସାଢେ ୬ଟାରେ ଅଜଣା ଗାଡି ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। କଲମପୁର ରାସ୍ତାରୋକୋ ଆନ୍ଦୋଳନରୁ ଘରକୁ ଫେରୁଥିବା ବେଳେ ଘରଲାଯୋର ପାଖ କେନାଲରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ବୀରେନ୍ଦ୍ର ଗୁରୁତର ଆହତ ହୋଇ ରାସ୍ତାରେ ପଡିଥିଲେ। କେତେକ ଲୋକ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ କଲମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କଳାହାଣ୍ଡି ଉତ୍ସବ ‘ଘୁମୁରା’ ପ୍ରସ୍ତୁତି

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପିଡି ଡିଆରଡିଏ, ଏଡିଏମ୍ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଭବାନୀପାଡଟଣା ଉପଜିଲାପାଳ ସୁଶାନ୍ତ ସିଂ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କ ସମେତ କଳାହାଣ୍ଡି ଉତ୍ସବର ବିଭିନ୍ନ କମିଟି ଅଧକ୍ଷ ଓ ଆବାହକ ଯୋଗଦେଇଥିଲେ। କଳାହାଣ୍ଡି ଉତ୍ସବ ଅବସରରେ ଆଗାମୀ ୧୨ ତାରିଖ (ରବିବାର) ଷ୍ଟାଚ୍ୟୁଛକଠାରୁ ପୁରୁଣା ସିନେମାହଲ ଛକ ପର୍ଯ୍ୟନ୍ତ ଶିଶୁ, ଛାତ୍ରୀଛାତ୍ର, ମହିଳା, ଯୁବକ ଓ ବରିଷ୍ଠ ନାଗରିକ ନିମନ୍ତେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା। ସେହିପରି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଓ ବିଦେଶରୁ ସାଂସ୍କୃତିକ ଦଳ ଆଣିବା ପାଇଁ ସମସ୍ତ ପ୍ରୟାସ କରିବାକୁ ସାଂସ୍କୃତିକ ଦଳ ଯୋଗାଯୋଗ କମିଟିକୁ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଉତ୍ସବ ‘ଘୁମୁରା’ ନେଇ ଆଲୋଚନା କରାଯାଉଛି।

ଜିଲାପାଳ ଅନୁରୋଧ କରିଥିଲେ। ଉତ୍ସବ କେବଳ ଉଦ୍‌ଘାଟନୀ ସମାରୋହରେ ସଭା ଆୟୋଜନ କରାଯିବା ସହ ଅବଶିଷ୍ଟ ତିନିଦିନ ସନ୍ଧ୍ୟା ୬ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ ଏବଂ ନିମନ୍ତ୍ରିତ ଅତିଥି ପହଞ୍ଚିବା ପରେ ପାଞ୍ଚ ମିନିଟ ସମୟ ନେଇ ଅତିଥିଙ୍କ ଅଭିଭାଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। ଚଳିତ ଉତ୍ସବରେ କୋକସରା ବ୍ଲକ ଆମ୍ପାଣିର କନ୍ଦାଗଡରେ ଥିବା ପଥରଖୋଦେଇ କଳାକାରଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଉତ୍ସବର ମୁମଣ୍ଟୋ ନିର୍ମାଣ ଦାୟିତ୍ୱ ଦିଆଯିବାକୁ ସ୍ଥିର କରାଯାଇଥିଲା। ସେହିପରି ଚଳିତବର୍ଷ କଳା, ସଂସ୍କୃତି, ସାହିତ୍ୟ, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ କଳାହାଣ୍ଡି ବରପୁତ୍ର ସମ୍ମାନ ଦେବା ସହ ଚଳିତବର୍ଷ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ହାସଲ କରି ଜିଲା ନିମନ୍ତେ ଗୌରବ ଆଣିଦେଇଥିବା ଛାତ୍ର, ଯୁବକଯୁବତୀଙ୍କୁ ଅଭିନନ୍ଦନ ଜଣାଇବା ନିମନ୍ତେ ସ୍ଥିର କରାଯାଇଥିଲା। ସେହିପରି ଉତ୍ସବ ମୁଖ୍ୟସ୍ଥଳରେ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ କୌଣସି ଉଠା ଦୋକାନୀଙ୍କୁ ସ୍ଥାନ ନ ଦେଇ ସେମାନଙ୍କ ପାଇଁ ଟେନିସ ଗ୍ରାଉଣ୍ଡର ବ୍ୟବସ୍ଥା କରାଯାଇ ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନିମନ୍ତେ ସ୍ଥିର କରାଯାଇଥିଲା। ଚଳିତବର୍ଷ ଉତ୍ସବରେ ବିଭିନ୍ନ କମିଟି ସମ୍ପ୍ରସାରଣ କରାଯିବା ସହ ଅନେକ କମିଟିକୁ ବନ୍ଦ ଦିଆଯାଇଛି। ଆଗକୁ ଆଉ ମାତ୍ର ୧୫ ଦିନ ଥିବା ଯୋଗୁ କଳାହଣ୍ଡି ଉତ୍ସବ ଘୁମୁରା-୨୦୨୦ର ବିଭିନ୍ନ କମିଟି ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସେମାନଙ୍କ ବ୍ୟୟ ଅଟକଳ ପ୍ରସ୍ତୁତ କରି ଜିଲା ସଂସ୍କୃତି ପରିଷଦରେ ଉପସ୍ଥାପିତ କରିବାକୁ ସ୍ଥିର କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ଧନ୍ୟବାଦ ଦେଇଥିଲେ । ବିଭିନ୍ନ କମିଟି ଅଧ୍ୟକ୍ଷ ଓ ଆବାହକମାନେ ବୈଠକରେ ଉପସ୍ଥିତ ରହି ମତାମତ ଉପସ୍ଥାପନ କରିଥିଲେ । ଚଳିତ ୨୪ତମ କଳାହାଣ୍ଡି ଉତ୍ସବରେ ରାହାଗିରି କାର୍ଯ୍ୟକ୍ରମକୁ ବେଶ ଆକର୍ଷଣୀୟ କରିବା ସହ ଏଥିରେ ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରିବା ପାଇଁ ସ୍ଥିର କରାଯାଇଛି।

# ଜୁନାଗଡ଼ରେ ସିପିଆଇର ସାଙ୍ଗଠନିକ ସମ୍ମେଳନ ଉଦ୍‌ଯାପିତ

ଜୁନାଗଡ,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ଶନିବାର ଅପରାହ୍ନରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଚାଲିଥିବା ଜିଲା ସାଙ୍ଗଠନିକ ସମ୍ମେଳନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଜାତୀୟ ପରିଷଦ ସଦସ୍ୟ ଅଭୟ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ବେହେରା, ଜିଲା ସହସମ୍ପାଦକ ଜଗଦିଶ ଦୁର୍ଗା, ଏଆଇଏସ୍‌ଏଫର ଜିଲା ଛାତ୍ରୀ ସଂଘ ଆବାହିକା ଝିଲି ବାଗ, ଜୋନ୍ ସମ୍ପାଦକ ବାନାମ୍ବର ମେହେର, ବିଦ୍ୟାଧର ନାଏକ, ଜିଲା ପରିଷଦ ସଦସ୍ୟ ମସ୍ତକ ସୁନାନୀ, ବିନ୍ତା ମାଝି, ରାଜାରାମ ଡଙ୍ଗରୀ, ନୀଳକଣ୍ଠ ନାଏକ, କିଶୋର ଚନ୍ଦ୍ର ଛତ୍ରିଆ, ପ୍ରହଲ୍ଲାଦ ମଙ୍ଗରାଜ, ଶ୍ୟାମ ସୁନ୍ଦର ଜାଲ, ଅକ୍ଷୟ କୁମାର ମେହେର, ସୁରେନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କଳାହାଣ୍ଡି ଏକ କୃଷି ଭିତ୍ତିକ ଜିଲା ହୋଇଥିବା ବେଳେ ଏହା ଆଦିବାସୀ ଅଧୁଷିତ ଅଞ୍ଚଳ । ଆଦିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ। ଜଙ୍ଗଲଜାତ ଦ୍ରବ୍ୟ ବିଲୁପ୍ତ ହେବା କାରଣରୁ ସେମାନଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡିଛି। ଜଙ୍ଗଲ ଅଧିକାର ଥଇଥାନ ମଧ ସେମାନେ ପୁରୁଷ ପୁରୁଷ ଧରି ଦଖଲ କରିଆସୁଥିବା ଦଖଲ ଜମି ପଟ୍ଟା ମିଳିପାରିନାହିଁ। ଆଦିବାସୀମାନେ କିଛିମାତ୍ରାରେ କୃଷି ଉପରେ ନିର୍ଭର କରିଥାନ୍ତି। ସେମାନେ ଚାଷ କରିଥିବା କାନ୍ଦୁଲ, କପା, ମାଣ୍ଡିଆ, କୋଶଲା, ମୁଗ, ବିରି ଏ ପର୍ଯ୍ୟନ୍ତ ସ୍ୱତନ୍ତ୍ର ମଣ୍ଡି କିମ୍ବା ନିର୍ଦ୍ଦିଷ୍ଟ ଦର ସ୍ଥିର ନ ହେବାରୁ ଉପାଦିତ ଫସଲର ଉଚିତ ମୂଲ୍ୟ ସେମାନେ ପାଇପାରୁନାହାନ୍ତି। ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି । ହେଲେ ଏହି ଯୋଜନାର ସଫଳ ରୁପାୟନ ହୋଇପାରୁନାହିଁ। ଜିଲାରେ ବାସ କରୁଥିବା ୪୦ ଶତକଡା ପରିବାର ଭୂମିହୀନ ଓ ଜମିହୀନ । ଏ ପର୍ଯ୍ୟନ୍ତ କୌଣସି କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ଇନ୍ଦ୍ରାବତୀ ଦକ୍ଷିଣ କେନାଲ କାର୍ଯ୍ୟଏ ପର୍ଯ୍ୟନ୍ତ ହୋଇ ନ ପାରିବା ଦୁଃଖଃ ଓ ପରିତାପର ବିଷୟ । ସିପିଆଇ ଜନସମସ୍ୟାକୁ ନେଇ ଆନ୍ଦୋଳନକୁ ତିବ୍ରତର କରିବ। ଯେ ପର୍ଯ୍ୟନ୍ତ ସାଧାରଣ ଜନତା ତାଙ୍କ ହକ ନ ପାଇବେ ସେ ପର୍ଯ୍ୟନ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ଗରୀବ ମାନଙ୍କ ସହିତ ରହି ପ୍ରଶାସନ, ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିରୋଧରେ ଲଢେଇ ଜାରି ରଖିବ ବୋଲି ଶପଥ ନେଇଥିଲେ।




ଜୁନାଗଡ ସଂସ୍କୃତିଭବନଠାରେ ଅନୁଷ୍ଠିତ ସିପିଆଇର ସମ୍ମେଳନ ।

# ଦାଦାବଟି ପାଇଁ ମାଡ଼ ମାରିବା ଘଟଣା :୪ ଅଭିଯୁକ୍ତ କୋର୍ଟ ଚାଲାଣ

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)

କଳାହଣ୍ଡି ଜିଲା ଜୟପାଟଣା ଥାନା ବଡକୁଟରୁ ଫାଣ୍ଡି ଅନ୍ତର୍ଗତ ବର୍ଚ୍ଛି ଛକ ନିକଟରେ ଦାଦାବଟି ପାଇଁ ବିହାରୀ ଶ୍ରମିକଙ୍କୁ ସ୍ଥାନୀୟ ଯୁବକମାନେ ଗତ ୨୪ ତାରିଖ ରାତିରେ ଦଳଗତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୫ ଜଣଙ୍କ ମଧ୍ୟରୁ ଶନିବାର ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଗୁରୁତର ଥିବାରୁ ଚିକିତ୍ସିତ ହେଉଛନ୍ତି। କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତମାନେ ହେଲେ ବର୍ଚ୍ଛି ଗ୍ରାମର ଦୁର୍ଯୋଧନ ମାଝି, ମହେନ୍ଦ୍ର ମାଝି, କେଶରୀ ସୁନାନୀ ଏବଂ ଜିତୁ ରାଉତ। ଏ ନେଇ ଥାନାରେ ଏକ ମାମଲା (ନଂ. ୩୨୪/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ କୃତିବାସ ପୂଝାରୀ ସୂଚନା ଦେଇଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ବନମାଳୀ କଣ୍ଟା ଚିକିତ୍ସାଧୀନ ଅଛନ୍ତି।

## ରାତିରେ ତ୍ରିରଙ୍ଗା ଉଡ଼ିବା ଘଟଣା, ୫ ମାସ ପରେ

# କାର୍ଯ୍ୟାନୁଷ୍ଠାନ ବଦଳରେ ତାଗିଦକୁ ନେଇ ଅସନ୍ତୋଷ

ଜୁନାଗଡ,୨୯।୧୨(ଡି.ଏନ.ଏ.)

**ଅର୍ନ୍ତଲା ପ୍ରାଥମିକ ବିଦ୍ୟାଳୟ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅର୍ନ୍ତଲା ପ୍ରାଥମିକ ବିଦ୍ୟାଳୟରେ ଗତ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ଜାତୀୟ ପତକାକୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଜାତୀୟ ପତକା ରାତି ୮ଟା ୩୦ ଯାଏଁ ଉଡିଥିବା ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ଦୀର୍ଘ ୫ ମାସ ପରେ କଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଶନିବାର ଅର୍ନ୍ତଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚିଠି ମାଧ୍ୟମରେ ତାଗିଦ (ସତର୍କ) କରିଛନ୍ତି। ଏହି ଚିଠିରେ ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଓ ସମ୍ପୃକ୍ତା ପ୍ରଧାନଶିକ୍ଷୟିତ୍ରୀଙ୍କ କଥାର ତାଳମେଳ ରହୁ ନ ଥିବା ଦର୍ଶାଇଛନ୍ତି। ଫଳରେ ସିଧାସଳଖ ଏହି ଘଟଣା ପାଇଁ ସମ୍ପୃକ୍ତା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟୀ କରାଯାଇଥିବା ବେଳେ ଭବିଷ୍ୟତରେ ଯେପରି ଏହି ଘଟଣାର ପୁନାରବୃତ୍ତି ନ ହେବ ସେ ନେଇ ସତର୍କ କରାଯାଇଛି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷୟିତ୍ରୀ ଯଦି ଏହି ଘଟଣାରେ ଅବହେଳା କରିଛନ୍ତି ଓ ଦାୟୀ ବୋଲି ଅତିରିକ୍ତ ଜିଲାପାଳ ଚିଠିରେ ଦର୍ଶାଇଛନ୍ତି। ତେବେ ତାଙ୍କୁ କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ତାଗିଦ କରାଯିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁନାଗଡ ବ୍ଲକ ଅର୍ନ୍ତଲା ପ୍ରାଥମିକ ବିଦ୍ୟାଳୟରେ ଗତ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ଅବହେଳା ଯୋଗୁ ଏଠାରେ ରାତି ୮ଟା ୩୦ ଯାଏଁ ଜାତୀୟ ପତକା ଉଡିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ସ୍କୁଲ କର୍ତ୍ତୃପକ୍ଷ ତରବରିଆ ଭାବେ ରାତି ଅଧରେ ଯାଇ କାଢି ଦେଇଥିଲେ। ଏହି ଘଟଣା ସମ୍ପର୍କରେ ସର୍ବପ୍ରଥମେ ଧରିତ୍ରୀରେ ଅଗଷ୍ଟ ୧୮ତାରିଖରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଲୋକଲୋଚନକୁ ଆସିଥିଲା ଏବଂ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜୁନାଗଡ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ନାରାୟଣ ମେହେର ୨୨ ତାରିଖ ଘଟଣାର ତଦନ୍ତ ପାଇଁ ଉକ୍ତ ସ୍କୁଲକୁ ଯାଇଥିଲେ। ସେଠାରେ ଏବିଇଓ ମେହେର ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ, ପରିଚାଳନା କମିଟି, ସ୍ଥାନୀୟ ସହକାରୀ ଶିକ୍ଷକ ଓ ଗ୍ରାମବାସୀଙ୍କ ମତାମତ ନେଇଥିଲେ। ସ୍କୁଲର କାର୍ଯ୍ୟରତ ସ୍ଥାନୀୟ ସହକାରୀ ଶିକ୍ଷକ ରାତି ୮ଟା ୩୦ ଯାଏଁ ସ୍କୁଲ ପରିସରରେ ପତକା ଉଡୁଥିବା ଦେଖିଥିବା କହିଥିବା ବେଳେ ଗ୍ରାମବାସୀ ମଧ ଏହି କଥାକୁ ସ୍ୱିକାର କରିଥିଲେ। ଏହା ପରେ ଏବିଇଓ ମେହେର ତଦନ୍ତ ରିପୋର୍ଟକୁ ଜିଲା ଶିକ୍ଷାଧିକାରୀଙ୍କୁ ଦେଇଥିଲେ। ପରେ ଗ୍ରାମବାସୀ ଏହି ଘଟଣାକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିକ୍ଷା ବିଭାଗ ରିପୋର୍ଟକୁ ଦେଖି ଜିଲାପାଳ ଅସନ୍ତୋଷ ବ୍ୟକ୍ତକରି ପୁଣି ଥରେ ଏହି ଘଟଣାର ତଦନ୍ତ ପାଇଁ ଜୁନାଗଡ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ଏହି ଘଟଣାର ତଦନ୍ତ କରି ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ଦୀର୍ଘ ୫ ମାସ ପରେ କଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଶନିବାର ଅର୍ନ୍ତଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚିଠି ମାଧ୍ୟମରେ ତାଗିଦ (ସତର୍କ) କରିଛନ୍ତି।

## ସ୍ୱର୍ଗତ ବବ୍ରୁବାହନ ବାଗ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ଗୁମାବାହାଲ ଦଳକୁ ଚାମ୍ପିୟନ ଟ୍ରଫି

କଲମପୁର,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଭାଟଗାଁଠାରେ ଚାଲିଥିବା ସ୍ୱର୍ଗତ ବବ୍ରୁବାହାନ ବାଗ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ବାଗଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଚାଲିଥିବା ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କଲମପୁର ବ୍ଲକ ଅନ୍ତର୍ଗତ ଗୁମାବାହାଲ ଏବଂ ଧର୍ମଗଡ ବ୍ଲକ ଅନ୍ତର୍ଗତ ତେଲିପଲାସ ମଧ୍ୟରେ ହୋଇଥିଲା। ଗୁମାବାହାଲ ଚାମ୍ପିୟନ ହୋଇଥିଲା। ଗୁମାବହାଲ ଦଳକୁ ଚାମ୍ପିୟନ ଟ୍ରଫ୍ ସହ ୧୫ ହଜାର ଟଙ୍କା ଏବଂ ତେଲିପଲାସ ଦଳକୁ ରନର୍ସକପ୍ ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ଭାବେ ଗୁମାବାହାଲ ଦଳର ଧିରେନ କୁମାରଙ୍କୁ ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ କାଶିବାହାଲ ସ୍କୁଲ ପ୍ରଧାନଶିକ୍ଷକ ରତ୍ନାକର ବେମାଲ, ମୁଖ୍ୟବକ୍ତା ଭାବେ ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇ, ସମ୍ମାନିତ ଅତିଥି ଶିକ୍ଷାବିତ ବୈକୁଣ୍ଠ ଜାଲ, ସୀମାଞ୍ଚଳ ନାଏକ, ହରବୋସିଙ୍ଗ ପାଣିଗ୍ରାହୀ, ଗଣେଷରାମ ବାଗ, ସୁଦର୍ଶନ ବାଗ, ଧନୁ ଝାଙ୍କର, ନିମନ୍ତ୍ରିତ ଅତିଥି ଭାବେ ଡମ୍ବରୁଧର ଝାଙ୍କର, ବୈକୁଣ୍ଠ ଭୋଇ, ଲିଙ୍ଗରାଜ ପୂଝାରୀ, ହରେଶ୍ୱର ଗହିର, ରିଖିରାମ ରଣା ପ୍ରମୁଖ ମଞ୍ଚାସୀନ ଥିଲେ । ଶ୍ରବଣ ଭୋଇ ଏବଂ ବୁଦ୍ଧଦେବ ବାଗ ଅମ୍ପାୟାର କରିଥିବା ବେଳେ ଅଜୟ ଦୀପ ଏବଂ ବକସି ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟକୁ ସ୍ୱର୍ଗତ ବାଗଙ୍କ କନିଷ୍ଠ ଭ୍ରାତା ଅନଙ୍ଗସେନ ବାଗ ନେତୃତ୍ୱ ନେଇଥିବା ବେଳେ ଏମଏମସି କମିଟି କୋଦଣ୍ଡଧର ବାଗ, ଛନ୍ଦାଚରଣ ଝାଙ୍କର, ଚଳବନ ଝାଙ୍କର, ନୁନୁ ଝାଙ୍କର, ବିତାମ ଲଲଦଲ, କୃଷ୍ଣ ବିଶ୍ୱାଳ ତଥା କମିଟି ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଅଖେଳାଳିମାନେ ।

## ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ

# ସାଉଥ୍ ଜୋନ୍‌ର ଅଶୋକ କୁମାର ରାଉତ ସମ୍ପାଦକ ମନୋନୀତ

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)



କଳାହାଣ୍ଡି ଜିଲା କେମେଷ୍ଟ୍ରି ଓ ଡଗିଷ୍ଟ ଆସୋସିଏଶନ୍ ସଭାପତି ଅଶୋକ କୁମାର ରାଉତ ଉତ୍କଳ କେମିଷ୍ଟ୍ରି ଆଣ୍ଡ ଡଗିଷ୍ଟ ଆସୋସିଏଶନ୍ ସାଉଥ୍ ଜୋନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏଥିଯୋଗୁ ଜିଲା ଔଷଧ ବ୍ୟବସାୟୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କଟକସ୍ଥିତ ହୋଟେଲ ଗ୍ରାଣ୍ଡ ରେସିଡେନ୍ସିଆଲଠାରେ ଉତ୍କଳ କେମେଷ୍ଟ୍ରି ଆଣ୍ଡ ଡଗିଷ୍ଟ ଆସୋସିଏଶନ୍ ୫୦ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଳାହାଣ୍ଡି ଜିଲା କେମିଷ୍ଟ୍ରି ଓ ଡଗିଷ୍ଟ ଆସୋସିଏଶନ୍ ସଭାପତି ଅଶୋକ କୁମାର ରାଉତ ଉତ୍କଳ କେମେଷ୍ଟ୍ରି ଆଣ୍ଡ ଡଗିଷ୍ଟ ଆସୋସିଏଶନ୍‌ର ସାଉଥ୍ ଜୋନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଉତ୍କଳ କେମେଷ୍ଟ୍ରି ଆଣ୍ଡ ଡଗିଷ୍ଟ ଆସୋସିଏଶନ୍ ଯେଉଁ ଗୁରୁଦାୟୀତ୍ୱ ଦେଇଛନ୍ତି ତାହା ସେ ନିଷ୍ଠାର ସହିତ କାର୍ଯ୍ୟ କରିବା ସହ ସାଉଥ୍ ଜୋନ ଅଧୀନରେ ଥିବା ଜିଲାର ଔଷଧ ବ୍ୟବସାୟୀଙ୍କ ସମସ୍ୟା ଓ ତାର ସମାଧାନ ଉପରେ ସେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ରାଉତ୍ ପ୍ରକାଶ କରିଛନ୍ତି ।

# ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ପ୍ରହସନ

ଲାଞ୍ଜିଗଡ଼,୨୯।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ରାଜିବ ଗାନ୍ଧୀ ସେବାକେନ୍ଦ୍ରରେ ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଉପଜିଲାପାଳ ସୁଶାନ୍ତ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ବ୍ଲକ ଅଧକ୍ଷ ଇଂ. ଫକୀର ମୋହନ ମାଝି, ଏବିଡିଓ ବିଭୁତି ଭୁଷଣ ଶତପଥି, କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜିବ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ଜଣେ ହେଲେ ଶ୍ରମିକ ଆସି ନ ଥିଲେ। ଲାଞ୍ଜିଗଡ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ବାଟବଣା ହୋଇଥିବା ବେଳେ ଆଜି ମଧ ବିଭିନ୍ନ ପଞ୍ଚାୟତରେ କାମ କରିଥିବା ଶ୍ରମିକ ନିଜ ପାଉଣା ପାଇବାରୁ ବଞ୍ଚିତ ରହିଛନ୍ତି। ସରକାରଙ୍କ ନିୟମ ଅନୁସାରେ ୭ ଦିନକୁ ଥରେ ଶ୍ରମିକଙ୍କ ନିଜ ପାସବୁକ୍‌କୁ ପେମେଣ୍ଟ ଯିବା କଥା । ହେଲେ ମାସ ମାସ ବିତି ଯାଉଥିଲେ ହେଁ ମଜୁରି ମିଳି ପାରୁନାହିଁ। ସେଥିପାଇଁ ଶ୍ରମିକମାନେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିବାକୁ ଇଛା ପ୍ରକାଶ କରୁନାହାନ୍ତ।



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ ।

**ପ୍ରଚାର ପ୍ରସାର ଅଭାବ**

- ଜଣେ ହେଲେ ଶ୍ରମିକ ଆସି ନ ଥିଲେ
- ମାସ ମାସ ବିତି ଯାଉଥିଲେ ହେଁ ମଜୁରି ମିଳୁନି

ଶେଷରେ ଏହି ଅଞ୍ଚଳର ଲୋକ ମାନେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟୁବାକୁ ଯାଉଛନ୍ତି । କାନକୁଟ୍ରୁ ଗାଁର ମୁରଲିଧର ସାହୁ ଗତବର୍ଷ ୧ ଲକ୍ଷ ୬୦ ହଜାରର ବୃହତ ପକ୍କା କୁଅ ନିର୍ମାଣ କରିଥିଲେ । ସେଥିରୁ ଏକ ଲକ୍ଷ ଟଙ୍କା ସେ ପାଇଥିବା ବେଳେ ଏକ ବର୍ଷ ହେଲା ଆଉ ୬୦ ହଜାର ଟଙ୍କା ପାଇନାହାନ୍ତି। ସେହିପରି ପାଇକବୋରୀର ଭରତ ମାର୍ଥା ଏକ ଗାଇ ଗୁହାଳ ନିର୍ମାଣ କରି ଏକ ବର୍ଷ ହୋଇଗଲା ସେ ମଧ ଆଜି ଯାଏ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ବ୍ଲକସ୍ତରରେ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣିର ଖବର ଆମେ ଜାଣିପାରି ନାହୁଁ କେବେ ହେଲା ଓ କେଉଁଠି ହେଲା ଆମକୁ ଖବର ମଧ ଦିଆଯାଇନାହିଁ କି ପଞ୍ଚାୟତ କାନ୍ତଃରେ ନୋଟିସ ମଧ ମରାଯାଇନାହିଁ ବୋଲି ମୁରଲିଧର ସାହୁ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବ୍ଲକ ଅଞ୍ଚଳରେ ଅନେକଗୁଡିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ ଚାଲିଛି। ହେଲେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମିଳୁଥିବା ୯୫ ଦିନର ମଜୁରୀ ହିତାଧିକାରୀମାନେ ପାଇ ନ ଥିବା ଅଭିଯୋଗ କରିଛନ୍ତି । କାନକୁଟ୍ରୁ ପଞ୍ଚାୟତର ଦିଆଲବାହାଲି ଗାଁର ଗୋଲାପି ନାଏକ, କାନକୁଟ୍ରୁର ଡମ୍ବୁରୁଧର ପ୍ରଧାନୀ, ବନ୍ଧକିରିର ବାରୁ ମାଝି, ବିଶାଖା ମାଝି ଓ ପାଇକବୋରୀର ରଥ ନାଗ ଏହିଭଳି ଅନେକଗୁଡିଏ ହିତାଧିକାରୀ ଉକ୍ତ ଯୋଜନାରେ ମଜୁରୀ ପାଇନାହାନ୍ତି ।

ଏ ସମ୍ପର୍କରେ ଲାଞ୍ଜିଗଡ ବିଡିଓ ମିଶ୍ର ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇପାରି ନ ଥିଲା । ଏ ନେଇ ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝିଙ୍କୁ ପଚାରିବାରୁ ଯେଉଁ ହିତାଧିକାରୀମାନେ ଟଙ୍କା ପାଇନାହାନ୍ତି ସେ ବିଷୟରେ ମୋ ପାଖକୁ ଅଭିଯୋଗ ଆସି ନ ଥିଲା । ଏ ବିଷୟରେ ମୁ ବିଡିଓଙ୍କ ସହ ଆଲୋଚନା କରିବି । କ'ଣ ପାଇଁ ତାଙ୍କର ପେମେଣ୍ଟ ପାଇନାହନ୍ତି ଓ ପେମେଣ୍ଟ ପାଇବାରେ କ'ଣ ଅସୁବିଧା ଅଛି ଆଲୋଚନା କରିବି। ସେମାନେ କିପରି ଅତିଶୀଘ୍ର ସେମାନଙ୍କ ପେମେଣ୍ଟ ପାଇବେ ବୋଲି ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ। ଏହି ଜନଶୁଣାଣି ଶିବିରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇଥିବା ବେଳେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### କୁଣ୍ଡୁହ ସମାଜରେ ବାର୍ଷିକ ବୈଠକ

ସମ୍ବଲପୁର,୨୯।୧୨(ବ୍ୟୁରୋ)
ସମ୍ବଲପୁର ଜମାଦାର ପାଲିଠାରେ କୁଣହ ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ତଥା ଜିଲା ବାହାରେ ରହୁଥିବା ସମାଜର ପୁରୁଷ ଓ ମହିଳାମାନେ ଯୋଗ ଦେଇଥିଲେ। ସଂଗଠନର ସଭାପତି ଶୋଭାରାମ ପ୍ରଧାନ ଅଧକ୍ଷତା କରିଥିଲେ। ପରେମେଶ୍ୱର କିଷାନ, ରମେଶ କଷାନ, ଧନଞ୍ଜୟ କିଷାନ, କୁଳବତୀ ମିର୍ଦ୍ଧା, ଅର୍ଜୁନ କିଷାନ, ଚନ୍ଦ୍ରମଣୀ ମିର୍ଦ୍ଧା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସଭା ଶେଷରେ ସଂଘର କୋଷାଧକ୍ଷ ଗୁଣନାଥ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କୁ ନେଇ ନୃତ୍ୟଗୀତ ପ୍ରତିଯୋଗିତା ହୋଇଥିଲା। ଏଥିବରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଝାରସୁଗୁଡା, ଦେବଗଡ, ବରଗଡ ଜିଲାରୁ ସମାଜର ଲୋକେ ଉପସ୍ଥିତ ଥିଲେ।

### ଏମ୍‌ସିଏଲ୍ ମହାପ୍ରବନ୍ଧକ ସମିତି ବୈଠକ

**ସମ୍ବଲପୁର,୨୯।୧୨(ବ୍ୟୁରୋ):**
ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ମହାପ୍ରବନ୍ଧକ କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମହାପ୍ରବନ୍ଧକ ଡି.ପି. ପଟ୍ଟନାୟକ ସ୍ୱାଗତ ସହ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ କ୍ଷେତ୍ରୀୟ ମହାପ୍ରବନ୍ଧକ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।






ବିଧାୟକ ନରସିଂହ ମିଶ୍ର ପ୍ରଥମ ଶୁଲିଆ ମହୋତ୍ସବ ଉଦ୍‌ଘାଟନୀ ଅବସରରରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ) । ଶୁଲିଆ ମହୋତ୍ସବ ଉଦ୍‌ଘାଟନୀ ମଶାଳ ଶୋଭାଯାତ୍ରା ଅବସରରେ ସ୍ଥାନୀୟ ଆଦିବାସୀମାନେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରୁଛନ୍ତି ।

# ପ୍ରକୃତି ସନ୍ତୁଳନରେ ଆଦିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ମହୋତ୍ସବ ମାଧ୍ୟମରେ ଅଞ୍ଚଳର ସାମାଜିକ, ସାଂସ୍କୃତିକ ବିକାଶ ହେବ

**ବଲାଙ୍ଗୀର ଅଫିସ/ଦେଓଗାଁ,୨୯।୧୨**

ଆଦିବାସୀ ହେଉଛନ୍ତି ଏହି ଅଞ୍ଚଳର ମୂଳ ବାସିନ୍ଦା । ପାଣି, ପବନ, ଜଙ୍ଗଲ ସବୁକିଛି ଆଦିବାସୀମାନଙ୍କର। ସେମାନେ ପ୍ରକୃତିର ଉପାସକ। ପରିବେଶ ସନ୍ତୁଳନରେ ଆଦିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏଣୁ ଆଦିବାସୀମାନେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକସ୍ତରରେ ସମୃଦ୍ଧ ହେଲେ ବାସ୍ତବରେ ପ୍ରକୃତି ଓ ସମାଜ ସମୃଦ୍ଧ ହେବ ବୋଲି ପ୍ରଥମ ଥର ଆୟୋଜିତ ଶୁଲିଆ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର କହିଛନ୍ତି। କୁଲତାପଡ଼ା ପଞ୍ଚାୟତ ଅନ୍ତର୍ଗତ ଖଇରଗୁଡ଼ାରେ ଆୟୋଜିତ ୩ଦିନିଆ ଶୁଲିଆ ମହୋତ୍ସବର ଉଦ୍‌ଘାଟନୀ ସଭାରେ ଆଦିବାସୀ ଯୁବନେତା ମୟ ପ୍ରଧାନୀ ସଭାପତିତ୍ୱ କରିଥିଲେ। ଉପସଭାପତି ପ୍ରଫୁଲ୍ଲ ଦାଶ ଓ ଅନନ୍ତ ଚୌହାନ, ସମ୍ପାଦକ ପ୍ରଭାତ ପାତ୍ର, ସହସମ୍ପାଦକ ରାଜେନ୍ଦ୍ର ପାଣି, ଆଦିବାସୀ କନ୍ଧ ସମାଜ କେନ୍ଦ୍ରୀୟ ସମ୍ପାଦକ ଚିନ୍ତାମଣି ଭୋଇ ମଞ୍ଚାସୀନ ରହି ଉଦ୍‌ବୋଧନ ଦେଇଥିଲେ। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୭ଟି ପଞ୍ଚାୟତ ଏବଂ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଜନସାଧାରଣ ଏକତ୍ରୀତ ହୋଇ ଶୁଲିଆ ମହୋତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଞ୍ଚଳର ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ସୁଦୃଢ଼ କରିବା ସହ ସେମାନଙ୍କ ଭିତରେ ସାମାଜିକ ଏକତା ପ୍ରତିଷ୍ଠା କରିବା ସକାଶେ ଶୁଲିଆ ମହୋତ୍ସବ ଆବଶ୍ୟକ ବୋଲି ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପରେ ପ୍ରଥମ ଶୁଲିଆ ମହୋତ୍ସବର ଉଦ୍‌ଘାଟନ ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ମହୋତ୍ସବ ଦ୍ୱାରା ଆଦିବାସୀ ସଂସ୍କୃତି, ପରମ୍ପରାର ସୁରକ୍ଷା ସହ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ବୋଲି ବିଧାୟକ ମିଶ୍ର କହିଛନ୍ତି। ମହୋତ୍ସବର ସଫଳତା ପାଇଁ ସରକାରୀ ଅନୁଦାନ ଯୋଗାଇବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ବର୍ଷଠାରୁ ମହୋତ୍ସବ ପାଇଁ ସରକାରୀ ଅନୁଦାନ ନିଶ୍ଚୟ ମିଳିବ ବୋଲି ବିଧାୟକ ମିଶ୍ର କହିଥିଲେ। ସଭା ପରେ ବିଭିନ୍ନ ସାଂସ୍କୃତିକ ଦଳ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶତାଧିକ ଦର୍ଶକ ଉପଭୋଗ କରିଥିଲେ।

**ଶୁଲିଆ ମହୋତ୍ସବ ଉଦ୍‌ଘାଟିତ**

### ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ଖେଳକୁଦ

ସୋନପୁର,୨୯।୧୨(ନି.ପ୍ର.)

ସୋନପୁର ବ୍ଲକ ପିପିଲିପାଲି ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ଖେଳକୁଦ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନେ ଖୁକୁଡା ମହାଦେବଙ୍କଠାରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକଭାବେ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷକ ଦେବେନ୍ଦ୍ର ଗହୀରଙ୍କ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପ୍ରଧାନଶିକ୍ଷକ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତରଭା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶମ୍ଭୁଭୂଷଣ ପଣ୍ଡା ଓ ମୁଖ୍ୟବକ୍ତାଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲିର ଅଧ୍ୟକ୍ଷ ଅରୁଣ ମହାକୁର ଯୋଗଦେଇଥିଲେ। ଜିତିବା କିମ୍ବା ହାରିବାକୁ ଗୁରୁତ୍ୱ ନଦେଇ ଭବିଷ୍ୟତରେ ଜଣେ ସଫଳ କ୍ରୀଡାବିତ୍ ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବୃଦ୍ଧି ପାଇଁ କ୍ରୀଡାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ।

ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ

# ‘ଜୀବନ ଗଢ଼ିଛି, ପ୍ରେରଣା ଦେଇଛି’

## ପୁରାତନ ଛାତ୍ରୀଛାତ୍ରଙ୍କ ମୁହଁରୁ...


ଅରୁଣ ଅଗ୍ରୱାଲ


ଡ଼. ଶଙ୍କର ପ୍ରସାଦ ମେହେର


ନୂତନ ଦାସ


ରାଜେନ୍ଦ୍ର ଝାଙ୍କର


ଅମନ ନାଗ


ମନୋରଞ୍ଜନ ସାହୁ


ପ୍ରତାପ ଚନ୍ଦ ରଥ


ଦିଗାମ୍ବର ନାଏକ

“ରାଜେନ୍ଦ୍ର କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ ବାସ୍ତବରେ ଏକ ଐତିହାସିକ ମୁହୂର୍ତ୍ତ। ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇବାର ବେଳ ଆସିଛି। ଶିଳ୍ପଦ୍ୟୋଗ କ୍ଷେତ୍ରରେ ଆଜି ଯାହାବି ସଫଳତା ମିଳିଛି ସେସବୁର ଶ୍ରେୟ ନିଶ୍ଚିତ ଭାବେ ମୋର ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର କଲେଜକୁ ଯିବ।

**ଅରୁଣ ଅଗ୍ରୱାଲ, ଶିଳ୍ପଦ୍ୟୋଗୀ, ଅମ୍ବିକା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍**

“ରାଜେନ୍ଦ୍ର କଲେଜରେ ୧୯୭୩ରୁ ୧୯୭୫ମସିହା ପର୍ଯ୍ୟନ୍ତ ମୁଁ ପାଠ ପଢ଼ିଛି । ଆଜି ସେସବୁ ସ୍ମୃତି ମାନସ ପଟରେ ଉଙ୍କି ମାରୁଛି। ରାଜେନ୍ଦ୍ର କଲେଜରେ ପାଠ ପଢ଼ିଲାବେଳେ ମୁଁ ଏକ ପାରିବାରିକ ବାତାବରଣର ଅନୁଭବ ପାଇଥିଲି। ସେତେବେଳେ କଲେଜ ପ୍ରଶାସନ ବେଶ୍ ଶୃଙ୍ଖଳିତ ଥିଲା । ଅଧ୍ୟକ୍ଷ ବେଶ୍ ଗମ୍ଭୀର ଥିଲେ ମଧ୍ୟ ତାଙ୍କ ଭିତରେ ଥିବା ଶ୍ରଦ୍ଧାକୁ ବି ସାଙ୍ଗମାନେ ଅନୁଭବ କରୁଥିଲୁ। ଅଧ୍ୟାପକମାନେ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ କରୁଥିଲେ। ଏହି ଠାରୁ ହିଁ ମୋର ମୂଳଦୁଆ ପଡିଥିଲା । ଆଜି ଜୀବନରେ ଯାହାବି ଉପଲବ୍ଧି ପାଇଛି ସେସବୁ ପଛରେ ରାଜେନ୍ଦ୍ର କଲେଜର ଅବଦାନ ରହିଛି।

**ଡା. ଶଙ୍କର ପ୍ରସାଦ ମେହେର (ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ)**

“ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ଅନେକ ଉତ୍ସାହ ଓ ଉଦ୍ଦୀପନା ନେଇ ଆସିଛି । କଲେଜରେ ପାଠ ପଢ଼ିଲା ବେଳେ ମୁଁ ଛାତ୍ର ସଂସଦ କ୍ରୀଡ଼ା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲି । କ୍ରୀଡାର ବିକାଶ ବିଶେଷ କରି ଛାତ୍ରୀମାନେ କିଭଳି କ୍ରୀଡା କ୍ଷେତ୍ରକୁ ଆସିବେ ସେଦିଗରେ ପଦକ୍ଷେପ ନେଇଥିଲି। ଅନେକ ଉପଲବ୍ଧି ହାସଲ କରିଥିଲୁ। ଆଜି ପ୍ଲାଟିନମ୍ ଜୁବୁଲିରେ ପୁଣି ଥରେ ସକ୍ରିୟ ଯୋଗଦାନ କରିବାର ସୁଯୋଗ ମିଳିଛି। ହଜିଲା ଅତୀତ ମନେ ପଡିଯାଉଛି।

**ନୂତନ ଦାସ, ପୂର୍ବତନ କ୍ରୀଡା ସମ୍ପାଦିକା**

“ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ପାଳନ ନିଶ୍ଚିତ ରୂପେ ଏକ ବଡ ଉପଲବ୍ଧି ଓ ଗୌରବର ବିଷୟ। କଲେଜରେ ମୁଁ ୧୯୮୫ରୁ ୧୯୯୧ ମସିହା ପର୍ଯ୍ୟନ୍ତ ପାଠ ପଢିଥିଲି। କଲେଜ ଦିନର ଅଭୁଲା ସ୍ମୃତି ସବୁ ସମୟରେ ପ୍ରେରଣାପ୍ରଦ। ଅଧ୍ୟକ୍ଷ ଫକିରୁଦ୍ଦିନ୍ ସାର୍‌ଙ୍କ ଅନୁଶାସନ, ଶୃଙ୍ଖଳା ଓ ଭାବ ଗମ୍ଭୀର ସ୍ୱଭାବ ଛାତ୍ର ଜୀବନକୁ ଅନେକ ଦିଗରୁ ଶିକ୍ଷଣୀୟ କରିଥିଲା । ଆଜିର ପ୍ଲାଟିନମ୍ ଜୁବିଲି ସଂଯୋଜକ ଅରବିନ୍ଦ ସାର୍ ଆମକୁ ପାଠ ପଢ଼ାଉଥିଲେ। ସେସବୁ ମନେ ପଡିଯାଉଛି । ପ୍ଲାଟିନମ୍ ଜୁବିଲି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ।

**ରାଜେନ୍ଦ୍ର ଝାଙ୍କର,ଜିଲା ସଂଯୋଜକ, ବିଜୁ ଯୁବବାହିନୀ**

“ପ୍ଲାଟିନମ୍ ଜୁବିଲି ପାଳନ ଅନେକ ଦିଗରୁ ପୁରୁଣା ଦିନର ସ୍ମୃତିଚାରଣ କରାଇଛି। ସେଦିନର କଲେଜ ଛାତ୍ର ସଂସଦ ନିର୍ବାଚନୀ ଉଷ୍ମତା ଅନେକ ଦିଗରୁ ଉତ୍ସାହ ଓ ଉନ୍ମାଦନା ଭରୁଥିଲା । ମୁଁ ଛାତ୍ର ସଂସଦ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହେବା ପରେ କଲେଜର ସର୍ବବିଧ ଉନ୍ନତି ପାଇଁ ଅନେକ କାମ କରିଥିଲି । ଛାତ୍ରୀମାନଙ୍କ ରହିବା ପାଇଁ ଛାତ୍ରୀ ନିବାସ ତିଆରି ଆମରି ଉଦ୍ୟମରେ ହୋଇଥିଲା। ଗ୍ଲୋରୀ ଫେଷ୍ଟ ଓ କ୍ରୀଡା କ୍ଷେତ୍ରରେ ଆମେ ଅନେକ ସଫଳତା ପାଇଥିଲୁ ।

**ଅମନ ନାଗ, ସମ୍ପାଦକ, ଜିଲା ଓକିଲ ସଂଘ**

“ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ଅବସରରେ ସମସ୍ତ ରାଜେନ୍ଦ୍ରଭିଆନ୍‌ମାନଙ୍କୁ ଅଭିନନ୍ଦନ । ଆଜି ଛାତ୍ର ଜୀବନର ବହୁ ପୁରୁଣା କଥା ମନେ ପଡୁଛି। ୧୯୭୭ରେ ଆଇଏସ୍‌ସି ପରୀକ୍ଷା ଦେବାବେଳେ ଏଭଳି ଷ୍ଟ୍ରିକ୍ଟ ପରୀକ୍ଷା ହେଉଥିଲା ଯେ, ମୁଁ ଫେଲ ହୋଇଯିବି ବୋଲି ଭାବୁଥିଲି। ତେବେ ତତ୍କାଳୀନ କଲେଜ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ପଣ୍ଡା ଜଣେ ପ୍ରଭାବଶାଳୀ ଅଧ୍ୟକ୍ଷ ଭାବେ ପରିଚିତ ଥିଲେ । ତାଙ୍କ କଡା ଅନୁଶାସନ ଓ ପରୀକ୍ଷାର ସ୍ୱଚ୍ଛତା ପାଇଁ ରାଜେନ୍ଦ୍ର କଲେଜ ଛାତ୍ରମାନେ ବିଶ୍ୱବିଦ୍ୟାଳୟରୁ ଗ୍ରେସ୍ ମାର୍କ ପାଉଥିଲେ । କଲେଜ ମୋତେ ଅନେକ ସଫଳତା ଦେଇଛି। ଏଠାରୁ ନେତୃତ୍ୱ ନେବାର କଳା ମଧ୍ୟ ମୁଁ ଶିଖିଛି।

**ମନୋରଞ୍ଜନ ସାହୁ, ଅବସରପ୍ରାପ୍ତ କୃତୀ ଶିକ୍ଷକ ଓ କୋଶଲବାଦୀ ନେତା**

“ରାଜେନ୍ଦ୍ର କଲେଜ ମୋତେ ଅନେକ କିଛି ଶିଖାଇଛି। ୧୯୯୯ କାରଗିଲ ଯୁଦ୍ଧ ସମୟରେ କାଶ୍ମୀର ଘାଟିରେ ନିୟୋଜିତ ଥିଲାବେଳେ କଲେଜ ଦିନର ନେତୃତ୍ୱ ନେବାର ଶକ୍ତି ଓ ସାହସ କାମ ଦେଇଥିଲା । ଆଜି ପ୍ଲାଟିନମ୍ ଜୁବିଲି ଅବସରରେ ସମସ୍ତ ରାଜେନ୍ଦ୍ରଭିଆନଙ୍କୁ ଅଭିନନ୍ଦନ ଜଣାଉଛି ।

**ପ୍ରତାପ ଚନ୍ଦ ରଥ, (ପୂର୍ବତନ ସୈନିକ, ବଲାଙ୍ଗୀର**

“ରାଜେନ୍ଦ୍ର କଲେଜରେ ୧୯୮୦-୮୧ରେ ପାଠ ପଢୁଥିଲି । ଏଠାରେ ହିଁ ମୋର ଛାତ୍ର ଜୀବନ ଶୃଙ୍ଖଳିତ ଓ ବିକାଶମୁଖୀ ହୋଇଥିଲା । ପରେ ପ୍ରକୃତିବନ୍ଧୁ ପୁରସ୍କାର ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭାବେ ଅନେକ ଉପଲବ୍ଧି ପାଇଛି । ସେସବୁ ରାଜେନ୍ଦ୍ର କଲେଜର ଶ୍ରେୟ।

**ଦିଗାମ୍ବର ନାଏକ, (ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ)**

*ରିପୋର୍ଟ: ବୀରେନ୍ଦ୍ର କୁମାର ଝାଙ୍କର, ବଲାଙ୍ଗୀର ଅଫିସ*

କର୍ଲାମୁଣ୍ଡା ବ୍ଲକ: ୩ ସମବାୟ ସମିତି

# ୧ ଲକ୍ଷ ୩୦ ହଜାର ୮୮୫ କୁଇଣ୍ଟାଲ ଧାନ କ୍ରୟ

**କର୍ଲାମୁଣ୍ଡା,୨୯।୧୨(ଡି.ଏନ.ଏ.)**



ମଣ୍ଡିରେ ପଡିରହିଛି ଧାନ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସମବାୟ ସମିତି ମଣ୍ଡିଗୁଡିକରେ ଚାଷୀଙ୍କ ଧାନ ପଡି ରହିଥିବା ଦେଖିବାକୁ ମିଳିଛି। ସୂଚନାମତେ ଏହି ବ୍ଲକର କର୍ଲାମୁଣ୍ଡା ସମବାୟ ସମିତି, ଯୋରାଡବ୍ରା ସମବାୟ ସମିତି ଓ ଜୟ ମା’ ଦୁର୍ଗା ସ୍ୱୟଂ ସହାୟକ ଦଳ ଯୋରାଡବ୍ରା, ରିଷିଡା ସମବାୟ ସମିତି ପକ୍ଷରୁ ମଣ୍ଡି ଜରିଆରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩୦ ହଜାର ୮ ଶହ ୮୫ କୁଇଣ୍ଟାଲ ଧାନ କ୍ରୟ ହୋଇସାରିଥିବା ଜଣାପଡିଛି। କର୍ଲାମୁଣ୍ଡା ସମବାୟ ସିମିତିରେ ୧ ଲକ୍ଷ ୨୫ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇସାରିଥିବା ବେଳେ ୭୧ ହଜାର କୁଇଣ୍ଟାଲ ମିଲରର୍ସଙ୍କ ଟାର୍ଗେଟ ରହିଛି। ଶନିବାର ସୁଦ୍ଧା ୫୭ ହଜାର ୭ ଶହ ୬୭ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଠିକ୍ ସେହିଭଳି ଯୋରାଡବ୍ରା ସମବାୟ ସମିତି ଓ ଜୟ ମା’ ଦୁର୍ଗା ଏସଏଚଜି ଜରିଆରେ ୯୯ ହଜାର ୯୯୯ କୁଇଣ୍ଟାଲ ଧାନ ଉଠାଇବାକୁ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଥିଲେ ହେଁ ମିଲରର୍ସମାନଙ୍କୁ ୩୨ ହଜାର ୭୯୮ କୁଇଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୨୯ ହଜାର ୧୧୮ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ରିଷିଡା ସମବାୟ ସମିତିରେ ୯୯ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଛି । ମିଲରର୍ସଙ୍କୁ ଟାର୍ଗେଟ ରହିଛି ୫୧ ହଜାର ୧୯୨ କୁଇଣ୍ଟାଲର । ବର୍ତ୍ତମାନ ସୁଦ୍ଧା ରିଷିଡା ମଣ୍ଡିରୁ ୪୪ ହଜାର କୁଇଣ୍ଟାଲ ଧାନ ଉଠିଥିବା ଜଣାପଡିଛି। ଏହି ବ୍ଲକରେ ୩ ସମବାୟ ସମିତିରୁ ୩ ଲକ୍ଷ ୨୩ ହଜାର ୯୯୯ କୁଇଣ୍ଟାଲ ଧାନ କ୍ରୟ ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇଥିବା ବେଳେ ମିଲରର୍ସମାନଙ୍କୁ ୧ ଲକ୍ଷ ୫୪ ହଜାର ୯୯୦ କୁଇଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ଦିଆଯାଇଛି। ଫଳରେ ମଣ୍ଡିଗୁଡିକରେ ଚାଷୀଙ୍କ ଧାନ ପଡି ରହିଥିବା ଦେଖିବାକୁ ମିଳୁଛି। ଏ ନେଇ କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲିଙ୍କ ସହ ଫୋନରେ ଯୋଗାଯୋଗ କରାଯିବାରୁ ଚାଷୀଙ୍କ ଧାନ ଶୀଘ୍ର ଉଠାଇବା ବ୍ୟବସ୍ଥା କରାଯିବ ଓ ମିଲରର୍ସ ଟାର୍ଗେଟ କେମିତି ବଢ଼ିବ ସେ ଦିଗରେ ଆମେ ପଦକ୍ଷେପ ନେଉଛୁ ବୋଲି କହିଥିଲେ। ଅନ୍ୟପଟେ କର୍ଲାମୁଣ୍ଡା ମଣ୍ଡିରେ ଗତ ୧୯ ତାରିଖରେ ହରେକୃଷ୍ଣ ସାହୁ ନାମକ ଜଣେ ଚାଷୀଙ୍କୁ ୧୩୪୧ ନମ୍ବର ଟୋକନ ଇସ୍ୟୁ ହୋଇଥିଲେ ହେଁ ଏହି ଚାଷୀଙ୍କ ଧାନ ଉଠିପାରି ନ ଥିବା ଅଭିଯୋଗ କରିଛନ୍ତି।

# କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭା

ସୋନପୁର,୨୯।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜଗନ୍ନାଥ ମନ୍ଦିର ପରିସରରେ କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭାର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଜ୍ୟୋତିର୍ବିଦ୍ ମେଡେନ କୁମାର ବିଶି ସଭାରେ ଅଧକ୍ଷତା କରିଥିଲେ। ଟିକେଶ୍ୱର ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ତୃତୀୟ ଥର ପାଇଁ ପଣ୍ଡିତ ମହାସଭା, ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀ, ପ୍ରତିଭା ସମ୍ମାନ ଓ ରାଜ୍ୟସ୍ତରୀୟ ପଞ୍ଜିକା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଜ୍ୟୋତିର୍ବିଜ୍ଞାନୀ ଓ ଧର୍ମଶାସ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟବକ୍ତାଭାବେ ଯୋଗେନ୍ଦ୍ର ହୋତା, ସମ୍ମାନୀତ ଅତିଥି ପ୍ରଭାକର ତ୍ରିପାଠୀ, ପ୍ରକାଶକ ରଞ୍ଜନ କୁମାର ସେନାପତି ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ଭାଗ୍ୟଜ୍ୟୋତି ପରମେଶ୍ୱର ପଞ୍ଜିକା ୨୦୨୦-୨୧କୁ ଲୋକାର୍ପିତ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି’ଓଳି ଦି’ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

୪୦ ବର୍ଷ ଝାଟିମାଟି କୁଡିଆ ଘରେ ବିତୁଥିଲା ଜୀବନ

# ଗୁଞ୍ଜି ଚନ୍ଦନଙ୍କୁ ମିଳିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର

**କେସିଙ୍ଗା,୨୯।୧୨(ଡି.ଏନ.ଏ.)**





ଗୁଞ୍ଜି ଚନ୍ଦନଙ୍କ ପୁରୁଣା ଝାଟିମାଟି କୁଡିଆ ଘର (ବାମ) । ଏବେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମପଞ୍ଚାୟତଠାରୁ ୨ କିମି ଦୂରରେ ଅବସ୍ଥିତ ଗେଟିପଡା। ରାଜ୍ୟ ଓ କେନ୍ଦ୍ର ସରକାର ଜମିହୀନ ଓ ବାସହୀନମାନଙ୍କୁ ମାଗଣାରେ ଗୃହ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି । କିନ୍ତୁ ଜଣେ ବିଧବା ମହିଳା ଗୁଞ୍ଜି ଚନ୍ଦନ (୬୦) ଦୀର୍ଘ ୪୦ ବର୍ଷ ଧରି ଝାଟିମାଟି କୁଡିଆ ଘରେ ସ୍ୱାମୀ ନଟ ଚନ୍ଦନଙ୍କ ସହିତ ରହି ଆସୁଥିଲେ। ରୋଗଗ୍ରସ୍ତ ଯୋଗୁ ଗତ ଜାନୁୟାରୀରେ ନଟ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା । ଆଜକୁ ୧୦ ମାସ ପରେ ଗତ ନଭେମ୍ବରରେ ଗୁଞ୍ଜି ଚନ୍ଦନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିଲା। ଘରେ ଥିବା ଉତ୍ତର ଚନ୍ଦନ (୩୫), ମତି ଚନ୍ଦନ (୩୪) ଦୁଇ ପୁଅ ଗ୍ରାମରେ କୁଲି ମଜୁରୀ ଚଳୁଛନ୍ତି । ଗୁଞ୍ଜି ଚନ୍ଦନଙ୍କ ସାନ ପୁଅ ଏବେ ତା ମା’ଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କରିବାରେ ସାହାର୍ଯ୍ୟ କରୁଛି । ବର୍ତ୍ତମାନ ଗୁଞ୍ଜି ଚନ୍ଦନ ସହିତ ସାନ ପୁଅ, ବୋହୂ ଆଉ ନାତି ନାତୁଣୀ ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣରେ ଲାଗି ପଡିଛନ୍ତି। ଦୀର୍ଘ ୪୦ ବର୍ଷ ଏକାକିକୀ ରହୁଥିବା ଗୁଞ୍ଜି ଚନ୍ଦନ ଫେରିପାଇବ ନୂତନ ପରିବାର ସମ୍ପର୍କ । ଏକାଠି କରିଛି ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ଚାରିପଟେ ଘେରି ରହିଛି ବଣ ଜଙ୍ଗଲ। ବିଦ୍ୟୁତ ସଂଯୋଗ ନାହିଁ, ଅନ୍ଧାରରେ ୪୦ ବର୍ଷ କଟିଛି ଜୀବନ। ଏହି ସମସ୍ୟାକୁ ନେଇ ଧରିତ୍ରୀରେ ଗତ ୨୦୧୮ ମାର୍ଚ୍ଚରେ ଏବଂ ୨୦୧୯ ଜୁଲାଇ ୧୮ରେ ଧରିତ୍ରୀରେ ଝାଟିମାଟି କୁଡିଆ ଘରେ ୪୦ ବର୍ଷ କଟିଲା ଜୀବନ ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ଗୁଞ୍ଜିଙ୍କୁ ଗତ ନଭେମ୍ବରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଖଣ୍ଡିକ ମିଳିଛି। ଏବେ ପୁଅ, ବୋହୂ ଓ ଶ୍ରମିକମାନଙ୍କୁ ନେଇ ଗୃହ ନିର୍ମାଣରେ ଲାଗି ପଡିଛନ୍ତି । ଆସନ୍ତା ଜାନୁୟାରୀ ୨୦୨୦ ସୁଦ୍ଧା ଗୃହ ସମ୍ପୂର୍ଣ୍ଣ ହେବ । ଦୀର୍ଘ ୪୦ ବର୍ଷର ଝାଟିମାଟି କୁଡିଆ ଘରେ କଟୁଥିବା ଗୁଞ୍ଜି ଚନ୍ଦନ କିଛି ଦିନ ପରେ ଆନନ୍ଦ ଓ ସୁଖରେ ରହି ଜୀବନ କାଟିବ । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ୩ ମାସ ପରେ ଗୃହ ନିର୍ମାଣ ସରିଲେ ୨୦ ହଜାର ପ୍ରୋତ୍ସାହନ ଭତ୍ତା ମଧ୍ୟ ଗୁଞ୍ଜି ଚନ୍ଦନଙ୍କୁ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

**ଧରିତ୍ରୀ ପ୍ରଭାବ**